# ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ଜୁନ୍ ୧୮/୨୦୨୦ (୨୦ ପୃଷ୍ଠା) | Berhampur, Thursday, June 18/2020 | ★★★

୧୬ଶ ଭାଗ ୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ପଦ୍ମଶ୍ରୀ ପାଇଁ ବିଜୟନଙ୍କ ନାମ ସୁପାରିସ**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ପଦ୍ମଶ୍ରୀ ପୁରସ୍କାର ପାଇଁ ପୂର୍ବତନ ଅଧିନାୟକ ଆଇ.ଏମ୍. ବିଜୟନଙ୍କ ନାମ ସୁପାରିସ କରିଛି।

୧୯ | ୦୩

**ମା’ ହେଲେ ଅଭିନେତ୍ରୀ ଶିଖା**

ଟେଲି ଅଭିନେତ୍ରୀ ଶିଖା ସିଂହ ଏକ କନ୍ୟା ସନ୍ତାନକୁ ଜନ୍ମଦେଇଛନ୍ତି। ଶିଖା ଓ ତାଙ୍କ ସ୍ୱାମୀ କରନ ଶାହ ଝିଅର ନାଁ ଆଲୟନା ସିଂହ ଶାହ ରଖିଛନ୍ତି।



# ୩୦ସ୍ଥାନରେ ମନ୍ଦିରରେ ହେବ ରଥ ପର୍ବ

- ବାରିପଦା ହରିବଳଦେବ ମହାପ୍ରଭୁଙ୍କ ରଥଯାତ୍ରା ବନ୍ଦ
- କେବଳ ସେବାୟତଙ୍କ ଉପସ୍ଥିତିରେ ଚାଲିବ ରଥ କାର୍ଯ୍ୟ

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

କରୋନା ଯୋଗୁ ପୁରୀରେ ରଥଯାତ୍ରା ହେବ ନା ନାହିଁ ସେନେଇ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରି ନାହିଁ। ଅପରପକ୍ଷରେ ରାଜ୍ୟର ୩୦ଟି ସ୍ଥାନରେ ଥିବା ପ୍ରମୁଖ ମନ୍ଦିର ପରିସରରେ ରଥପର୍ବ ଆୟୋଜନ କରିବାକୁ ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସମ୍ପ୍ରତି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରଥଟଣା ସମ୍ଭବ ନୁହେଁ। ତେଣୁ ମନ୍ଦିର ପରିସରରେ ବିଧି ରକ୍ଷା ନିମନ୍ତେ କେବଳ ସେବାୟତଙ୍କ ଦ୍ୱାରା ଏହି ପର୍ବ ସମାପନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଭକ୍ତବିହୀନ ରଥଯାତ୍ରା ଶ୍ରଦ୍ଧାଳୁଙ୍କ ଭାବାବେଗକୁ ପ୍ରଭାବିତ କରୁଥିଲେ ସୁଦ୍ଧା ଜନସମାଗମକୁ ଅନୁମତି ଦିଆଯିବା ଉଚିତ ହେବ ନାହିଁ। ତେଣୁ ଏଥର ବାରିପଦାର ହରିବଳଦେବଙ୍କ ରଥ, ବାହୁଡ଼ା ଯାତ୍ରା ସବୁଥର ଭଳି କରାଯିବା ସମ୍ଭବପର ନୁହେଁ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଏହା କେବଳ ସେବାୟତମାନଙ୍କ ସହଯୋଗରେ ମନ୍ଦିର ଭିତରେ ପାଳିତ ହେବ ବୋଲି କୁହାଯାଇଛି। ସେହିପରି ବାଲେଶ୍ୱର ଜିଲା ଖଗଡ଼ପଲର ଜଗନ୍ନାଥ ମନ୍ଦିର, ବାଲିଆପାଳ ଜଗନ୍ନାଥ ମହାପ୍ରଭୁ ମନ୍ଦିର, ଜନୁଗଞ୍ଜ ଜଗନ୍ନାଥ ରଥଯାତ୍ରା କମିଟି, ସୋର ଜଗନ୍ନାଥ ମନ୍ଦିର, ଜଳେଶ୍ୱର ଇସ୍କନ ମନ୍ଦିର, ରାୟପୁର ଜଗନ୍ନାଥ ମନ୍ଦିର, ମୁବାରକପୁର ଜଗନ୍ନାଥ ମନ୍ଦିର, ରେମୁଣା ଜଗନ୍ନାଥ ମନ୍ଦିରରେ ପୂର୍ବ ବର୍ଷଗୁଡିକ ଭଳି ରଥଯାତ୍ରା ହେବନାହିଁ। ଏଥର ସେବାୟତମାନଙ୍କ ସହଯୋଗରେ ମନ୍ଦିର ପରିସରରେ ସବୁକିଛି କରାଯିବ। ସେହିପରି କନ୍ଧମାଳ ଜିଲାର ଫୁଲବାଣୀ, ବାଲିଗୁଡା, ବଲାଙ୍ଗୀର ଜିଲାର ସବ୍‌ଡିଭିଜନ ଏବଂ ଟିଟିଲାଗଡ ସବ୍‌ଡିଭିଜନ, ସମ୍ବଲପୁରର ଦେବୋତ୍ତର କମିଟି ଏବଂ ଜଗନ୍ନାଥ କଲୋନୀ ପୂଜା କମିଟି, ଧନୁପାଲି ରଥଯାତ୍ରା କମିଟି, ସମ୍ବଲପୁର ସହରର କ୍ଷେତ୍ରଜପୁର ରଥଯାତ୍ରା କମିଟି, ମୟୂରଭଞ୍ଜ ଜିଲାର ୬ଟି ସ୍ଥାନ ଏବଂ ଗଜପତି ଜିଲାର ପାରଳାଖେମୁଣ୍ଡି ରଥଯାତ୍ରା କମିଟି ଓ ଆର୍ ଉଦୟଗିରି ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଚଳିତ ବର୍ଷ କେବଳ ମନ୍ଦିର ପରିସର ମଧ୍ୟରେ ରଥଟଣା ବିଧି ସମାପନ କରାଯିବ ବୋଲି ସୂଚନା ଦିଆଯାଇଛି।

# ୨ ବୀର ଯବାନଙ୍କୁ ହରାଇଲା ଓଡ଼ିଶା

- ବାରିପଦା ଏବଂ କନ୍ଧମାଳରେ ଶୋକର ଛାୟା
- ଶହୀଦଙ୍କ ପରିବାରକୁ ୨୫ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- କୋହ ସମ୍ଭାଳି ପାରୁନାହାନ୍ତି ଚନ୍ଦ୍ରକାନ୍ତଙ୍କ ପରିବାର
- ଗ୍ରାମ ପାଇଁ ଗର୍ବ ଆଣିଛନ୍ତି ନନ୍ଦୁରାମ



ଚନ୍ଦ୍ରକାନ୍ତ ପ୍ରଧାନ



ନନ୍ଦୁରାମ ସୋରେନ

**ରାଇକିଆ/ରାଇରଙ୍ଗପୁର (ଡି.ଏନ୍.ଏ.)/ବାରିପଦା ଅଫିସ, ୧୭।୬**

ପୂର୍ବ ଲଦାଖ ସୀମା ଗଲ୍‌ୱାନ ଉପତ୍ୟକାର ପାଟ୍ରୋଲିଂ ପଏଣ୍ଟ-୧୪ରେ ସୋମବାର ବିଳମ୍ବିତ ରାତିରେ ଭାରତର ଯବାନ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ୨୦ଜଣ ଭାରତୀୟ ଯବାନ ଶହୀଦ ହୋଇଛନ୍ତି। ଏହି ଶହୀଦଙ୍କ ମଧ୍ୟରେ ଓଡ଼ିଶାର ୨ଜଣ ଆଦିବାସୀ ଯବାନ ରହିଛନ୍ତି। କନ୍ଧମାଳ ଜିଲା ରାଇକିଆ ବ୍ଲକ ବିଅରପାଙ୍ଗା ଗ୍ରାମର ଚନ୍ଦ୍ରକାନ୍ତ ପ୍ରଧାନ(୨୮) ଏବଂ ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକ ଅଧୀନ ଚମ୍ପାଉଦା ଗ୍ରାମର ନନ୍ଦୁରାମ ସୋରେନ(୪୩)ଙ୍କୁ ଏବେ ଝୁରୁଛି ଜନ୍ମ ମାଟି। ଏବେବି ଲୋକମାନେ ବିଶ୍ୱାସ କରିପାରୁ ନାହାନ୍ତି ଯେ, ୨ଜଣ ଓଡ଼ିଆ ବୀର ଯବାନ ଦେଶପାଇଁ ଶହୀଦ ହୋଇଛନ୍ତି। ରାଜ୍ୟର ୨ବୀର ଶହୀଦ ହେବା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଶହୀଦଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨୫ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

କନ୍ଧମାଳ ଜିଲା ବିଅରପାଙ୍ଗା ଗ୍ରାମର ଚନ୍ଦ୍ରକାନ୍ତ ଶହୀଦ ହେବା ନେଇ ସେନାରେ ଥିବା ତାଙ୍କର ଜଣେ ବନ୍ଧୁଙ୍କ ଠାରୁ ପରିବାର ଲୋକେ ବୁଧବାର ଜାଣିବାକୁ ପାଇଥିଲେ। ଏହା ପରେ କାନ୍ଦବୋବାଳିରେ ଗାଁ ଫାଟି ପଡ଼ିଥିଲା। କୋହ ସମ୍ଭାଳି ପାରୁନାହାନ୍ତି ପରିବାର। ତଥାପି ଦେଶମାତୃକାର ସୁରକ୍ଷା ପାଇଁ ପୁଅ ଜୀବନ ଦେଇଥିବାରୁ ଗର୍ବ ଅନୁଭବ କରୁଥିବା କହିଛନ୍ତି ବାପା କରୁଣାକର ପ୍ରଧାନ ଓ ମା’ ବିଳାସିନୀ। ୨୦୧୪ ରେ ସେନାର ବିହାର ରେଜିମେଣ୍ଟରେ ଚନ୍ଦ୍ରକାନ୍ତ ଭର୍ତ୍ତି ହୋଇଥିଲେ। ଗତ ଦୁଇବର୍ଷ ହେଲା ଲଦାଖରେ ପୋଷ୍ଟିଂ ହୋଇଥିଲେ। ଶେଷଥର ପାଇଁ ଗତ ଡିସେମ୍ବର ଶେଷ ସପ୍ତାହରେ ଛୁଟିରେ ☞ପୃଷ୍ଠା-୪

# ଗଲ୍‌ୱାନ ଉପରେ ଦାବି ଦୋହରାଇଲା ଚାଇନା

**ବେଜିଂ,୧୭।୬**

ଲଦାଖସ୍ଥିତ ଗଲ୍‌ୱାନ ଉପତ୍ୟକା ଉପରେ ବୁଧବାର ପୁଣିଥରେ ନିଜର ଦାବି ଦୋହରାଇଛି ଚାଇନା। ଏହି ଅଞ୍ଚଳ ସବୁବେଳେ ଚାଇନାର ଥିଲା ବୋଲି ବେଜିଂ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଭୂଖଣ୍ଡର ସ୍ଥିତାବସ୍ଥାରେ ଚାଇନା ସେନାର ଏକତରଫା ପରିବର୍ତ୍ତନ ଉଦ୍ୟମ ଯୋଗୁ ଦୁଇଦେଶ ମଧ୍ୟରେ ସଂଘର୍ଷ ଘଟିଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଗଲ୍‌ୱାନ ଉପତ୍ୟକା ଅଞ୍ଚଳରେ ସବୁବେଳେ ଚାଇନାର ସାର୍ବଭୌମତ୍ୱ ରହିଆସିଛି। ଏହା ଚାଇନାର ଅଞ୍ଚଳ। ତେବେ ଗଲ୍‌ୱାନକୁ ଭାରତ-ଚାଇନାର ସୀମା ଭାବେ ବିବେଚନା କରାଯାଉଥିବାବେଳେ ବେଜିଂ ଏହା ଉପରେ ସାର୍ବଭୌମତ୍ୱ କାହିଁକି ଜାହିର କରୁଛି ବୋଲି ଖବରଦାତାମାନେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଝାଓ କହିଥିଲେ, ଏହି ଅଞ୍ଚଳ ଏଲ୍‌ଏସିର ଚାଇନା ପଟେ ଅଛି। ତେଣୁ ଚାଇନାକୁ ଦୋଷ ଦିଆଯାଇ ପାରିବ ନାହିଁ। ସେହିପରି ପିଏଲ୍‌ଏର ୪୩ ସୈନ୍ୟ ନିହତ ହେବା ନେଇ ପ୍ରଶ୍ନ କରାଯିବାରୁ ସେ ଏହାର ଉତ୍ତର ଦେବାକୁ ଏଡ଼ାଇଯାଇଥିଲେ। ସୀମା ସୁରକ୍ଷା ବଳ ଏହି ପ୍ରସଙ୍ଗରେ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଥିଲେ। ଭାରତ ନିଜ ଯବାନଙ୍କ ମୃତାହତ ହେବା ନେଇ ସ୍ପଷ୍ଟ କରିଥିବାବେଳେ ଚାଇନା କାହିଁକି ନିଜ ପକ୍ଷର କିଛି ସ୍ପଷ୍ଟ କରୁନାହିଁ ବୋଲି ☞ପୃଷ୍ଠା-୪




ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍

**ଆଜିର ସମ୍ପାଦକୀୟ**

ପରିବେଶ ପାଇଁ ତିନି ଗୁରୁତ୍ୱପୂର୍ଣ୍ଣ ପ୍ରାଣୀ

**ଆଜିର ମନ୍ତବ୍ୟ**

“ନିରସ୍ତ୍ର ଭାରତୀୟ ଯବାନଙ୍କୁ ଆକ୍ରମଣ କରି ଚାଇନା ଭାରତ ପ୍ରତି ବିଶ୍ୱାସଘାତ କରିଛି।

– ତ୍ରିବେନ୍ଦ୍ର ସିଂ ରାଓ୍ୱତ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ

ପ୍ରତି ପଞ୍ଚାୟତରେ ହେବ କୋଭିଡ୍ କେୟାର ହୋମ୍



ପୃ-୩









ଏଏପିର ଦକ୍ଷିଣ ଦିଲ୍ଲୀ ବିଧାୟିକା ଅତିଶୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଓ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ରିପୋର୍ଟ ପଜିଟିଭ୍ ବାହାରିଛି।



ସଂଘର୍ଷରେ ଶହୀଦ ହୋଇଥିବା ହାବିଲଦାର ସୁନୀଲ କୁମାରଙ୍କ ପାର୍ଥିବ ଶରୀର ପାଟନାରେ ପହଞ୍ଚିବା ପରେ ତାଙ୍କ ଘରକୁ ନିଆଯାଉଛି।

## ଆଲୋଚନା ପାଇଁ ଯାଇ ଫେରିଲେନି

ସୀମାନ୍ତ ଉତ୍ତେଜନାର ସମାଧାନ ଲାଗି ଚାଇନା ସେନା ଅଧିକାରୀଙ୍କ ସହ ଆଲୋଚନା କରିବାକୁ ଯାଇଥିଲେ କଲୋନେଲ ବିକୁମଲ୍ଲ ସନ୍ତୋଷ ବାବୁ। ହେଲେ ଆଉ ଫେରିଲେ ନାହିଁ। ସେଠାରେ ଚାଇନା ସୈନ୍ୟଙ୍କ ଆକ୍ରମଣରେ ଶହୀଦ ହୋଇଗଲେ। ସନ୍ତୋଷ ଜଣେ ଆଦର୍ଶ ଛାତ୍ର ଓ ଦୁଃସାହସୀ ଥିଲେ। ଭାରତୀୟ ସେନାରେ ଯୋଗଦେଇ ସେ ତାଙ୍କ ବାପାଙ୍କ ସବୁଠୁ ବଡ଼ ସ୍ୱପ୍ନକୁ ସାକାର କରିଥିଲେ। ସନ୍ତୋଷଙ୍କ ଘର ତେଲଙ୍ଗାନାର ସୂର୍ଯ୍ୟାପେଟ୍ ସହରରେ। ଆନ୍ଧ୍ରପ୍ରଦେଶର କୋରୁକୁଣ୍ଡ ସୈନିକ ସ୍କୁଲରୁ ଶିକ୍ଷା ଗ୍ରହଣ ପରେ ଏନ୍‌ଡିଏ କ୍ୟାଡେଟ ଭାବେ ଉତ୍ତୀର୍ଣ୍ଣ ହୋଇଥିଲେ। ୧୬ ବିହାର ରେଜିମେଣ୍ଟର କମାଣ୍ଡିଂ ଅଫିସର ଥିବା ସନ୍ତୋଷ ତାଙ୍କ ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ। ତାଙ୍କର ସ୍ତ୍ରୀ ଓ ଦୁଇ ପିଲା ଅଛନ୍ତି।



କଲୋନେଲ ବିକୁମଲ୍ଲ ସନ୍ତୋଷ ବାବୁ




ଗଙ୍ଗାନଦୀରେ ଶହୀଦ ଯବାନମାନଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ବାରାଣସୀର ସ୍ଥାନୀୟ ଲୋକେ।

## ସଂଘର୍ଷରେ ଶହୀଦ ହୋଇଥିବା ଯବାନ

୧. କଲୋନେଲ ବିକୁମଲ୍ଲ ସନ୍ତୋଷ ବାବୁ (ହାଇଦ୍ରାବାଦ)
୨. ଏନ୍‌ବି ସୁବେଦାର ନୁଦୁରାମ ସୋରେନ (ମୟୂରଭଞ୍ଜ)
୩. ଏନ୍‌ବି ସୁବେଦାର ମନଦୀପ୍ ସିଂ (ପଟିଆଲା)
୪. ଏନ୍‌ବି ସୁବେଦାର ସତ୍‌ନାମ ସିଂ (ଗୁରୁଦାସପୁର)
୫. ହାବିଲଦାର କେ. ପାଲାନି (ମଦୁରାଇ)
୬. ହାବିଲଦାର ସୁନୀଲ କୁମାର (ପାଟନା)
୭. ହାବିଲଦାର ବିପୁଲ ରାୟ (ମିରଟ ସିଟି)
୮. ନାଏକ ଦୀପକ କୁମାର (ରେୱା)
୯. ସିପାହି ରାଜେଶ ଓରାଙ୍ଗ (ବୀରଭୂମ)
୧୦. ସିପାହି କୁନ୍ଦନ କୁମାର ଓଝା (ସାହିବଗଞ୍ଜ)
୧୧. ସିପାହି ଗଣେଶ ରାମ (କାଙ୍କେର)
୧୨. ସିପାହି ଚନ୍ଦ୍ରକାନ୍ତ ପ୍ରଧାନ (କନ୍ଧମାଳ)
୧୩. ସିପାହି ଅଙ୍କୁଶ (ହମିରପୁର)
୧୪. ସିପାହି ଗୁରବିନ୍ଦର (ସାଙ୍ଗରୁର)
୧୫. ସିପାହି ଗୁରତେଜ ସିଂ (ମନ୍‌ସା)
୧୬. ସିପାହି ଚନ୍ଦନ କୁମାର (ଭୋଜପୁର)
୧୭. ସିପାହି କୁନ୍ଦନ କୁମାର (ସହସ୍ରା)
୧୮. ସିପାହି ଅମନ କୁମାର (ସମସ୍ତିପୁର)
୧୯. ସିପାହି ଜୟକିଶୋର ସିଂ (ବୈଶାଳୀ)
୨୦. ସିପାହି ଗଣେଶ ହାଂସଦା (ପୂର୍ବ ସିଂହଭୂମ)

# ‘ଶାନ୍ତି ଚାହୁଁ, ଜବାବ ଦେଇପାରିବୁ’

**ନୂଆଦିଲ୍ଲୀ,୧୭।୬**



- ଶହୀଦଙ୍କ ବଳିଦାନ ବେକାର ଯିବନାହିଁ: ମୋଦି
- ୧୯ରେ ସର୍ବଦଳୀୟ ବୈଠକ
- ମୋଦିଙ୍କ ନୀରବତା ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ଆମେ ଶାନ୍ତି ଚାହୁଁ। କିନ୍ତୁ ଆମକୁ ଉସୁକାଇଲେ ଚୁପ୍ ବସିବୁନାହିଁ। ଭାରତର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତାର ସୁରକ୍ଷା କଥା ଆସିଲେ କୌଣସି ପ୍ରକାର ଦୁଃସାହସିକ ପଦକ୍ଷେପକୁ ବରଦାସ୍ତ କରାଯିବ ନାହିଁ। ଗଲୱାନ ଉପତ୍ୟକାରେ ଭାରତୀୟ ସେନାର ୨୦ ଯବାନ ଶହୀଦ ହେବା ପରେ ବୁଧବାର ଚାଇନାକୁ ଏପରି ଭାବେ ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ସୋମବାର ରାତିରେ ଭାରତୀୟ ସେନା ଓ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ମଧ୍ୟରେ ଘମାଘୋଟ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଭାରତୀୟ ସେନାର ୨୦ ଯବାନ ଶହୀଦ ହୋଇଥିବାବେଳେ ପିଏଲ୍‌ଏର ୪୩ ସୈନ୍ୟ ମୃତାହତ ହୋଇଛନ୍ତି। ୧୯୬୭ରେ ନାଥୁ ଲା’ରେ ଦୁଇଦେଶର ସେନା ମୁହାଁମୁହିଁ ହୋଇଥିଲେ। ସେତେବେଳେ ଭାରତର ୮୦ ଯବାନ ଶହୀଦ ହୋଇଥିବାବେଳେ ଚାଇନାର ୩୦୦ରୁ ଊର୍ଦ୍ଧ୍ୱ ସୈନ୍ୟ ନିହତ ହୋଇଥିଲେ। ସେବେଠୁ ୫୩ ବର୍ଷ ମଧ୍ୟରେ ଏତେବଡ଼ ସଂଘର୍ଷ ଘଟି ନ ଥିଲା। ଏଲ୍‌ଏସିରେ ଏହି ରକ୍ତସ୍ନାନର ଦୁଇଦିନ ପରେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ମୋଦି ମୁହଁ ଖୋଲିଛନ୍ତି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀମାନଙ୍କ ସହ କୋଭିଡ୍-୧୯ ମୁକାବିଲା ସମ୍ପର୍କରେ ଭିଡିଓ କନ୍‌ଫରେନ୍ସରେ ଆଲୋଚନା ପୂର୍ବରୁ ପ୍ରଧାନମନ୍ତ୍ରୀ ୨ ମିନିଟ ନୀରବ ପ୍ରାର୍ଥନା କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ‘ଓମ୍ ଶାନ୍ତି’ସହ ନୀରବ ପ୍ରାର୍ଥନା ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ମୋଦି କହିଥିଲେ ଯେ ଭାରତ ଶାନ୍ତି ଚାହେଁ। ଭାରତୀୟ ଭୂଖଣ୍ଡ ଓ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଯାହା କିଛି ଆବଶ୍ୟକ ସେସବୁ କରାଯିବ। ଆମ ଯବାନମାନଙ୍କ ବଳିଦାନ ବେକାର ଯିବନାହିଁ। ଭାରତ ମୁହଁତୋଡ଼ ଜବାବ ଦେବା ପାଇଁ ସକ୍ଷମ। ତ୍ୟାଗ ଓ ପରାକ୍ରମ ଭାରତର ଚରିତ୍ର।

ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଚାଇନା ସୀମାରେ ଘଟିଥିବା ସଂଘର୍ଷ ନେଇ ଏକ ସର୍ବଦଳୀୟ ବୈଠକ ପାଇଁ ଆହ୍ୱାନ ଦେଇଥିଲେ। ଶୁକ୍ରବାର ସନ୍ଧ୍ୟା ୫ଟାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ହେବାକୁ ଥିବା ଉକ୍ତ ବୈଠକରେ ଏହି ପ୍ରସଙ୍ଗ ଉପରେ ରାଜନୈତିକ ସହମତି ପାଇଁ ଉଦ୍ୟମ କରାଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏହି ଭର୍ଚୁଆଲ ମିଟିଂରେ ସମସ୍ତ ରାଜନୈତିକ ଦଳର ଅଧ୍ୟକ୍ଷ ଯୋଗଦେବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ରାହୁଲ ଟୁଇଟ୍ କରି କହିଥିଲେ, ପ୍ରଧାନମନ୍ତ୍ରୀ ଭୟଭୀତ ହୁଅନ୍ତୁ ନାହିଁ। ଚାଇନା ସହ ସଂଘର୍ଷ ବେଳେ କ’ଣ ସବୁ ଘଟିଥିଲା ସେନେଇ କିଛି ନ ଲୁଚାଇ ସତ କୁହନ୍ତୁ। ସାରା ଦେଶ ତାଙ୍କ ସହ ଛିଡ଼ା ହୋଇଛି। କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ମୋଦିଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇବା ସହ ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଯବାନମାନଙ୍କ ତ୍ୟାଗ ଭାରତୀୟ ସେନାର ପରାକ୍ରମକୁ ଦର୍ଶାଉଛି। ଆମ ବୀର ଯବାନଙ୍କ ବୀରତ୍ୱ ଓ ତ୍ୟାଗକୁ ଦେଶ ସବୁଦିନ ପାଇଁ ମନେରଖିବ ବୋଲି ଟୁଇଟରରେ ଉଲ୍ଲେଖ କରିବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଥିଲେ।

## ଚାଇନା କିପରି ଦଖଲ କଲା ଭାରତୀୟ ଅଞ୍ଚଳ



### ଦେଶବାସୀଙ୍କୁ ଜଣାନ୍ତୁ ପ୍ରଧାନମନ୍ତ୍ରୀ: ସୋନିଆ

**ନୂଆଦିଲ୍ଲୀ,୧୭।୬(ପି.ଟି.)**

ଚାଇନା କିପରି ଭାରତୀୟ ଅଞ୍ଚଳକୁ ଦଖଲ କଲା ଏବଂ କ’ଣ ପାଇଁ ୨୦ ଯବାନ ଶହୀଦ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ସମ୍ପର୍କରେ ଦେଶବାସୀଙ୍କୁ ଜଣାଇବା ଆବଶ୍ୟକ ବୋଲି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କହିଛନ୍ତି। ଭାରତର କେତେ ଅଞ୍ଚଳ ଚାଇନା ଦଖଲକୁ ଯାଇଛି ଏବଂ ସ୍ଥିତିର ମୁକାବିଲା ପାଇଁ ସରକାର କ’ଣ ରଣନୀତି ଗ୍ରହଣ କରିଛନ୍ତି ତାହା ଜଣାଇବାକୁ ସୋନିଆ ଆହ୍ୱାନ ଦେଇଛନ୍ତି। ଏଭଳି ସଙ୍କଟ ସମୟରେ କଂଗ୍ରେସ ଭାରତୀୟ ସେନା, ଏହାର ଯବାନ, ସେମାନଙ୍କ ପରିବାର ଓ ସରକାରଙ୍କ ସହିତ ରହିଥିବା ସେ କହିଛନ୍ତି।

## ଚାଇନାର ୫ ଗୁଣ ଭାରତୀୟ ଯବାନ ଥିଲେ

ଗଲୱାନ ଉପତ୍ୟକାର ସଂଘର୍ଷସ୍ଥଳରେ ଶକ୍ତିଶାଳୀ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ତୁଳନାରେ ୫ ଗୁଣ ଭାରତୀୟ ଯବାନ ଥିଲେ। ଆମ ଯବାନଙ୍କ ସଂଖ୍ୟା ସେମାନଙ୍କ ଅପେକ୍ଷା ବହୁତ ଅଧିକ ଥିଲା ବୋଲି ଭାରତୀୟ ସେନାର ଜଣେ ଅଧିକାରୀ କହିଛନ୍ତି। ଯବାନଙ୍କ ସଂଖ୍ୟା ଜାଣିବା ପାଇଁ ଚାଇନା ଥର୍ମାଲ ଇମେଜିଂ ଡ୍ରୋନ୍ ବ୍ୟବହାର କରିଥିବା କୁହାଯାଉଛି। ମଙ୍ଗଳବାର ଶହୀଦ ଯବାନଙ୍କ ମୃତଦେହ ଆଣିବା ପାଇଁ ଭାରତୀୟ ହେଲିକପ୍ଟର ସଂଘର୍ଷସ୍ଥଳକୁ ୧୬ ଥର ଯାଇଥିଲା।

## ନବଜାତ କନ୍ୟାକୁ ଦେଖିପାରିଲେନି ସିପାହି ଓଝା



ସୀମାନ୍ତରେ ଶହୀଦ ହୋଇଥିବା ସିପାହି କୁନ୍ଦନ କୁମାର ଓଝାଙ୍କ ୧୭ ଦିନ ପୂର୍ବରୁ ଏକ କନ୍ୟା ସନ୍ତାନର ବାପା ହୋଇଥିଲେ। ହେଲେ ସେ ନବଜାତ କନ୍ୟାକୁ ଦେଖିବା ପୂର୍ବରୁ ଦେଶ ପାଇଁ ଜୀବନ ଦେଲେ। ଝାଡ଼ଖଣ୍ଡର ସାହିବଗଞ୍ଜ ଅନ୍ତର୍ଗତ ଦିହାରି ଗ୍ରାମରେ ଓଝାଙ୍କ ଘର। ସେ ୨୦୧୧ରେ ଭାରତୀୟ ସେନାର ବିହାର ରେଜିମେଣ୍ଟରେ ଯୋଗଦେଇଥିଲେ। ୫ ମାସ ପୂର୍ବରୁ ସେ ଛୁଟିରେ ଘରକୁ ଆସିଥିଲେ ଓ ୧୫ ଦିନ ତଳେ ଫୋନ୍‌ରେ ସ୍ତ୍ରୀ ନେହା ଦେବୀ ଓ ପରିବାର ସଦସ୍ୟଙ୍କ ସହ କଥା ହୋଇଥିଲେ। ତାଙ୍କ ମୃତ୍ୟୁରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଶୋକବ୍ୟକ୍ତ କରିଛନ୍ତି।

## ନୂଆ ଘରକୁ ଯାଇପାରିଲେନି ହାବିଲଦାର ପାଲାନି



ଚାଇନା ସୈନ୍ୟଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଭାରତୀୟ ସେନା ହାବିଲଦାର କେ. ପାଲାନି ତାମିଲନାଡୁର ରାମନାଥପୁରମ ସହରରେ ନୂଆ ଘର ନିର୍ମାଣ କରିଥିଲେ। ଗତ ଶନିବାର ତାଙ୍କ ପରିବାର ଗୃହପ୍ରବେଶ ଉତ୍ସବ ପାଳନ କରିଥିଲେ। ଛୁଟି ନ ମିଳିବାରୁ ପାଲାନି ଉକ୍ତ ଉତ୍ସବରେ ଯୋଗଦେବାକୁ ଆସିପାରି ନ ଥିଲେ। ନୂଆ ଘରେ ପାଦ ରଖିବା ପୂର୍ବରୁ ସୋମବାର ରାତିରେ ପୂର୍ବ ଲଦାଖରେ ଚାଇନା ସୈନ୍ୟଙ୍କ ସହ ସଂଘର୍ଷରେ ଶହୀଦ ହୋଇଗଲେ। ପାଲାନିଙ୍କର ସ୍ତ୍ରୀ ବନଥିଦେବୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। କୃଷକ ପରିବାରରେ ଜନ୍ମିତ ପାଲାନି ୨୨ ବର୍ଷ ତଳେ ସେନାରେ ଯୋଗଦେଇଥିଲେ। ତାଙ୍କ ସାନଭାଇ ମଧ୍ୟ ସୈନ୍ୟବାହିନୀରେ କାର୍ଯ୍ୟରତ ଅଛନ୍ତି।

## ଜୁଲାଇରେ ହୋଇଥାନ୍ତା ରାଜେଶ ଓରାଙ୍ଗଙ୍କ ବାହାଘର



ସିପାହି ରାଜେଶ ଓରାଙ୍ଗ(୨୫) ତାଙ୍କ ଗାଁ ଉତ୍ସବରେ ଜଣେ ଝିଅଙ୍କୁ ପସନ୍ଦ କରି ଭଲପାଇ ବସିଥିଲେ। ଜୁଲାଇ ମାସରେ ସେମାନଙ୍କର ହୋଇଥାନ୍ତା ବାହାଘର। ସୋମବାର ରାତିରେ ଚାଇନା ସୈନ୍ୟଙ୍କ ସହ ସଂଘର୍ଷରେ ଶହୀଦ ହୋଇଗଲେ ରାଜେଶ। ତାଙ୍କ ପରଲୋକରେ ପଶ୍ଚିମବଙ୍ଗ ବୀରଭୂମ ଜିଲାର ବେଲଗୋରିଆ ଆଦିବାସୀ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଦେଶପାଇଁ ବଳିଦାନ ଦେଇ ସେ ଉକ୍ତ ଅଞ୍ଚଳକୁ ଗର୍ବିତ କରିଥିବା ରାଜେଶଙ୍କ ଦାଦା ନଗେନ ଓରାଙ୍ଗ କହିଛନ୍ତି।

## ରାଜନାଥଙ୍କୁ ରାହୁଲଙ୍କ ୫ ପ୍ରଶ୍ନ



- ଆପଣ ନିଜ ଟୁଇଟ୍‌ରେ ଚାଇନାର ନାମ ଉଲ୍ଲେଖ ନ କରି ଭାରତୀୟ ସେନାର ଅପମାନ କଲେ କାହିଁକି?
- ସମବେଦନା ଜଣାଇବା ପାଇଁ କାହିଁକି ୨ ଦିନ ଲାଗିଲା?
- ଯବାନମାନେ ଶହୀଦ ହେଉଥିବା ବେଳେ ରାଲିକୁ ସମ୍ବୋଧନ କରୁଥିଲେ କାହିଁକି?
- କାହିଁକି ସତ ଲୁଚାଇଲେ, ଯଦ୍ୱାରା ଗଣମାଧ୍ୟମ ସେନା ଉପରେ ଦୋଷ ଲଦିଲା?
- ବିଫଳତା ପାଇଁ ଭାରତ ସରକାରଙ୍କୁ ଦୋଷ ଦେବା ପରିବର୍ତ୍ତେ ପେଡ୍ ମିଡିଆ ସେନାକୁ କାହିଁକି ବଦନାମ କଲା?

## ବୋର୍ଡ ପରୀକ୍ଷା ସମ୍ପର୍କରେ ଶୀଘ୍ର ନିଷ୍ପତ୍ତି ନିଅ

**ନୂଆଦିଲ୍ଲୀ,୧୭।୬(ପି.ଟି.)**

### ସିବିଏସ୍‌ଇକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

କରୋନା ମହାମାରୀ ଯୋଗୁ ଅଟକି ରହିଥିବା ବୋର୍ଡ ପରୀକ୍ଷା ହେବ କି ନାହିଁ ସେନେଇ ସପ୍ତାହକ ମଧ୍ୟରେ ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)କୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ମହାମାରୀକୁ ଦୃଷ୍ଟିରେ ରଖି ବାକି ରହିଥିବା ବିଷୟଗୁଡ଼ିକର ପରୀକ୍ଷା ନ କରିବାକୁ ଅଭିଭାବକମାନଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଏହି ପରୀକ୍ଷା କରା ନ ଯାଇ ଇଣ୍ଟରନାଲ ପରୀକ୍ଷା ମୂଲ୍ୟାଙ୍କନ ଆଧାରରେ ନମ୍ବର ଦିଆଯାଇପାରିବ କି ନାହିଁ ତାହା ଅନୁଧ୍ୟାନ କରିବାକୁ ମଧ୍ୟ ସର୍ବୋଚ୍ଚ ଅଦାଲତ ବୋର୍ଡ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଜୁଲାଇ ୧ରୁ ୧୫ ମଧ୍ୟରେ ଅବଶିଷ୍ଟ ବିଷୟରେ ବୋର୍ଡ ପରୀକ୍ଷା କରାଇବାକୁ ସିବିଏସ୍‌ଇ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ଅଭିଭାବକମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ୧୨ ହଜାର ଡେଇଁଲା ମୃତ୍ୟୁ ସଂଖ୍ୟା

**ନୂଆଦିଲ୍ଲୀ,୧୭।୬**

ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦେଶରେ ବଢ଼ି ବଢ଼ି ଚାଲିଛି। ବୁଧବାର ସୁଦ୍ଧା ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ୩ ଲକ୍ଷ ୬୦ ହଜାର ଟପିଥିବାବେଳେ ୧୨ ହଜାର ୨୮ ଜଣଙ୍କ ଜୀବନ ଗଲାଣି। ମହାରାଷ୍ଟ୍ରରେ ସବୁଠାରୁ ଅଧିକ ୧ ଲକ୍ଷ ୧୩ ହଜାରରୁ ଅଧିକ ଭୂତାଣୁ ଆକ୍ରାନ୍ତ ରହିଥିବାବେଳେ ତାମିଲନାଡୁ ଦ୍ୱିତୀୟ ରାଜ୍ୟ ଭାବେ ୫୦ ହଜାର ସଂଖ୍ୟା ପାର୍ କରିଛି। ମହାରାଷ୍ଟ୍ରରେ ୫,୫୩୭ ଜଣ ପ୍ରାଣ ହରାଇଥିବାବେଳେ ତାମିଲନାଡୁରେ ମୃତ୍ୟୁସଂଖ୍ୟା ୫୭୬କୁ ବୃଦ୍ଧିପାଇଛି। ତାମିଲନାଡୁରେ ଗତ ୨୪ ଘଣ୍ଟା ମଧ୍ୟରେ ୨,୧୭୪ ଜଣ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ଜଣାପଡ଼ିଛି।

ରାଜଧାନୀ ଦିଲ୍ଲୀରେ ୪୫ ହଜାର ଭୂତାଣୁ ଆକ୍ରାନ୍ତ ମାମଲା ଦେଖିବାକୁ ମିଳିଥିବାବେଳେ ୧,୮୩୭ ଜଣଙ୍କ ଜୀବନ ଗଲାଣି।

## ଜୟଶଙ୍କର-ଚାଇନା ପ୍ରତିପକ୍ଷ ଆଲୋଚନା



ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବୁଧବାର ଚାଇନା ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ କହିଥିଲେ, ସୀମାରେ ଉତ୍ତେଜନା ହ୍ରାସ କରି ଶାନ୍ତି ବଜାୟ ରଖିବା ପାଇଁ ଉଭୟ ପକ୍ଷ ଆଲୋଚନା ଓ ସମନ୍ୱୟକୁ ଗୁରୁତ୍ୱ ଦେବା ଉଚିତ। ଗଲୱାନରେ ସ୍ଥିତିକୁ ଶାନ୍ତ କରିବା ଲାଗି ଆଲୋଚନା ପାଇଁ ଉଭୟ ପକ୍ଷ ରାଜି ହୋଇଛି। ଜୟଶଙ୍କର କହିଥିଲେ, ଦୁଇଦେଶର ନେତା ଯେଉଁ ପ୍ରସଙ୍ଗଗୁଡ଼ିକୁ ନେଇ ଏକମତ ହୋଇଥିଲେ ସେସବୁ ପାଳନ କରାଯିବା ଆବଶ୍ୟକ।

## ସଲ୍‌ମାନଙ୍କ ସମେତ ୮ଜଣଙ୍କ ବିରୋଧରେ ମାମଲା

**ନୂଆଦିଲ୍ଲୀ,୧୭।୬**

### ସୁଶାନ୍ତ ସିଂ ମୃତ୍ୟୁ ଘଟଣା

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁକୁ ନେଇ ବିବାଦ ମୁଣ୍ଡ ଟେକିଛି। ମାନସିକ ଚାପଗ୍ରସ୍ତ ଥିବା ସୁଶାନ୍ତ ଆତ୍ମହତ୍ୟା କରିଥିବା ବେଳେ ଏଭଳି ଚରମ ପଦକ୍ଷେପ ନେବା ପଛରେ ଗୂଢ଼ ରହସ୍ୟ ରହିଥିବା କୁହାଯାଉଛି। ଏନେଇ ବିହାରର ମୁଜାଫରପୁରରେ ସୁଧୀର କୁମାର ଓଝା ନାମକ ଜଣେ ଓକିଲ ବଲିଉଡ୍ ଅଭିନେତା ସଲ୍‌ମାନ୍ ଖାନ୍, କରନ୍ ଜୋହର, ଏକତା କପୁର, ସଞ୍ଜୟଲୀଲା ବଂଶାଲି ପ୍ରମୁଖ ୮ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ଏହି ପ୍ରଭାବଶାଳୀ ବ୍ୟକ୍ତିମାନେ ସୁଶାନ୍ତଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୩୦୬, ୧୦୯, ୫୦୪, ୫୦୬ ଲଗାଯାଇଛି। ଜାଣିଶୁଣି ୭ଟି ଫିଲ୍ମରୁ ସୁଶାନ୍ତଙ୍କୁ ବାହାର କରିବା, ତାଙ୍କ ଅଭିନୀତି ଫିଲ୍ମକୁ ରିଲିଜ୍ କରାଇ ନ ଦେବା, ଫିଲ୍ମ କାର୍ଯ୍ୟକ୍ରମରେ ତାଙ୍କୁ ନ ଡାକିବା କାରଣରୁ ସୁଶାନ୍ତ ମାନସିକ ଭାବେ ଭାରାକ୍ରାନ୍ତ ହୋଇ ଶେଷରେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଅଭିଯୋଗ କରାଯାଇଛି। ପ୍ରଯୋଜକ ଏକତା କପୁର ଏଭଳି ମନଗଢ଼ା ଅଭିଯୋଗରେ କୌଣସି ସତ୍ୟତା ନ ଥିବା ତାଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ କହିଛନ୍ତି। ପ୍ରକାଶଥାଉ କି, ମହାରାଷ୍ଟ୍ର ଗୃହମନ୍ତ୍ରୀ ସୁଶାନ୍ତଙ୍କ ଆତ୍ମହତ୍ୟା ପଛରେ ବ୍ୟବସାୟିକ ଶତ୍ରୁର ତଦନ୍ତ ମୁମ୍ବାଇ ପୋଲିସ କରିବ ବୋଲି କହିଥିଲେ।

## ତମ୍ବୁ ବିବାଦରୁ ୬ ଘଣ୍ଟା ସଂଘର୍ଷ

### ପାଟ୍ରୋଲିଂ ପଏଣ୍ଟ ନଂ.୧୪

ସମୁଦ୍ର ପତ୍ତନଠାରୁ ୧୫ ହଜାର ଫୁଟ୍ ଉଚ୍ଚତାରେ ରହିଛି ଲଦାଖର ଗଲୱାନ ଉପତ୍ୟକା। ଏହି ଭୂଖଣ୍ଡର ପାଟ୍ରୋଲିଂ ପଏଣ୍ଟ ୧୪ରେ ସୋମବାର ଅପରାହ୍ନରୁ ୬ ଘଣ୍ଟା ଧରି ଚାଲିଥିଲା ଭାରତ ଓ ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ। ସଂଘର୍ଷ ବି ଏମିତି ସେମିତି ନୁହେଁ। ଦୁଇପକ୍ଷର ମୃତାହତ ସୈନ୍ୟଙ୍କ ସଂଖ୍ୟା ମିଶାଇଲେ ୬୩ରୁ ଅଧିକ। ୧୯୬୭ରେ ନାଥୁ ଲା’ରେ ହୋଇଥିବା ସଂଘର୍ଷରେ ଭାରତର ୮୦ ଯବାନ ଶହୀଦ ହୋଇଥିବାବେଳେ ଚାଇନାର ୩୦୦ରୁ ଊର୍ଦ୍ଧ୍ୱ ସୈନ୍ୟ ନିହତ ହୋଇଥିଲେ। ସେବେଠୁ ୫୩ ବର୍ଷ ମଧ୍ୟରେ ଏତେବଡ଼ ସଂଘର୍ଷ ଘଟି ନ ଥିଲା। ତେବେ କାହିଁକି ଘଟିଲା ଏତେ ବଡ଼ ଘଟଣା? ଭାରତର କେତେ ଯବାନ ଓ ପିଏଲ୍‌ଏର କେତେ ସୈନ୍ୟ ଥିଲେ? କେଉଁ ପରିସ୍ଥିତିରେ ଶହୀଦ ହୋଇଗଲେ ୨୦ ଭାରତୀୟ ଯବାନ? ଏପରି କିଛି ପ୍ରଶ୍ନ ଭାରତୀୟମାନଙ୍କ ମନକୁ ଆନ୍ଦୋଳିତ କରିବାରେ ଲାଗିଛି।

**ନୂଆଦିଲ୍ଲୀ,୧୭।୬**

ଗଲୱାନ ନଦୀ ଉପତ୍ୟକାର ପାଟ୍ରୋଲିଂ ପଏଣ୍ଟ ୧୪ରେ ଏକ ଟେଣ୍ଟ ବା ତମ୍ବୁକୁ ନେଇ ବିବାଦର ସୂତ୍ରପାତ ହୋଇଥିଲା। ଚାହୁଁ ଚାହୁଁ ଏହା ରକ୍ତାକ୍ତ ସଂଘର୍ଷର ରୂପ ନେଇଥିଲା। ଉକ୍ତ ସ୍ଥାନରେ ଚାଇନା ପକ୍ଷରୁ ଏକ ଟେଣ୍ଟ ନିର୍ମାଣ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ପାହ୍ୟା ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ଚାଇନା ଉକ୍ତ ଟେଣ୍ଟକୁ ନିଜଆଡୁ କାଢ଼ିବା ପାଇଁ ରାଜି ହୋଇଥିଲା। ଟେଣ୍ଟକୁ ହଟାଇ ଶାନ୍ତି ପ୍ରତିଷ୍ଠା ପାଇଁ ସହମତି ସତ୍ତ୍ୱେ ଚାଇନା ତାକୁ ସେଠାରୁ କାଢ଼ି ନ ଥିଲା। ଫଳରେ ଭାରତୀୟ ପାଟ୍ରୋଲିଂ ପାର୍ଟି ସେଠାକୁ ଯାଇ ଉକ୍ତ ତମ୍ବୁକୁ ହଟାଇବା ପାଇଁ ଯାଇଥିଲେ। ପୂର୍ବରୁ ଅନେକ ଆଲୋଚନାର ନେତୃତ୍ୱ ନେଇଥିବା କଲୋନେଲ ସନ୍ତୋଷ ବାବୁଙ୍କ ନେତୃତ୍ୱରେ ଭାରତୀୟ ଯବାନମାନେ ଯାଇଥିବାବେଳେ ସେପଟେ ଟେକାପଥର, ଲୁହାରଡ୍ ଓ ଲାଠି ଧରି ଜଗିଥିଲେ ଚାଇନା ସୈନ୍ୟ। ଭାରତୀୟ ଯବାନମାନେ ସୋମବାର ଅପରାହ୍ନରେ ସେଠାରେ ପହଞ୍ଚିବା ପରେ ପିଏଲ୍‌ଏ ସୈନ୍ୟ ସେମାନଙ୍କୁ ଆକ୍ରମଣ କରିଥିଲେ। ଭାରତୀୟ ଯବାନ ସେମାନଙ୍କୁ ଜବାବ ଦେଇଥିଲେ। ରାତିରେ ଆକ୍ରମଣ ଓ ପ୍ରତିଆକ୍ରମଣ ମଧ୍ୟରେ ଅନେକ ସୈନ୍ୟ ଗଲୱାନ ନଦୀରେ ପଡ଼ି ନିଖୋଜ ହୋଇଯାଇଥିଲେ। ୬ ଘଣ୍ଟା ଧରି ଚାଲିଥିଲା ଏହି ସଂଘର୍ଷ। ଅତି ଥଣ୍ଡା ପାଗ ଓ ହାଇପୋଥର୍ମିଆ ଯୋଗୁ ସ୍ଥିତି ଆହୁରି ଖରାପ ହୋଇଯାଇଥିଲା। ମଙ୍ଗଳବାର ସକାଳେ ସେନାକୁ ମିଳିଥିଲା କଲୋନେଲ ସନ୍ତୋଷ ବାବୁ ଓ ଅନ୍ୟ ଦୁଇଜଣ ଯବାନଙ୍କ ମୃତ୍ୟୁ ତଥା ୧୭ ଆହତ ହୋଇଥିବା ଖବର। ଶୂନ୍ୟ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ ଆହତ ଯବାନଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି।



## ବିଷାକ୍ତ ଛତୁ ଖାଇ ୫ ଅସୁସ୍ଥ

ସୋରଡା,୧୭।୬(ଡି.ଏନ୍.ଏ.): ଗଞ୍ଜାମ ଜିଲା ସୋରଡା ବ୍ଲକ ବୋରଶିଙ୍ଗୀ ପଞ୍ଚାୟତ ରେଣ୍ଟି ଗ୍ରାମର ଗୋଟିଏ ପରିବାରର ୫ ସଦସ୍ୟ ବିଷାକ୍ତ ଛତୁ ଖାଇ ବୁଧବାର ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ସୋରଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ପ୍ରଜ୍ଞା ନାୟକ, ଗୀତାଞ୍ଜଳି ନାୟକ, ଗଙ୍ଗାରାଣୀ ନାୟକ, ବିକ୍ରମ ନାୟକ ଓ ପ୍ରିୟଙ୍କା ନାୟକ। ଗ୍ରାମ ନିକଟରେ ଫୁଟିଥିବା ଛତୁ ଆଣି ରୋଷେଇ କରି ମଧାହ୍ନରେ ପରିବାର ଲୋକେ ଖାଇଥିଲେ। ଖାଇବା ଅଧଘଣ୍ଟା ପରେ ସମସ୍ତଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା।

# ପ୍ରତି ପଞ୍ଚାୟତରେ ହେବ କୋଭିଡ୍ କେୟାର ହୋମ୍

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

କରୋନା (କୋଭିଡ୍-୧୯) ମୁକାବିଲା ପାଇଁ ରାଜ୍ୟ ସରକାର ନିଜର ରଣନୀତିରେ ପରିବର୍ତ୍ତନ କରିଛନ୍ତି। କରୋନା ରୋଗୀଙ୍କ ଚିକିତ୍ସା ପାଇଁ ପ୍ରତ୍ୟେକ ପଞ୍ଚାୟତରେ କୋଭିଡ୍ କେୟାର ହୋମ୍ ସ୍ଥାପନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ୧୦ରୁ ୨୦ ଜଣ ବ୍ୟକ୍ତି ରହିବା ବ୍ୟବସ୍ଥା କରାଯିବ। ଏହାଦ୍ୱାରା ସମଗ୍ର ରାଜ୍ୟର ଗ୍ରାମାଞ୍ଚଳରେ ପ୍ରାୟ ୭୦ ହଜାର ଲୋକଙ୍କ ରହିବା ପାଇଁ ବ୍ୟବସ୍ଥା କରାଯିବ। ଥଣ୍ଡା, ଜ୍ୱର ଓ କାଶ ଲକ୍ଷଣ ଥିବା ବ୍ୟକ୍ତିମାନଙ୍କୁ ସିଧା ହସ୍ପିଟାଲକୁ ନିଆ ନ ଯାଇ ପ୍ରଥମେ କୋଭିଡ୍ କେୟାର ହୋମ୍‌କୁ ନିଆଯିବ। ପରୀକ୍ଷା ପରେ ଯଦି କୋଭିଡ୍ ପଜିଟିଭ ଜଣାପଡ଼ିବ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଯିବ। ଅନ୍ୟଥା ସେ ଘରେ ରହି ଚିକିତ୍ସିତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏଭଳି ବାର୍ତ୍ତା ଦେଇଛନ୍ତି।

କୋଭିଡ୍ ପରିଚାଳନାକୁ ବିକେନ୍ଦ୍ରୀକରଣ କରିବା ପାଇଁ ସହର ଓ ଗ୍ରାମାଞ୍ଚଳରେ ୱାର୍ଡସ୍ତରୀୟ କମିଟି ଗଠନ କରାଯିବ। ଏହି କୋଭିଡ୍ ପରିଚାଳନା କମିଟିରେ ୱାର୍ଡସ୍ତରୀୟ ଜନପ୍ରତିନିଧିଙ୍କ ସମେତ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଏଏନ୍ଏମ୍ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ର ସଦସ୍ୟମାନେ ରହିବେ। ଏହି କମିଟିକୁ ମହାମାରୀ ରୋଗ ନିୟନ୍ତ୍ରଣ ଆଇନ ଅନୁଯାୟୀ ସ୍ୱତନ୍ତ୍ର କ୍ଷମତା ଦିଆଯିବ। ବର୍ତ୍ତମାନ ଗାଁ କଲ୍ୟାଣ ସମିତି ଏହି କୋଭିଡ୍ ପରିଚାଳନା କମିଟିର ଦାୟିତ୍ୱ ନିର୍ବାହ କରିବେ। ପ୍ରତି କମିଟିକୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କିରିବାର କ୍ଷମତା ଦିଆଯିବ। କୋଭିଡ୍ କେୟାର ହୋମ୍ ଏବଂ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର(ଟିଏମ୍‌ସି)ର ଦାୟିତ୍ୱ ପୂର୍ବଭଳି ସରପଞ୍ଚଙ୍କ ଉପରେ ନ୍ୟସ୍ତ ରହିବ। ଏଥିପାଇଁ ତାଙ୍କୁ ଆର୍ଥିକ ଓ ପ୍ରଶାସନିକ କ୍ଷମତା ମିଳିବ। ସହରାଞ୍ଚଳରେ ୱାର୍ଡ କମିଟିଗୁଡ଼ିକ ୱାର୍ଡ ଅଫିସରଙ୍କ ଦ୍ୱାରା ପରିଚାଳିତ ହେବ। ସେଥିରେ ସ୍ଥାନୀୟ ଲୋକ ଏବଂ ସ୍ୱେଚ୍ଛାସେବକମାନେ ସଦସ୍ୟ ରହିବେ। ସେମାନେ ଘରକୁ ଘର ବୁଲି ଜନସାଧାରଣଙ୍କଠାରୁ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ସହରାଞ୍ଚଳରେ ବସ୍ତି ଉପରେ କମିଟି ଅଧିକ ଫୋକସ କରିବ। ବଡ଼ବଡ଼ ବସ୍ତିଗୁଡିକରେ କୋଭିଡ୍ କେୟାର ହୋମ୍ ମଧ ସ୍ଥାପନ କରାଯିବ।

ରାଜ୍ୟ ବାହାରେ ରହୁଥିବା ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଇତିମଧ୍ୟରେ ଓଡ଼ିଶା ଫେରିଛନ୍ତି। ସେମାନଙ୍କ ପାଇଁ ପ୍ରତି ପଞ୍ଚାୟତରେ ଟିଏମ୍‌ସି କରାଯାଇଛି। ସେଠାରେ ସେମାନଙ୍କର ଉପଯୁକ୍ତ ଯତ୍ନ ନିଆଯିବା ସହିତ ପ୍ରୋତ୍ସାହନ ବ୍ୟବସ୍ଥା ମଧ କରାଯାଇଛି। ଟିଏମ୍‌ସି ପରିଚାଳନାରେ ସରପଞ୍ଚମାନଙ୍କ ସହଯୋଗ ଓ ଦାୟିତ୍ୱବୋଧ ପ୍ରଶଂସନୀୟ। ସେମାନଙ୍କ ପରିଶ୍ରମ ଓ ତ୍ୟାଗ ରୋଗକୁ ନିୟନ୍ତ୍ରଣରେ ରଖିବାରେ ବଡ଼ ଭୂମିକା ନେଇଛି। ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି।

**ବଦଳିଲା କରୋନା ମୁକାବିଲା ରଣନୀତି**

- ଥଣ୍ଡା, ଜ୍ୱର ଓ କାଶ ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ରଖାଯିବ
- ପଜିଟିଭ୍ ହେଲେ ରୋଗୀ ଯିବେ କୋଭିଡ୍ ହସ୍ପିଟାଲ
- ଗ୍ରାମ, ସହରରେ ଗଠନ ହେବ ୱାର୍ଡସ୍ତରୀୟ କମିଟି




## ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀ ଆଲୋଚନା

# ୩ ଦାବି ଜଣାଇଲେ ନବୀନ

- ଯୁକ୍ତ ଦୁଇ ପରୀକ୍ଷା ପରେ ସର୍ବଭାରତୀୟ ପରୀକ୍ଷା କରାଯାଉ
- ରାଜ୍ୟକୁ ଟ୍ରେନ୍ ଓ ବିମାନ ସେବା କଟକଣା ଜାରି ରହୁ
- ବିଦେଶରୁ ଓଡ଼ିଆଙ୍କୁ ଫେରାଇ ଅଣାଯାଉ



ବୁଧବାର ଭିଡିଓ କନ୍‌ଫରେନ୍ସ ସମୟରେ ବୀର ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ମୁଖ୍ୟମନ୍ତ୍ରୀମାନେ ନୀରବ ପ୍ରାର୍ଥନା କରୁଛନ୍ତି।

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

କରୋନା(କୋଭିଡ୍-୧୯) ମହାମାରୀ ସଂକ୍ରମଣ ଆଶଙ୍କା ଯୋଗୁ ସ୍କୁଲ, କଲେଜ ବନ୍ଦ ରହିଛି। ଯୁକ୍ତ ଦୁଇ ପରୀକ୍ଷା ମଧ ଅଧାରୁ ବନ୍ଦ ରହିଛି। ଅବଶିଷ୍ଟ ପରୀକ୍ଷା ଶେଷ ହେବା ପରେ ଜାତୀୟ ସ୍ତରରେ ହେଉଥିବା ଏନ୍‌ଇଇଟି, ଜେଇଇ ମେନ, ସିଏଲ୍ଏଟି ଭଳି ପ୍ରବେଶିକା ପରୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି। କରୋନା ସଂକ୍ରମଣ ସ୍ଥିତି ଓ ଅନ୍ୟାନ୍ୟ ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଦୁଇଦିନ ହେବ ଆଲୋଚନା କରୁଛନ୍ତି। ବୁଧବାର ଅପରାହ୍ନରେ ପ୍ରଧାନମନ୍ତ୍ରୀ ନବୀନଙ୍କ ସହ ରାଜ୍ୟର କରୋନା ମୁକାବିଲା ଓ ଅନ୍ୟାନ୍ୟ ବିଷୟରେ ଭିଡିଓ କନଫରେନ୍ସ ଜରିଆରେ ଆଲୋଚନା କରିଥିଲେ। ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ୩ଟି ଦାବି କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ପାଇଁ ଜୁନ ମାସ ଅତ୍ୟନ୍ତ କଠିନ ସମୟ। ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ବହୁ ସଂଖ୍ୟାରେ ପ୍ରବାସୀ ରାଜ୍ୟକୁ ଫେରିଛନ୍ତି। ପୂର୍ବଭଳି ରାଜ୍ୟକୁ ଟ୍ରେନ୍ ଓ ବିମାନ ସେବା ଉପରେ କଟକଣା ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସେହିପରି ଉପସାଗରୀୟ ଦେଶଗୁଡ଼ିକରେ ଓଡ଼ିଶାର କେତେକ ଲୋକ ରହିଯାଇଛନ୍ତି। ସେମାନଙ୍କ ମଧ୍ୟରେ ଅନେକେ ଛୋଟ ଛୋଟ ଚାକିରି କରିଛନ୍ତି। ସେମାନଙ୍କୁ ଫେରାଇ ଆଣିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ମାଙ୍କଡ଼କୁ ଆଜୀବନ ଜେଲଦଣ୍ଡ



ଲକ୍ଷ୍ନୌ: ମଣିଷଙ୍କୁ ଆଜୀବନ ଜେଲଦଣ୍ଡାଦେଶ ହେବା କଥା ଶୁଣାଅଛି। ତେବେ ମାଙ୍କଡ଼କୁ ଆଜୀବନ ଜେଲଦଣ୍ଡାଦେଶ ଦିଆଯିବା କଥା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ତେବେ ଉତ୍ତରପ୍ରଦେଶର ମିର୍ଜାପୁର ଜିଲାରେ ଏଭଳି ଘଟିଛି। ଗତ ୩ବର୍ଷ ତଳେ ଧରାପଡ଼ିଥିବା ଏକ ମାଙ୍କଡ଼ର ଅଭ୍ୟାସରେ କୌଣସି ପରିବର୍ତ୍ତନ ନ ଆସିବାରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। କଟରା ଥାନା ଅଞ୍ଚଳରେ ଏହି ମାଙ୍କଡ଼ର ଉପଦ୍ରବରେ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ। ମାଙ୍କଡ଼ଟି ଛୋଟ ଛୁଆଙ୍କ ମୁହଁ ଖଣ୍ଡିଆ କରି ପଳାଉଥିଲା। ଶେଷରେ ୨୦୧୭ରେ ତାକୁ କାନପୁର ବନ ବିଭାଗ ପକ୍ଷରୁ ଧରାହୋଇଥିଲା। ମାଙ୍କଡ଼କୁ ଜଣେ ତାନ୍ତ୍ରିକ ପାଳିଥିଲେ ବୋଲି କୁହାଯାଉଛି। ଏହାର ନାମ ତାନ୍ତ୍ରିକ ଜଣକ କଲୁଆ ରଖିଥିଲେ। ତେବେ ମାଙ୍କଡ଼ର ଅଭ୍ୟାସରେ ପରିବର୍ତ୍ତନ ନ ଆସିବାରୁ ଏବେ ତାକୁ ଆଜୀବନ ପିଞ୍ଜରାରେ ରଖାଯିବାକୁ ନିଷ୍ପତ୍ତି ହୋଇଥିବା କାନପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ମହମ୍ମଦ ନାସିର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମାଙ୍କଡ଼ଟି ୩୦ରୁ ଅଧିକ ଶିଶୁଙ୍କ ମୁହଁଖଣ୍ଡିଆ କରିଥିବା କୁହାଯାଉଛି।

# ମା’ ହେଲେ ଶିଖା

ମୁମ୍ବାଇ: ମା’ ହେଲେ ଟେଲିଭିଜନ ଅଭିନେତ୍ରୀ ଶିଖା ସିଂହ। ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଗତ ମଙ୍ଗଳବାର ସକାଳେ ମୁମ୍ବାଇର ଏକ ହସ୍ପିଟାଲ୍‌ରେ ତାଙ୍କର ପ୍ରସବ ହୋଇଥିଲା। ଶିଖା ଓ ତାଙ୍କ ସ୍ୱାମୀ କରନ ଶାହ ଝିଅର ନାଁ ଆଲୟନା ସିଂହ ଶାହ ରଖିଛନ୍ତି। ଶିଖା ତାଙ୍କ ଝିଅର ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ଓ ସମସ୍ତଙ୍କ ଭଲ ପାଇବା ନେଇ ଧନ୍ୟବାଦ ଦେଇଛନ୍ତି। ଗତ ଏପ୍ରିଲ ମାସରେ ହିଁ ଶିଖା ଗର୍ଭବତୀ ଥିବା ଜଣାପଡ଼ିବା ପରେ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ପୋଷ୍ଟ କରିଥିଲେ ଓ ସେହି ଫଟୋରୁ ହିଁ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏହି ଫଟୋରେ ତାଙ୍କ ସ୍ୱାମୀଙ୍କୁ ମଧ ଦେଖିବାକୁ ମିଳିଥିଲା।



ଏହା ପରେ ଶିଖା ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ନିୟମିତ ବ୍ୟବଧାନରେ ଫଟୋ ପୋଷ୍ଟ କରି ନିଜ ସମ୍ପର୍କରେ ସୂଚନା ଦେଉଥିଲେ। ପ୍ରକାଶ ଥାଉ କି, ଶିଖା ଓ କରନ ୨୦୧୬ରେ ବିବାହ ହୋଇଥିଲେ।

**ଏକାଦଶାହ ଉପଲକ୍ଷେ**



**✓ ଅର୍ଜୁନଚରଣ ସେଠୀ**

ପୂର୍ବତନ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ସାଂସଦ, ଭଦ୍ରକ

ଜନ୍ମସ୍ଥାନ: ଓଡ଼ଙ୍ଗ, ବନ୍ତ, ଭଦ୍ରକ

ଆବିର୍ଭାବ: ୧୮।୦୯।୧୯୪୧ | ତିରୋଧାନ: ୦୮।୦୬।୨୦୨୦

*ଆପଣ ଓଡ଼ଙ୍ଗ ଭଳି ଏକ ପଲ୍ଲୀ ଅଞ୍ଚଳରେ ଜନ୍ମ ନେଇ ଜୀବନରେ ବହୁ ସଂଘର୍ଷ କରି ବିଧାୟକ, ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଭାବରେ ଓଡ଼ିଶା ନୁହେଁ ସାରା ଭାରତରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ଜଣେ ଅପରାଜେୟ ଓ ସ୍ପଷ୍ଟବାଦୀ ରାଜନେତା ଭାବରେ ଆପଣ ନିଜକୁ ପ୍ରତିପାଦିତ କରିବାରେ ସଫଳ ହୋଇଥିଲେ। ଆପଣଙ୍କର ଅଭୁଲା ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଆମ୍ଭମାନଙ୍କର ପାଥେୟ ହେଉ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।*

ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ

ସ୍ତ୍ରୀ: ସୁଭଦ୍ରା, ସାନ ଭାଇ: ନକୁଳ, ପୁତ୍ର ଓ ପୁତ୍ରବଧୂ: ଅଭିମନ୍ୟୁ-ଶ୍ରାବଣୀ ପ୍ରିୟଦର୍ଶନୀ, ଗଣେଷ-ଲିଜାଲିନି, ରାମଚନ୍ଦ୍ର-ଅନୁସୟା, ଝିଅ ଜ୍ୱାଇଁ: ଡା. ଗୀତାଞ୍ଜଳୀ-ଡା. ଗଣେଶ୍ୱର, କବିତା-ଅଭୟ।

JOLLY ତୁଳସୀ 51 ଡ୍ରପ୍‌ସ

5 ପ୍ରକାର ତୁଳସୀରେ ଅତ୍ୟନ୍ତ ସ୍ୱତନ୍ତ୍ର ବିଧି ଦ୍ୱାରା ପ୍ରସ୍ତୁତ ଅର୍କ

ସୁଦୃଢ଼ ଇମ୍ୟୁନିଟି ଭାଇରାଲ୍ ସଂକ୍ରମଣକୁ ଏଡ଼ାଇବାରେ ସହାୟତା କରିଥାଏ।

“ଜୋଲି ତୁଳସୀ 51” ଡ୍ରପ୍‌ସ ପିଉଥିବା ଲୋକମାନଙ୍କର ଇମ୍ୟୁନିଟି ବଢ଼ିଛି ଯାହା ଲାବ୍ ଟେଷ୍ଟ୍ (Clinical Trial)ରେ ପ୍ରମାଣିତ ।

ଏହା ସମଗ୍ର ପରିବାର ପାଇଁ ବିପଜ୍ଜନକ ରୋଗରୁ ରକ୍ଷା ପାଇବାର ଏକ ସୁରକ୍ଷା କବଚ ଭଳି ଅଟେ।

କେମିତି କାମ କରିଥାଏ Jolly Tulsi 51: ଇମ୍ୟୁନିଟି ଦୁର୍ବଳ ହୋଇଗଲେ ଭାଇରସ୍ ଓ ବ୍ୟାକ୍ଟେରିଆ ଶରୀରକୁ କ୍ଷତି ପହଞ୍ଚାଇଥାନ୍ତି । ତୁଳସୀ ଏକ ପ୍ରାକୃତିକ ଇମ୍ୟୁନିଟି ବର୍ଦ୍ଧକ ଅଟେ ଯାହାକୁ ଆମର ପୂର୍ବଜମାନେ ସୁସ୍ଥ ରହିବା ପାଇଁ ହଜାର ହଜାର ବର୍ଷ ଧରି ବ୍ୟବହାର କରିଆସିଛନ୍ତି । ଏହାର ନିୟମିତ ସେବନ ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା (Immunity) ଅତ୍ୟନ୍ତ ମଜଭୁତ ହୋଇଯାଏ ଏବଂ ଭାଇରସ୍, ବ୍ୟାକ୍ଟେରିଆ, ଫ୍ଲୁ ଆଦି ଶରୀରରେ ପ୍ରବେଶ କରିପାରନ୍ତି ନାହିଁ। ଏହାର ନିୟମିତ ସେବନ ଅନେକ ରୋଗର ଉତ୍ପତ୍ତିକୁ ପ୍ରତିରୋଧ କରିବା ସହ ଆପଣଙ୍କୁ ସୁସ୍ଥ ସବଳ ରଖିଥାଏ ।

CLINICALLY TESTED

“ମନେରଖନ୍ତୁ, ଯେପରି ସବୁ ପୀତବର୍ଣ୍ଣ ବସ୍ତୁ ସୁନା ନୁହେଁ, ସେହିଭଳି ସବୁ ତୁଳସୀ ଡ୍ରପ୍‌ସ ‘ଜୋଲି ତୁଳସୀ 51 ଡ୍ରପ୍‌ସ’ ଭଳି ହୋଇ ନ ଥାଏ ।”

ଜୋଲି ତୁଳସୀ 51 ଡ୍ରପ୍‌ସର ଅଭୁତ ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରରେ ଏକା ସଦୃଶ ନାମରେ ଅନେକ ତୁଳସୀ ଡ୍ରପ୍‌ସ ଆସିଯାଇଛି, ଯାହା ଗ୍ରାହକମାନଙ୍କ ମଧରେ ଭ୍ରମ ସୃଷ୍ଟି କରୁଛି। ଏଥିପାଇଁ କମ୍ପାନୀ ନିଜ ଗ୍ରାହକମାନଙ୍କୁ ସତର୍କ କରିବାକୁ ଚାହୁଁଛି ଯେ କିଣିବା ସମୟରେ ଷ୍ଟୋର୍‌ରୁ ‘ତୁଳସୀ ଡ୍ରପ୍‌ସ’ ନୁହେଁ ‘ଜୋଲି ତୁଳସୀ 51 ଡ୍ରପ୍‌ସ’ ହିଁ ମାଗନ୍ତୁ ।




ଦୈନିକ କେବଳ 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗୀ ଜିଅନ୍ତୁ...

Helpline No. 0161-520-1588

Odisha : S.S» Jeevan Dhara Enterprises, Bbsr - 90400 34013

# ରଥଯାତ୍ରା ନେଇ ଆଜି ହେବ ଚୂଡ଼ାନ୍ତ ନିଷ୍ପତ୍ତି

- ସୁପ୍ରିମକୋର୍ଟରେ ୩ଜଣିଆ ବେଞ୍ଚ୍ ଶୁଣାଣି କରିବ
- ରାଜ୍ୟ କ୍ୟାବିନେଟ୍‌ରେ ହୋଇପାରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା
- ତୁରନ୍ତ ନିଷ୍ପତ୍ତି ନେବାକୁ ଭାଜପାର ଦାବି

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ପୁରୀ ରଥଯାତ୍ରା ଆୟୋଜନକୁ ନେଇ ଲାଗି ରହିଥିବା ଅନିଶ୍ଚିତତାର ଅନ୍ତ ଘଟିବ। ଚଳିତବର୍ଷ ରଥଯାତ୍ରା ନ କରିବାକୁ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ସୁପ୍ରିମକୋର୍ଟରେ ଫାଇଲ ହୋଇଥିବା ଆବେଦନର ଶୁଣାଣି ଗୁରୁବାର ହେବ। ପ୍ରଧାନ ବିଚାରପତି ଶରଦ ଅରବିନ୍ଦ ବୋବଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ହୃଷୀକେଶ ରୟ ଏବଂ ଜଷ୍ଟିସ୍ ଏ ଏସ୍ ବୋପାନ୍ନାଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବ। କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା ଜୁନ୍ ୨୩ ତାରିଖରେ ଶ୍ରୀଜିଉଙ୍କ ରଥଯାତ୍ରା ଆୟୋଜନ ନ କରିବାକୁ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଏହି ଆବେଦନ କରାଯାଇଛି। ପରିଷଦର ଯୁକ୍ତି ଅନୁଯାୟୀ, ଯଦି କୌଣସି ବିଶାଳ ଜନ ସମାବେଶର ଆୟୋଜନ କରାଯାଏ ତା ହେଲେ ପରବର୍ତ୍ତୀ ସମୟରେ ସଂକ୍ରମଣକୁ ରୋକିବା ସମ୍ଭବ ହେବନାହିଁ ଏବଂ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗତ ମେ’ ୩୦ରେ କୁହାଯାଇଥିଲା। ତେଣୁ ଲୋକଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରଥଯାତ୍ରା ସ୍ଥଗିତ କରିବା କିମ୍ବା ରଥର ପ୍ରତିକୃତି ନିର୍ମାଣ କରି ଶ୍ରୀମନ୍ଦିର ପରିସରରେ ରଥଯାତ୍ରାର ଆୟୋଜନ କରିବାକୁ ପରିଷଦ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଗୁରୁବାର ରାଜ୍ୟ କ୍ୟାବିନେଟ୍ ବୈଠକ ବସିବ। ଏଥିରେ ରଥଯାତ୍ରା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ସମ୍ଭାବନା ରହିଛି। ପୁରୀ ରଥଯାତ୍ରା ନେଇ ବୈଠକରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯିବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ତେଣୁ ଗୁରୁବାର ସନ୍ଧ୍ୟାସୁଦ୍ଧା ରଥଯାତ୍ରା ଆୟୋଜନ ନେଇ ସ୍ପଷ୍ଟ ସୂଚନା ମିଳିବ ବୋଲି କୁହାଯାଇଛି। ଏପଟେ କୋଭିଡ୍ ସମୟରେ ରଥଯାତ୍ରା ହେବ କି ନାହିଁ ଏବଂ ଯଦି ହେବ କିଭଳି କରାଯିବ ସେନେଇ ରାଜ୍ୟ ସରକାର କରିଥିବା ମୌନବ୍ରତକୁ ଭାଜପା ନେତା ବିଜୟ ମହାପାତ୍ର ବୁଧବାର ସମାଲୋଚନା କରିଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଚୁପ୍ ନ ରହି ତୁରନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନେବାପାଇଁ ବିଜୟ କହିଛନ୍ତି। ପ୍ରକାଶ ଯେ, ସାମାଜିକ ଦୂରତା ରକ୍ଷା କରି ରଥଯାତ୍ରା କରିବା ସମ୍ଭବ ନୁହେଁ ଦର୍ଶାଇ ଏବଂ ପୁରୀ ରଥଯାତ୍ରା ଉପରେ ଓଡ଼ିଶା ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ସ୍ପେଶାଲ ଲିଭ୍ ପିଟିଶନ୍ ଦାଖଲ କରାଯାଇଥିଲା। ଓଡିଶା ସରକାର ରଥଯାତ୍ରା ନେଇ ନିଷ୍ପତ୍ତି ନେବେ ଏବଂ ମେଶିନ କିମ୍ବା ହାତୀ ଦ୍ୱାରା ରଥ ଟାଣିବା କଥା ସରକାର ବିଚାର କରିବେ ବୋଲି ହାଇକୋର୍ଟ ରାୟ ଦେବାପରେ ଏହି ବିବାଦ ଉଠିଛି।।

ବୟନିକା

ଆମ ବୁଣାକାର୍ ଆମର୍ ଐତିହ୍ୟ ଓ ଗର୍ବ

ଓଡିଶାର କୁଶଳୀ ବୁଣାକାର ଏବଂ କେନ୍ଦ୍ର / ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାରମାନଙ୍କ ଦ୍ୱାରା ଉତ୍ପାଦିତ ସମ୍ବଲପୁରୀ ସିଲ୍କ / ସୂତା ବାନ୍ଧଶାଢୀ, ବମକାଇ, ମାଣିଆବନ୍ଧୀ, ନୂଆପାଟଣା ଖଣ୍ଡୁଆ, ଗୋପାଳପୁର / ମୟୁରଭଞ୍ଜ / କେନ୍ଦୁଝର ଟସରଶାଢୀ / କପଡ଼ା, ଜଗତସିଂହପୁର ସୂତା ଶାଢୀ, ବ୍ରହ୍ମପୁର ପାଟ ଶାଢୀ ଓ ଯୋଡ, କୋଟପାଡ୍ ପ୍ରାକୃତିକ ରଙ୍ଗ ବସ୍ତ୍ର ଇତ୍ୟାଦି ସବୁ ସମୟରେ ଗ୍ରାହକମାନଙ୍କୁ ଆକୃଷ୍ଟ କରିଅଛି ।

ଏହି ସମସ୍ତ ଉତ୍ପାଦ ବୟନିକାର ରାଜ୍ୟ ଭିତରେ ଓ ବାହାରେ ଥିବା ସମସ୍ତ ବିକ୍ରୟ ଶାଖାରେ ଉପଲବ୍ଧ ହେଉଅଛି ।

ରଥଯାତ୍ରା ଉପଲକ୍ଷେ ତା.୨୨.୦୬.୨୦୨୦ରିଖ ପର୍ଯ୍ୟନ୍ତ (୧୦%+୨୦%) ସ୍ୱତନ୍ତ୍ର ରିହାତିର ସୁଯୋଗ ନେବା ପାଇଁ ଗ୍ରାହକମାନଙ୍କୁ ଅନୁରୋଧ ।

ବୟନିକା
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ,
ଓଡ଼ିଶା ସରକାର

ଧରିତ୍ରୀ
DHARITRI
ଗୁରୁବାର, ୧୮ ଜୁନ୍, ୨୦୨୦



## ଟ୍ରାକ୍ଟରକୁ ପିଟିଲା ଟ୍ରକ୍: ୧୨ ମୃତ

ଆନ୍ଧ୍ରପ୍ରଦେଶର କ୍ରିଷ୍ଣା ଜିଲା ଅନ୍ତର୍ଗତ ଭେଦାଦ୍ରିରେ ବୁଧବାର ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଟ୍ରାକ୍ଟର ସହ ମୁହାଁମୁହିଁ ଧକ୍କା ହେବା ଫଳରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ସମସ୍ତେ ତେଲଙ୍ଗାନାର ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ୧୧ ଜଣ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଲକ୍ଷ୍ମୀ ନରସିଂହ ସ୍ୱାମୀ ମନ୍ଦିର ଦର୍ଶନ କରି ଟ୍ରାକ୍ଟରରେ ୨୬ ଲୋକ ଫେରୁଥିବାବେଳେ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ହୋଇଥିଲେ। ମୃତାହତମାନେ ତେଲଙ୍ଗାନା ଖମାମ୍ ଜିଲାର। ମୃତକଙ୍କ ମଧ୍ୟରେ ୪ ଶିଶୁ ଅଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................

ରାହୁଲ
ପରିବାରବର୍ଗ

ମିଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୟୁଏନ୍‌ଏସ୍‌ସି ଅସ୍ଥାୟୀ ସଦସ୍ୟ ନିର୍ବାଚିତ ହୋଇପାରେ ଭାରତ

**ୱାଶିଂଟନ,୧୭।୬:** ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଅସ୍ଥାୟୀ ସଦସ୍ୟ ଭାବେ ଭାରତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଆଶା କରାଯାଉଛି। ଏହାକୁ ମିଶାଇ ଭାରତ ଅଷ୍ଟମ ଥର ପାଇଁ ଅସ୍ଥାୟୀ ସଦସ୍ୟ ଭାବେ ନିର୍ବାଚିତ ହେବ। ଏହି ବିଜୟ ଦ୍ୱାରା ୟୁଏନ୍‌ଏସ୍‌ସିର ସ୍ଥାୟୀ ସଦସ୍ୟ ହେବା ପାଇଁ ଭାରତ ଅଧିକ ଦାବିଦାର ହୋଇପାରିବ। ଜାତିସଂଘର ସଦସ୍ୟଭୁକ୍ତ ଦେଶଗୁଡ଼ିକ ମଧ୍ୟରୁ ଏସୀୟ-ପ୍ରଶାନ୍ତ ମହାସାଗରୀୟ ଗୋଷ୍ଠୀରୁ ଭାରତ ଏକାକୀ ଏହି ନିର୍ବାଚନ ଲଢୁଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବାର ଅଧିକ ସମ୍ଭାବନା ରହିଛି। ୧୫ ସଦସ୍ୟଭୁକ୍ତ ଏହି ପରିଷଦରେ ୫ ଅସ୍ଥାୟୀ ସଦସ୍ୟ ପଦ ପାଇଁ ନିର୍ବାଚନ ହେଉଛି। ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ବାଲାଟ ପେପର ଜରିଆରେ ଭୋଟିଂ ଆରମ୍ଭ ହୋଇଥିବାବେଳେ ୧୧ଟାରେ ଶେଷ ହୋଇଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଫଳାଫଳ ପ୍ରକାଶ ପାଇ ନ ଥିଲା।

## ୧୧ଦିନ ହେଲା ବୃଦ୍ଧି ପାଉଛି ତେଲ ଦର

**ନୂଆଦିଲ୍ଲୀ,୧୭।୬**



ଦେଶରେ ତେଲ ଦର କ୍ରମାଗତ ଭାବରେ ୧୧ ଦିନ ହେଲା ବୃଦ୍ଧି ପାଉଛି। ଜୁନ ୭ରୁ ୧୭ ମଧ୍ୟରେ ଘରୋଇ ବଜାରରେ ତେଲ ଦର ପେଟ୍ରୋଲ ଉପରେ ୬.୦୨ଟଙ୍କା ଏବଂ ଡିଜେଲ ୬.୪୯ ଟଙ୍କା ବୃଦ୍ଧି ହୋଇଥିବା ଜଣାପଡିଛି। ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ, ବୁଧବାର ପେଟ୍ରୋଲ ଲିଟର ପିଛା ୫୫ ପଇସା ଏବଂ ଡିଜେଲ ୬୯ ପଇସା ବଢିଛି। ଫଳରେ ବୁଧବାର ପେଟ୍ରୋଲ ଦର ୭୬.୭୩ ଟଙ୍କାରୁ ବୃଦ୍ଧି ପାଇ ୭୭.୨୮ଟଙ୍କା ଏବଂ ଡ଼ିଜେଲ ଦର ୭୫.୧୯ଟଙ୍କାରୁ ବୃଦ୍ଧି ପାଇ ୭୫.୭୮ ଟଙ୍କାରେ ପହଞ୍ଚିଛି। ଏହି ଦର ବୃଦ୍ଧି ପଛରେ କେନ୍ଦ୍ର ଓ ବିଭିନ୍ନ ରାଜ୍ୟର ରାଜ୍ୟ ସରକାର ଲାଗୁ କରୁଥିବା ଉଚ୍ଚ ପରିମାଣର ଟିକସ ଓ ଭାଟ୍ ଦାୟୀ ରହିଛି। ରାଜ୍ୟସରକାରଙ୍କ ଭାଟ୍ କାରଣରୁ ବିଭିନ୍ନ ରାଜ୍ୟରେ ତେଲ ଦର ଭିନ୍ନ ରହୁଛି। ବିଗତ ୧୨ ସପ୍ତାହ ପରେ ଦେଶର ତେଲ ଦର ପୁଣି ଥରେ ବୃଦ୍ଧି କରାଯାଇଥିବା ବିଭିନ୍ନ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି।

## ଭାଜପା ବିଧାୟକ ମଦନମୋହନ ଦତ୍ତଙ୍କ ପରଲୋକ

**ବାଲେଶ୍ୱର ଅଫିସ,୧୭।୬**



ମଦନ ମୋହନ ଦତ୍ତ

ବରିଷ୍ଠ ଭାଜପା ନେତା ତଥା ବାଲେଶ୍ୱର ବିଧାୟକ ମଦନ ମୋହନ ଦତ୍ତଙ୍କ ବୁଧବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସେ ଯକୃତଜନିତ ରୋଗରେ ଆକ୍ରାନ୍ତ ହୋଇ ଦିଲ୍ଲୀ ଏମ୍‌ସରେ କିଛିମାସ ଚିକିତ୍ସିତ ହୋଇଥିଲେ। ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ ବାଲେଶ୍ୱର ସହର ପରମିଟ୍‌ଘାଟସ୍ଥିତ ବାସଭବନକୁ ବୁଧବାର ସନ୍ଧ୍ୟାରେ ଅଣାଯାଇଛି। ଗୁରୁବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ଯୋଗେ ଦୁଃଖିତ ଓ ମର୍ମାହତ ହୋଇଥିବା ଜଣାଇଛନ୍ତି। ମଦନମୋହନ ଅତ୍ୟନ୍ତ ଅମାୟିକ ତଥା ଲୋକଙ୍କ ପାଇଁ ସମର୍ପିତ ଥିଲେ ବୋଲି ଧର୍ମେନ୍ଦ୍ର କହିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେହିପରି ମଦନମୋହନ(ମଙ୍ଗୁ ଭାଇ)ଙ୍କ ଅକାଳ ବିୟୋଗ ବିନା ମେଘରେ ବଜ୍ରପାତ ଭଳି ଆମ ସମସ୍ତଙ୍କୁ ମର୍ମାହତ କରିଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଟୁଇଟ୍ ଯୋଗେ ଶୋକ ପ୍ରକାଶ କରିଛନ୍ତି। ଗରିବ ଲୋକଙ୍କ ହକ୍ ପାଇଁ ମଦନମୋହନ ସର୍ବଦା ଅନ୍ୟାୟ, ଅନୀତି ଏବଂ ଶୋଷଣ ବିରୋଧରେ ସାଲିସ୍ ବିହୀନ ସଂଘର୍ଷ ଜାରି ରଖିଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଥିଲେ।

ମଦନମୋହନ ୨୦୦୨ରୁ ୨୦୦୭ ଜିଲା ପରିଷଦ ଉପାଧ୍ୟକ୍ଷ, ୨୦୦୭ରୁ ୨୦୧୨ ରେମୁଣା ବ୍ଲକ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ଭାଜପାରୁ ଲଢ଼ି ହାରିଯାଇଥିଲେ। ହେଲେ ୬ବର୍ଷ ଧରି ବାଲେଶ୍ୱର ଜିଲା ଭାଜପାର ସଭାପତି ଭାବେ କାର୍ଯ୍ୟ ତୁଲାଇ ଦଳୀୟ ସଂଗଠନକୁ ସୁଦୃଢ଼ କରିଥିଲେ। ୨୦୧୪ ନିର୍ବାଚନରେ ରେମୁଣା ଭାଜପା ବିଧାୟକଙ୍କ ବିଜୟ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ୨୦୧୯ ସାଧାରଣ ନିର୍ବାଚନରେ ବାଲେଶ୍ୱର ନିର୍ବାଚନମଣ୍ଡଳୀରୁ ଭାଜପା ଟିକଟରେ ଲଢ଼ି ୭୪,୮୧୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡି ନେତା ଜୀବନ ପ୍ରଦୀପ ଦାଶ ୬୧,୪୦୯ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ମଦନମୋହନଙ୍କ ପରଲୋକ ଖବର ପାଇ ବାଲେଶ୍ୱରର ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଗୋବିନ୍ଦ ଚନ୍ଦ୍ର ଦାସ, ଅରୁଣ ଦେ, ପ୍ରଦୀପ୍ତ ପଣ୍ଡା, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଭାଜପା ନେତା ଶୁଭଙ୍କର ମହାପାତ୍ର, ସିପିଆଇ(ଏମ୍) ନେତା ଶିଶିର ହୁଇ, ସାମାଜିକ କର୍ମୀ ସୁବାସିନୀ ଜେନା ଓ ଅଞ୍ଜଳି ପଣ୍ଡା ପ୍ରମୁଖ ବହୁ ବିଶିଷ୍ଟ ନେତା, ମାନ୍ୟଗଣ୍ୟ ବ୍ୟକ୍ତି ଶୋକପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ମଦନମୋହନଙ୍କ ପାର୍ଥୀବ ଶରୀର ବିଧାନସଭା ପରିସରରେ ପହଞ୍ଚିବା ପରେ ତାଙ୍କ ଶେଷ ଦର୍ଶନ ପାଇଁ ବହୁ ମନ୍ତ୍ରୀ, ବିଧାୟକ ସେଠାରେ ପହଞ୍ଚି ଶୋକବ୍ୟକ୍ତ କରିଥିଲେ। ସେହିପରି ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଧ୍ୟ ତାଙ୍କ ପାର୍ଥୀବ ଶରୀରକୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ବହୁ ନେତା ସେଠାରେ ପହଞ୍ଚିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଲୁବାସ, ପୁରୁଷପୁଅର ଭାରିଆଶ**
**କ୍ଷଣେ ଦୟାକର ମାଳତୀ,**
**ମରି ହଜି ଗଲେ ସଂସାରୁ କି ନବୁ**
**କାଳେ କାଳେ ଥିବ ପୀରତି।**

ନିର୍ମଳ ହୃଦୟରେ କରାଯାଉଥିବା ସ୍ନେହ, ପ୍ରେମ କେବେହେଲେ ମଉଳି ପାରି ନ ଥାଏ। ଯେ ଯାହାକୁ ଅନ୍ତରର ସହ ଭଲ ପାଇଥାଏ ତା' ଭଲ ପାଇବାରେ ପ୍ରତାରଣାର ସ୍ଥାନ ନ ଥାଏ , କାଳ କାଳକୁ ଏହା ଚିର ଜୀବିତ ହୋଇ ରହିଥାଏ। ଏହାକୁ ବିଶ୍ୱାସରେ ନେଇ ନିଜ ଭଲ ପାଇବାକୁ ସ୍ୱୀକୃତି ଦେବାଲାଗି ପ୍ରେମୀ ପାଖରେ ଅଳି କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୁଣ ସାଗର**
**ମା' ଧାନକୁଟୀ ପୁଅ ନାଗର।**

ଘରେ ପଛେ ଖାଇବାକୁ ମୁଠେ ଦାନା ନ ଥାଉ, କିନ୍ତୁ ବାହାରେ ଚାତୁରୀ କାହିଁରେ କେତେ। ଅଭାବ ଅନଟନରେ ପଡ଼ି ଯାହିତାଇ ଜୀବନ ବିତାଉଥିବା ବ୍ୟକ୍ତିର ପୁଅ ବାହାରେ ବୁଲି ନିଜ ରସିକପଣିଆ ଦେଖାଇହେବାରେ ସଂକୋଚ କରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ**

## ଯନ୍ତ୍ରୀ, ରାଜସ୍ୱ ସହାୟକ ନିଲମ୍ବିତ

- କମ୍ୟୁନିଟି ସେଣ୍ଟର ନିର୍ମାଣରେ ଅନିୟମିତତା
- ବିଡିଓଙ୍କୁ କାରଣ ଦର୍ଶାଅ ନୋଟିସ

**ଯାଜପୁର ଅଫିସ/ଯାଜପୁର ଟାଉନ୍/ରତ୍ନଗିରି,୧୭।୬ (ଡି.ଏନ୍.ଏ.)**

ଯାଜପୁର ଜିଲା ବରୀ ବ୍ଲକ ମହାକାଳପଡା ପଞ୍ଚାୟତ ନିଳାପଦା ଗ୍ରାମର ତଳସାହି ଗୋଷ୍ଠୀ କେନ୍ଦ୍ର ବା କମ୍ୟୁନିଟି ସେଣ୍ଟର ନିର୍ମାଣରେ ଅନିୟମିତତା ପ୍ରମାଣିତ ହେବା ପରେ ବୁଧବାର ଜିଲାପାଳ ରଞ୍ଜନ କୁମାର ଦାସ ଏହାକୁ ବାତିଲ କରିଦେଇଛନ୍ତି। ଏହାସହ ଏହି ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଅନିୟମିତତାରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର କୁମାର ଦାସ ଓ ବରିଷ୍ଠ ରାଜସ୍ୱ ସହାୟକ ଶମ୍ଭୁନାଥ ବେହେରାଙ୍କୁ ଜିଲାପାଳ ଦାସ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। କାଗଜପତ୍ର ହଜାଇବା, କାଗଜପତ୍ରକୁ ହେରଫେର କରିବା, ନିର୍ଦ୍ଧାରିତ ସ୍ଥାନ ପରିବର୍ତ୍ତେ ଅନ୍ୟ ସ୍ଥାନରେ ପ୍ରକଳ୍ପ କରାଇବା, କ୍ୟାସ୍ ବୁକ ହେରଫେର କରିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୩ ଲକ୍ଷ ଟଙ୍କାର ଏହି ପ୍ରକଳ୍ପ ପାଇଁ ବରୀ ତହସିଲଦାର ନିର୍ଦ୍ଧାରିତ ସ୍ଥାନ ଯୋଗାଇ ଦେଇଥିଲେ ମଧ୍ୟ ସେଠାରେ ପ୍ରକଳ୍ପ ନ କରି ଅନ୍ୟସ୍ଥାନରେ କରିବା ପାଇଁ ଅନୁମତି ଦେଇଥିବାରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ଅନିୟମିତତା ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଏହାର ତଦନ୍ତ କରି ସତ୍ୟାସତ୍ୟ ଥିବାର ଅବଗତ ହୋଇଥିଲେ। ଅପରପକ୍ଷେ ଅନ୍ୟ କୌଣସିଠାରେ ଏଭଳି ଅନିୟମିତତା କ୍ଷେତ୍ରରେ ଅନୁରୂପ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଦାସ ସତର୍କ କରାଇ ଦେଇଛନ୍ତି।


# classifieds

**Everyday**
**0674-2580101, 2549302**




**SALE**

ଭୁବନେଶ୍ୱର ଧଉଳିଠାରେ ଘରବାରି **boundary plot 1650sqft.** କୁ **sqft-1400** ରେ ବିକ୍ରିହେବ। **7991052183.** D-69121

Cuttack near OMP Square 4800 Sq.ft. Mini Apartment with 6 Nos. of Flat inbuilt (4 Nos. of 3 BHK Flat & 2 Nos. of 2 BHK Flat). Entire property for sale. Asking Price 1.5 Crore. Whatsapp - 9938219434. D-17471




Leo Packers & Movers India's No.1 Packers, since -1975 Households, Car, Office, Shifting, Local /Countrywide, 9438133699, 9439339938. D-17473




Rejuvenate and Ayurvedic full body massage by smart therapist. 9114402304. D-69282

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69280

Monalisa massage club : All types body massage with hiprofile smart lady rooms service available 9708545108. D-17503

Full body herbal massage with refreshment expert therapist. 7381239385, 06742540855. D-69285

Experience full body massage with us (expert). Call: 7377048581, 06742597822. D-69284

Newly open full body massage SPA in Bhubaneswar. Contact: 7205058838. D-69283

Herbal full body massage by smart / expert therapist. Contact: 8338067247. D-69281

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Refreshments Bhubaneswar, experienced professional Gents, Ladies massage, 9123319079, 7750073898, homeservices 9853999966@gmail.com. D-17345




2BHK house, Toilet, Kitchen, Car Parking at Prime location of GGP Colony, from August 20 and 2BHK house, 2 Toilets, Kitchen, Dinning-cum-Drawing near Telephone Exchange, Chandrasekharpur, BBSR. Contact: 8336937795, 9337378719. D-17511

**AFFIDAVIT**

ମୁଁ ରୁବି ବେଗମ୍, ପିତା: ମାଜିଦ୍ ଖାନ୍, ମୋର LIC Policy No. 849703800, ମୋର ନାମ ଉକ୍ତ Policyରେ ରୁବିସାନ ବିବି ଥିଲା ଏବଂ DOB 01.07.1987 ଥିଲା। ମୁଁ ବେଗୁନିଆ Executive Magistrateଙ୍କ ପାଖରେ Affidavit କରିଛି ଯେ ମୋର ନାମ ରୁବି ବେଗମ୍ ବୋଲି, Aadhaar Card ଅନୁସାରେ ମୋର DOB 01.01.1989. ତେଣୁ ମୋର ନାମ ଆଜିଠାରୁ ରୁବିସାନ ବିବି ପରିବର୍ତ୍ତେ ରୁବି ବେଗମ୍ ହେଲା। D-17513


**ପ୍ରଥମ ପୃଷ୍ଠାରୁ...**

## ୨ ବୀର ଯବାନଙ୍କୁ...

ଗାଁକୁ ଆସି ଫେବୃୟାରୀ ୧୩ ତାରିଖରେ ଲଦାଖ ଫେରିଥିଲେ। ସବୁବେଳେ ଫୋନ କରି ଘର କଥା ବୁଝୁଥିଲେ। ଗତ ମାସରେ ଶେଷଥର ପାଇଁ ଫୋନ କରି କରୋନା ପାଇଁ ଘରୁ କେହି ବାହାରକୁ ନ ବାହାରିବାକୁ ପୁଅ କହିଥିଲା। ଏବେ ସେ ଆମମାନଙ୍କୁ ଛାଡି ଚାଲିଗଲା ବୋଲି ମା' ବିଳାସିନୀ କାନ୍ଦି କାନ୍ଦି କହିଛନ୍ତି। ଘରର ସବୁଠାରୁ ରୋଜଗାରକ୍ଷମ ପୁଅକୁ ହରାଇବା କଷ୍ଟ ହେଉଥିଲେ ମଧ୍ୟ ଦେଶପାଇଁ ସେ ଜୀବନ ଦେଇଥିବାରୁ ଗର୍ବ ଅନୁଭବ କରୁଛି ବୋଲି ଚନ୍ଦ୍ରକାନ୍ତଙ୍କ ବାପା କହିଛନ୍ତି।

ସେହିପରି ନାଏବ ସୁବେଦାରଭାବେ କାର୍ଯ୍ୟରତ ଯବାନ ନନ୍ଦୁରାମ ୧୯୯୭ରେ ବିହାରର ୧୬ ରେଜିମେଣ୍ଟରେ ଯୋଗଦେଇଥିଲେ। ପିଲାବେଳୁ ମାତୃଭୂମିର ସେବା କରିବା ପାଇଁ ନନ୍ଦୁରାମ୍‌ଙ୍କ ଆଗ୍ରହ ଥିଲା। ସେଥିପାଇଁ ସେ ସେନାରେ ଯୋଗଦେବା ପରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁରୂପେ ପାଳନ କରୁଥିଲେ ବୋଲି ବଡ଼ଭାଇ ଡୋମଣ ମାଝି କହିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣିବା ପରେ ସ୍ତ୍ରୀ ଲକ୍ଷ୍ମୀ ଏକ ପ୍ରକାର ବାକ୍‌ଶୂନ୍ୟ ହୋଇପଡ଼ିଛନ୍ତି। ତାଙ୍କର ୩ ଝିଅ ଗଣେଶ୍ୱରୀ, ମାନସୀ ଏବଂ ସୋନାଲି ବାପାଙ୍କ ମୃତ୍ୟୁ ଖବରକୁ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। ଗତ ଫେବୃୟାରୀ ମାସରେ ନନ୍ଦୁରାମ ଘରକୁ ଆସି ଛୁଟିରେ ରହି ଏପ୍ରିଲରେ କାର୍ଯ୍ୟକ୍ଷେତ୍ରକୁ ଯାଇଥିଲେ। ଶହୀଦ ନନ୍ଦୁରାମଙ୍କ ଗ୍ରାମ ଚମ୍ପାଉଦା ହୋଇଥିବା ବେଳେ ତାଙ୍କ ପରିବାର ରାଇରଙ୍ଗପୁର ପୌରାଞ୍ଚଳ ଅନ୍ତର୍ଗତ ଇଚିଣ୍ଡା ଗ୍ରାମରେ ଭଡ଼ାରେ ରହୁଛନ୍ତି। ମୃତ୍ୟୁ ଖବର ଶୁଣିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହିତ ନନ୍ଦୁରାମ ଶହୀଦ ହୋଇ ଗ୍ରାମ ପାଇଁ ଗୌରବ ଆଣିଛନ୍ତି ବୋଲି ଚମ୍ପାଉଦା ଗ୍ରାମବାସୀ କହିଛନ୍ତି। ରାଇରଙ୍ଗପୁର ବିଧାୟକ ନବଚରଣ ମାଝି ଶହୀଦଙ୍କ ଗ୍ରାମରେ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ।

ଲଦାଖ ଗଲୱାନ୍ ଘାଟିରେ ହୋଇଥିବା ସେନାର ସଂଘର୍ଷରେ ଦୁଇ ଓଡ଼ିଆ ଯବାନ ଚନ୍ଦ୍ରକାନ୍ତ ପ୍ରଧାନ ଓ ନନ୍ଦୁରାମ ସୋରେନଙ୍କ ଶହୀଦ ଖବର ମୋତେ ବ୍ୟଥିତ କରିଛି। ଦୁହିଁଙ୍କ ଦେଶପ୍ରେମ ଓ ବଳିଦାନ ଚିର ସ୍ମରଣୀୟ ରହିବ। ଉଭୟ ବୀରଙ୍କ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛି।

**- ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**

ଭାରତ ଓ ଚୀନ ସୀମାରେ ସଂଘର୍ଷ ଯୋଗୁଁ ଓଡିଶାର କନ୍ଧମାଳ ଓ ରାଇରଙ୍ଗପୁରର ୨ ଓଡ଼ିଆ ବୀର ଯବାନ ଚନ୍ଦ୍ରକାନ୍ତ ପ୍ରଧାନ ଓ ନନ୍ଦୁରାମ ସୋରେନ ଶହୀଦ ହେବା ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ଉଭୟଙ୍କୁ ମୋର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଜଣାଉଛି। ଦେଶ ମାତୃକା ପାଇଁ ସେମାନଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ।

**- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ**

ଦେଶର ମାଟି, ପାଣି, ପବନ କେବଳ ସାହସୀ ଓ ବଳିଦାନ ଦେଉଥିବା ବୀର ଯବାନଙ୍କ ପାଇଁ ବଞ୍ଚିଛି। ଭାରତ ଆଜି ଶ୍ରେଷ୍ଠ ରାଷ୍ଟ୍ର ହେବାରେ ଯବାନଙ୍କ ପ୍ରମୁଖ ଭୂମିକା ରହିଛି। ସେମାନେ ନିଜର ବର୍ତ୍ତମାନକୁ ବଳିଦାନ ଦେଇ ଭବିଷ୍ୟତର ସୁରକ୍ଷା କରୁଛନ୍ତି, ଯାହାର ଉଦାହରଣ ହେଉଛନ୍ତି କନ୍ଧମାଳ ଓ ରାଇରଙ୍ଗପୁରର ୨ ଓଡ଼ିଆ ବୀର ଯବାନ ଚନ୍ଦ୍ରକାନ୍ତ ପ୍ରଧାନ ଓ ନନ୍ଦୁରାମ ସୋରେନ। ଭାରତ ଓ ଚୀନ ସୀମାରେ ସଂଘର୍ଷ ଯୋଗୁଁ ଓଡିଶାର କନ୍ଧମାଳ ଓ ରାଇରଙ୍ଗପୁରର ୨ ଓଡ଼ିଆ ବୀର ଯବାନଙ୍କ ଶହୀଦ ହେବା ଖବର ପାଇ ମୁଁ ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ। ଉଭୟଙ୍କୁ ମୋର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଉଛି। ସେମାନଙ୍କ ବଳିଦାନ ଭାରତୀୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେଇ ରହିବ।

**- ପ୍ରତାପ ଷଡ଼ଙ୍ଗୀ, କେନ୍ଦ୍ରମନ୍ତ୍ରୀ**

## ଗଲୱାନ ଉପରେ ଦାବି...

ଝାଓଙ୍କୁ ପ୍ରଶ୍ନ କରାଯାଇଥିଲା। ସେ କହିଥିଲେ, ଭାରତ ଓ ଚାଇନା ସୈନ୍ୟମାନେ ଗ୍ରାଉଣ୍ଡରେ ଏହି ବିଷୟରେ ସମାଧାନ ନେଇ ନିୟୋଜିତ। ତେଣୁ ଏହା ଉପରେ କିଛି ମନ୍ତବ୍ୟ ଦେବାକୁ ସେ ଚାହୁଁ ନାହାନ୍ତି। ଭାରତ-ଚାଇନା ସୀମା ସ୍ଥିତିକୁ ନେଇ ସେ କହିଥିଲେ, ଉଭୟ ପକ୍ଷ ଏହାର ସମାଧାନ ପାଇଁ କୂଟନୈତିକ ଓ ସାମରିକ ଚ୍ୟାନେଲ ଜରିଆରେ ପରସ୍ପର ସହିତ ଯୋଗାଯୋଗ ରଖିଛନ୍ତି। ସୀମା ସ୍ଥିତି ସ୍ଥିର ଓ ନିୟନ୍ତ୍ରଣାଧୀନ ବୋଲି ଝାଓ କହିଥିଲେ। ସେହିପରି ଭବିଷ୍ୟତରେ ଏପରି ସଂଘର୍ଷକୁ ଏଡ଼ାଯାଇପାରିବ କି ବୋଲି ପ୍ରଶ୍ନର ଉତ୍ତରରେ ଝାଓ କହିଥିଲେ, ଚାଇନା ପକ୍ଷରୁ ଆମେ ଅଧିକ ସଂଘର୍ଷ ଦେଖିବାକୁ ଚାହୁଁନାହୁଁ। ସୀମାରେ ଶାନ୍ତି ପ୍ରତିଷ୍ଠା ପାଇଁ ଦୁଇଦେଶ ପକ୍ଷରୁ ଉଦ୍ୟମ ହେଉଛି। ବିଶ୍ୱର ଦୁଇ ବୃହତ୍ ଦେଶ ତଥା ବିକାଶଶୀଳ ଅର୍ଥନୀତି ମଧ୍ୟରେ ଆଲୋଚନା ଜରିଆରେ ମତଭେଦ ଦୂର ହେବ। ପୂର୍ବରୁ ଦୁଇଦେଶର ନେତା (ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି)ଙ୍କ ମଧ୍ୟରେ ହୋଇଥିବା ସହମତିକୁ ନେଇ ଦ୍ୱିପାକ୍ଷିକ ସମ୍ପର୍କକୁ ଆଗକୁ ବଢ଼ାଯିବା ଉଚିତ। ଭାରତ ଏହି କ୍ଷେତ୍ରରେ ଚାଇନା ସହ ମିଶି କାମ କରିବ ବୋଲି ଝାଓ ଆଶାବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ଗଲୱାନ ଉପତ୍ୟକାକୁ ଚାଇନା ପ୍ରଥମେ ୧୯୫୬ରେ ନିଜର ବୋଲି ଦାବି କରିଥିଲା। ୧୯୬୦ରେ ଏହି ଦାବିକୁ ଜୋର୍‌ଦାର କରିବା ସହ ଦୁଇବର୍ଷ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ ଭାବେ ଦଖଲ କରିଥିଲା। ସେବେଠୁ ଉଭୟ ଭାରତ ଓ ଚାଇନା ସମ୍ପୃକ୍ତ କ୍ଷେତ୍ରରେ ଶାନ୍ତି ବଜାୟ ରଖିଆସୁଛନ୍ତି। ତେବେ ଗଲୱାନ ଉପତ୍ୟକାକୁ ନେଇ କୌଣସି ମ୍ୟାପ ଉପରେ ଦୁଇଦେଶ ମଧ୍ୟରେ ସହମତି ପ୍ରକାଶ ପାଇନାହିଁ। କେବଳ ସ୍ଥାନୀୟ ସ୍ତରରେ ଦୁଇ ସେନା ମଧ୍ୟରେ ବୁଝାମଣା ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କୌଣସି ବନ୍ଧୁଙ୍କୁ ଟଙ୍କା ପଇସା ଦେଇ ଫେରି ପାଇବାର କମ୍ ସମ୍ଭାବନାକୁ ଦେଖି ମାନସିକ ଚିନ୍ତା ବଢ଼ିଯିବ। କୃତ୍ତିକା ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚକର୍ତ୍ତୃପକ୍ଷଙ୍କଠାରୁ ଆଶାନୁଯାୟୀ ସାହାଯ୍ୟ ପାଇପାରିବେ। କ୍ରମଶଃ ଦୂରେଇ ଯାଉଥିବା କୌଣସି ଆତ୍ମୀୟଙ୍କ ପାଇଁ ମନ ଛଟପଟ ହେବ।

**ବୃଷ** ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଦାୟିତ୍ୱ ହାତକୁ ନେବାକୁ ବାଧ୍ୟ ହେବେ। ରୋହିଣୀ ନକ୍ଷତ୍ର ଶିଳ୍ପ,ବାଣିଜ୍ୟ, ବ୍ୟବସାୟ,ପରିବହନରେ ଉନ୍ନତମାନର ଫଳ ପାଇବେ। ପୁରାତନ ରୋଗର ପ୍ରାଦୁର୍ଭାବ ବଢ଼ିବା କାରଣରୁ ମାନସିକ ଦୁର୍ବଳତା ଅନୁଭବ କରିପାରନ୍ତି।

**ମିଥୁନ** ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବଢ଼ାଇବା ସକାଶେ ଚେଷ୍ଟା କଲେ ମଧ୍ୟ ସେମାନେ ଆପଣଙ୍କୁ ଅସ୍ୱୀକାର କରିବେ। ପୁନର୍ବସୁ ନକ୍ଷତ୍ର ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ପ୍ରସ୍ତୁତି ନେଇ ବ୍ୟସ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ପ୍ରଶାସନିକ କିମ୍ବା ପରିଚାଳନାଗତ ତ୍ରୁଟିକୁ ସୁଧାରିବାକୁ ପ୍ରସ୍ତୁତି ଆରମ୍ଭ କରିବେ।

**କର୍କଟ** ଖୋଲା ମନ ନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହୋଇପାରନ୍ତି। କେତେକ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି ହୋଇପାରେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଶୁଭ ଫଳ ପ୍ରାପ୍ତି ହେବା ସାଙ୍ଗକୁ ଆଜିର ଯାତ୍ରାରେ ସଫଳତା ମିଳିବ।

**ସିଂହ** ଅତ୍ୟଧିକ ପରିଶ୍ରମଜନିତ ଅପରାହ୍ନରେ ସାମାନ୍ୟ ଶାରୀରିକ ଅସ୍ୱସ୍ତି ଅନୁଭବ କରିପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ରର କଳା, ସାହିତ୍ୟ,ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ସମସ୍ୟା ପାଇଁ ବ୍ୟସ୍ତତା ବଢ଼ିପାରେ। ଭଲ କାମ କରି ପ୍ରଶଂସିତ ହେବେ।

**କନ୍ୟା** କୌଣସି ନୂତନ କାମ ଆରମ୍ଭ କରିବାକୁ ଚାହୁଁଥିଲେ ଶୀଘ୍ର ଆରମ୍ଭ କରିବା ଭଲ ହେବ। ପରିସ୍ଥିତିର ସାମ୍ନା କରିବାକୁ ଯାଇ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବାକୁ ବାଧ୍ୟ ହେବେ। ଚିତ୍ରା ନକ୍ଷତ୍ର ପରିବାରରେ ପିଲାଙ୍କ ପାଇଁ ଜଞ୍ଜାଳ କ୍ରମଶଃ ବୃଦ୍ଧି ପାଇବା ହେତୁ ସାମୟିକ ଦୁଶ୍ଚିନ୍ତାଗ୍ରସ୍ତ ହେବେ।

**ତୁଳା** ଶାରୀରିକ ଅସୁସ୍ଥତାହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। କଚେରି ମାମଲାରେ ସମସ୍ୟା କ୍ରମଶଃ ବୃଦ୍ଧି ପାଇବାକୁ ନେଇ ଚିନ୍ତିତ ରହି ପାରନ୍ତି। ଶତ୍ରୁତା ହଠାତ୍ ପ୍ରଶମିତ ହେବନି, କିଛି ସମୟ ପାଇଁ ପରିସ୍ଥିତି ଶାନ୍ତ ରହିପାରେ।

**ବିଛା** ଆତ୍ମୀୟମାନେ କ୍ରମଶଃ ଦୂରେଇ ଯିବେ। ବହୁତ କାମ ଅସମ୍ପୂର୍ଣ୍ଣ ରହିବା କାରଣରୁ ବିଚଳିତବୋଧ କରିପାରନ୍ତି। ପିଲାଙ୍କ କଥା ନେଇ ପାଖପଡ଼ୋଶୀଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ସବୁ କଥାରେ ହଁ ଭରିବେ କିମ୍ବା ନୀରବ ସମର୍ଥନ ଦେବାକୁ ବାଧ୍ୟ ହେବେ।

**ଧନୁ** ନିଜ ଲୋକମାନେ କଦର୍ଥ କରି ସମାଲୋଚନା କରିପାରନ୍ତି। ହଠାତ୍ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ଯଥାସାଧ୍ୟ ଚେଷ୍ଟା କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ଅପେକ୍ଷାକରି ବିରକ୍ତି ଅନୁଭବ କରିବେ।

**ମକର** ଆଜିର ପ୍ରତ୍ୟୁଷ ଯାତ୍ରା, ସଭାସମିତି, ନୂତନ କର୍ମାରମ୍ଭ ବିନା ବାଧାବିଘ୍ନରେ ସମାପନ ହେବ। ଭଲ ସମ୍ପର୍କ ନ ଥିବା ସହକର୍ମୀଙ୍କ ଦ୍ୱାରା କର୍ମକ୍ଷେତ୍ରରେ କିଛି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ସାମାଜିକ ସ୍ତରରେ ବୁଦ୍ଧିଜୀବୀମାନଙ୍କ ନିକଟରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ।

**କୁମ୍ଭ** ଖରାପ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। ରୋଗଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। ଶତଭିଷା ନକ୍ଷତ୍ରର ବିଳମ୍ବରେ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ।

**ମୀନ** କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ରହିବେ। ସରକାରୀସ୍ତରରୁ ମୋଟା ଅଙ୍କର ଋଣ ଆଣିବା ସକାଶେ ମନ ବଳାଇପାରନ୍ତି। ସଭାସମିତିରେ, ଆଲୋଚନା ପରିସରରେ, ରାଜନୈତିକ ସ୍ଥିତିରେ, ପ୍ରଶାସନିକ ସ୍ତରରେ,ପରିବହନ କ୍ଷେତ୍ରରେ ସଫଳତା ଅବଶ୍ୟ ପାଇପାରିବେ।

ଆଜି ଶ୍ରୀମନ୍ଦିରରେ ଅଣସର ଦ୍ୱାଦଶୀ, ରାଜପ୍ରାସାଦ ବିଜେ, ପଠାଣିସାମନ୍ତଙ୍କ ତିରୋଧାନ ତିଥି, ଆଷାଢ଼ କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ, ଗୁରୁବାର, ଜୁନ୍ ୧୮ତାରିଖ, ଅନ୍ତର୍ଜାତୀୟ ବଣଭୋଜି ଦିବସ, ରାଶି ନକ୍ଷତ୍ର-ସକାଳ ଘ.୦୮ ।୩୦ ଗତେ କୃତ୍ତିକା/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅପରାହ୍ନ ଘ.୦୩।୪୫ ଗତେ ଘ.୦୬।୨୩ ମଧ୍ୟେ. ସନ୍ଧ୍ୟା ଘ.୦୭।୦୭ଗତେ ଘ.୦୯।୧୬ ମଧ୍ୟେ, ରାତ୍ରି ଘ.୧୨।୦୯ଗତେ ଘ.୦୨।୧୯ ମଧ୍ୟେ, ଘ.୦୩।୪୫ ଗତେ ଘ.୦୫।୧୨ ମଧ୍ୟେ ଅମୃତବେଳା। ସକାଳ ଘ.୦୫।୧୧ ଗତେ ଘ.୦୬।୦୪ ମଧ୍ୟେ, ଘ.୦୯।୩୫ ଗତେ ଘ.୧୧।୨୧ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୧।୨୬ ଗତେ ଘ.୦୩।୦୫ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଆଜି କ୍ୟାବିନେଟ୍, ୪ ପ୍ରସ୍ତାବକୁ ମିଳିପାରେ ମଞ୍ଜୁରୀ

ଭୁବନେଶ୍ୱର,୧୭।୬(ବ୍ୟୁରୋ): ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଗୁରୁବାର ସନ୍ଧ୍ୟା ୭ଟା ୪୫ମିନିଟ୍ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ବୈଠକରେ ସାମିଲ ହେବାକୁ ଥିବାବେଳେ ଏଥିରେ ମୋଟ ୪ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ତେବେ ମିଳିଥିବା ସୂଚନା ମୁତାବକ, ପଞ୍ଚାୟତିରାଜ, ଅର୍ଥ, କୃଷି ବିଭାଗରୁ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ କ୍ୟାବିନେଟ୍‌ରେ ମୋହର ବାଜିବ ବୋଲି ସୂତ୍ରରୁ ଜଣାପଡିଛି। ସନ୍ଧ୍ୟା ପୂର୍ବରୁ ଆହୁରି କିଛି ପ୍ରସ୍ତାବ ଆସିପାରେ ବୋଲି ମଧ ଜଣାପଡ଼ିଛି।

### ଘୂର୍ଣ୍ଣିବଳୟ: ୬ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୭।୬(ବ୍ୟୁରୋ): ଝାଡ଼ଖଣ୍ଡ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଏବଂ କୋରାପୁଟ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୧୯ ତାରିଖରୁ ବର୍ଷା ପରିମାଣ ବୃଦ୍ଧି ପାଇବ। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, କେନ୍ଦ୍ରାପଡ଼ା, ଯାଜପୁର ଆଦି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

### ଟେକ୍ନୋଲୋଜି, ସ୍ୱୟଂକ୍ରିୟ ବ୍ୟବସ୍ଥାରେ ଧାନ ସଂଗ୍ରହ ତ୍ୱରାନ୍ୱିତ କରାଯାଇଛି:ମନ୍ତ୍ରୀ

ଭୁବନେଶ୍ୱର,୧୭।୬(ବ୍ୟୁରୋ): ୨୦୧୯-୨୦ ଖରିଫ, ରବିଧାନ ସଂଗ୍ରହରେ ଟେକ୍ନୋଲୋଜି ବ୍ୟବହାର ଏବଂ ସ୍ୱୟଂକ୍ରିୟ ବ୍ୟବସ୍ଥାର ଉପଯୋଗ କରି ରେକର୍ଡ ପରିମାଣର ଧାନ ସଂଗ୍ରହ କରାଯାଇଛି। ଧାନ ବିକ୍ରି ନିମନ୍ତେ ଅନ୍‌ଲାଇନରେ ଚାଷୀଙ୍କ ନାମ ପଞ୍ଜୀକରଣ, ପି-ପାସ୍ ଏବଂ ଆଗୁଆ ଟୋକନ୍ ମାଧ୍ୟମରେ ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ସଂଗ୍ରହ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଗତବର୍ଷ ୬୫.୫୦ଲକ୍ଷ ମେଟ୍ରିକ୍ ଟନ୍ ତୁଳନାରେ ଚଳିତ ବର୍ଷ ଅଦ୍ୟାବଧି ୬୭.୫୭ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। କରୋନା ଯୋଗୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଆଦିକୁ କଡ଼ାକଡ଼ି ପାଳନ କରାଯାଇ ଧାନ ସଂଗ୍ରହ କରାଯାଇଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ସରକାରଙ୍କ ପକ୍ଷରୁ ଚଳିତ ରବିଧାନ ସଂଗ୍ରହ ନିମନ୍ତେ ୧୦ ଲକ୍ଷ ମେଟ୍ରିକ୍ ଟନ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୪ ଲକ୍ଷ ୨୬ ହଜାର ୬୫୨ ମେଟ୍ରିକ୍ ଟନ ସଂଗ୍ରହ କରାଯାଇଛି। ଯାହା ଗତବର୍ଷ ଆଜି ତାରିଖ ତୁଳନାରେ ୩୨ ପ୍ରତିଶତ ଅଧିକ। ଗତବର୍ଷ ତୁଳନାରେ ପ୍ରାୟ ୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି।

## ବନ ବିଭାଗ ଶୋଇଗଲା
# ବନ୍ୟପ୍ରାଣୀ ଅପରାଧ ବଢ଼ିଗଲା

ଭୁବନେଶ୍ୱର, ୧୭।୬(ବ୍ୟୁରୋ)

ସବୁଜ ଓଡ଼ିଶାର ସ୍ୱପ୍ନ ଦେଖୁଛନ୍ତି ସରକାର। ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବିଭାଗ କାର୍ଯ୍ୟ କରୁଥିବାବେଳେ ବଡ଼ ବଡ଼ ଅଫିସର ଦାୟିତ୍ୱରେ ରହୁଛନ୍ତି। ହେଲେ ସବୁଜ ବନାନୀକୁ ପ୍ରକୃତ ସୁରକ୍ଷା ଦେଉଥିବା ହାତୀ, ବାଘ ଭଳି ବହୁ ବନ୍ୟପ୍ରାଣୀ ଆଜି ଅସୁରକ୍ଷିତ ହୋଇପଡିଛନ୍ତି। ବର୍ଷ ବର୍ଷ ଧରି ବନ୍ୟପ୍ରାଣୀ ଶିକାର, ଚାଲାଣ ଜାରି ରହିଥିଲେ ମଧ ବନ ବିଭାଗ ଏହାକୁ ରୋକିବାରେ ବିଫଳ ହେଉଛି। ଏବେ କରୋନା ଏହି ବିଫଳତାକୁ ପଦାରେ ପକାଇଛି। କରୋନା ପାଇଁ ସବୁଆଡେ କଟକଣା ଲାଗିଛି। ସଂକ୍ରମଣ ଭୟରେ ଲୋକେ ଘରୁ ବାହାରିବାକୁ ଡରୁଥିବାବେଳେ ଏହାକୁ ଖାତିର ନ କରି ବନ୍ୟପ୍ରାଣୀ ଅପରାଧୀମାନେ ବେଶ୍ ସକ୍ରିୟ ହୋଇପଡିଛନ୍ତି। ଏପଟେ ଦାୟିତ୍ୱରେ ରହୁଥିବା ବନ ଅଧିକାରୀମାନେ ଏହି ବାହାନାରେ ଢିଲା ଆଭିମୁଖ୍ୟ ଗ୍ରହଣ କରୁଥିବାରୁ ବନ୍ୟପ୍ରାଣୀଙ୍କ ଜୀବନ ବିପଦ ମୁହଁକୁ ଠେଲି ହୋଇଯାଇଛି। ଲକ୍‌ଡାଉନ୍ ଆରମ୍ଭରୁ ଏପର୍ଯ୍ୟନ୍ତ ଏହି ସାଢ଼େ ୩ ମାସ ମଧ୍ୟରେ ରାଜ୍ୟରେ ୧୩ ହାତୀଙ୍କ ମୃତ୍ୟୁ ଘଟିଛି। ଏଥିସହ ବହୁ ବାଘ ଛାଲ, ଜୀବନ୍ତ ବଜ୍ରକାପ୍ତା ଓ କଇଁଛ ଜବତ କରି କ୍ରାଇମବ୍ରାଞ୍ଚ ରାଜ୍ୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ସ୍ଥିତିକୁ ନେଇ ମଧ ସତର୍କ କରିଛି।

### କରୋନା କଟକଣାବେଳେ ସକ୍ରିୟ ଶିକାରୀ



- ୩ ମାସରେ ମଲେଣି ୧୩ ହାତୀ
- ଏକାଧିକ ବାଘଛାଲ, ହରିଣ ଛାଲ, ବଜ୍ରକାପ୍ତା ଓ କଇଁଛ ଜବତ
- ବନ୍ୟପ୍ରାଣୀଙ୍କ ସ୍ଥିତିକୁ ନେଇ ଚିନ୍ତାରେ ବିଶେଷଜ୍ଞ

ସୂଚନାନୁସାରେ, ଏପ୍ରିଲ ୭ରେ ବାଲେଶ୍ୱର ବନଖଣ୍ଡ ରାଇବଣିଆ ଅଞ୍ଚଳରେ ଏକ ୫୦ ବର୍ଷୀୟା ମାଈ ହାତୀ ଓ ୮ରେ ଖୋର୍ଦ୍ଧା ବେଡୁଲ୍-ଶଙ୍ଖଯୋଡି ସଂରକ୍ଷିତ ଜଙ୍ଗଲରୁ ବର୍ଷକର ଛୁଆ ହାତୀର ଗଳିତ ମୃତଦେହ ମିଳିଥିଲା। ଏପ୍ରିଲ ୧୧ରେ ସୁବର୍ଣ୍ଣପୁର ବନଖଣ୍ଡର ଉଲୁଣ୍ଡା ରେଞ୍ଜରେ ୧୫ ବର୍ଷୀୟ ଦନ୍ତା ହାତୀ ଓ ସେହିମାସ ୧୫ ତାରିଖରେ ବଉଦ୍ଧ ରେଞ୍ଜରେ ୪ବର୍ଷୀୟ ଛୁଆ ହାତୀର ମୃତଦେହ ଠାବ କରାଯାଇଥିଲା। ଏପ୍ରିଲ ୧୬ରେ ଅନୁଗୋଳ ରେଞ୍ଜ ମଝିପଡ଼ା ଜଙ୍ଗଲରେ ୪୫ ବର୍ଷୀୟା ମୃତ ମାଈ ହାତୀ, ମେ’ ୫ରେ କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ଏକ ହାତୀର ହାଡ଼ ଓ କଙ୍କାଳ ମିଳିଥିଲା। ସେହିଭଳି ମେ’ ୧୫ରେ ବାମରା ବନ୍ୟପ୍ରାଣୀ ବନଖଣ୍ଡ କିସିଙ୍ଗା ରେଞ୍ଜ ଖଲାଶୁଣୀ ଅଭୟାରଣ୍ୟ ନିକଟରେ ୩ ବର୍ଷୀୟ ଅଣ୍ଡିରା ଛୁଆ ହାତୀର ମୃତଦେହ ଠାବ କରାଯାଇଥିଲା। ମେ’ ୨୩ରେ କେନ୍ଦୁଝର ଚମ୍ପୁଆ ରେଞ୍ଜରେ ୬-୭ ବର୍ଷୀୟ ମାଖନା ହାତୀର ବିଷକ୍ରିୟା ଯୋଗୁ ମୃତ୍ୟୁ ଘଟିଥିବା ଜଣାପଡିଥିଲା। ଜୁନ୍ ୮ରେ ଅନୁଗୋଳ ବନଖଣ୍ଡ କଣିହାଁ ରେଞ୍ଜରେ ଏକ ୪ ବର୍ଷୀୟ ଅଣ୍ଡିରା ଛୁଆ ହାତୀର ମୃତ୍ୟୁ ଘଟିଥିବାବେଳେ ପାଟିରେ ପୋକ ହୋଇଯାଇଥିଲା। ସୁନ୍ଦରଗଡ଼ ବନଖଣ୍ଡ କୁଆଁରମୁଣ୍ଡାଠାରେ ଜୁନ ୧୨ରେ ଏକ ୪ ମାସର ଛୁଆ ହାତୀର ମୃତଦେହ ଲୁହା ତାର ଫାଶରେ ପଡ଼ିଥିବା ଅବସ୍ଥାରେ ମିଳିଥିଲା। ଜୁନ୍ ୧୩ରେ କେନ୍ଦୁଝର ଚମ୍ପୁଆ ରେଞ୍ଜ ବୈତରଣୀ(ବି) ସଂରକ୍ଷିତ ଜଙ୍ଗଲରେ ୨ଟି ହାତୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମରିଥିବା ଦେଖାଯାଇଥିଲା। ତେବେ ମୃତ ଅଣ୍ଡିରା ହାତୀଟିର ଦାନ୍ତ ନ ଥିବାରୁ ଶିକାର କରାଯାଇଥିବା ଅନୁମାନ କରାଯାଇଥିଲା। ଅନ୍ୟପକ୍ଷରେ ୧୭ ତାରିଖ ବୁଧବାର ବୌଦ୍ଧ ଜିଲାର ଏକ ଦନ୍ତାହାତୀର ଗୁଳିବିଦ୍ଧ ମୃତଦେହ ଠାବ କରାଯାଇଥିଲା। ଏହି ସମସ୍ତ ଘଟଣାକୁ ଦେଖିଲେ ଅଧିକାଂଶ ହାତୀ ଶିକାର ହୋଇଥିବା ସ୍ପଷ୍ଟ ବାରି ହୋଇପଡୁଛି।

ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଲକ୍‌ଡାଉନ୍‌ରେ ବହୁ ଚୋରା ଚାଲାଣ ଧରିଛି। ମେ’ ୧୧ରେ ଯଶିପୁରରେ କଲରା ପତରିଆ ବାଘ ଛାଲ ଜବତ ହୋଇଥିଲା। ଜୁନ ୭ରେ ଦଶପଲା ଜଙ୍ଗଲରୁ ୨ଟି କଲରା ପତରିଆ ବାଘ ଛାଲ ସହ ୨ଟି ହରିଣ ଛାଲ, ଜୁନ୍ ୧୨ରେ ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ନିକଟରେ ୨ଟି କଲରା ପତରିଆ ବାଘ ଛାଲ ସହ କିଛି ହାଡ଼ ଜବତ କରିଥିଲା ଏସ୍‌ଟିଏଫ୍। ଏଥିସହିତ ନବରଙ୍ଗପୁର ବନଖଣ୍ଡରେ ମେ’ ୧୧ରେ ଚୋରା ଚାଲାଣବେଳେ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଥିଲା। ସେହିମାସ ୨୪ରେ ଆଠଗଡ଼ ବନଖଣ୍ଡରୁ ଚୋରା ଚାଲାଣବେଳେ ଖୁଣ୍ଟୁଣି ନିକଟରେ ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଥିଲା। ଏହାର ଦୁଇଦିନ ପରେ ଅର୍ଥାତ୍ ୨୬ ତାରିଖରେ ରେଢ଼ାଖୋଲରୁ ୨.୬ କିଗ୍ରା ବଜ୍ରକାପ୍ତା କାତି, ଜୁନ ୧୧ରେ ମାଲକାନଗିରି ବନଖଣ୍ଡରେ ବହୁ କଇଁଛ ଓ ଏହାର ତିନିଦିନ ପରେ ଅର୍ଥାତ୍ ୧୪ ତାରିଖରେ ନବରଙ୍ଗପୁର ବନଖଣ୍ଡର ମାଇଦଲପୁରରେ ୯୦ରୁ ଉର୍ଦ୍ଧ୍ୱ ଜୀବନ୍ତ କଇଁଛ ଜବତ ହୋଇଥିଲା।

ଏହି ସମସ୍ତ ବନ୍ୟପ୍ରାଣୀ ଭାରତୀୟ ବନ୍ୟ ପ୍ରାଣୀ (ସଂରକ୍ଷଣ) ଆଇନ-୧୯୭୨ ଅନୁଯାୟୀ ତଫସିଲ-୧ ଅନ୍ତର୍ଭୁକ୍ତ। ଏହାଛଡ଼ା ବହୁ ବନ୍ୟପ୍ରାଣୀ ମଧ ଶିକାର ହୋଇଥିଲେ ମଧ ଲକ୍‌ଡାଉନ୍ ପାଇଁ ବାହାରକୁ ଚାଲାଣ ହୋଇପାରି ନ ଥିବା ଜଣାପଡିଛି। ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କୁହନ୍ତି, ଲକ୍‌ଡାଉନ୍‌ରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବଢ଼ାଇବା ପାଇଁ ଆମେ ଦାବି କରିଥିଲେ ମଧ ତାହା କରି ଶୋଇଗଲେ। ୨୦୧୧ ନିର୍ଦ୍ଦେଶନାମା ଅନୁସାରେ, ଯେକୌଣସି ହାତୀର ଅପ୍ରାକୃତିକ ମୃତ୍ୟୁ ହୋଇଥିଲେ ତଦନ୍ତ ହେବ। ଯଦି ଡିଏଫ୍‌ଓ ଓ ରେଞ୍ଜରମାନଙ୍କର ତ୍ରୁଟି ଥିବ ତେବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ଏପର୍ଯ୍ୟନ୍ତ ସେଭଳି କୌଣସି ଗୋଟିଏ ବି ଘଟଣା ସାମ୍ନାକୁ ଆସି ନାହିଁ। କେବଳ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରାଯାଉଥିବାରୁ ଆଗକୁ ସ୍ଥିତି ଆହୁରି ବିଗିଡିଯିବ।

# ଶିକାରୀ ଗୁଳିରେ ଦନ୍ତାହାତୀର ମୃତ୍ୟୁ

ବୌଦ୍ଧ/ତଳଗାଁ, ୧୭।୬(ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ମୁଣ୍ଡେସର ସଂରକ୍ଷିତ ଜଙ୍ଗଲରେ ଶିକାରୀ ଗୁଳିରେ ଗୋଟିଏ ଦନ୍ତା ହାତୀର ମୃତ୍ୟୁ ଘଟିଛି। ହାତୀ ଦେହରେ ୧୦ରୁ ୧୨ ଗୁଳି ବାଜିଥିବା ଦେଖିବାକୁ ମିଳିଛି। ବନ ବିଭାଗ କର୍ମଚାରୀମାନେ ହାତୀ ଦାନ୍ତ ଦୁଇଟିକୁ ଜବତ କରି ଆଣିଥିବା ବେଳେ ଏହାର ଲମ୍ବ ୪ ଫୁଟ ହୋଇଥିବା ଜଣାପଡିଛି।

ମିଳିଥିବା ସୂଚନା ମୁତାବକ, ବୌଦ୍ଧ ବନଖଣ୍ଡ ଅଧୀନ ମାଧପୁର ରେଞ୍ଜ ମୁଣ୍ଡେସର ସଂରକ୍ଷିତ ଜଙ୍ଗଲକୁ ସ୍ଥାନୀୟ ଡାକପଦର ଗ୍ରାମର କେତେଜଣ ଆଦିବାସୀ ମହିଳା ବୁଧବାର ସକାଳେ ଛତୁ ସଂଗ୍ରହ କରିବାକୁ ଯାଇଥିଲେ। ଏହି ସମୟରେ ସେମାନେ ବୁଢୁଣୀମାଟି ନାଳ ନିକଟରେ ଏକ ଦନ୍ତାହାତୀ ମରି ପଡିଥିବା ଦେଖିଥିଲେ। ମହିଳାମାନେ ଗ୍ରାମକୁ ଫେରି ଆସି ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବର ପାଇ ଗ୍ରାମ୍ୟ ଜଙ୍ଗଲ ସଂରକ୍ଷଣ ସଭାପତି ସୁଶାନ୍ତ ପ୍ରଧାନ ତଳଗାଁ ବନପାଳଙ୍କୁ ଜଣାଇଥିଲେ। ବନପାଳ ମାଧପୁର ରେଞ୍ଜର ସରୋଜ କୁମାର ମିଶ୍ରଙ୍କୁ ଜଣାଇବା ପରେ ବନ କର୍ମଚାରୀ ଓ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇଥିଲେ। ସେମାନେ ହାତୀଟି ଗୁଳିବିଦ୍ଧ ହୋଇ ମରି ପଡିଥିବା ଦେଖିବାକୁ ପାଇଥିଲେ। ତେବେ ଜନବସତି ଠାରୁ ଅଳ୍ପ ଦୂରରେ ହାତୀର ମୃତ୍ୟୁ ହୋଇଥିବାରୁ ଶିକାରୀମାନେ ଦାନ୍ତ ଚୋରି କରି ନେବାକୁ ସକ୍ଷମ ହୋଇ ନ ଥିଲେ। ବୌଦ୍ଧ ଡିଏଫଓ ଯଶୋବନ୍ତ ସେଠୀ ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ହାତୀକୁ ବ୍ୟବଚ୍ଛେଦ କରାଯାଇ ଘଟଣାସ୍ଥଳରେ ପୋତି ଦିଆଯାଇଛି। ଏନେଇ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କୁ ପଚାରିବାରୁ ଉକ୍ତ ହାତୀଟି କୁଶଙ୍ଗ ବନାଞ୍ଚଳର ହାତୀଧରା ଜଙ୍ଗଲରୁ ଗୁଳି ଖାଇ ଏଠାରେ ଆସି ମରିପଡିଛି। ହାତୀକୁ କିଏ ମାରିଲା ତାର ତଦନ୍ତ ହେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଜଙ୍ଗଲରେ ପଡ଼ିଥିବା ହାତୀର ମୃତଦେହ।

### ୨ ହାତୀ ମୃତ୍ୟୁ ଘଟଣା: ଫରେଷ୍ଟର, ଗାର୍ଡ ନିଲମ୍ବିତ

କେନ୍ଦୁଝର/ଯୋଡ଼ା, ୧୭।୬ (ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଯୋଡ଼ା ବ୍ଲକ ଗୁରୁବେଡ଼ା ଗ୍ରାମ ନିକଟ ବୈତରଣୀ (ଖ) ସଂରକ୍ଷିତ ଜଙ୍ଗଲରେ ଦୁଇ ହାତୀ ମୃତ୍ୟୁ ଘଟଣାରେ କେନ୍ଦୁଝର ଡିଏଫଓ ସନ୍ତୋଷ ଯୋଶୀ ଯୋଡା ଫରେଷ୍ଟର ଓ ଗୁରୁଡି ଫରେଷ୍ଟ ଗାର୍ଡଙ୍କୁ ବୁଧବାର ନିଲମ୍ବିତ କରିଛନ୍ତି। ଦାୟିତ୍ୱରେ ଖିଲାପ ଅଭିଯୋଗରେ ଉଭୟଙ୍କୁ ନିଲମ୍ବନ କରାଯାଇଥିବା ଡିଏଫଓ ସୂଚନା ଦେଇଛନ୍ତି। ନିଲମ୍ବିତ ଫରେଷ୍ଟର ହେଲେ ପିଅନ ନାୟକ ଓ ଗାର୍ଡ ଦୋଳ ଗୋବିନ୍ଦ ଦେଓ। ହାତୀ ମୃତ୍ୟୁର ୩ ଦିନ ପରେ ଓ ଅତିରିକ୍ତ ପିସିସିଏଫଙ୍କ ଗସ୍ତର ୨ ଦିନ ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ମିଳିଛି।


ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ବାତିଲକରଣ
ତା୧୫।୦୬।୨୦୨୦ରିଖରେ ଖୋଲାଯିବା ପାଇଁ ନିର୍ଦ୍ଧାରିତ ଇ-ଟେଣ୍ଡର ବିଜ୍ଞପ୍ତି ନଂ. ସିନିୟର ଡିଇଇ-ଜି-ଆର୍-ଓଟିପି-୨୦-୨୧-୦୨, ତାରିଖ: ୧୧।୦୫।୨୦୨୦ ଏତଦ୍ୱାରା ସମୟସୂଚୀ ପରିବର୍ତ୍ତନ ଓ ପ୍ରଶାସନିକ କାରଣରୁ ବାତିଲ କରାଯାଉଛି।
ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)
PR/R/SrDEE(G)/VR/39 ଏସ୍.ଇ.ସି. ରେଳପଥ, ରାୟପୁର
South East Central Railway @Secrail


# ଆଜିଠୁ ଆଦର୍ଶ ବିଦ୍ୟାଳୟରେ ନାମଲେଖା

ଭୁବନେଶ୍ୱର, ୧୭।୬(ବ୍ୟୁରୋ): ରାଜ୍ୟରେ ଥିବା ସମସ୍ତ ୨୧୪ ଆଦର୍ଶ ବିଦ୍ୟାଳୟରେ ଗୁରୁବାରଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ। ଷଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ଛାତ୍ରୀଛାତ୍ରଙ୍କ ନାମ ମେଧା ତାଲିକାରେ ପ୍ରକାଶ ପାଇଛି। ଏହି ଛାତ୍ରୀଛାତ୍ରମାନେ ୧୮ରୁ ୨୭ ତାରିଖ ମଧ୍ୟରେ ନାମ ଲେଖାଇପାରିବେ। ସେହିପରି ସପ୍ତମ, ଅଷ୍ଟମ, ନବମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ଛାତ୍ରୀଛାତ୍ର ବା ଲାଟେରାଲ ଏଣ୍ଟ୍ରି ଛାତ୍ରୀଛାତ୍ରମାନେ ଏହି ସମୟ ମଧ୍ୟରେ ନାମ ଲେଖାଇବେ। ୱେଟିଂ ଲିଷ୍ଟରେ ଯେଉଁମାନେ ଥିବେ ସେମାନେ ୨୯ରୁ ଜୁଲାଇ ୪ ଭିତରେ ନାମ ଲେଖାଇବେ। ଜୁଲାଇ ୧୫ ସୁଦ୍ଧା ସମସ୍ତ ନାମଲେଖା ଶେଷ ହେବ। ନାମଲେଖା ପ୍ରକ୍ରିୟା ସବୁ କାର୍ଯ୍ୟ ଦିବସରେ ସକାଳ ୭ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ଚାଲିବ। ଆବଶ୍ୟକ ପଡ଼ିଲେ ନାମଲେଖା ପାଇଁ ବିଦ୍ୟାଳୟ ଅଧ୍ୟକ୍ଷ ଦୁଇଟି ପୃଥକ ହଲ୍ ବ୍ୟବସ୍ଥା କରିପାରିବେ ବୋଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ
# ଖୋର୍ଦ୍ଧା ପୂର୍ବତନ ସିଡିଏମ୍‌ଓ ଗିରଫ

ଖୋର୍ଦ୍ଧା ଅଫିସ,୧୭।୬

ଜଣେ ମହିଳା ରୋଗୀଙ୍କୁ ଅସଦାଚରଣ ଅଭିଯୋଗରେ ଖୋର୍ଦ୍ଧା ଟାଉନ (ଆଦର୍ଶ) ଥାନା ପୋଲିସ ବୁଧବାର ଜଣେ ଡାକ୍ତରଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧାର ପୂର୍ବତନ ସିଡିଏମ୍‌ଓ ତଥା ସ୍ତ୍ରୀ ରୋଗ ବିଶେଷଜ୍ଞ ବୈଦ୍ୟନାଥ ନାୟକ। ଏ ନେଇ ପୋଲିସ ଆଇପିସି ଦଫା ୩୫୪, ୩୫୪(ଏ), ୫୦୯ରେ ଏକ କେସ୍ (ନଂ. ୨୦୩/୨୦) ରୁଜୁ କରିଛି।

ଅଭିଯୋଗରେ ଦର୍ଶାଯାଇଛି, ସାମନ୍ତରାପୁରର ଜଣେ ମହିଳା ଗର୍ଭଜନିତ ଚିକିତ୍ସା ପାଇଁ ମଙ୍ଗଳବାର ଖୋର୍ଦ୍ଧା ନୂଆବସ୍ଷ୍ଟାଣ୍ଡ ନିକଟ ବିଡିଏ କଲୋନୀସ୍ଥିତ ଡା. ବୈଦ୍ୟନାଥଙ୍କ ଘରୋଇ କ୍ଲିନିକ୍‌କୁ ଦିଅରଙ୍କ ସାଥିରେ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଅସଦାଚରଣ କରିଥିବା ନେଇ ସେ ଘରେ ପହଞ୍ଚି ପରିବାରବର୍ଗଙ୍କୁ ଜଣାଇଥିଲେ। ଏ ସଂକ୍ରାନ୍ତରେ ବୁଧବାର ଅପରାହ୍ନରେ ମହିଳା ଜଣକ ଖୋର୍ଦ୍ଧା ଟାଉନ (ଆଦର୍ଶ) ଥାନାରେ ଲିଖିତ ଅଭିଯୋଗ କରିଥିଲେ।



ଗିରଫ ଡାକ୍ତର ବୈଦ୍ୟନାଥ ନାୟକ।

### ଗୋଡ଼ ତଳେ ପଡ଼ି କ୍ଷମା ମାଗିବାର ଭିଡିଓ ଭାଇରାଲ

ଏ ସମ୍ପର୍କରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆସିଥିଲା। ଘଟଣାର ଅନୁସନ୍ଧାନ ବେଳେ ସତ୍ୟତା ରହିଥିବା ଜଣାପଡ଼ିଥିଲା। ଏହାପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ଅନ୍ୟପକ୍ଷରେ ଗିରଫ ଡାକ୍ତର ତାଙ୍କ କ୍ଲିନିକ୍‌ରେ ସମ୍ପୃକ୍ତା ମହିଳାଙ୍କ ପରିବାର ଲୋକଙ୍କ ଆଗରେ ହାତ ଯୋଡ଼ି ଓ ଗୋଡ଼ ତଳେ ପଡି କ୍ଷମା ମାଗୁଥିବା ଏକ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଚିକିତ୍ସା ଆଳରେ ଅନେକ ମହିଳାଙ୍କୁ ସେ ଅସଦାଚରଣ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଲୋକଲଜ୍ଜାକୁ ଭୟ କରି ସମ୍ପୃକ୍ତ ମହିଳାମାନେ କାହା ଆଗରେ କହିବାକୁ ସଙ୍କୋଚ କରୁଥିଲେ। ଆଜିର ଘଟଣା ପରେ ବୈଦ୍ୟନାଥଙ୍କ ଅସଲ ଚେହେରା ପଦାରେ ପଡ଼ିଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ଟିଏମ୍‌ସିରେ ପ୍ରବାସୀ ମହିଳାଙ୍କ ଆତ୍ମହତ୍ୟା

ନୂଆପଡା ଅଫିସ/ଖଡିଆଳ,୧୭।୬

ନୂଆପଡ଼ା ଜିଲା ଖଡିଆଳ ଥାନା ଅଧୀନ ମାଣ୍ଡୋସିଲ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର (ଟିଏମ୍‌ସି)ରେ ସୁବର୍ଣ୍ଣ ମାଝୀ(୨୨)ନାମ୍ନୀ ଜଣେ ପ୍ରବାସୀ ମହିଳା ଶ୍ରମିକ ମଙ୍ଗଳବାର ରାତିରେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ପଡୋଶୀ ଦାବ୍ରି ଗାଁରେ। ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗତ ୪ତାରିଖରେ ସେ ସ୍ୱାମୀ କାହ୍ନୁ ମାଝିଙ୍କ ସହ ତେଲଙ୍ଗାନାରୁ ଫେରିଥିଲେ। ପ୍ରଶାସନ ତରଫରୁ ମାଣ୍ଡୋସିଲ ଟିଏମ୍‌ସିରେ ଉଭୟଙ୍କୁ ରଖାଯାଇଥିଲା। ଅବଧି ଶେଷ ପରେ ବୁଧବାର ସେମାନେ ଘରକୁ ଫେରିବା କଥା। ହେଲେ ମଙ୍ଗଳବାର ରାତିରେ ଟିଏମ୍‌ସି କ୍ୟାମ୍ପସର ଏକ ନିମ ଗଛରେ ସୁବର୍ଣ୍ଣ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଟିଏମ୍‌ସି ତରଫରୁ କୌଣସି ପ୍ରକାର ଅବହେଳା କରାଯାଇନାହିଁ। କେଉଁ କାରଣରୁ ସେ ଆତ୍ମହତ୍ୟା କରିଛନ୍ତି ତା’ର ତଦନ୍ତ ପୋଲିସ କରୁଛି ବୋଲି ସରପଞ୍ଚ ରାଧେଶ୍ୟାମ ରଣା ପ୍ରକାଶ କରିଛନ୍ତି।

# ୫ ଜଣରେ ଜଣଙ୍କୁ କରୋନା ଆଶଙ୍କା

ପ୍ୟାରିସ୍,୧୭।୬

ମହାମାରୀ କରୋନା ଭୂତାଣୁ ସଂକ୍ରମଣ ଯୋଗୁ ପୃଥିବୀରେ ଆତଙ୍କ ସୃଷ୍ଟି ହୋଇଛି। ବିଶ୍ୱର ପାଖାପାଖି ୪ ଲକ୍ଷ ୨୦ ହଜାର ଲୋକ ଏଥିଯୋଗୁ ଜୀବନ ହାରିଲେଣି। ୮୨.୯୫ ଲକ୍ଷରୁ ଅଧିକ ଏଥିରେ ଆକ୍ରାନ୍ତ ହୋଇ ଜୀବନ ସହ ଲଢୁଛନ୍ତି। ଏପରିସ୍ଥଳେ ଲାନ୍‌ସେଣ୍ଟ ପତ୍ରିକା ପକ୍ଷରୁ ହୋଇଥିବା ଏକ ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ ହୋଇଛି ଯେ, ପୃଥିବୀର ୧୭୦ କୋଟି ଲୋକଙ୍କୁ କରୋନା ସଂକ୍ରମଣ ହେବାର ଆଶଙ୍କା ରହିଛି। ଯାହାକି ପୃଥିବୀର ମୋଟ ଜନସଂଖ୍ୟାର ୨୦ ପ୍ରତିଶତ। ପ୍ରତି ୫ ଜଣରେ ଜଣେ କରୋନା ଦ୍ୱାରା ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ମେଦବହୁଳତା ଏବଂ ହାର୍ଟ ସମସ୍ୟାଥିବା ବ୍ୟକ୍ତି ଏହାଦ୍ୱାରା ଅଧିକ ଆକ୍ରାନ୍ତ ହେବାର ଆଶଙ୍କା ଅଛି। ଲଣ୍ଡନ ସ୍କୁଲ୍ ଅଫ୍ ଟ୍ରପିକାଲ ମେଡ଼ିସିନ୍ ପକ୍ଷରୁ କୁହାଯାଇଛି ଯେ, ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁ ହେଉଥିବା ବିଭିନ୍ନ ଶାରୀରିକ ସମସ୍ୟା ଯୋଗୁ ରୋଗ ପ୍ରତିରୋଧକ ଶକ୍ତି କମିଯାଇଥାଏ। ସେଭଳି ଲୋକଙ୍କ କ୍ଷେତ୍ରରେ କରୋନା ସଂକ୍ରମଣ ହେବାର ଆଶଙ୍କା ଅଧିକ ରହିଥାଏ। ଡାଇବେଟିସ୍, ଫୁସ୍‌ଫୁସ୍, ଏଚ୍‌ଆଇଭି ଥିବା ବ୍ୟକ୍ତିମାନେ ଯଥାଶୀଘ୍ର ଭୂତାଣୁ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ପ୍ରତି ୫ ଜଣରେ ଜଣେ ବ୍ୟକ୍ତି ଏଭଳି ରୋଗର ଶିକାର ହୋଇଥିବା ବେଳେ କରୋନା ପ୍ରଥମେ ସେମାନଙ୍କୁ ଟାର୍ଗେଟ କରିବ। ଏଭଳି ରୋଗଥିବା ବ୍ୟକ୍ତି ସାମାଜିକ ଦୂରତ୍ୱ ରକ୍ଷା କରିବା, ମାସ୍କ ବ୍ୟବହାର କରିବା ନିହାତି ଜରୁରୀ। ଏଭଳି ସ୍ଥିତିରେ ଯଦି ଭ୍ୟାକ୍ସିନ୍ ବାହାରେ, ତେବେ କାହାକୁ ପ୍ରଥମେ ଏହା ପ୍ରଦାନ କରିବା କଥା ତାହା ସରକାର ଅଗ୍ରାଧିକାର ଭିତ୍ତିରେ ଚିନ୍ତାକରିବା ନିହାତି ଆବଶ୍ୟକ ବୋଲି କହିଛନ୍ତି ବିଶେଷଜ୍ଞ ଆଣ୍ଡ୍ରୁ କ୍ଲାର୍କ। ଶିଶୁ ଓ ବୃଦ୍ଧାବୃଦ୍ଧମାନେ ଏକ୍ଷେତ୍ରରେ ଶୀଘ୍ର ଭୂତାଣୁ ଆକ୍ରାନ୍ତ ହେବାର ଅଧିକ ଆଶଙ୍କା ରହିଛି। ଫିଜି, ମରିସସ୍ ଭଳି ଛୋଟ ଦେଶଗୁଡ଼ିକରେ ଡାଇବେଟିସ୍ ରୋଗୀ ଅଛନ୍ତି। ସେହିଭଳି ସ୍ୱାଟିନି, ଲେସୋଥୋ ଆଦିରେ ଏଚ୍‌ଆଇଭି ଆକ୍ରାନ୍ତଙ୍କ ସଂଖ୍ୟା ବେଶି ଅଛି। ଏଭଳି ଲୋକମାନେ ଅଧିକ କରୋନା ଆକ୍ରାନ୍ତ ହୋଇ ପ୍ରାଣ ହରାଇବାର ଆଶଙ୍କା ରହିଥିବା ଲାନ୍‌ସେଣ୍ଟ ଷ୍ଟଡିରୁ ଜଣାପଡ଼ିଛି।






बैंक ऑफ़ बड़ौदा
Bank of Baroda
www.bankofbaroda.in
ବିଜ୍ଞପ୍ତି
ପ୍ରିୟ ଗ୍ରାହକବୃନ୍ଦ
ଦୟାକରି ୨୦ ଦିନ ମଧ୍ୟରେ ନିଜର ବ୍ୟାଙ୍କ ଶାଖା ସହ ଯୋଗାଯୋଗ କରି ଆର୍‌ବିଆଇ ଦିଗନିର୍ଦ୍ଦେଶାବଳୀ ଅନୁଯାୟୀ ନିଜର ଖାତାର କେୱାଇସି/ପ୍ୟାନ୍/ଫର୍ମ ୬୦/ଜନ୍ମ ତାରିଖ ବିବରଣୀ ଅପ୍‌ଡେଟ୍ କରିବା ସୁନିଶ୍ଚିତ କରନ୍ତୁ ଓ ୮ ଜୁଲାଇ ୨୦୨୦ଠାରୁ ଆପଣଙ୍କ ଖାତା ଅଚଳକରଣକୁ ଏଡ଼ାନ୍ତୁ।
ସ୍ଥାନ: ପାଟନା
ତାରିଖ: ୧୮।୦୬।୨୦୨୦
ବ୍ୟାଙ୍କ ଅଫ୍ ବରୋଦା



RADHA BALLABHA SHYAM SUNDAR HIGHER SECONDARY SCHOOL

R.B.S.S. Higher Secondary School, At- Ghunsar (Rajendra Nagar), Khaprakhol, Balangir is inviting the application of both teaching and non- teaching staff as per follows.

| Arts | Science | Commerce | Clerk | Peon |
|---|---|---|---|---|
| History, Political Science, Education, IT, Economics, Home Science, Sociology, English and Odia | Physics, Chemistry, Mathematics, Zoology, Botany | Accountancy | B.A. with PGDCA | 10th Pass |

Qualification for Teaching Staff:- Master Degree in the specific subjects with B.Ed., Salary Negotiable.
N.B.:- Experienced staffs are highly preferable.
Contact:- Mob- 09938592167, 06371245913, E-mail- rbss2021@gmail.com
Sd./- Principal, R.B.S.S. Higher Secondary, School, Ghunsar, Khaprakhol, Balangir, Odisha



ପୂର୍ବ ତଟ ରେଳପଥ
ନିର୍ମାଣ କାର୍ଯ୍ୟ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMIIIBBS2020029, ତା: 08.06.2020
କାର୍ଯ୍ୟର ନାମ : ସାଲଗାଁ ଏବଂ ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନର ନିର୍ମାଣ ସମ୍ବନ୍ଧୀୟ ସାଲଗାଁ ଏବଂ ରାଜଆଠଗଡ଼ ମଧ୍ୟରେ ଅବଶିଷ୍ଟ କାର୍ଯ୍ୟ ତଥା ଢେଙ୍କାନାଳ ଷ୍ଟେସନ (ଅନ୍ତର୍ଭୁକ୍ତ) ଠାରୁ ବୁଢ଼ାପଙ୍କ ଷ୍ଟେସନ(ଅନ୍ତର୍ଭୁକ୍ତ) ପର୍ଯ୍ୟନ୍ତ ଟ୍ରାକ୍ ସଂଯୋଗ (Linking of Track), ପଏଣ୍ଟ ଏବଂ କ୍ରସିଙ୍ଗଗୁଡ଼ିକର ଅନ୍ତଃସ୍ଥାପନ (Insertion) ଏବଂ ବିଛାଇବା, ରେଲର ଫ୍ଲାସ୍ ବଟ୍ ଏବଂ ଆଲୁମିନା ଥର୍ମିକ (AT) ୱେଲ୍ଡିଙ୍ଗ୍, P.Way ସାମଗ୍ରୀଗୁଡ଼ିକର ପରିବହନ, ବାଲାଷ୍ଟକୁ ଗୋଟିଏ ସ୍ଥାନରୁ ଉଠାଇ ଅନ୍ୟ ସ୍ଥାନ ପର୍ଯ୍ୟନ୍ତ ନେଇଯିବା (Leading & Spreading) ଏବଂ ବିଛାଇବା କାର୍ଯ୍ୟ ଭଳି P.Way କାର୍ଯ୍ୟ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): ₹ 4691.71 ଲକ୍ଷ, EMD (ଟଙ୍କାରେ) : ₹ 24,95,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 24(ଚବିଶି)ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.07.2020ରିଖ 1200 ଘଣ୍ଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଟେଣ୍ଡର ମୂଲ୍ୟ ତୁଳନାରେ 10% ରୁ କମ୍ ମୂଲ୍ୟର ପ୍ରସ୍ତାବ ପ୍ରଦାନ କରୁଥିବା ଟେଣ୍ଡରଦାତାମାନଙ୍କୁ ପ୍ରସ୍ତାବ ସ୍ୱୀକୃତ ହେବା ସ୍ଥିତିରେ ସେହି ମାତ୍ରାରେ ପ୍ରତିଶତ ଅତିରିକ୍ତ ପର୍ଫରମାନ୍ସ ଗ୍ୟାରେଣ୍ଟି ଦାଖଲ କରିବାକୁ ହେବ, ଯେଉଁ ମାତ୍ରାରେ 10 ପ୍ରତିଶତରୁ କମ୍ ପ୍ରସ୍ତାବ ଦିଆଯାଇଛି।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚ୍ଚର୍ତ୍ତ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C/G ଏବଂ G1ର ଦାଖଲ, ଟେଣ୍ଡର ନଥିପତ୍ରର ଉପରେ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-13/CD/20-21



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org
ପତ୍ର ସଂଖ୍ୟା : ୬୭ ବିଜ୍ଞାପନ ତା. :୪।୬।୨୦
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଡୁମୁଡୁମା, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର ହାଉସିଂ ପ୍ରକଳ୍ପରେ ଘର ନଂ-ଏଲ୍-୫୮୯ (L-589) କୁ ଶ୍ରୀମତୀ ମଣିଲତା ମହାନ୍ତି, ସ୍ୱା-ବିଚିତ୍ରାନନ୍ଦ ପଟ୍ଟନାୟକ, ସା-ଓଡ଼ପଡ଼ା, ପୋ/ଥା- ରଘୁନାଥପୁର, ଜି-ଜଗତ୍‌ସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମଣିଲତା ମହାନ୍ତି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରିଣ ଆଧାରରେ ଗୋପାଳକୃଷ୍ଣ ଦାଶ, ପି-ପ୍ରଶାନ୍ତ କୁମାର ଦାଶ, ସା-ଜାଗମରା, ପୋ/ଥା-ଖଣ୍ଡଗିରି, ଭୁବନେଶ୍ୱର, ଜି-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।
ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



The Odisha Small Industries Corporation Ltd.
( A Government of Odisha Undertaking) )
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicmd@gmail.com, website: osicltd.in
TENDER CALL NOTICE
Tender Notice No.2283 Dt. 17.06.2020
The Managing Director, OSIC Ltd., Cuttack invites sealed tender from experienced & eligible registered contractors for the work " Construction of Workstation for Central University, Koraput."
The detailed tender notice can be downloaded from the OSIC website i.e. www.osicltd.in from dt. 22.06.2020 to dt.03.07.2020 up to 05.00 PM and shall be submitted in OSIC Tender Box only latest by 2.30 PM on dt. 06.07.2020. Authority reserves the right to reject any or all tenders without assigning any reason thereof or cancel the tender process in Toto.
MANAGING DIRECTOR

"କ୍ରମବିକାଶ ଶେଷ ହୋଇନାହିଁ। ତର୍କବୁଦ୍ଧି ବା ବିଚାର ବୁଦ୍ଧି ମଧ୍ୟ ଶେଷକଥା ନୁହଁ ଏବଂ ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ– ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍‌ଭବ ଯେପରି ପଶୁ ଭିତରୁ ହେଲା– ସେହିପରି ଏଇ ମଣିଷ ଭିତରୁଇ ଅତିମାନବର ଉଦ୍‌ଭବ ହେବ। **–ଶ୍ରୀଅରବିନ୍ଦ**





# ପରିବେଶ ପାଇଁ ତିନି ଗୁରୁତ୍ୱପୂର୍ଣ୍ଣ ପ୍ରାଣୀ

ମାନେକା ଗାନ୍ଧୀ

ଜିଲା ବନ ଅଧିକାରୀ ଏବଂ ରେଞ୍ଜରମାନଙ୍କୁ ପରିବେଶ ବିଜ୍ଞାନ (ଇକୋଲୋଜି) ଉପରେ ତାଲିମ ଦିଆଯାଇ ନାହିଁ। ସେମାନେ ଉଦ୍ଭିଦ କିମ୍ବା ପ୍ରାଣୀ ବିଷୟରେ ଜାଣନ୍ତି ନାହିଁ। ବାସ୍ତବରେ ଏ ସମସ୍ତ ସେବା ବନ୍ଦ କରିଦେବା ଉଚିତ କାରଣ ସେମାନେ ଯାହା କରନ୍ତି ତାହା ଏକ ଅଶିକ୍ଷିତ ପ୍ରକାରର ପୋଲିସିଂ ଏବଂ ଅଧିକାଂଶ କ୍ଷେତ୍ରରେ ସେମାନେ ସେତିକି ବି କରନ୍ତି ନାହିଁ। ସେମାନଙ୍କ ମଧ୍ୟରୁ ଅନେକେ ହେଉଛନ୍ତି ଫସଲ ଖାଉଥିବା ବାଡ଼। ସେମାନେ ନିଜ ପଦବୀକୁ ବେଆଇନ ଭାବରେ ଗଛ କାଟିବା ପାଇଁ ବ୍ୟବହାର କରନ୍ତି ଏବଂ ଅନେକେ ପ୍ରାଣୀ ହତ୍ୟାକାରୀ ମାଫିଆଙ୍କ ସହିତ ସମ୍ପର୍କ ରଖିଥାନ୍ତି। ଜଙ୍ଗଲ ବିଭାଗର ସମସ୍ତ ଅମଲାତନ୍ତ୍ର ସାଧାରଣବାଦୀ: ଆଜି ଯଦି ସେମାନେ ଇସ୍ପାତ ସଚିବ କାଲି ଜଙ୍ଗଲ ଓ ବନ୍ୟଜନ୍ତୁ ବିଭାଗର ମୁଖ୍ୟ। ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ୍‌ମାନେ ଏହି ଚାକିରି ପ୍ରତି ଆକର୍ଷିତ ହୋଇ ଆସନ୍ତି। ସେମାନଙ୍କ ମଧ୍ୟରୁ ଜଣେ ପରାମର୍ଶ ଦେଇଛନ୍ତି ଯେ, ଆମେ ସମସ୍ତ ବାଘକୁ ଜଙ୍ଗଲରୁ ବାହାର କରି ପ୍ରାଣୀ ଉଦ୍ୟାନ ବା ଚିଡ଼ିଆଖାନାରେ ରଖିବା। ଅନ୍ୟଜଣେ ଚନ୍ଦ୍ରପୁରରେ ସମସ୍ତ ବନ୍ୟ ଘୁଷୁରିଙ୍କୁ ଗୁଳି ମାରି ଭୋକିଲା ବାଘଙ୍କ ବିରୋଧରେ ହତ୍ୟା ୱାରେଣ୍ଟ ବାହାର କରିଥିଲେ। କେରଳ ଓ ତାମିଲନାଡୁର ଜଙ୍ଗଲ ବାବୁମାନେ ହାତୀ ପରି ପ୍ରାଣୀକୁ ମନ୍ଦିର ଦ୍ୱାରା ପିଟିପିଟି ହତ୍ୟା କରାଯିବାରେ କିଛି ଭୁଲ୍ ଅଛି ବୋଲି ଭାବନ୍ତି ନାହିଁ। ଜଙ୍ଗଲ ଏବଂ ବନ୍ୟଜନ୍ତୁ ପ୍ରତିଷ୍ଠାନର ପ୍ରଶିକ୍ଷକମାନେ ଏହିଭଳି ତଥାକଥିତ ଜ୍ଞାନୀମାନଙ୍କ ଭିତରୁ ମନୋନୀତ ହୁଅନ୍ତି। ତେଣୁ ସେମାନେ ଯାହା ଜାଣିଛନ୍ତି (କିଛି ଜାଣନ୍ତି ନାହିଁ) ସେଇଆ ଶିଖାନ୍ତି। ଏହି ସେବା ଦ୍ୱାରା ନିହତ ପ୍ରାଣୀମାନଙ୍କ ସଂଖ୍ୟା ବୋଧହୁଏ ଶିକାରୀମାନେ କରୁଥିବା କ୍ଷତି ସହିତ ସମାନ ହେବ। ଦୁର୍ଭାଗ୍ୟବଶତଃ ଯେହେତୁ ଅଧିକାଂଶ ଜଙ୍ଗଲମନ୍ତ୍ରୀ ଏ କ୍ଷେତ୍ରରେ ଅଜ୍ଞ, ସେମାନେ ଯାହା ବି କରନ୍ତି ତାହା କେବଳ ଜଙ୍ଗଲ, ପରିବେଶ ଓ ପ୍ରାଣୀମାନଙ୍କ ଦୁଃଖର କାରଣ ହୋଇଥାଏ। ମୁଁ ଏପର୍ଯ୍ୟନ୍ତ ଏପରି ଜଣେ ବି ମନ୍ତ୍ରୀଙ୍କୁ ଭେଟି ନାହିଁ, ଯିଏ କି ହାତୀ କରିଡର (ହାତୀଙ୍କ ଚଲାପଥ) ମାନେ କ'ଣ ବୁଝିଛନ୍ତି। 'ସବୁଠାରୁ ବିଶ୍ୱସ୍ତ' ରାଜନେତା ସାଧାରଣତଃ ଜଙ୍ଗଲ ମନ୍ତ୍ରୀ ହୁଅନ୍ତି– କାରଣ ସେ ଜଙ୍ଗଲ ମଝିରେ ଏକ ସିମେଣ୍ଟ କାରଖାନା କିମ୍ବା ଏକ ପଞ୍ଚତାରକା ହୋଟେଲ ଭଳି କୌଣସି 'ବିକାଶମୂଳକ' ପ୍ରକଳ୍ପର ପ୍ରତିରୋଧ କରନ୍ତି ନାହିଁ। ସେମାନଙ୍କ ମତରେ ଏକ ପ୍ରାକୃତିକ ଜଙ୍ଗଲକୁ ଉଜାଡ଼ି ତା' ସ୍ଥାନରେ ଗୋଟିଏ ପ୍ରକାର ବୃକ୍ଷରୋପଣ କରାଯାଇପାରିବ ଏବଂ ଜଙ୍ଗଲରେ ଥିବା ପ୍ରାଣୀମାନଙ୍କୁ ପ୍ରାଣୀ ଉଦ୍ୟାନ ବା ଚିଡ଼ିଆଖାନାରେ ରଖାଯାଇପାରିବ।

ଏହି ରାଜନେତା, ଅମଲାତନ୍ତ୍ର ଓ ଜଙ୍ଗଲ ସେବା 'ଟାଇମପାସର୍'ମାନଙ୍କର ପ୍ରିୟ ଲକ୍ଷ୍ୟ ହେଉଛି ବନ୍ୟ ଘୁଷୁରି, ନୀଳଗାଈ ଓ ରିସସ୍ ମାଙ୍କଡ। କିନ୍ତୁ ଏ ତିନୋଟି ପ୍ରାଣୀଙ୍କୁ ଜଙ୍ଗଲରୁ ଲୋପ କରିଦେଲେ କ'ଣ ହେବ, ଜାଣନ୍ତି କି?

ଜଙ୍ଗଲ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରାଣୀ ହେଉଛି ବନ୍ୟ ଘୁଷୁରି। ସେ ଏକ ପ୍ରମୁଖ ବୀଜବିକ୍ଷେପକାରୀ। ସେ ହେଉଛି ଏକମାତ୍ର ପ୍ରଜାତି, ଯାହା ବ୍ରାକେନ୍ ନାମକ ବଡ଼ ବଡ଼ ଫର୍ନ (ଅପୁଷ୍ପକ ଉଦ୍ଭିଦ ବିଶେଷ)କୁ ଖାଏ। ବନ୍ୟ ଘୁଷୁରି ନ ଥିଲେ ବ୍ରାକେନ୍ ଦ୍ୱାରା ଜଙ୍ଗଲ ଏପରି ଆଚ୍ଛାଦିତ ହୋଇଯାନ୍ତା ଯେ, ଆଉ କୌଣସି ମଞ୍ଜିରୁ ଗଛ ଉଠିବା ଓ ବଢ଼ିବା ସମ୍ଭବ ହୁଅନ୍ତା ନାହିଁ। ଇକୋସିଷ୍ଟମ୍ (ମୃତ୍ତିକା, ଜଳ, ଉଦ୍ଭିଦ, କବକ ଏବଂ ଜୀବଜନ୍ତୁ) ଉପରେ ବନ୍ୟ ଘୁଷୁରିର ପ୍ରଭାବକୁ ନେଇ ସମସ୍ତ ଅଧ୍ୟୟନରୁ ଜଣାପଡିଛି ଯେ, ଏହି ପ୍ରଜାତି ପରିବେଶର ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସ୍ଥଳ ତଥା ଜଳ ଇକୋସିଷ୍ଟମ୍‌ର ବୈଶିଷ୍ଟ୍ୟ ଓ ବିକାଶରେ ଏହାର ବିଶେଷ ଅବଦାନ ରହିଛି। ସେ ମଧ୍ୟ ବାଘ, ସିଂହଙ୍କ ପରି ବଡ଼ ମାଂସାଶୀ ପ୍ରାଣୀଙ୍କ ପାଇଁ ଏକ ପ୍ରମୁଖ ଖାଦ୍ୟ ଉତ୍ସ। ଏହି ସମସ୍ତ କଥାକୁ ଅଣଦେଖା କରାଯାଉଛି ଏବଂ ବନ୍ୟ ଘୁଷୁରିକୁ ଅଦରକାରୀ ପ୍ରାଣୀ ଭାବରେ ବିବେଚନା କରାଯାଉଛି। କୃଷକମାନେ ତାକୁ ମାରି ମାଂସ ଖାଉଛନ୍ତି। ଯେତେବେଳେ ସମସ୍ତ ବନ୍ୟ ଘୁଷୁରି ଶିକାର ଦ୍ୱାରା ନିପାତ ହୋଇଯିବେ, ସେତେବେଳେ ଜଙ୍ଗଲ ଏବଂ ସେଥିରେ ଥିବା ସମସ୍ତ ବାଘ ମଧ୍ୟ ବିଲୁପ୍ତ ହୋଇଯିବେ। ଜଙ୍ଗଲ ମନ୍ତ୍ରୀ ତଥା ବାବୁମାନେ ଏହି ପ୍ରାଣୀର ମହତ୍ତ୍ୱ ମୂଲ୍ୟାଙ୍କନ କରିବାର ସମୟ ଆସିଛି।

ନୀଳଗାଈ ହେଉଛି ବୃହତ୍ତମ ଏସୀୟ ଆଣ୍ଟିଲୋପ୍, ଯାହା ହିମାଳୟଠାରୁ ଦକ୍ଷିଣରେ କର୍ନାଟକ ରାଜ୍ୟ ପର୍ଯ୍ୟନ୍ତ ଦେଖିବାକୁ ମିଳନ୍ତି। ନୀଳଗାଈ ଘାସ, ପତ୍ର, ଫୁଲ, ଫଳ ଖାଏ ଏବଂ ଦୀର୍ଘ ସମୟ ଧରି ପାଣି ବିନା ବଞ୍ଚିପାରେ। ସେମାନେ ଏପରି କି ଭାରତର ଶୁଷ୍କ ଗ୍ରୀଷ୍ମମଣ୍ଡଳୀୟ ଜଙ୍ଗଲରେ କାଠପରି ଟାଣୁଆ ଟିସୁଯୁକ୍ତ ଗଛ ଖାଆନ୍ତି। ଗୋମହିଷାଦି ପ୍ରାଣୀ ଘାସପତ୍ର ଖାଇ ପଦା କରିଦେଲେ ବା ଘାସପତ୍ର ଖାଇବାକୁ ନ ମିଳିଲେ ନୀଳଗାଈ ଏହାକୁ ସହ୍ୟ କରିପାରେ କାରଣ ସେମାନେ ଗଛର ଉଚ୍ଚ ଶାଖାରୁ ପତ୍ର ଆଦି ଖାଇପାରନ୍ତି ଏବଂ ଭୂପୃଷ୍ଠସ୍ଥ ଉଦ୍ଭିଦ ଉପରେ ନିର୍ଭର କରନ୍ତି ନାହିଁ।

ଯେତେବେଳେ ଏକ ପ୍ରଜାତି ବିପନ୍ନ ବା ବିଲୁପ୍ତ ହୋଇଯାଏ, ସେତେବେଳେ ଏହା ଖାଦ୍ୟ ଶୃଙ୍ଖଳରେ ଥିବା ଚେକ୍ ଆଣ୍ଡ୍ ବାଲାନ୍ସ ବ୍ୟବସ୍ଥାକୁ ନଷ୍ଟ କରିଦିଏ। ଯଦି ନୀଳଗାଈ ରହିବ ନାହିଁ, ସେମାନେ ଯେଉଁ ତୃଣଭୂମିରେ ଚରନ୍ତି ତାହା ବହୁତ ବୃଦ୍ଧି ପାଇବ। ୧୯୯୪ ମସିହାରେ ହୋଇଥିବା ଏକ ଅଧ୍ୟୟନରୁ ଯମୁନା ନଦୀ ଉପତ୍ୟକାରେ ପରିବେଶ ଉପରେ ନୀଳଗାଈର ଅବଦାନ କ'ଣ ତାହା ଜଣାପଡ଼ିଥିଲା। ଗ୍ରୀଷ୍ମ ଋତୁରେ ଆଣ୍ଟିଲୋପ୍‌ର ମଳଗୁଡ଼ିକରେ ପ୍ରାୟ ୧.୬ ପ୍ରତିଶତ ନାଇଟ୍ରୋଜେନ୍ ରହିଥାଏ, ଯାହା ମାଟିର ଗୁଣବତ୍ତା ୩୦ ସେଣ୍ଟିମିଟର ଗଭୀରତା ପର୍ଯ୍ୟନ୍ତ ବଢ଼ାଇଦେଇଥାଏ। ସେମାନଙ୍କ ମଳରେ ଥିବା ମଞ୍ଜିଗୁଡ଼ିକ ସହଜରେ ଗଜା ହୋଇଥାଏ ଏବଂ ଏହା ବନୀକରଣରେ ସାହାଯ୍ୟ କରେ।

ହିମାଚଳ ପ୍ରଦେଶ ପରି ରାଜ୍ୟଗୁଡ଼ିକ ମାଙ୍କଡ଼ମାନଙ୍କ ପ୍ରତି ଅତ୍ୟନ୍ତ ନିଷ୍ଠୁର ଏବଂ ସେମାନେ ଗତ ଦଶବର୍ଷ ମଧ୍ୟରେ ହଜାର ହଜାର ମାଙ୍କଡ଼ଙ୍କୁ ହତ୍ୟା କରିଛନ୍ତି। ଖାଦ୍ୟ ଶୃଙ୍ଖଳରେ ମାଙ୍କଡମାନେ ହେଉଛନ୍ତି ଶିକାର, ଶିକାରୀ ଏବଂ ପାରସ୍ପରିକବାଦୀ ପ୍ରଜାତି ଏବଂ ସେମାନେ ଇକୋସିଷ୍ଟମ୍‌ର ଗଠନ, କାର୍ଯ୍ୟ ଓ ସ୍ଥିରତାକୁ ପ୍ରଭାବିତ କରନ୍ତି। ସେମାନଙ୍କର ବିବର୍ତ୍ତନ, ଫିଡିଂ ଇକୋଲୋଜି ଏବଂ ଭୌଗୋଳିକ ଆବଣ୍ଟନ ସପୁଷ୍ପକ ଉଦ୍ଭିଦ, ଔଷଧୀୟ ଉଦ୍ଭିଦ, ବୁଦାଜାତୀୟ ଉଦ୍ଭିଦ, ଘାସ ଏବଂ ଅଧିକାଂଶ ଗଛର ବିବିଧତା ସହିତ ଘନିଷ୍ଠ ଭାବରେ ଜଡିତ, ଯାହା ଅନେକ ପ୍ରାଣୀ ଓ ମଣିଷଙ୍କ ପାଇଁ ଖାଦ୍ୟର ମୂଳ ଉତ୍ସ। ମାଙ୍କଡ଼ମାନେ ଅତ୍ୟଧିକ ଫଳାହାରୀ। ସେମାନେ ଫଳ ଖାଇ ଜଙ୍ଗଲ ସାରା ଏଣେ ତେଣେ ମଞ୍ଜି ପକାଇଥାନ୍ତି। ସମାନେ ଯଦି ଏପରି ଭାବେ ବୀଜବିକ୍ଷେପ କରୁ ନ ଥାନ୍ତେ, ତେବେ ଉଦ୍ଭିଦ ସଂଖ୍ୟା ଓ ସେମାନଙ୍କର ଜିନୀୟ ବିବିଧତା ରହନ୍ତା ନାହିଁ। ଉଦାହରଣସ୍ୱରୂପ ଉତ୍ତର ଥାଇଲାଣ୍ଡରେ ବ୍ୟାପକ ଗିବନ୍ ଶିକାର ଯୋଗୁ ଲାମ୍ବୀ ଗଛର ସଂଖ୍ୟା ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥିଲା କାରଣ ଏହି ଗଛର ବଂଶବୃଦ୍ଧି ଗିବନ୍‌ଙ୍କ ଦ୍ୱାରା ବୀଜବିକ୍ଷେପ ଉପରେ ନିର୍ଭର କରେ। ଫେବୃୟାରୀରେ ଓରିକ୍ସ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ, କଙ୍ଗୋରେ ଅନେକ ଗଛ ଓ ଉଦ୍ଭିଦ ପ୍ରଜାତି ବୀଜବିକ୍ଷେପ ପାଇଁ କେବଳ ମାଙ୍କଡ ଉପରେ ନିର୍ଭର କରନ୍ତି। ଯଦି ମାଙ୍କଡ଼ ବଂଶ ବୁଡ଼ିଯାଏ, ତେବେ ଅନେକ ଉଦ୍ଭିଦ ମଧ୍ୟ ଲୋପ ପାଇଯିବ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି।

ମ୍ୟାକ୍ସ ପ୍ଲାଙ୍କ ଇନଷ୍ଟିଚ୍ୟୁଟ୍ ଫର ଇଭଲ୍ୟୁଶନାରୀ ଆନ୍ଥ୍ରୋପୋଲୋଜିର ଜୈବ ବିଜ୍ଞାନୀ ଡେଭିଡ୍ ବିଉନେଙ୍କ ଦ୍ୱାରା ହୋଇଥିବା ଅନୁସନ୍ଧାନରୁ ଜଣାପଡିଛି ଯେ, ମାଙ୍କଡ଼ମାନେ ପ୍ରତିଦିନ ପ୍ରାୟ ୩.୫ ଘଣ୍ଟା ଖାଇଥାନ୍ତି ଏବଂ ଖାଇବା ସ୍ଥାନରୁ ମଳତ୍ୟାଗ କରିବା ଭିତରେ ୧.୨ କିଲୋମିଟର ଦୂର ଯାତ୍ରା କରନ୍ତି। ମାଙ୍କଡ଼ର ଏଠାରେ ଦୁଇଟି ମୁଖ୍ୟ ଭୂମିକା ରହିଛି। ଅନେକ ମଞ୍ଜି ଅଛି ଯାହାକୁ କୌଣସି ପ୍ରାଣୀ ଖାଇଲେ ତାହା ପେଟ ଭିତରେ ହଜମ ହୁଏ ନାହିଁ। କିନ୍ତୁ ପେଟରେ ଥିବା ଏସିଡ୍ ଦ୍ୱାରା ତାହା ଉପରେ କଠିନ ବାହ୍ୟ ଆବରଣଟି ଦୁର୍ବଳ ହୋଇଯାଏ। ପ୍ରାଣୀଟି ମଳତ୍ୟାଗ କଲେ ମଳବାଟେ ସେହି ମଞ୍ଜି ବାହାରି ମାଟିରେ ପଡ଼ିଲେ ଅନୁକୂଳ ପରିସ୍ଥିତିରେ ସେଥିରୁ ଅଙ୍କୁରୋଦ୍‌ଗମ ହୁଏ। ପ୍ରାଣୀର ପେଟ ଭିତରକୁ ଯାଇ ମଞ୍ଜିର ଖୋଳପାଟି ଦୁର୍ବଳ ହୋଇ ନ ଥିଲେ ତାହା ମାଟିରେ ପଡ଼ିଲେ ବି ପରିବେଶରୁ ଜଳ ଓ ଖାଦ୍ୟସାର ଆଦି ଅବଶୋଷଣ କରିପାରି ନ ଥାନ୍ତା କି ଗଜା ହୋଇ ନ ଥାନ୍ତା।

ଦ୍ୱିତୀୟତଃ ଅନେକ ମଞ୍ଜି ସେହି ଗଛର ମୂଳରେ ପଡ଼ିଲେ ଗଜା ହୋଇ ବଢ଼ିପାରିବ ନାହିଁ। ତେଣୁ ବୀଜବିକ୍ଷେପ ବା ମଞ୍ଜି ଗଛର ମୂଳରୁ ଦୂର ସ୍ଥାନରେ ଯାଇ ପଡ଼ିବାର ଆବଶ୍ୟକତା ରହିଛି। ମାଙ୍କଡ଼ ଏହି ଦୁଇଟି କାମ କରେ, ଅର୍ଥାତ୍ ଫଳକୁ ଖାଇବା ଭିତରେ ମଞ୍ଜିକୁ ଏଣେତେଣେ ପକାଇ ବୀଜବିକ୍ଷେପ କରେ, ପୁଣି ଫଳ ଖାଇ ପେଟ ଭିତରେ ମଞ୍ଜିକୁ ଅଙ୍କୁରୋଦ୍‌ଗମକ୍ଷମ କରିବା ସହ ସେହି ମଞ୍ଜିକୁ ଦୂର ସ୍ଥାନରେ ପକାଇ ବୃକ୍ଷବଂଶ ବୃଦ୍ଧିରେ ସାହାଯ୍ୟ କରେ। ଦୁର୍ଭାଗ୍ୟବଶତଃ ମାଙ୍କଡ଼ମାନେ କ୍ରମାଗତ ଭାବରେ ଶିକାର ଏବଂ ସରକାରୀ ହତ୍ୟାର ସମ୍ମୁଖୀନ ହେଉଛନ୍ତି। ମାଙ୍କଡ଼ ବଂଶ ଲୋପ ପାଇଲେ ଅନେକ ଉଦ୍ଭିଦ ପ୍ରଜାତି ଲୋପ ପାଇଯିବ ଏବଂ ପରିବେଶ ଉପରେ ଏହାର ବ୍ୟାପକ କୁପ୍ରଭାବ ପଡ଼ିବ। ଏହି ଅବସ୍ଥାକୁ କୁହାଯାଉଛି 'empty forest syn-drome'– ଜଙ୍ଗଲ ଥାଇପାରେ, କିନ୍ତୁ ଏହାର ଜୈବବିବିଧତା ସ୍ତର ନଷ୍ଟ ହୋଇଯିବ। ଭାରତରେ ସେପରି ଅନେକ ଜଙ୍ଗଲ ଅଛି, ଯଥା– ବୃନ୍ଦାବନ, ଯେଉଁଠାରେ ମାଙ୍କଡ଼ମାନେ ଅଦୃଶ୍ୟ ହୋଇଯାଇଛନ୍ତି ଏବଂ ଅନ୍ୟାନ୍ୟ ଜୀବନ ମଧ୍ୟ।

ଇମେଲ୍:gandhim@nic.in

# ବଡ଼ ବିପତ୍ତି ଡିପ୍ରେସନ

ଡା. ଅଂଶୁମାନ କର

ଗତ କିଛି ସପ୍ତାହ ହେବ ଦେଶ ତଥା ରାଜ୍ୟରେ କରୋନା ମହାମାରୀ ସ୍ଥିତିରେ ପରିବର୍ତ୍ତନ ଆସିଛି। ଡାକ୍ତରୀ ଭାଷାରେ କହିବାକୁ ଗଲେ– "We are fast heading towards the Epidemic peak." ଅର୍ଥାତ୍ ଆମ ଦେଶରେ ମହାମାରୀ ଆକ୍ରାନ୍ତଙ୍କ ସଂଖ୍ୟା ଶୀର୍ଷରେ ପହଞ୍ଚିବାକୁ ଯାଉଛି। ଭାରତରେ ପ୍ରଥମ ଶୀର୍ଷର ମୁଖ୍ୟ କାରଣ ପ୍ରବାସୀ ନାଗରିକ ହୋଇଥିବା ବେଳେ ଅନୁମାନ କରାଯାଉଛି ଯେ ଦ୍ୱିତୀୟ ଶୀର୍ଷର ମୁଖ୍ୟ କାରଣ ପ୍ରବାସୀ ଶ୍ରମିକ।

ଶ୍ରମିକ ଓ ନାଗରିକ ଭିନ୍ନ ନୁହନ୍ତି, ମାତ୍ର ଆମେ ତାଙ୍କୁ ଭିନ୍ନ ଭଳି ଚିତ୍ରିତ କରୁଛୁ। ପ୍ରବାସୀ ନାଗରିକ କହିଲେ, ଆନ୍ତଃରାଜ୍ୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରୁ ଆସୁଥିବା ସମସ୍ତ ବର୍ଗର ବ୍ୟକ୍ତିଙ୍କୁ ବୁଝାଉଛି। ମାତ୍ର ପ୍ରବାସୀ ଶ୍ରମିକ କହିଲେ, ଆମେ ସାଧାରଣତଃ ରାଜମିସ୍ତ୍ରି କିମ୍ବା ନିର୍ମାଣ କାରିଗର, ଛୋଟ ବେପାରି ଓ ଅନ୍ୟ କାରିଗରଙ୍କୁ ବୁଝୁ। ପ୍ରବାସୀ ଶ୍ରମିକ କହିଲେ, ମୁଖ୍ୟତଃ ପୂର୍ବଭାରତ ଓ ମଧ୍ୟଭାରତର ତଳ ଓ ନିମ୍ନ–ମଧ୍ୟମ ବର୍ଗର ସମସ୍ତ ଲୋକଙ୍କୁ ବୁଝାଏ, ଯେଉଁମାନେ କି ପଶ୍ଚିମ ତଥା ଉତ୍ତର ଓ ଦକ୍ଷିଣ ଭାରତର ବଡ଼ ବଡ଼ ସହରରେ ନାନା ପ୍ରକାରର କୁଶଳୀ ଓ ଅଣକୁଶଳୀ କାର୍ଯ୍ୟ କରୁଥିଲେ।

ଆଜି ପର୍ଯ୍ୟନ୍ତ ଏହି ପ୍ରବାସୀ ଶ୍ରମିକଙ୍କ କୌଣସି ଠିକ୍ ତଥ୍ୟ କାହାରି ପାଖରେ ନାହିଁ। ତେଣୁ ଏମାନଙ୍କର ସ୍ୱରାଜ୍ୟ ପ୍ରତ୍ୟାବର୍ତ୍ତନରେ କୌଣସି ନିର୍ଦ୍ଦିଷ୍ଟ ନିୟମାବଳୀ ଆଧାରରେ ଚିକିତ୍ସା କରିବା ସମ୍ଭବପର ନୁହେଁ। ଆମେ ମଧ୍ୟ କହିପାରିବା ନାହିଁ କି ଏହି ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ଭାରତର ଜନସଂଖ୍ୟାର ଶତକଡ଼ା କେତେ ପ୍ରତିଶତ। ଗୋଟିଏ ବିଶେଷ ଅଧ୍ୟୟନ କହୁଛି ଯେ ଜୁନ୍ ଓ ଜୁଲାଇ ମାସରେ ଭାରତରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫–୨୦ ଲକ୍ଷ ଓ ଓଡ଼ିଶାରେ ଏହି ସଂଖ୍ୟା ୧୦–୨୦ ହଜାର ପାଖାପାଖି ହୋଇପାରେ। ଏପରି ଏକ ସମୟରେ ବିତର୍କ ଚାଲିଛି କି 'ତାଲାବନ୍ଦ ୪.୦ ବା ତାଲାଖୋଲା ୧.୦'ର ଆଗକୁ କ'ଣ?

ସାମାଜିକ ଦୂରତା, ମୁଖପଟି, ହସ୍ତ ପ୍ରକ୍ଷାଳନ ଆଦି ବ୍ୟାବହାରିକ ଜୀବନରେ ପରିବର୍ତ୍ତନ ସହ ଆମ ସମାଜ ପୁଣି କାର୍ଯ୍ୟପଥରେ ଚାଲିବା ଆରମ୍ଭ କରିସାରିଲାଣି। ମୁଁ କୌଣସି ଅର୍ଥନୀତିଜ୍ଞ ନୁହେଁ, କିନ୍ତୁ ତାଲାବନ୍ଦ ଦ୍ୱାରା ଦେଶର ଅର୍ଥନୀତିକୁ ପଡ଼ିଥିବା ଆଘାତରୁ ଅଜ୍ଞ ବି ନୁହଁ। ଜଣେ ଡାକ୍ତର ହିସାବରେ ଦମ୍ଭତାର ସହ ମୁଁ ଏହା କହିପାରିବି ଯେ, ମାନବଜାତିକୁ ଏତେ ଦିନ ପର୍ଯ୍ୟନ୍ତ ପଣବନ୍ଦୀ ଭଳି ରଖିବା ଭବିଷ୍ୟତ ପାଇଁ ଏକ ବଡ଼ ଭୁଲ୍ ହୋଇପାରେ। ଆମ ପାଖରେ ଥିବା ରୋଗପ୍ରତିରୋଧକ ଶକ୍ତିକୁ ଅଧିକ ଶକ୍ତିଶାଳୀ କରିବାକୁ ହେଲେ ଆମମାନଙ୍କୁ ରୋଗର ସାମ୍ନା କରିବାକୁ ପଡ଼ିବ। ମାନସିକ ସ୍ତରରେ ଆମମାନଙ୍କୁ ଅଧିକ ଶକ୍ତ ଓ ସକାରାତ୍ମକ ହେବାକୁ ପଡ଼ିବ।

କିଛିଦିନ ତଳେ ମୁଁ ମୋର ସୋସିଆଲ ମିଡ଼ିଆରେ ଲୋକମାନଙ୍କୁ ଏକ ପ୍ରଶ୍ନ ପଚାରିଥିଲି– ଆଗାମୀ ଦିନକୁ ଆପଣମାନେ 'lock down 5.0 ବା Reopening 1.0' କ'ଣ କହିବା ପସନ୍ଦ କରିବେ? ହାରାହାରି ୭୫% ଲୋକ କହିଲେ ସେମାନେ ଏହାକୁ 'ତାଲାବନ୍ଦ ୫.୦' ବୋଲି କହିବେ। ପ୍ରଶ୍ନଟି ଅତି ସାଧାରଣ ଲାଗୁଥିଲେ ବି ଏହାର ଅର୍ଥ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ରିଓପ୍‌ନିଂ ବା ତାଲାଖୋଲା ସେତେବେଳେ କୌଣସି ସରକାରୀ ବ୍ୟବହୃତ ଶବ୍ଦ ନ ଥିଲା, ବରଂ ଲୋକମାନଙ୍କ ଭିତରେ ସକାରାତ୍ମକ ଭାବନାର ସଂଚାର ପାଇଁ ଏହା ଉଦ୍ଦିଷ୍ଟ। ତାଲାବନ୍ଦ ଯୋଗୁ ସଦା ଚଳଚଞ୍ଚଳ ମାନବ ଜୀବନରେ ଯେଉଁ ପ୍ରତିବନ୍ଧକ ଲାଗିଛି, ତାହା ଆମ ମନୋବଳ ପାଇଁ ଏକ ଶକ୍ତ ଧକ୍କା। ଆର୍ଥିକ ଅସ୍ଥିରତା ଓ ସାମାଜିକ ପ୍ରତିବନ୍ଧକ ଏକ ବିଷଭଳି ମଣିଷର ସ୍ୱଚ୍ଛ ବିଚାରକୁ ମ୍ଳାନ କରୁଛି। ବେକାରିଆପଣର ଚିନ୍ତା ମଣିଷକୁ ନୈରାଶ୍ୟ ଭିତରକୁ ଠେଲି ଦେଉଛି।

ଆଜିକାଲି ରୋଗୀଙ୍କ ସହ ଆଳାପ କଲାବେଳେ ରୋଗଠାରୁ ବେଶି ତାଙ୍କ ମନୋବଳକୁ ଚିକିତ୍ସା କରିବାକୁ ପଡୁଛି। ଲୋକଙ୍କ ମନର ନୈରାଶ୍ୟ ସେମାନଙ୍କ ନକାରାତ୍ମକ ଚିନ୍ତା ସହ ଯୋଡ଼ି ହୋଇଯାଇଛି। ସ୍ୱାସ୍ଥ୍ୟ ସେବା ହେଲ୍‌ପଲାଇନ୍–୧୦୪ରେ ଅନେକ ଯୁବକ ନିରାଶା ଓ ହତାଶାଭରା କୌତୁକପୂର୍ଣ୍ଣ ପ୍ରଶ୍ନ ପଚାରୁଥିବାର ଦୃଷ୍ଟାନ୍ତ ମୋ ପାଖରେ ଅଛି। ତେଣୁ କରୋନାଠାରୁ ବି ବଡ଼ ବିପତ୍ତି 'ଡିପ୍ରେସନ' ଧୀରେ ଧୀରେ ସମାଜରେ ପାଦଦେବାକୁ ଲାଗିଲାଣି। ଏକବିଂଶ ଶତାବ୍ଦୀର ଯୁବପିଢ଼ିଠାରେ ଧୈର୍ଯ୍ୟ ଓ ସହନଶୀଳତାର ଘୋର ଅଭାବ ଥିବାରୁ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେମାନଙ୍କ ମନୋବଳକୁ ଦୃଢ଼ ରଖିବାଟା ଏକ ବଡ଼ ଆହ୍ୱାନ।

ତେଣୁ ତାଲାବନ୍ଦ ୫.୦ ବନାମ ତାଲାଖୋଲା ୧.୦ ବିତର୍କରେ ଆମେ ତାଲାଖୋଲା ୧.୦ ଶବ୍ଦଟି ବ୍ୟବହାର କରିଲେ ଏକ ସକାରାତ୍ମକ ଉର୍ଜାର ସଂଚାଳନା ହେବ। ମଣିଷ ମନରେ ଏକ ଆଶାର ସଂଚାର ହେବ– 'ସବୁ ଠିକ୍ ହେବାର'। ସୁସ୍ଥ ମନୋବଳ ଏହି ମହାବିପତ୍ତିରେ ଆମର ଏକ ବଡ଼ ଅସ୍ତ୍ର। ପେଟର ଭୋକ ଓ ଓଠର ହସ, ଉଭୟର ରକ୍ଷା କରିବା ଲାଗି ସ୍ୱଚ୍ଛ ବିଚାର ଓ ସୁସ୍ଥ ପରିବେଶର ଆବଶ୍ୟକତା ରହିଛି।

ଏହି ବର୍ଷର ସବୁଠାରୁ ବଡ଼ ମାନସିକ ସମସ୍ୟା 'ଡିପ୍ରେସନ' ବା 'ନୈରାଶ୍ୟ'ର ନିରୂପଣ କରିବା ଆମର ସବୁଠାରୁ ବଡ଼ ଦାୟିତ୍ୱ। କରୋନା ଯୋଗୁ ସାମାଜିକ, ଆର୍ଥିକ, ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଦୁର୍ବଳ ହୋଇଥିବା ବେଳେ, ସମୟ ସହ ଏହାକୁ ଆମେ ନିୟନ୍ତ୍ରଣ କରିପାରିବା। ମାତ୍ର ମାନସିକ ସ୍ୱାସ୍ଥ୍ୟକୁ ଠିକ୍ କରିବା ପାଇଁ ଅନେକ ସମୟ ଲାଗିବ। ଏଣୁ ଏହାର ଆରମ୍ଭ ଏବେଠାରୁ କରିବାକୁ ହେବ। ତାଲାବନ୍ଦ ୫.୦କୁ ତାଲାଫିଟା ୧.୦ କହି ଦେଖନ୍ତୁ ତ କେତେ ଭଲ ଲାଗୁଛି। କରୋନା ଏକ ରୋଗ ଯାହା ଆଜି ନ ହେଲେ କାଲି ନିୟନ୍ତ୍ରିତ ହେବ, ମାତ୍ର ମନୋବଳ ଥରେ ଗଲେ ଫେରିବା କଷ୍ଟକର।

ନୟାପଲ୍ଲୀ, ଭୁବନେଶ୍ୱର, ମୋ: ୯୭୭୮୦୩୦୪୯୪

## ଏଇ ଭାରତରେ

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ପାରମ୍ପରିକ କୃଷିର କ୍ଷତି ଏଡ଼ାଇବା ପାଇଁ ଅରବିନ୍ଦ ଧକଡ଼ ବିନା ମାଟିରେ ଷ୍ଟ୍ରବେରି ଚାଷ କରି ପ୍ରଚୁର ଲାଭ କରୁଛନ୍ତି। ମଧ୍ୟପ୍ରଦେଶର ଏହି ଚାଷୀଙ୍କ ଘର ରତଲାମରେ। ସେ କେବଳ ପାଣି ଉପଯୋଗ କରି (ହାଇଡ୍ରୋପୋନିକ୍ସ ଉପାୟ) ୩ ହଜାର ବର୍ଗଫୁଟ ଜାଗାରେ ଏହି ଚାଷ କରୁଛନ୍ତି। ଥରକେ ସେ ୧୦୦୦ କେ.ଜି. ଷ୍ଟ୍ରବେରୀ ଉତ୍ପାଦନ କରୁଛନ୍ତି। ପାରମ୍ପରିକ ପଦ୍ଧତିରେ ଏତିକି ଚାଷରୁ ଯେତିକି ଲାଭ ମିଳିବା କଥା ଧକଡ଼ ତା'ଠାରୁ ୭୦ ପ୍ରତିଶତ ଅଧିକ ଲାଭ ପାଉଛନ୍ତି। ପାରମ୍ପରିକ ଚାଷ ଅପେକ୍ଷା ଏହି ଚାଷରେ ୯୦ ପ୍ରତିଶତ ପାଣି ବଞ୍ଚାଇ ପାରୁଛନ୍ତି। ପ୍ରତି ୧୫ ଦିନରେ ଥରେ ନ୍ୟୁଟ୍ରିଏଣ୍ଟ ମିଶା ୧୦ ଲିଟର ପାଣି ଆବଶ୍ୟକ ପଡୁଛି। ଧକଡ଼ ପଲାଦିନୁ ତାଙ୍କ ବାପାଙ୍କ ସହ ଚାଷ କରୁଥିଲେ। ବାଣିଜ୍ୟରେ ସ୍ନାତକ ଡିଗ୍ରୀ ହାସଲ କଲା ପରେ ସେ କୃଷିକୁ ଆଦରି ନେଇଥିଲେ। ପରେ ୨୦୧୫ରେ ଇସ୍ରାଏଲ ଯାଇ ହାଇଡ୍ରୋପୋନିକ୍ସ ଚାଷ ସମ୍ପର୍କରେ ଶିକ୍ଷା ଲାଭ କରି ଏବେ ଚାଷ କରୁଛନ୍ତି। ପ୍ରଥମେ ସେ ହାଇଡ୍ରେପୋନିକ୍ସ କିଟ୍ ବା ପଟ୍ ଲାଗି ୨୨ହଜାର ଟଙ୍କା ବ୍ୟୟକରି ଏହି ପଦ୍ଧତିରେ ଚାଷ ଆରମ୍ଭ କରିଥିଲେ। ହାଇଡ୍ରୋପୋନିକ୍ସ ଚାଷ ସମ୍ପର୍କରେ ସେ ଏକ ଟ୍ରେନିଂ ପ୍ରୋଗାମ ମଧ୍ୟ ଆରମ୍ଭ କରିଛନ୍ତି। ପ୍ରାୟ ୫ ହଜାର ଲୋକଙ୍କୁ ଏହା ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଲେଣି ବୋଲି କୁହନ୍ତି ଧକଡ଼।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜୁନ୍ ୧୯୯୫

- ବୋସନିଆରେ ସରକାରୀ ସୈନ୍ୟ ଏବଂ ସର୍ବୀୟ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ୨୦ ମୃତ।
- ତାଇୱାନ୍‌ର ରାଷ୍ଟ୍ରପତି ଲି ତେଙ୍ଗ୍–ହୁଇଙ୍କୁ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତରେ ଆସିବା ନିମନ୍ତେ ପ୍ରଶାସନ ଅନୁମତି ଦେଇଥିବାରୁ ଏହାର ପ୍ରତିବାଦରେ ଚାଇନା ତା'ର ରାଷ୍ଟ୍ରଦୂତ ଲି ଦାଓୟୁଙ୍କୁ ପ୍ରତ୍ୟାହାର କରିନେଇଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | D | | | | | | | | | 0 | | E | 7 | 5 |
| | | 7 | | 1 | | | | | | 6 | 3 | | 2 | |
| | | | 6 | 2 | | | | | | | | 0 | 4 | A |
| | | | | | | | C | | 7 | 2 | 8 | | B | |
| | 3 | | A | D | | E | | | | | 9 | C | | |
| | 0 | | | | | | 5 | | | | C | 7 | | D |
| A | | 3 | 4 | 5 | | | | 2 | | | | | 9 | |
| | B | 5 | | C | | | | 1 | 9 | 3 | | | | 6 |
| 6 | | | | 9 | | | | | 4 | | | | | |
| | | | 2 | | | | | | | 7 | 1 | 4 | | |
| 0 | | 9 | 5 | 8 | | | | | | | D | 3 | | |
| | 7 | | | | | | 1 | C | 3 | A | | | | 8 |
| 1 | | | 3 | | | | | 5 | | | | A | 0 | C |
| | 4 | 8 | 1 | | | | | 0 | C | | E | 6 | | |
| | 6 | | | | | B | E | | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | E | 5 | 3 | C | 2 | 9 | 7 | 8 | 4 | 0 | D | B | 1 | 6 |
| 7 | 2 | D | B | 6 | A | 3 | 5 | 4 | E | C | 1 | 9 | 0 | 8 |
| 3 | C | 9 | 5 | 1 | 4 | 0 | D | A | 8 | 6 | B | 7 | 2 | E |
| B | 6 | 4 | 8 | 0 | D | 1 | C | E | 7 | 2 | 9 | A | 5 | 3 |
| 1 | 8 | 0 | E | 9 | 7 | 6 | B | 2 | 3 | A | 5 | C | 4 | D |
| 4 | D | 3 | C | 5 | E | A | 2 | 6 | 0 | 9 | 8 | 1 | 7 | B |
| 9 | A | E | 0 | 2 | 3 | 7 | 4 | D | 1 | B | 6 | 5 | 8 | C |
| 0 | 7 | 6 | 1 | D | B | 8 | 3 | C | 2 | 5 | 4 | E | A | 9 |
| 8 | 1 | B | 6 | A | 9 | 5 | E | 0 | C | 7 | 3 | 4 | D | 2 |
| C | 5 | 2 | 4 | 7 | 8 | B | 1 | 9 | A | D | E | 3 | 6 | 0 |
| 2 | 9 | A | D | 4 | 0 | E | 8 | B | 5 | 1 | C | 6 | 3 | 7 |
| D | 3 | 7 | 9 | B | 1 | C | A | 5 | 6 | 8 | 0 | 2 | E | 4 |
| 6 | 4 | C | 2 | E | 5 | D | 0 | 1 | 9 | 3 | 7 | 8 | B | A |
| E | B | 1 | 7 | 8 | 6 | 2 | 9 | 3 | D | 4 | A | 0 | C | 5 |
| 5 | 0 | 8 | A | 3 | C | 4 | 6 | 7 | B | E | 2 | D | 9 | 1 |

ଗତକାଲିର ଉତ୍ତର



# ଓଡ଼ିଶା ଉଚ୍ଚଶିକ୍ଷାର ଦଶା ଓ ଦିଶା

ଜ୍ଞାନରଞ୍ଜନ ପଣ୍ଡା

ବିଶିଷ୍ଟ ମାର୍କିନ୍ ସମାଜ ସଂସ୍କାରକ ମାଲକମ୍ ଏକ୍ସ କହିଥିଲେ, ଶିକ୍ଷା ଭବିଷ୍ୟତ ପାଇଁ ପାସ୍‌ପୋର୍ଟ। ବାସ୍ତବରେ ଉପଯୁକ୍ତ ଶିକ୍ଷା ପାଇଥିବା ସମାଜର ଭବିଷ୍ୟତ ଉଜ୍ଜ୍ୱଳ। ଆମେରିକା ବିଶ୍ୱର ସର୍ବୋତ୍ତମ ରାଷ୍ଟ୍ର ଏଥିପାଇଁ ଯେ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଅର୍ଦ୍ଧାଧିକ ଏହି ରାଷ୍ଟ୍ରର। ବିଶ୍ୱସ୍ତରରେ ବିଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ନୋବେଲ୍ ପୁରସ୍କାର ପାଉଥିବା ବୈଜ୍ଞାନିକମାନଙ୍କ ମଧ୍ୟରୁ ସର୍ବାଧିକ ଆମେରିକାରେ ଗବେଷଣା କରୁଥାନ୍ତି। ଅପରପକ୍ଷରେ ଆମ ଦେଶ ଭାରତର ବିଶ୍ୱବିଦ୍ୟାଳୟ ଓ ପ୍ରଯୁକ୍ତିବିଦ୍ୟା ସଂସ୍ଥାନଗୁଡ଼ିକ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍‌ରେ ଆସିପାରି ନ ଥାନ୍ତି। ଭାରତର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ମଧ୍ୟ ବିଶ୍ୱସ୍ତରୀୟ ନୁହେଁ। ଭାରତ ଗବେଷଣା କ୍ଷେତ୍ରରେ ମୋଟ ଜାତୀୟ ଉତ୍ପାଦ (ଜିଡିପି)ର ମାତ୍ର ୧% ଖର୍ଚ୍ଚ କରୁଛି।

ଭାରତରେ ଓଡ଼ିଶାର ସ୍ଥିତି ଆହୁରି ନଗଣ୍ୟ। ଓଡ଼ିଶା ପ୍ରଚୁର ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ହୋଇଥିଲେ ମଧ୍ୟ ମାନବସମ୍ବଳର ଠିକ୍ ବିକାଶ ଓ ବିନିଯୋଗ ହୋଇ ନ ପାରିବା କାରଣରୁ ଏହା ଭାରତର ଏକ ପଛୁଆ ରାଜ୍ୟ। ଭାରତର ମାନବସମ୍ବଳ ମନ୍ତ୍ରଣାଳୟ ଦ୍ୱାରା ସଦ୍ୟ ପ୍ରକାଶିତ ନ୍ୟାଶ୍‌ନାଲ ଇନ୍‌ଷ୍ଟିଚ୍ୟୁଶନାଲ୍ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍)ରେ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଓ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନଗୁଡ଼ିକର ସ୍ଥିତି ସେତେ ଭଲ ନୁହେଁ। ସବୁ ଶିକ୍ଷାନୁଷ୍ଠାନକୁ ମିଶାଇ ଯେଉଁ ର୍‍ୟାଙ୍କିଙ୍ଗ୍ ପ୍ରକାଶିତ ହୋଇଛି ସେଥିରେ ଓଡ଼ିଶାର କୌଣସି ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାନ ପାଇପାରି ନାହିଁ। ଏଥିରେ ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର କଲିକତା ବିଶ୍ୱବିଦ୍ୟାଳୟ ୧୧ ନମ୍ବର ସ୍ଥାନରେ ଥିବାବେଳେ ଯାଦବପୁର ବିଶ୍ୱବିଦ୍ୟାଳୟ ୧୨ ନମ୍ବର ସ୍ଥାନରେ ରହିଛି। ବିଶ୍ୱଭାରତୀ ୪୮ ନମ୍ବର ସ୍ଥାନରେ ରହିଛି। ଆଶ୍ୱାସନାର କଥା ହେଲା ଗତବର୍ଷ ୩୮ ନମ୍ବର ସ୍ଥାନରେ ଥିବା ଏନ୍‌ଆଇଟି, ରାଉରକେଲା ଏ ବର୍ଷ ୩୨ ନମ୍ବର ସ୍ଥାନରେ। ଗତବର୍ଷ ୪୬ ନମ୍ବର ସ୍ଥାନରେ ଥିବା ଆଇଆଇଟି, ଭୁବନେଶ୍ୱର ଏ ବର୍ଷ ୫୬ ନମ୍ବର ସ୍ଥାନରେ ରହିଛି। ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଗତବର୍ଷ ୪୧ ନମ୍ବର ସ୍ଥାନରେ ଥିବା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଏ ବର୍ଷ ୩୮ ନମ୍ବର ସ୍ଥାନରେ, ଗତବର୍ଷ ୫୦ ନମ୍ବର ସ୍ଥାନରେ ଥିବା କିଟ୍ ବିଶ୍ୱବିଦ୍ୟାଳୟ ଏବର୍ଷ ୪୪ତମ ସ୍ଥାନରେ ରହିଛି। ଶିକ୍ଷାଦାନ ପାଇଁ ଆବଶ୍ୟକ ସମ୍ବଳ, ଗବେଷଣା ଓ ବୃତ୍ତିଗତ ନିର୍ଯ୍ୟାସ, ସ୍ନାତକମାନଙ୍କ ପରୀକ୍ଷା ଫଳାଫଳ ପ୍ରଭୃତି ବିଭିନ୍ନ ବିଷୟର ଉତ୍କର୍ଷକୁ ଦେଖି ଏହି ର୍‍ୟାଙ୍କିଙ୍ଗ୍ ପ୍ରସ୍ତୁତ କରାଯାଏ।

ଏକଦା ଦେଶବିଦେଶରେ ସୁନାମ ଅର୍ଜନ କରିଥିବା ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଜାତୀୟ ର୍‍ୟାଙ୍କିଙ୍ଗ୍‌ରେ ଏପରି ଖରାପ ପ୍ରଦର୍ଶନ କରିବା ନିଶ୍ଚିତ ଦୁଃଖ ଓ ପରିତାପର ବିଷୟ। ଗବେଷଣା କ୍ଷେତ୍ରରେ ଭଲ ପ୍ରଦର୍ଶନ ନ କଲେ ବିଶ୍ୱବିଦ୍ୟାଳୟଗୁଡ଼ିକ ର୍‍ୟାଙ୍କିଙ୍ଗ୍‌ରେ ଭଲ ସ୍ଥାନ ହାସଲ କରିପାରିବେ ନାହିଁ। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଏକ ଘରୋଇ ଶିକ୍ଷାନୁଷ୍ଠାନ ହେଲେ ମଧ୍ୟ ପୂର୍ଣ୍ଣକାଳୀନ ବୈଜ୍ଞାନିକମାନଙ୍କୁ ନିଯୁକ୍ତି ଦେଇ ଉଚ୍ଚମାନର ଗବେଷଣାତ୍ମକ ନିବନ୍ଧ ପ୍ରକାଶିତ କରିବା ସହିତ ର୍‍ୟାଙ୍କିଙ୍ଗ୍‌ରେ ସମ୍ମାନଜନକ ସ୍ଥାନରେ ରହିଛି। ଅପରପକ୍ଷରେ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାନୁଷ୍ଠାନର ଚାପ ମଧ୍ୟରେ ଅଧ୍ୟାପକମାନେ ଉଚ୍ଚମାନର ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରିବାରେ ଅସମର୍ଥ ହେଉଛନ୍ତି। ଅଧିକାଂଶ ସରକାରୀ ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ଅଧ୍ୟାପକ ପଦବୀ ନ ଥିବା ବେଳେ ଘରୋଇ ବିଶ୍ୱବିଦ୍ୟାଳୟ ଯେପରି ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟ ପର୍ଯ୍ୟାପ୍ତ ପରିମାଣରେ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ର୍‍ୟାଙ୍କିଙ୍ଗ୍‌ରେ ସର୍ବାଗ୍ରେ ଥିବା ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ର ଅନୁପାତ ୧:୧୦। ଏପରି ସ୍ଥିତିରେ ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ଥିତି ଆକଳନ କରନ୍ତୁ। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ଫେଲୋଶିପ୍ ପ୍ରଦାନ କରାଯାଏ। ଆମ ପାଖ ରାଜ୍ୟ ପଶ୍ଚିମବଙ୍ଗର ସରକାରୀ ବିଶ୍ୱବିଦ୍ୟାଳୟରେ ଗବେଷଣା କଲେ ରାଜ୍ୟ ସରକାର ପିଏଚ୍‌ଡି ଛାତ୍ରମାନଙ୍କୁ ଫେଲୋଶିପ୍ ପ୍ରଦାନ କରୁଛନ୍ତି। କିନ୍ତୁ ଓଡ଼ିଶାରେ ଏପରି ବ୍ୟବସ୍ଥା ନାହିଁ। ତେଣୁ କିପରି ଛାତ୍ରୀଛାତ୍ରଙ୍କୁ ଗବେଷଣା ପାଇଁ ଆକର୍ଷିତ କରାଯାଇପାରିବ? ଶିକ୍ଷକ ଓ ଛାତ୍ର ଅନୁପାତ ଠିକ୍ ନ ରହିବା କାରଣରୁ ଶିକ୍ଷାଦାନର ଚାପ ଯୋଗୁ ଅଧ୍ୟାପକମାନେ ଗବେଷଣା ପାଇଁ ସମୟ ପାଉନାହାନ୍ତି। ସମ୍ବଳ ପ୍ରଦାନ କ୍ଷେତ୍ରରେ ମଧ୍ୟ ଆମ ରାଜ୍ୟ ସରକାର ବଡ଼ ବୀତସ୍ପୃହ। ଅଧିକାଂଶ ସରକାରୀ ବିଶ୍ୱବିଦ୍ୟାଳୟରେ ଭିତ୍ତିଭୂମିର ଅଭାବ ରହିଛି। ଏହାଛଡ଼ା ନିୟମିତ ଅଧ୍ୟାପକ ନ ଥିବାରୁ ଅତିଥି ଅଧ୍ୟାପକଙ୍କ ଦ୍ୱାରା କାମ ଚଳାଯାଉଛି। ଏପରି ସ୍ଥିତିରେ ଜାତୀୟ ର୍‍ୟାଙ୍କିଙ୍ଗ୍‌ରେ ଆମେ କିପରି ଭଲ କରିପାରିବା।

ଏହାଛଡ଼ା ଓଡ଼ିଶାରେ ଥିବା ଜାତୀୟସ୍ତରର ଗବେଷଣା ଅନୁଷ୍ଠାନ ଯେପରି ନାଇଜର, ଆଇଓପି, ଆଇଏମ୍‌ଏମ୍‌ଟି ସହିତ ସହଯୋଗରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗବେଷଣା କାର୍ଯ୍ୟ କରାଯାଇପାରନ୍ତା। ଉତ୍କୃଷ୍ଟମାନର ଗବେଷଣାତ୍ମକ ନିବନ୍ଧ ଯଦି ପ୍ରକାଶ କରାଯାଇପାରନ୍ତା ତେବେ ବିଶ୍ୱବିଦ୍ୟାଳୟର ର୍‍ୟାଙ୍କିଙ୍ଗ୍‌କୁ ବଢ଼ାଯାଇପାରନ୍ତା। କିନ୍ତୁ ତାହା ହେଉନାହିଁ। ଅପରପକ୍ଷରେ ପଶ୍ଚିମବଙ୍ଗରେ ଥିବା ଜାତୀୟସ୍ତରର ଗବେଷଣା ସଂସ୍ଥା ସହିତ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ସହଯୋଗମୂଳକ ଗବେଷଣା ପ୍ରଶଂସନୀୟ।

ଅଧ୍ୟାପକମାନଙ୍କ ଅଭାବ, ଗବେଷଣା କ୍ଷେତ୍ରରେ ପଛୁଆ, ଭିତ୍ତିଭୂମିରେ ଦୁର୍ବଳ ଓଡ଼ିଶା ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଜାତୀୟସ୍ତରର ହୋଇ ନ ପାରିବାରୁ ଆମ ରାଜ୍ୟର ଭବିଷ୍ୟତକୁ ଅନ୍ଧକାରମୟ କରି ଗଢ଼ିତୋଳିଛି। ଆମ ସରକାରୀ ମହାବିଦ୍ୟାଳୟଗୁଡ଼ିକ ମଧ୍ୟ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ୍‌ରେ ନିରାଶାଜନକ ପ୍ରଦର୍ଶନ କରୁଛନ୍ତି। ଶ୍ରେଷ୍ଠ ୧୦୦ ମଧ୍ୟରେ କୌଣସି ମହାବିଦ୍ୟାଳୟ ନାହିଁ। ଅଧ୍ୟାପକ ଓ ଛାତ୍ର ଅନୁପାତ ଜାତୀୟସ୍ତରର ନ ହେଲେ, ଗବେଷଣା ପାଇଁ ସମ୍ବଳର ବ୍ୟବସ୍ଥା ଓ ଭିତ୍ତିଭୂମି ନ ଯୋଗାଇଲେ କିଛି ସୁଫଳ ମିଳିବ ନାହିଁ। ଓଡ଼ିଶାର ଉଚ୍ଚଶିକ୍ଷାର ମାନ ବୃଦ୍ଧି ପାଇଁ କିଛି ତ ଚେଷ୍ଟା କରାଯାଉ।

ଗବେଷକ, ଯାଦବପୁର ବିଶ୍ୱବିଦ୍ୟାଳୟ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରେଷ୍ଠ ପୁସ୍ତକ ପଠନୀୟ

ମହାଶୟ,

ଯେତେବେଳେ ପତ୍ର ପ୍ରେରକ ପୁସ୍ତକମେଳା ଦେଖିବାକୁ ଯାଏ ସେତେବେଳେ ଶହ ଶହ ପୁସ୍ତକର ବର୍ଗୀକୃତ ସଂଖ୍ୟା ଦେଖି ଭୟ ଲାଗେ। ଏ ଦୁନିଆରେ କେତେ ବହି! ସବୁ ପଢ଼ିବା ସମ୍ଭବ ନୁହେଁ। ତେଣୁ 'ଅନନ୍ତ ଶାସ୍ତ୍ରଂ ବହୁ ବେଦିତବ୍ୟଂ...ହଂସୋ ଯଥା କ୍ଷୀରମିବାମ୍ବୁମଧ୍ୟାତ୍' ପରି କେବଳ ସାର ଓ ଶ୍ରେଷ୍ଠ ପୁସ୍ତକ ପାଠ କରିବା ଉଚିତ।

ଶ୍ରୀରାମଚନ୍ଦ୍ର ଦାଶ, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

### ପଲିଥିନ ଘରେ ଜୀବନ

ସମୟସ୍ରୋତରେ ଇନ୍ଦିରା ଆବାସର ନାମ ପରିବର୍ତ୍ତନ ହୋଇଗଲାଣି। କାରଣ ଯାହାବି ଥାଉନା କାହିଁକି ଆଜିବି ପଲିଥିନଘେରା ଘରେ ଅନେକେ ଦିନ କାଟୁଛନ୍ତି। ବହୁ ଖାଉଟିଆ ହିତାଧିକାରୀ ଘର ନ କରି ଏକାଧିକ ଥର ଟଙ୍କା ଖାଇସାରିଛନ୍ତି। ରାଜ୍ୟରେ ଠାଏ ଠାଏ କରୋନା ଆସିବା ପୂର୍ବରୁ ଅଧିକାରୀ ଖୋଜି ଖୋଜି ଲୋକଙ୍କ ଘରେ ପହଞ୍ଚି ନିଜ ହାତରେ କୋଡ଼ି ଟୋକେଇ ଧରି ଘର କାମରେ ଲାଗିପଡ଼ିବା ପାଇଁ ଉତ୍ସାହିତ କରୁଥିଲେ। ଫଳ ଶୂନ୍ୟ ହେଲା। ଏଭଳି ପରିସ୍ଥିତିରେ ଠିକାଦାରଙ୍କ ଦ୍ୱାରା ପକ୍କା ଘର ଉଠାଇଦେଲେ ସବୁଠୁ ଭଲ ହୁଅନ୍ତା। ଏ ଯୁଗରେ ସବୁଠୁ ଗରିବଙ୍କୁ ପଲିଥିନ୍ ଘରୁ ବାହାର କରି ପରିବେଶ ଅନୁକୂଳ ନଡ଼ାଛପର ଘର ଯୋଗାଇ ଦିଆଯାଇପାରିବ। କିଛି ଅସମ୍ଭବ କାମ ନୁହେଁ। ଲୋକାଲ୍ କଲେକ୍ଟର ଖାଲି ପାରିଲେ ହେଲା।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

## ଚିରନ୍ତନୀ

ଥରାଇ ଧୀରେ ଧୀରେ କୁସୁମ ବନ
ପବନ ଉଲୁସାଏ ପରାଣ ମନ
ସରସୀ ନୀଳ ନୀରେ ସରୋଜ ଢଳେ ଧୀରେ
ଚଳଇ ହଂସ କରି ମଧୁର ସ୍ୱନ
ପବନ ଉଲୁସାଏ ପରାଣ ମନ।
(ପ୍ରଭାତ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏନ୍‌ଜିଟି କାଠଗଡ଼ାରେ ସୁକିନ୍ଦା ରେଲୱେ ସାଇଡିଂ



- ୩ ଜଣିଆ ତଦନ୍ତ ଟିମ୍ ଗଠନ ନିର୍ଦ୍ଦେଶ
- ଏସ୍‌ପିସିବିର ଅପାରଗତା ଯୋଗୁ ସଙ୍କଟରେ ଶ୍ରମିକଙ୍କ ଜୀବିକା
- ପ୍ରଭାବିତ ହୋଇପାରେ ୫ରୁ ଊର୍ଦ୍ଧ୍ୱ ଶିଳ୍ପ, ଖଣି କମ୍ପାନୀ

**ଯାଜପୁର ଅଫିସ, ୧୭।୬**

ପୂର୍ବତଟ ରେଳପଥ ଅଧୀନ ସୁକିନ୍ଦା ରେଲୱେ ସାଇଡିଂରେ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା (ଆବେଦନ ନମ୍ବର-୩୪/୨୦୨୦)ରେ ରୁଜୁ ହୋଇଛି। ଏହି ମାମଲା ଉପରେ ଏନ୍‌ଜିଟିର ବିଚାରପତି ଏସ୍.ପି. ୱାଙ୍ଗଡି ଓ ବୈଷୟିକ ସଦସ୍ୟ ସିଦ୍ଧାନ୍ତ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶରେ ଯାଜପୁର ଜିଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) କର୍ତ୍ତୃପକ୍ଷଙ୍କୁ ନେଇ ଏକ ତିନି ଜଣିଆ ତଦନ୍ତକାରୀ ଟିମ୍ ଗଠନ କରିବାକୁ ପରାମର୍ଶ ଦିଆଯାଇଛି। ଏଥିଯୋଗୁ ଯଖପୁରା ପରେ ସୁକିନ୍ଦା ରେଲୱେ ସାଇଡିଂ ମଧ୍ୟ ବନ୍ଦ ହେବା ଆଶଙ୍କା ଘନୀଭୂତ ହୋଇଛି। ଏସ୍‌ପିସିବି କର୍ତ୍ତୃପକ୍ଷଙ୍କ ଅପାରଗତା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି।

ସାଧାରଣ ଲୋକଙ୍କୁ ଜଳ ଓ ବାୟୁ ପ୍ରଦୂଷଣରୁ ରକ୍ଷା କରିବାକୁ ଏସ୍‌ପିସିବି କାର୍ଯ୍ୟ କରୁଛି। ସିପିସିବି ଅଧୀନରେ ପରିଚାଳିତ ଏହି ବୋର୍ଡର ଅଧିକାରୀ ଓ କର୍ମଚାରୀମାନେ ଏଥିପାଇଁ ସାଧାରଣ ଲୋକଙ୍କ ଟିକସରୁ ଦରମା ପାଉଛନ୍ତି। କିନ୍ତୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏସ୍‌ପିସିବି କର୍ତ୍ତୃପକ୍ଷ ନିଜ ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦେଉଥିବା ବେଳେ କର୍ତ୍ତବ୍ୟରୁ ଓହରିଯାଇ କେବଳ କାଗଜପତ୍ରରେ ପ୍ରଦୂଷଣ ନିୟନ୍ତ୍ରଣ କରୁଥିବାରୁ ଅଞ୍ଚଳବାସୀ ଏନଜିଟିର ଦ୍ୱାରସ୍ଥ ହୋଇଛନ୍ତି। ଏନ୍‌ଜିଟିର କଡା କାର୍ଯ୍ୟାନୁଷ୍ଠାନ କେବଳ ଶିଳ୍ପାଞ୍ଚଳକୁ କ୍ଷତି ପହଞ୍ଚାଉନାହିଁ ବରଂ ଏଥିରେ ସମ୍ପୃକ୍ତ କର୍ମଚାରୀ ଓ ଶ୍ରମିକଙ୍କ ଜୀବନଜୀବିକା ମଧ୍ୟ ପ୍ରଭାବିତ ହେଉଛି। ସୁକିନ୍ଦା ରେଲୱେ ସାଇଡିଂକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏହି ରେଲୱେ ସାଇଡିଂ ଉପରେ ଜେଏସଡବ୍ଲ୍ୟୁ ଓ ଇମାମି ସିମେଣ୍ଟ, ଇମ୍ଫା, ଭିସା ଷ୍ଟିଲ ପ୍ରଭୃତି କମ୍ପାନୀ ନିର୍ଭର କରୁଛନ୍ତି। ଏଠାରେ ପ୍ରତ୍ୟହ ୧୮,୫୪୭ ମେଟ୍ରିକ ଟନ ଖଣିଜ ଦ୍ରବ୍ୟ ଲୋଡିଂ ଓ ଅନ୍‌ଲୋଡିଂ ହେଉଛି। ଏଥିପାଇଁ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟ ଶତ ପ୍ରତିଶତ ହେବା କଥା। କିନ୍ତୁ ଏସପିସିବିର ବିଫଳତା ଯୋଗୁ ପ୍ରଦୂଷଣରେ ଆଖପାଖ ଅଞ୍ଚଳର ୮୪ ଲୋକଙ୍କ ଜୀବନ ଯାଇଛି ବୋଲି ପୂର୍ବରୁ ଅଭିଯୋଗ ହୋଇଛି। ଏନ୍‌ଜିଟିରେ ହୋଇଥିବା ମାମଲାରେ ଆବେଦନକାରୀ ସୁଶାନ୍ତ ଦାସଙ୍କ ପକ୍ଷରୁ ଓକିଲ ଶଙ୍କରପ୍ରସାଦ ପାଣି ଦର୍ଶାଇଛନ୍ତି ଯେ, ସୁକିନ୍ଦା ରେଲୱେ ସାଇଡିଂରେ ପ୍ରଦୂଷଣ ନିୟନ୍ତ୍ରଣ ସର୍ତ୍ତାବଳୀର ଉଲ୍ଲଂଘନ କରାଯାଉଛି। ଏହାସତ୍ତ୍ୱେ ଏସ୍‌ପିସିବି ପକ୍ଷରୁ ଗତ ମାର୍ଚ୍ଚ ୩୦ ତାରିଖରେ ରେଳ ସାଇଡିଂ ଚାଲୁ କରିବା ଅନୁମତିକୁ ନବୀକରଣ କରାଯାଇଛି। ରେଳବାଇ ତରଫରୁ ସାଇଡିଂ ଅଞ୍ଚଳରେ ଖଣିଜ ଦ୍ରବ୍ୟର ପ୍ରଦୂଷଣ ରୋକିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏପରିକି ସାଇଡିଂର ଛାତ ନାହିଁ। ଖୋଲାସ୍ଥାନରେ ଖଣିଜ ଦ୍ରବ୍ୟ ଗଚ୍ଛିତ ରଖି ପରିବହନ ହେଉଥିବାରୁ ଆଖପାଖ ଅଞ୍ଚଳରେ ଅତ୍ୟଧିକ ବାୟୁ ପ୍ରଦୂଷଣ ହେଉଛି। ବର୍ଷା ଦିନେ ଖଣିଜ ଗୁଣ୍ଡ ମିଶ୍ରିତ ପାଣି ଆଖପାଖ ଚାଷଜମିରେ ମାଡୁଛି। ରେଳ ସାଇଡିଂର ମାତ୍ର ୩୦ ମିଟର ଦୂରରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଏହାଦ୍ୱାରା ବହୁଳ ଭାବେ ପ୍ରଭାବିତ ହେଉଛନ୍ତି। ଏହି ମର୍ମରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୨୦୧୮ ଅଗଷ୍ଟ ୧୩ ତାରିଖରେ ରେଲୱେ ସାଇଡିଂ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଥିଲା। ଏଥିରେ ପ୍ରଦୂଷଣ ରୋକିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏସ୍‌ପିସିବି କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ତାହା କେବଳ ନୋଟିସ୍‌ରେ ସୀମିତ ରହିଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ଏସ୍‌ପିସିବିର ସଦସ୍ୟ ସଚିବ ମଧ୍ୟ ଜାଣିଶୁଣି ନୀରବ ରହିବା ଯୋଗୁ ତାଙ୍କ କାର୍ଯ୍ୟକଳାପରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ତଦନ୍ତକାରୀ ଦଳ ଘଟଣାସ୍ଥଳ ପରିଦର୍ଶନ କରି ୩ ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପରବର୍ତ୍ତୀ ଶୁଣାଣି ଜୁଲାଇ ୨୪କୁ ଧାର୍ଯ୍ୟ କରାଯାଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ଏ ଯାଏ ସେ ଅଫିସିଆଲି ଏନ୍‌ଜିଟି ନିର୍ଦ୍ଦେଶ ପାଇନାହାନ୍ତି। ତଥାପି ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# କୁକୁର ପାଇଁ ଯୁଦ୍ଧ ହୋଇଥିଲା



ଏଥେନ୍ସ: ଇତିହାସରେ ଆଜିପର୍ଯ୍ୟନ୍ତ ଅନେକ ଯୁଦ୍ଧ ହୋଇସାରିଛି। ଯେଉଁଥିରେ ବିଶ୍ୱଯୁଦ୍ଧ ପରି ମହାନ ଯୁଦ୍ଧ ସ୍ଥାନ ପାଇଛି। ସାଧାରଣତଃ ପ୍ରତ୍ୟେକ ଯୁଦ୍ଧ କ୍ଷମତା କିମ୍ବା ସାମ୍ରାଜ୍ୟ ବିସ୍ତାର ପାଇଁ ହୋଇଥାଏ। ମାତ୍ର ଏମିତି ଏକ ଅଦ୍ଭୁତ ଯୁଦ୍ଧ ହୋଇଥିଲା, ଯାହାର କାରଣ ସମସ୍ତଙ୍କୁ ଚକିତ କରିଦେଇଥିଲା। ୟୁରୋପର ଦୁଇ ଦେଶ ମଧ୍ୟରେ ଏପରି ଯୁଦ୍ଧ ହୋଇଥିଲା। ଏହା ଛୋଟ ହେଲେ ବି କାରଣଟା ବେଶ୍ ଆଶ୍ଚର୍ଯ୍ୟଜନକ।

ଗ୍ରୀସ୍ ଏବଂ ବୁଲ୍‌ଗେରିଆ ମଧ୍ୟରେ ବହୁ ବିବାଦ ଲାଗି ରହିଥିଲା। କେହି କାହାର ଛାଇ ଦେଖୁ ନ ଥିଲେ। ଠିକ୍ ଏହି ସମୟରେ ଗ୍ରୀସ୍‌ର ଗୋଟିଏ କୁକୁର ମେସିଡୋନିଆର ସୀମା ଅତିକ୍ରମ କରିଥିଲା। କୁକୁରର ମାଲିକ (ଯିଏ କି ଗ୍ରୀସ୍ ଆର୍ମିରେ ଥିଲେ)। ତେଣୁ କୁକୁରକୁ ଧରିବା ପାଇଁ ସେ ମେସିଡୋନିଆର ସୀମାରେ ପ୍ରବେଶ କରିଥିଲେ। ଫଳରେ ଗ୍ରୀସ୍ ଏବଂ ବୁଲ୍‌ଗେରିଆ ମଧ୍ୟରେ ଯୁଦ୍ଧର ସୂତ୍ରପାତ ହୋଇଥିଲା। ୧୯୨୫ ଅକ୍ଟୋବର ୧୮ରୁ ୨୩ ତାରିଖ ଯାଏ ଏହି ଯୁଦ୍ଧ ହୋଇଥିଲା। ଏହି ଯୁଦ୍ଧରେ ପ୍ରାୟ ୫୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ପରେ ଦୁଇଦେଶ ମଧ୍ୟରେ ଏକ ସନ୍ଧି ହୋଇଥିଲା। ଏହି ଯୁଦ୍ଧରେ ବୁଲ୍‌ଗେରିଆର ଯାହା କିଛି କ୍ଷତି ହୋଇଥିଲା, ତାହା ଗ୍ରୀସ୍ ଭରଣ କରିବ ବୋଲି ସନ୍ଧିରେ ଲେଖାଥିଲା। ଏଥିପାଇଁ ଗ୍ରୀସ୍ ବୁଲ୍‌ଗେରିଆକୁ ୪୫ ହଜାର ପାଉଣ୍ଡ୍ ଅର୍ଥାତ୍ ପ୍ରାୟ ୪୩ ଲକ୍ଷ ଟଙ୍କା ପୈଠ କରିଥିଲା। ଏହି ଯୁଦ୍ଧକୁ 'ପେଟ୍ରିକ୍ ଘଟଣା' ବୋଲି କୁହାଯାଏ।


## TENDER CALL NOTICE

No. b-4

**BID IDENTIFICATION NO. SENH(SBP)/02/2020-21**

| Sl. No. | Name of the Work | Value of Work in INR (Excl GST) | Period of Completion in Calendar Month | Date/Time for receipt of bids | Name and address of the Officer Inviting Tender |
|---|---|---|---|---|---|
| 1 | PR such as Renewal Coat with BC from 265/300 to 269/300 Km of NH-49 for the year 2020-21 | 1,81,97,614.00 | 4 (Four) Calendar Months | 11.00 A.M. of Dt.24.06.2020 to 5.00 P.M. of 08.07.2020 | Superintending Engineer, N.H. Circle, Sambalpur |

Further details can be seen from the MORTH website **https://eprocure.gov.in**.

**Superintending Engineer, N.H. Circle, Sambalpur**
**OIPR-34007/11/0002/2021**


# ଭୂମିହୀନଙ୍କୁ ଘରଡିହ ଯୋଗାଅ: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୧୭।୬(ବ୍ୟୁରୋ)**

ଗ୍ରାମାଞ୍ଚଳରେ ସମସ୍ତ ପରିବାରଙ୍କ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଗତ ୫ ବର୍ଷ ମଧ୍ୟରେ ୨୫ଲକ୍ଷ ୧୮ହଜାର ୪ଶହ ୯୭ ପକ୍କାଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଛି। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ବୈଠକରୁ ଏହା ଜଣାପଡ଼ିଛି। ଲୋକସେବା ଭବନଠାରେ ବୁଧବାର ଅନୁଷ୍ଠିତ ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ ଏ ସମ୍ପର୍କିତ ତଥ୍ୟ ଉପସ୍ଥାପିତ କରିଛନ୍ତି। ଚଳିତ ମାସ ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର କାର୍ଯ୍ୟାନ୍ୱୟନକୁ ଅଧିକ ହିତାଧିକାରୀ କେନ୍ଦ୍ରିକ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପକ୍କାଘର ପାଇବାକୁ ଅପେକ୍ଷାରତ ତାଲିକା ଅନ୍ତର୍ଭୁକ୍ତ ସମସ୍ତ ଭୂମିହୀନ ପରିବାରଙ୍କୁ ଘରଡିହ ଯୋଗାଇବାଲାଗି କୁହାଯାଇଛି। ସେ କହିଛନ୍ତି ଯେ, ଭୂମିହୀନ ପରିବାରଗୁଡ଼ିକ ହିଁ ପ୍ରକୃତରେ ଦରିଦ୍ରତମ। ସେମାନଙ୍କୁ ପକ୍କାଘର ଯୋଗାଣ ଯୋଜନାର ମୌଳିକ ଲକ୍ଷ୍ୟ ହୋଇଥିବାରୁ ସେମାନଙ୍କୁ ଘରଡିହ ଯୋଗାଇବାକୁ ହେବ। ଆବଶ୍ୟକ ପଡ଼ିଲେ ଏଥିଲାଗି ନିୟମରେ ସଂଶୋଧନ ପ୍ରସ୍ତାବ ନିମନ୍ତେ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଜଙ୍ଗଲ ଓ ପରିବେଶ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପିତ କରି ସ୍ୱତନ୍ତ୍ର ପ୍ରକଳ୍ପ ସମୂହ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ କହିଛନ୍ତି, ଗ୍ରାମୀଣ ଗୃହ ଯୋଗାଣ ପାଇଁ ପ୍ରସ୍ତୁତ କରାଯାଇଥିବା ଅପେକ୍ଷାରତ ତାଲିକାରେ ପ୍ରାୟ ୫୭,୨୫୭ ଭୂମିହୀନ ଅଛନ୍ତି। ସେଥିମଧ୍ୟରୁ ଚଳିତ ମାସ ସୁଦ୍ଧା ୮,୦୬୯ ପରିବାରକୁ ଘରଡିହ ଯୋଗାଇ ଦିଆଯାଇଛି।


## ୨୩ତମ ଜନ୍ମଦିନ ଶୁଭେଚ୍ଛା



**ସୁଚିତ୍ରା ବିଶ୍ୱାଳ**
ଗ୍ରାମ: ଚଅଁରପୁର, ଜିଲ୍ଲା: ଜଗତ୍‌ସିଂହପୁର
ଶୁଭେଚ୍ଛା ସହ: ପପୁ, ପିଙ୍କି, ଦିଦି, ଟିକିନା, ମାମା, ଟୁଇଙ୍କିଲ, ତନୁ, ଅନୁ, ରୁପା, ମୁନି, ସାଲୁ, ସୁଇଟିଙ୍କ ତରଫରୁ ଶୁଭ ଅଭିନନ୍ଦନ।


# ଟ୍ୟାପ୍ ମାଧ୍ୟମରେ ଆସିବ 'ଆକ୍ୱାଗାର୍ଡ' ଜଳ

**ଭୁବନେଶ୍ୱର, ୧୭।୬(ବ୍ୟୁରୋ)**

ରାଜ୍ୟରେ ୪ଟି ମହାନଗର ନିଗମରେ ଖୁବଶୀଘ୍ର ଟ୍ୟାପ ଯୋଗେ ୨୪ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଣ ଉପଲବ୍ଧ ହେବ। ଲୋକେ ସିଧାସଳଖ ଏହି ଟ୍ୟାପ୍‌ରୁ ଆକ୍ୱାଗାର୍ଡ ମାନର ପାଣି ପାଇପାରିବେ। ରାଜଧାନୀର କେତେଗୁଡିଏ ୱାର୍ଡରେ ପ୍ରଥମ ପର୍ଯ୍ୟାୟରେ ଏଭଳି ଜଳ ଯୋଗାଣ ଆରମ୍ଭ ହୋଇଛି। ସେହିପରି ବ୍ରହ୍ମପୁର, ପୁରୀ ଏବଂ କଟକରେ ମଧ୍ୟ ଯୋଗାଇ ଦିଆଯିବ। ଏହି ତାଲିକାରେ ସମ୍ବଲପୁର ମହାନଗର ନିଗମକୁ ଅନ୍ତର୍ଭୁକ୍ତ କରିବା ଲାଗି ମତ ପ୍ରକାଶ ପାଇଛି। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ବୁଧବାର ୱାଟ୍କୋର ପାନୀୟ ଜଳ ଯୋଗାଣ ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ୱାଟ୍କୋର ପରିଚାଳନା ନିର୍ଦ୍ଦେଶକ ପି.କେ ସ୍ୱାଇଁଙ୍କ ସମେତ ଅନ୍ୟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ସହରାଞ୍ଚଳରେ ଆକ୍ୱାଗାର୍ଡ ମାନର ଜଳ ଯୋଗାଣ ଉପରେ ୱାଟ୍କୋ ପଦକ୍ଷେପ ନେଉଛି। ଏଥିଲାଗି ସ୍ୱତନ୍ତ୍ରଭାବେ ପାଇପ ବିଛାଯିବା ସହିତ ପ୍ରତ୍ୟେକ ଲୋକଙ୍କ ଘରକୁ ଉନ୍ନତମାନର କଳଙ୍କିବିହିନ ପାଇପ ସଂଯୋଗ ହୋଇଛି। ସେହିଭଳି ଜଳର ମାନ ନିୟମିତଭାବେ ପରୀକ୍ଷା ଲାଗି ବ୍ୟବସ୍ଥା ହୋଇଛି। ସହରାଞ୍ଚଳରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ଏଥିପାଇଁ ତାଲିମ ପ୍ରଦାନ କରାଯାଇଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NEEM SEEDS**
required on urgent basis for Manufacturing.
**ନିମ ମଞ୍ଜି**
ଅତିଶୀଘ୍ର ଦରକାର।
At: DHENKANAL
Contact No.:
9178545391,
9439468968,
9668855308.

**INDIA NETWORK**
ଗୋଲ୍ଡ ମେଟାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecome.in
7599145935
8280122168

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**DHANLAXMI BANK LTD.** REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165


# ବିବାହ ପାଇଁ ଜିଦ୍ ଯୋଗୁ ହତ୍ୟା

**ପଦ୍ମପୁର, ୧୭।୬(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଳ ଥାନା ଅନ୍ତର୍ଗତ ଫ୍ରେଜରପୁର ନିକଟ ପଥରୀ ଜଙ୍ଗଲରୁ ଗତ ୧୧ତାରିଖରେ ଜଣେ ମହିଳାଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାର ପର୍ଦ୍ଦାଫାଶ ହୋଇଛି। ବିବାହ ପାଇଁ ଜିଦ୍ କରିବାରୁ ନିଜ ପ୍ରେମିକ ସମ୍ପୃକ୍ତ ମହିଳାଙ୍କୁ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ପୋଲିସ ଅଭିଯୁକ୍ତ ପାଇକମାଳ ଥାନା ଛେଳିଆମାଳ ଗ୍ରାମର ହୃଷୀକେଶ ଅଦାବର(୩୮)ଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପଦ୍ମପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ପାଇକମାଳ ଥାନାରେ ଦଫା ୩୦୨, ୨୦୧କ୍ରମେ ଏକ ମାମଲା(ନଂ.୯୨/୨୦) ରୁଜୁ ହୋଇଛି। ନିଜ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ କହିଛନ୍ତି, ପଦ୍ମପୁର ଥାନା ବଗେଇକୁରୀ ଗ୍ରାମର ଘନଶ୍ୟାମ ସାହୁଙ୍କ ସ୍ତ୍ରୀ ରେବତୀ(୩୨) ଏବଂ ହୃଷୀକେଶଙ୍କ ମଧ୍ୟରେ ପ୍ରେମସମ୍ପର୍କ ରହିଥିଲା। ଗତ ୮ତାରିଖରେ ରେବତୀ ସ୍ୱାମୀ ଘନଶ୍ୟାମଙ୍କ ସହିତ ପଦ୍ମପୁରର ଷ୍ଟେଟବ୍ୟାଙ୍କକୁ ଆସିଥିଲେ। ମାତ୍ର କିଛି ସମୟ ପରେ ରେବତୀ ସେଠାରୁ ନିଖୋଜ ହୋଇଯାଇଥିଲେ ଏବଂ ଗତ ୧୧ତାରିଖ ପଥରୀ ଜଙ୍ଗଲରୁ ତାଙ୍କ ମୃତଦେହ ମିଳିଥିଲା। ବ୍ୟବଚ୍ଛେଦ ପାଇଁ ମୃତଦେହ ବୁର୍ଲା ଡାକ୍ତରଖାନାକୁ ପଠାଯାଇ ଥିବାବେଳେ ଗତ ୧୪ତାରିଖରେ ଘନଶ୍ୟାମ ସେଠାରେ ପହଞ୍ଚି ସ୍ତ୍ରୀଙ୍କ ମୃତଦେହକୁ ଚିହ୍ନଟ କରିଥିଲେ। ମୃତଦେହ ଚିହ୍ନଟ ପରେ ପୋଲିସ ତଦନ୍ତରେ ଅଗ୍ରଗତି ହୋଇଥିଲା। ହୃଷୀକେଶଙ୍କୁ ଥାନାକୁ ଆଣି ପୋଲିସ ପଚରାଉଚୁରା କରିବା ପରେ ସେ ହତ୍ୟାକାଣ୍ଡ ଭିଆଇଥିବା ସ୍ୱୀକାର କରିଥିଲେ। ପଦ୍ମପୁରର ଏକ ହୋଟେଲ ଛକରୁ ଗତ ୮ତାରିଖରେ ଏକ ବୋଲେରୋରେ ରେବତୀଙ୍କୁ ଧରି ସେ ନୂଆପଡ଼ା ଅଞ୍ଚଳକୁ ନେଇଥିଲେ। ପରଦିନ ଫ୍ରେଜରପୁର ନିକଟ ପଥରୀ ଜଙ୍ଗଲକୁ ଆଣିଥିଲେ। ସେଠାରେ ରେବତୀ ବିବାହ ପାଇଁ ଜିଦ୍ କରିବାରୁ ଅଭିଯୁକ୍ତ ଏକ ଲୁହାରଡ଼ରେ ତାଙ୍କ ମୁଣ୍ଡକୁ ପିଟି ହତ୍ୟା କରଥିଲେ। ପ୍ରମାଣ ନଷ୍ଟ ପାଇଁ ମୃତଦେହ ଉପରେ ବୋଲେରୋକୁ ବାରମ୍ବାର ଚଢ଼ାଇ ଥିବା ନେଇ ଅଭିଯୁକ୍ତ ସ୍ୱୀକାର କରିଛନ୍ତି ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି।


## ZILLA SWASTHY SAMITI, DHENKANAL
## DISTRICT PROGRAMME MANAGEMENT UNIT
## NATIONAL HEALTH MISSION

Notice No. 36 — Date: 17.06.2020

**TENDER CALL NOTICE FOR SUPPLY OF HWC/LAB/NCD MATERIALS**

No. E-63: Sealed tender is invited from the registered suppliers/firms/Distributors for supply of LAB/HWC/NCD consumables for the year 2020-21 for the Dhenkanal District Health Institution. The last date for receiving the tender document to the Office of the undersigned on or before **06.07.2020 upto 05.30 P.M.** and will be opened **on 07.07.2020 at 10.00 A.M.** The detail terms & condition can be downloaded from the website **www.dhenkanal.nic.in**. The undersigned is not responsible for any postal delay. The undersigned reserves the right to reject any or all the proposals without assigning any reason thereof.

**Sd./- CDM&PHO Cum District Mission Director, Dhenkanal**
**OIPR-10059/11/0002/2021**

GOVERNMENT OF ODISHA
## OFFICE OF THE EXECUTIVE ENGINEER SUNDARGARH (R&B) DIVISION, SUNDARGARH

E-mail ID: pwd_sng@yahoo.co.in, Tel./Fax: (06622) 272230

No. B-79 — **"e" Procurement Notice**
Bid Identification No. EE-R&B-SNG-09 of 2020-21
Letter No. 2684/WE — Date: 28.05.20

| | | | |
|---|---|---|---|
| 1. | The Executive Engineer, Sundargarh (R&B) Division on behalf of Governor of Odisha inviting percentage rate bid in **Double Cover** system on ONLINE mode from eligible contractors with valid licences for construction of **Road Works** as detailed in DTCN. | | |
| 2. | Nature of Works | : | Road Works |
| 3. | No. of Work | : | 06 (Six) Nos. |
| 4. | Tender Cost | : | Rs.10,000/- |
| 5. | Class of Contractor | : | "B" & "A" Class Contractor |
| 6. | Availability of bid document in the website | : | From 10.00 A.M. of date: 12.06.2020 to 05.00 P.M. of date: 24.06.2020 |
| 7. | Date of Opening of Bid | : | 10.00 A.M. on Dt.25.06.2020 |
| 8. | The bidders have to participate in ONLINE bidding only. Further details can be seen from the website **(https://tendersodisha.gov.in)**. Any addendum/corrigendum/cancellation of tender can also be seen in the website said only. | | |

**Sd./- Executive Engineer**
**Sundargarh (R&B) Division**
**OIPR-34043/11/0004/2021**

## 'e' Procurement Notice

**Tender Reference No. TCRM-83/2020-21**
**Bid Identification No. 2020_ORULB_61606**

**No. 1381** — **Dt.12.06.2020**

No. C-46: Bid documents consisting of works with their estimated cost, cost of tender paper, EMD, time of completion, class of contractor and the set of terms & conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | | |
|---|---|---|---|
| 1 | Name of the Work | : | Civil work as mentioned in the website |
| 2 | No. of Works | : | 19 Nos. |
| 3 | Estimated Cost | : | Rs.0.90 lakhs to 19.99 lakhs |
| 4 | Period of Completion | : | As per DTCN |
| 5 | Date & time of availability of Bid document in the portal | : | From Dt.16.06.2020 to Dt.26.06.2020 upto 5.00 P.M. |
| 6 | Last date & time for receipt of Bid in the portal | : | Upto 5.00 P.M. of Dt.26.06.2020 |
| 7 | Last date for receipt of financial document | : | Upto 1.00 P.M. of Dt.29.06.2020 |
| 8 | Bid received Online shall be opened on | : | Dt.29.06.2020 at 3.00 P.M. |
| 9 | Name & Address of the Officer Inviting the Bid | : | Executive Officer, Talcher Municipality |

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer**
**Talcher Municipality**
**OIPR-13077/11/0001/2021**

idco | ODISHA NEW OPPORTUNITIES
## EXPRESSION OF INTEREST

**No. HO/CIV/T&E/E-4468/01/2019/8687** — **Date: 10.06.2020**

No. CAD-174: Expression of Interest is invited from Architects for rendering Architectural Planning & Design Services for **"Construction of Red Cross Bhawan inside the premises of IRCS-OSB, Bhubaneswar"**. The details EOI notice can be seen in our website **www.idco.in** (in tenders EoI/REP/Others). The bid document can be downloaded from 5.00 P.M. of 18.06.2020. The last date of submission of the EOI is 02.07.2020 by 5.00 P.M. by Regd. Post or Speed Post/Courier Services only.

**Sd./- Chief General Manager (Civil)**
**IDCO, Bhubaneswar**
**OIPR-14003/11/0028/2021**

## TENDER CALL NOTICE

No. E-62: Sealed tenders are invited from Registered Manufacturers / Authorized Distributors / Suppliers through Speed Post/Registered Post/Courier for supply of **ASSESSMENT TOOL TEST MATERIALS FOR DMHP CLINIC, DHH, SUNDARGARH** for the year 2020-21. The willing reputed supplier/wholesalers/manufacturers are requested to submit sealed tenders to the Office of the undersigned on or before **29.06.2020 till 5 P.M.** and the tender will be opened on dated **30.06.2020 at 11.30 A.M.** The bidders or their representatives are requested to remain present in the scheduled date and time. Separate tender documents can be downloaded/obtained from the district website **www.sundargarh.nic.in**/NCD Cell, O/o. CDM & PHO, Sundargarh. This office will not entertain any tender after the due date/time fixed for at any circumstances. The undersigned reserves the right to reject any or whole tender without assigning any reason thereof.

**Sd./- Chief District Medical & Public Health Officer, Sundargarh**
**OIPR-10100/11/0002/2021**

idco | ODISHA NEW OPPORTUNITIES — No. CAD-175
## OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR
**TENDER CALL NOTICE**

File No. H.O./P&C/EST/E-1348/03/2018/8620 — Dt.09.06.2020

**NOTICE INVITING TENDER THROUGH e-Procurement**

Name of the Work : Providing LED Street lighting from Gita College entry point to Infosys Campus, Supply and Installation of 1 No. 20 mtr. high mast with Construction of 63KVA, 11/0.4KV Substation for power supply to street lighting and high mast at Electronics Park, Infocity-II, Janla, Khordha

Period of Completion : 02 (Two) Calendar Months

| Procurement Officer | Bid Identification No. | Availability of Tender Online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/ EST/E-15/2020-21 | Dtd.25.06.2020 at 12.00 hrs. | Dtd.17.07.2020 upto 17.00 Hrs. |

Further details can be seen from the e-Procurement Portal, **www.tendersodisha.gov.in** and Corrigendum if any will not be published in Newspapers and can only be seen in the e-procurement portal as well as in IDCO website.

**Sd./- Chief General Manager (P&C)**
**IDCO, Bhubaneswar**
**OIPR-14003/11/0029/2021**

## ସଂକ୍ଷେପରେ

### ୧୪ ଦିନ କ୍ବାରାଣ୍ଟାଇନରେ ୨୧ ପୋଲିସ କର୍ମଚାରୀ

**କଣାସ,୧୭।୬(ସ୍ବ.ପ୍ର.):** ପୁରୀ ଜିଲା କଣାସ ବ୍ଲକ ଅଞ୍ଚଳରେ ୨ଜଣ ଅଭିଯୁକ୍ତ ବୁଧବାର କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଫଳରେ ଏମାନଙ୍କ ସଂସ୍ପର୍ଶରେ ଆସିଥିବା କଣାସ ଥାନାର ୧୦ଜଣ ଓ ଗଡ଼ିଶାଗୋଦା ଥାନାର ୧୧ଜଣ ପୋଲିସ କର୍ମଚାରୀଙ୍କୁ ୧୪ଦିନ କ୍ବାରାଣ୍ଟାଇନରେ ରହିବାକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, କଣାସ ଥାନା ଅଞ୍ଚଳରେ ବାଇକ୍ ଚୋରି ଘଟଣାରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ ପାଇଁ ନେବାବେଳେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଭିଯୁକ୍ତଙ୍କ ସ୍ବାବ ପରୀକ୍ଷା ପାଇଁ ପଠାଯାଇଥିଲା। ତେବେ ବୁଧବାର ରିପୋର୍ଟରେ ପଜିଟିଭ ଆସିବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ୧୦ଜଣ କର୍ମଚାରୀଙ୍କୁ ଏସ୍‌ପି ଉମାଶଙ୍କର ଦାଶଙ୍କ ନିର୍ଦ୍ଦେଶକ୍ରମେ ପୁରୀ କ୍ବାରାଣ୍ଟାଇନ ସେଣ୍ଟରକୁ ପଠାଯାଇଥିବା କଣାସ ଆଇଆଇସି ତପନ ରାଉତ କହିଛନ୍ତି। ସେହିପରି ଗଡ଼ିଶାଗୋଦା ଥାନା ପୋଲିସ ଅନ୍ୟ ଏକ କେସ୍‌ରେ ଭୁବନେଶ୍ବରର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲଣ କରିଥିଲେ। ତାଙ୍କର ମଧ ସ୍ବାବ ପରୀକ୍ଷା ପାଇଁ ପଠାଯାଇଥିବାବେଳେ ବୁଧବାର ରିପୋର୍ଟରେ ପଜିଟିଭ ଆସିଥିଲା। ଏହି ଅଭିଯୁକ୍ତଙ୍କ ସଂସ୍ପର୍ଶରେ ୧୧ଜଣ ପୋଲିସ କର୍ମଚାରୀ ଥିଲେ। ଏହି କର୍ମଚାରୀମାନଙ୍କୁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ୧୪ଦିନ ହୋମ କ୍ବାରାଣ୍ଟାଇନରେ ରହିବାକୁ ଗୋଡ଼ିଶଗୋଦା ଥାନା ଆଇଆଇସି ଦେବାଶିଷ ମିଶ୍ର କହିଛନ୍ତି।

### ୬ ଦିନ ଲାଗି ବ୍ରହ୍ମଗିରି ଶଟ୍‌ଡାଉନ

**ବ୍ରହ୍ମଗିରି,୧୭।୬(ଡି.ଏନ.ଏ ):** ବ୍ରହ୍ମଗିରି ଅଞ୍ଚଳର ଜଣେ ଆଇନଜୀବୀଙ୍କୁ କରୋନା ଚିହ୍ନଟ ହେବା ପରେ ସମ୍ପୂର୍ଣ୍ଣ ଗାଁକୁ ୬ ଦିନ ଲାଗି ସରପଞ୍ଚ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଆଇନଜୀବୀ ଜଣକ କରୋନା ସଚେତନତା କାର୍ଯ୍ୟକ୍ରମରେ ସାମିଲ ଥିବାରୁ ସେ ୩ ଦିନ ତଳେ ତାଙ୍କର ସ୍ବାବ ପରୀକ୍ଷା ପାଇଁ ଦେଇଥିଲେ। ମଙ୍ଗଳବାର ତାଙ୍କର ରିପୋର୍ଟ ପଜିଟିଭ ଆସିବାରୁ ତାଙ୍କୁ କୋଭିଡ ହସ୍ପିଟାଲକୁ ପଠାଯାଇଛି। ଏହାସହ ଆଇନଜୀବୀଙ୍କ କଣ୍ଟାକ୍ଟ ଟ୍ରେସିଂ ଚାଲିଛି। ଏହି ଘଟଣା ପରେ ବ୍ରହ୍ମଗିରି ପଞ୍ଚାୟତର ସରପଞ୍ଚ ସସ୍ମିତା ସାହୁ ବ୍ରହ୍ମଗିରି ଗ୍ରାମକୁ ୬ ଦିନ ପାଇଁ ଶଟଡାଉନ ଘୋଷଣା କରି ଗାଁର ସମସ୍ତ ରାସ୍ତାକୁ ସିଲ କରିଛନ୍ତି। ଏହାସହ ଏହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି।

### ହିମାଳୟ ଭାଲୁ କୁଲୁର ଅବସ୍ଥା ସଙ୍କଟାପନ୍ନ

**ବାରଙ୍ଗ,୧୭।୬(ଡି.ଏନ.ଏ):** ନନ୍ଦନକାନନର ୧୫ନଂ. ଏନକ୍ଲୋଜରରେ ରହୁଥିବା ମାଈ ହିମାଳୟ ଭାଲୁ କୁଲୁର ଅବସ୍ଥା ସଙ୍କଟାପନ୍ନ ହୋଇଛି। ଗତ ମେ'ରେ ତା'ର ଅସୁସ୍ଥତା ଆରମ୍ଭ ହୋଇଥିଲା। ହଠାତ ଅସୁସ୍ଥ ହୋଇଥିବାରୁ ଏନକ୍ଲୋଜର ମଧ୍ୟରେ ଅଚେତ ହୋଇପଡ଼ିଥିଲା। ଧୀରେ ଧୀରେ ଖାଇବା ମଧ କମାଇବାକୁ ଆରମ୍ଭ କରିଥିଲା। ଏ ନେଇ ଡାକ୍ତରମାନେ ଚିକିତ୍ସା କରିଥିଲେ ମଧ କୌଣସି ସୁଧାର ଆସି ନ ଥିଲା। ଏବେ ପରୀକ୍ଷା କରିବା ପରେ କୁଲୁ ଟିବି ରୋଗରେ ଆକ୍ରାନ୍ତ ଥିବା ଜଣାପଡିଛି। ବିଶେଷଜ୍ଞଦଳ ଆସି କୁଲୁର ସ୍ବାସ୍ଥ୍ୟାବସ୍ଥାକୁ ଅନୁଧ୍ୟାନ କରି ଫେରିବା ସହ ଏଠାକାର ଡାକ୍ତରମାନଙ୍କୁ ଚିକିତ୍ସା ପ୍ରଣାଳୀ ବୁଝାଇଯାଇଛନ୍ତି। ଏବେ ନନ୍ଦନକାନନରେ ୬ଟି ହିମାଳୟ ଭାଲୁ ଥିବାର ଜନ୍ତୁ ବିଭାଗ ରେଞ୍ଜର ସୁଦୀପ୍ତ କୁମାର ପଣ୍ଡା କହିଛନ୍ତି। ୧୯୯୫ମସିହାରେ ଜନ୍ମଗ୍ରହଣ କରିଥିବା କୁଲୁକୁ ବୟସ ୨୫ବର୍ଷ। ସେ ଏହି ସମୟ ଭିତରେ ୩ଟି ଶାବକ ଜନ୍ମ କରିଛି।

# ନୂଆ ୧୭୫ ଚିହ୍ନଟ, ୭୩ ସୁସ୍ଥ

ଭୁବନେଶ୍ବର,୧୭।୬(ବ୍ୟୁରୋ)

- ବଢ଼ୁଛି ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା, ଦିନକରେ ୩୦
- କୋଲକାତାରୁ ଫେରିଥିବା ୨୧ ଅଗ୍ନିଶମ କର୍ମଚାରୀ ଚିହ୍ନଟ



ରାଜ୍ୟରେ ଆଉ ୧୭୫ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୪୫ଜଣଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ଠାବ କରାଯାଇଥିବାବେଳେ ଆଉ ୩୦ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଫଳରେ ରାଜ୍ୟରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪,୩୩୮ରେ ପହଞ୍ଚିଛି। ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୨୧ଜଣ ଅଗ୍ନିଶମ କର୍ମଚାରୀ ରହିଛନ୍ତି। ଏହି କର୍ମଚାରୀମାନେ ଅମ୍ଫନ ବାତ୍ୟା ପରେ କଲିକତାରେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇ ଓଡ଼ିଶା ଫେରିଥିଲେ। ଏଥିସହିତ ଗଜପତି ଜିଲାରୁ ସର୍ବାଧିକ ୫୭ଜଣ ରହିଥିବାବେଳେ ଖୋର୍ଦ୍ଧାରୁ ୨୫, ପୁରୀରୁ ୧୮, ବରଗଡ଼ରୁ ୧୧, ଜଗତସିଂହପୁର, କନ୍ଧମାଳରୁ ୭ଜଣ ଲେଖାଏ ରହିଛନ୍ତି। ସେହିପରି ବାଲେଶ୍ବର ୬, ମୟୂରଭଞ୍ଜ, ସୁନ୍ଦରଗଡ଼ରୁ ୫ଜଣ ଲେଖାଏ ରହିଥିବାବେଳେ ନୂଆପଡ଼ାରୁ ୪, କଟକ, ବଲାଙ୍ଗୀରରୁ ୩ଜଣ ଲେଖାଏ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ଗଞ୍ଜାମରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି।

ସେପଟେ ବୁଧବାର ଆଉ ୭୩ଜଣ ସୁସ୍ଥ ହୋଇଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୩ହଜାର ଟପିଛି। ଏମାନଙ୍କ ମଧ୍ୟରୁ କନ୍ଧମାଳରୁ ୧୪, କେନ୍ଦୁଝରରୁ ୧୧, ଖୋର୍ଦ୍ଧାରୁ ୧୦, ଭଦ୍ରକରୁ ୯, ଯାଜପୁରରୁ ୭, ମୟୂରଭଞ୍ଜରୁ ୬, ଗଞ୍ଜାମରୁ ୪, କଟକରୁ ୩ଜଣ ରହିଛନ୍ତି। ସେହିପରି ବାଲେଶ୍ବର, ଜଗତ୍‌ସିଂହପୁର, ଝାରସୁଗୁଡ଼ା ଓ କଳାହାଣ୍ଡିରୁ ୨ଜଣ ଲେଖାଏ ଥିବାବେଳେ ବଲାଙ୍ଗୀରରୁ ଜଣେ ରୋଗୀସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏହି ୭୩ଜଣ ସୁସ୍ଥ ହେବା ପରେ ଏବେ ରାଜ୍ୟରେ ସୁସ୍ଥ ରୋଗୀଙ୍କ ସଂଖ୍ୟା ୩୦୪୭କୁ ବୃଦ୍ଧି ପାଇଯାଇଛି। ବର୍ତ୍ତମାନ ୧୨୭୭ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ୭ ରେଳ କର୍ମଚାରୀ, ୨ଚୋର, ଓକିଲ ସଂକ୍ରମିତ

ଖୋର୍ଦ୍ଧାରୁ ଚିହ୍ନଟ ହୋଇଥିବା ୨୫ଜଣଙ୍କ ମଧ୍ୟରୁ ଭୁବନେଶ୍ବରର ୧୭ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରେ ୭ଜଣ ରେଳ ବିଭାଗ କର୍ମଚାରୀ ରହିଛନ୍ତି। ଏମାନଙ୍କ ବୟସ ୩୦ରୁ ୪୦ବର୍ଷ ମଧ୍ୟରେ ରହିଛି। ସମସ୍ତେ ଦିଲ୍ଲୀରୁ ଫେରି ହୋମ୍ କ୍ବାରାଣ୍ଟାଇନ୍‌ରେ ଥିଲେ। ପଜିଟିଭ୍ ଆସିବା ପରେ ସେମାନଙ୍କୁ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସେହିପରି ଭୁବନେଶ୍ବରରେ ଆଉ ୩ଜଣ ସ୍ଥାନୀୟ ଆକ୍ରାନ୍ତ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନେ ହେଉଛନ୍ତି ପୁରୀ କେନାଲ ରୋଡ୍‌ସ୍ଥିତ ନହରକଣ୍ଟାର ଜଣେ ୨୭ବର୍ଷ ଯୁବକ, କେନ୍ଦ୍ର ସରକାରଙ୍କ ଏକ ହସ୍ପିଟାଲର ଜଣେ ୩୨ବର୍ଷୀୟ କର୍ମଚାରୀ ଓ ଜୟଦେବ ବିହାର ସରଣପଲ୍ଲୀର ଜଣେ ୩୭ବର୍ଷୀୟା ମହିଳା। ସରଣପଲ୍ଲୀର ଏହି ମହିଳା ଜଣଙ୍କ ସ୍ଥାନୀୟ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ପୁରୀ ଜିଲାରେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ୧୮ଜଣଙ୍କ ମଧ୍ୟରେ ଜଣେ ଓକିଲ, ମୋହରିର ଏବଂ ଦୁଇଜଣ ଅଭିଯୁକ୍ତ ଅଛନ୍ତି। ଗତ ୪ତାରିଖରେ କଣାସ ପୋଲିସ ଗାଡ଼ି ଚୋରି କରିଥିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଧରିଥିବାବେଳେ ଗଡ଼ିଶାଗଦା ପୋଲିସ ଜଣେ ଲୁଟେରାଙ୍କୁ ଗିରଫ କରିଥିଲା। ଉକ୍ତ ଦୁଇଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯିବା ପରେ ସେମାନଙ୍କ କରୋନା ପଜିଟିଭ୍ ବାହାରିଥିଲା। ତେଣୁ କଣାସ ଥାନାର ୧୧ଜଣ ଓ ଗଡ଼ିଶାଗଦା ଥାନାର ୭ଜଣ ମୋଟ ୧୮ଜଣ ପୋଲିସ କର୍ମଚାରୀଙ୍କୁ କ୍ବାରାଣ୍ଟାଇନ୍‌ରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# କାର୍ଟୁନ ମାସ୍କର ଚାହିଦା

କୋଲକାତା




ଲକ୍‌ଡାଉନ୍‌ରେ ବି ପିଲାମାନେ ବାର୍ଥ ଡେ ପାର୍ଟି କରୁଛନ୍ତି। ଏହି ପାର୍ଟିକୁ ଯିବା ପାଇଁ ଏବେ କିଣା ହେଉଛି କାର୍ଟୁନ ମାସ୍କ। ଆଉ ପାର୍ଟି ହେଉଛି ଅନ୍‌ଲାଇନ୍‌ରେ। ଲକ୍‌ଡାଉନ୍ ପାଇଁ ଏବେ ସବୁକିଛି ଅନ୍‌ଲାଇନ୍‌ରେ ହେଉଥିବା ବେଳେ ଅନ୍‌ଲାଇନ୍‌ରେ ବି ହେଉଛି ବାର୍ଥ ଡେ ପାର୍ଟି। ଏହି ଅନ୍‌ଲାଇନ୍ ବାର୍ଥ ଡେ ପାର୍ଟିର ଟ୍ରେଣ୍ଡ ଏବେ ବଢ଼ିବାରେ ଲାଗିଛି କୋଲକାତାରେ।

ଅନ୍‌ଲାଇନ୍ ପାର୍ଟି ପାଇଁ ପିଲାମାନେ ଏବେ ନୂଆ ଡ୍ରେସ୍ ଆଉ ନୂଆ ମାସ୍କ କିଣିବାରେ ଲାଗିଛନ୍ତି। ଏଥିପାଇଁ କୋଲକାତା ମାର୍କେଟ୍‌ରେ ଏବେ କାର୍ଟୁନ ମାସ୍କର ଚାହିଦା ହଠାତ୍ ବୃଦ୍ଧି ପାଇଛି। ପିଲାଙ୍କ ଚାହିଦାକୁ ଦେଖି ଟମ୍ ଆଣ୍ଡ ଜେରି, ସୁପରହିରୋ, ସ୍ପାଇଡରମ୍ୟାନ୍, ମୋଟୁପତଲୁ, ଛୋଟାଭିମ୍, ଡୋରେମନ୍ ଆଦି ବିଭିନ୍ନ ପ୍ରିଣ୍ଟ ଥିବା ମାସ୍କ ବିକ୍ରି ହେବାରେ ଲାଗିଛି। ପାର୍ଟି ଡ୍ରେସ୍‌କୁ ମ୍ୟାଚ କଲାଭଳି ମାସ୍କ ପିନ୍ଧିବାକୁ ପିଲାମାନେ ପସନ୍ଦ କରୁଛନ୍ତି। ସେଥିପାଇଁ କାର୍ଟୁନ ଥିମ୍‌ର ମାସ୍କଗୁଡ଼ିକ ଏବେ କୋଲକାତାର ବିଭିନ୍ନ ଷ୍ଟୋରରେ ଖୁବ୍ ବିକ୍ରି ହେବାରେ ଲାଗିଛି। ଅବଶ୍ୟ ପିଲାଙ୍କ ବ୍ୟବହାରକୁ ଦୃଷ୍ଟିରେ ରଖି ମାସ୍କଗୁଡ଼ିକ ସଫ୍ଟ ଏବଂ ଆରାମଦାୟକ କରାଯାଇଛି। ଏହି ସବୁ ମାସ୍କ ୩୫ ଟଙ୍କାରୁ ଆରମ୍ଭ କରି ୨୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ପିଲାଙ୍କ ମାନସିକତାକୁ ଦୃଷ୍ଟିରେ ରଖି ବିକ୍ରେତାମାନେ ଏଭଳି ମାସ୍କ ତିଆରି କରୁଛନ୍ତି। ତେବେ ପିଲାଙ୍କ ପାଇଁ ବିକ୍ରି ହେଉଥିବା କାର୍ଟୁନ ମାସ୍କଗୁଡ଼ିକୁ ଟିନ୍‌ଏଜରମାନେ ବି ପସନ୍ଦ କରୁଛନ୍ତି।

## କରୋନା ପଜିଟିଭ୍ ରିପୋର୍ଟକୁ ନେଇ ଦ୍ବନ୍ଦ୍ବ

ଖୋର୍ଦ୍ଧା ଅଫିସ,୧୭।୬

ଖୋର୍ଦ୍ଧା ଜିଲାରେ କରୋନା ପଜିଟିଭ୍ ସଂଖ୍ୟାକୁ ନେଇ ଦ୍ବନ୍ଦ୍ବ ସୃଷ୍ଟି ହୋଇଛି। ରାଜ୍ୟ ସ୍ବାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରିପୋର୍ଟ ଅନୁଯାୟୀ ଜିଲାରେ ପଜିଟିଭଙ୍କ ସଂଖ୍ୟା ୨୫। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀଙ୍କ ସୂଚନାନୁଯାୟୀ ସିଡିଏମ୍‌ଓଙ୍କ ରିପୋର୍ଟ ଅନୁସାରେ ଖୋର୍ଦ୍ଧା ଜିଲାରେ (ଭୁବନେଶ୍ବରକୁ ବାଦ୍ ଦେଇ) ୪ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅର୍ଥାତ ବିଏମ୍‌ସିରେ ୧୭ ଏବଂ ଖୋର୍ଦ୍ଧାର ୪ମିଶି ସମୁଦାୟ ୨୧। କିନ୍ତୁ ରାଜ୍ୟ ସ୍ବାସ୍ଥ୍ୟ ବିଭାଗ ୱେବସାଇଟ୍‌ରେ ରହିଛି ୨୫ ପଜିଟିଭ୍। ତେବେ କିଏ ଠିକ୍ କହୁଛନ୍ତି ତାହାକୁ ନେଇ ସାଧାରଣରେ ଦ୍ବନ୍ଦ୍ବ ଦେଖାଦେଇଛି।

## ସୂର୍ଯ୍ୟନାରାୟଣ ଡମପଡ଼ା ବ୍ଲକ ଅଧ୍ୟକ୍ଷ

ବାଙ୍କୀ,୧୭।୬(ସ୍ବ.ପ୍ର./ବି.ପ୍ର)

**ଅନାସ୍ଥା ପ୍ରସ୍ତାବରେ ପଦ ହରାଇଥିଲେ ଶଶାଙ୍କ**

କଟକ ଜିଲା ଅନ୍ତର୍ଗତ ଡମପଡ଼ା ବ୍ଲକରେ ବୁଧବାର ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥୀ ସୂର୍ଯ୍ୟନାରାୟଣ ପାତ୍ର ନିର୍ବାଚିତ ହୋଇଛନ୍ତି। ଏହି ପଦପାଇଁ ସୂର୍ଯ୍ୟନାରାୟଣ ଓ ଡମପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଶଶାଙ୍କଶେଖର ସ୍ବାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ପଞ୍ଚାୟତର ମୋଟ ୩୫ ସମିତି ସଭ୍ୟଙ୍କ ମଧ୍ୟରୁ ୧୭ଜଣ ବ୍ଲକ କାର୍ଯ୍ୟାଳୟକୁ ଆସିଥିବାବେଳେ ୧୬ଜଣ ନିର୍ବାଚନରେ ଭାଗନେଇଥିଲେ। ଏଥିରେ ସୂର୍ଯ୍ୟନାରାୟଣଙ୍କୁ ୯ ଖଣ୍ଡ ଭୋଟ ମିଳିଥିବା ବେଳେ ଶଶାଙ୍କଙ୍କୁ ୫ଖଣ୍ଡ ମିଳିଥିଲା। ୨ଜଣ ସମିତିସଭ୍ୟଙ୍କ ଭୋଟ ନାକଚ ହୋଇଯାଇଥିଲା। ଫଳରେ ସୂର୍ଯ୍ୟନାରାୟଣଙ୍କୁ ବିଜୟୀ ଘୋଷଣା କରାଯାଇଛି।

ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦର୍ଶାଇ ସମିତି ସଭ୍ୟମାନେ ସ୍ବାଇଁଙ୍କ ବିରୋଧରେ ୨୦୧୯ ଅକ୍ଟୋବର ୧ରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏଥିପାଇଁ ଭୋଟିଂ ମଧ ହୋଇଥିଲା। ହେଲେ ଭୋଟ ଗଣତି ଉପରେ ରହିତାଦେଶ ଜାରି କରିବାକୁ ଶଶାଙ୍କ ହାଇକୋର୍ଟଙ୍କ ଦ୍ବାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ଆବେଦନର ଶୁଣାଣି କରିବା ସହ ଅନାସ୍ଥା ଭୋଟ ଗଣତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗଣତି ପରେ ପଞ୍ଚାୟତ ସମିତି ଭାଙ୍ଗି ଯିବା ସହ ଶଶାଙ୍କ ଗତ ମାର୍ଚ୍ଚ ୧୬ରେ ପଦଚ୍ୟୁତ ହୋଇଥିଲେ। ପରେ ଉପାଧ୍ୟକ୍ଷା ରେବତୀ ଜେନା ଏହି ପଦ ଭାର ସମ୍ଭାଳି ଥିଲେ। ତା' ପରେ ସୂର୍ଯ୍ୟନାରାୟଣ ସାନି ନିର୍ବାଚନ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଆବେଦନ କରିଥିଲେ। ହେଲେ ଶଶାଙ୍କ ନିର୍ବାଚନ ପ୍ରସ୍ତୁତି ଉପରେ ରୋକ୍ ଲଗାଇବାକୁ ଆଉ ଥରେ ହାଇକୋର୍ଟଙ୍କ ଦ୍ବାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ଆବେଦନର ଶୁଣାଣି କରି ନିର୍ବାଚନ କମିଶନ ଯାହା ନିଷ୍ପତ୍ତି ନେବେ ତାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ବୁଧବାର ନିର୍ବାଚନ ହୋଇଥିଲା। ନିର୍ବାଚନରେ ଶଶାଙ୍କ ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଲଢ଼ି ପରାସ୍ତ ହୋଇଛନ୍ତି। ସୂର୍ଯ୍ୟନାରାୟଣ ଡମପଡ଼ା ବ୍ଲକର ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବାପରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଡମପଡ଼ା ତହସିଲଦାର କ୍ଷିତିଶ ବେହେରା ନିର୍ବାଚନ ଅଧିକାରୀଭାବେ କାର୍ଯ୍ୟ ପରିଚାଳନା କରିଥିଲେ। ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା ଏଥିରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ଅଲେଖ ପହିଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟରେ ପୋଲିସ ଫୋର୍ସ ମୁତୟନ ହୋଇଥିଲା।

# କଣ୍ଟେନମେଣ୍ଟ ଜୋନ୍‌ରେ ଜିଲାପାଳଙ୍କ ଅଫିସ

ପୁରୀ ଅଫିସ,୧୭।୬

କଣ୍ଟେନମେଣ୍ଟ ଜୋନ୍ (ଆବଦ୍ଧ ଅଞ୍ଚଳ)ରେ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ। ପୁରୀ କୋର୍ଟ ପରିସରର ଜଣେ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହେବା ପରେ ବୁଧବାର ପ୍ରଶାସନ ପକ୍ଷରୁ ତ୍ବରିତ୍ବ ପଦକ୍ଷେପ ନିଆଯାଇଛି। ପୁରୀ କୋର୍ଟ ସମେତ ଏହାର ଆଖପାଖ କାର୍ଯ୍ୟାଳୟ ଏବଂ ଅଞ୍ଚଳକୁ ସାନିଟାଇଜ କରାଯାଇଛି। ଏଥିସହ ଜିଲାପାଳ ବଲୱନ୍ତ ସିଂ ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଇଲେକ୍ଟ୍ରି ଅଫିସ ଛକଠାରୁ ଜିଲା ରେକର୍ଡ ରୁମ୍ ଶେଷ, ଜିଲା ରେକର୍ଡ ରୁମ୍‌ଠାରୁ ସମୁଦ୍ରକୂଳ ଥାନା ଛକ ପଛପାର୍ଶ୍ବ, ସମୁଦ୍ରକୂଳ ଥାନା ଛକ ପଛ ପାର୍ଶ୍ବରୁ ଜିଲା ସିଭିଲ କୋର୍ଟ ପଛପାର୍ଶ୍ବ ଶେଷ ଏବଂ ସେଠାରୁ ତହସିଲ ଅଫିସ, ଡିଆରଡିଏ ଅଫିସ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଇଲେକ୍ଟ୍ରି ଅଫିସ ଛକକୁ ଆବଦ୍ଧ ଅଞ୍ଚଳ ଘୋଷଣା କରାଯାଇଛି। ଏହା ମଧ୍ୟରେ ଖୋଦ୍ ଜିଲାପାଳଙ୍କ ଅଫିସ ସହିତ ତହସିଲ, ଡିଆରଡିଏ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ପୁରୀ କୋର୍ଟ ଆଦି ଅନେକ କାର୍ଯ୍ୟାଳୟ ରହିଛି।



ଜିଲାପାଳଙ୍କ ଅଫିସ ପରିସରକୁ ପ୍ରବେଶ ନିଷେଧ ପାଇଁ ବ୍ୟାରିକେଡ କାରାଯାଇଛି।

- ଡିଆର୍‌ଡିଏ,ଉପଜିଲାପାଳଙ୍କ କାର୍ଯ୍ୟାଳୟ, କୋର୍ଟ ବି ବନ୍ଦ
- ଓକିଲ, ମୋହରିର ପଜିଟିଭ ଚିହ୍ନଟ

ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଜିଲା ସିଭିଲ କୋର୍ଟ ପରିସରର ଜଣେ ବ୍ୟକ୍ତି ମଙ୍ଗଳବାର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ଗତ ୧୧ରୁ ୧୫ ତାରିଖ ମଧ୍ୟରେ କୋର୍ଟରେ ହାଜର ହୋଇଥିବା ୩ ଅଭିଯୁକ୍ତଙ୍କ ରିପୋର୍ଟ ପଜିଟିଭ ରହିଛି। ଏତଦ୍‌ବ୍ୟତୀତ କୋର୍ଟକୁ ଆସୁଥିବା ଜଣେ ଆଇନଜୀବୀଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଛି। ତେଣୁ ସଂକ୍ରମଣ ବ୍ୟାପିବା ଆଶଙ୍କାରେ ପ୍ରଶାସନ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛି। ଏହି ଆବଦ୍ଧ ଅଞ୍ଚଳ ମଧ୍ୟରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଅଫିସ୍, ବ୍ୟବସାୟିକ ପ୍ରତିଷ୍ଠାନ, କୋର୍ଟ ସବୁ ବନ୍ଦ ରହିବ। ଏହି ଅଞ୍ଚଳକୁ କେହି ପ୍ରବେଶ କରିପାରିବେ ନାହିଁ କିମ୍ବା ଏହି ଅଞ୍ଚଳରୁ କେହି ବାହାରକୁ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଜାରି ହୋଇଛି। ବୁଧବାର ପୂର୍ବାହ୍ନ ୧୦ଟାରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି କୁହାଯାଇଛି। ଏହି କଣ୍ଟେନମେଣ୍ଟ ଜୋନରେ ଅତ୍ୟାବଶ୍ୟକ ସାମଗ୍ରୀ ଓ ଔଷଧ ଯୋଗାଇବା ଲାଗି ପୁରୀ ପୌର ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ଏକାଧିକ ଟିମ୍ ଗଠନ କରାଯାଇଛି।

ଏ ସମ୍ପର୍କରେ ଜିଲାପାଳ କହିଛନ୍ତି, କଣାସ ଓ ଗଡ଼ିଶାଗଦାର ୨ ଅଭିଯୁକ୍ତଙ୍କର କରୋନା ପଜିଟିଭ ବାହାରିଛି। ସେହିପରି ଗତ ୧୩ ତାରିଖରେ ବ୍ରହ୍ମଗିରିର ଜଣେ ଅଭିଯୁକ୍ତଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା। ସେଥିମଧ୍ୟରୁ ଜଣେ ଆଇନଜୀବୀ ଓ ଜଣେ ମୋହରିର ପଜିଟିଭ ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ମୋହରିରଙ୍କ ସହଧର୍ମିଣୀ କୋର୍ଟରେ କାମ କରନ୍ତି। ତେଣୁ ଏ ସବୁକୁ ଦୃଷ୍ଟିରେ ରଖି କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ୨/୩ ଦିନ ମଧ୍ୟରେ କଣ୍ଟାକ୍ଟ ଟ୍ରେସିଂ କାମ ବ୍ୟାପକ କରାଯିବ। ପଜିଟିଭ ଚିହ୍ନଟଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ନମୁନା ସଂଗ୍ରହ କରାଯାଇ କୋଭିଡ୍ ଟେଷ୍ଟ କରାଯିବ। କଣ୍ଟେନମେଣ୍ଟ ଜୋନ୍ ମଧ୍ୟରେ ଥିବା କାର୍ଯ୍ୟାଳୟଗୁଡ଼ିକର ଅଧିକାରୀ ଏବଂ କର୍ମଚାରୀଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଘରେ ରହି କାମ କରିବା ପାଇଁ କୁହାଯାଇଛି। ସିଡବ୍ଲୁସି ଅଫିସକୁ ମଧ ସିଲ୍ କରାଯାଇ ସାନିଟାଇଜ୍ କରାଯିବ। ସେଠାକାର ଯେଉଁ କର୍ମଚାରୀ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବେ ତାଙ୍କର ମଧ କୋଭିଡ୍ ଟେଷ୍ଟ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ଭୁବନେଶ୍ବରରେ ଖୁବ୍‌ଶୀଘ୍ର ଡିଜିଟାଲ ଘର ନମ୍ବର

**ଭୁବନେଶ୍ବର,୧୭।୬(ବ୍ୟୁରୋ):** ରାଜଧାନୀରେ ଡିଜିଟାଲ ଡୋର୍ ନମ୍ବରିଂ ସିଷ୍ଟମ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେଇଛି ଭୁବନେଶ୍ବର ମହାନଗର ନିଗମ(ବିଏମ୍‌ସି)। ସହରର ପ୍ରତି ଲୋକଙ୍କ ଘରେ ଡିଜିଟାଲ ନମ୍ବର ବୋର୍ଡ ଲଗାଇବାକୁ ବିଏମ୍‌ସି ପକ୍ଷରୁ ବୁଧବାର ନବଯୁଗ ସ୍ପାସିଆଲ ଟେକ୍ନୋଲୋଜିସ୍ ଆଣ୍ଡ ଜିପର୍ ପ୍ରାଇଭେଟ୍ ଲିମିଟେଡ୍ ସହ ଚୁକ୍ତି ସ୍ବାକ୍ଷରିତ ହୋଇଛି। ଟିକସ ଫାଙ୍କି ଯୋଗୁ ପ୍ରତିବର୍ଷ ବିଏମ୍‌ସି ୫୦ରୁ ୬୦ କୋଟି ଟଙ୍କାର କ୍ଷତି ସହୁଥିଲା। ଟିକସ ଫାଙ୍କୁଥିବା ଲୋକ ଏବଂ ସଂସ୍ଥାଗୁଡ଼ିକ ଉପରେ ନଜର ରଖିବାକୁ ୬ମାସ ତଳେ ବିଏମ୍‌ସି ପକ୍ଷରୁ ଏଭଳି ଏକ ଅଭିନବ ଯୋଜନା କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ହୋଇଥିଲା। ଏଣିକି ବ୍ୟକ୍ତିଗତ ଘର ସହ ସମସ୍ତ ବ୍ୟବସାୟିକ ବିଲ୍ଡିଂରେ ଡିଜିଟାଲ ନମ୍ବର ବୋର୍ଡ ଲଗାଯିବ। ଫଳରେ ହୋଲ୍ଡିଂ ଟିକସ ଫାଙ୍କୁଥିବା ବ୍ୟକ୍ତି ଏବଂ ବ୍ୟବସାୟୀ ଆଉ ଟିକସ ଫାଙ୍କିପାରିବେ ନାହିଁ। ଏଥିସହ ସହରର ସମସ୍ତ କୋଠାର ତଥ୍ୟ ଗୁଗଲ୍ ମ୍ୟାପ୍‌ରେ ରହିବ।

- ଦୁଇ ସଂସ୍ଥା ସହ ଚୁକ୍ତି ସ୍ବାକ୍ଷର କଲା ବିଏମ୍‌ସି
- ଏଣିକି ଟିକସ ଫାଙ୍କିପାରିବେନି ଲୋକେ



ବିଏମ୍‌ସି ଅଧିକାରୀଙ୍କ ସହ ଚୁକ୍ତି ସ୍ବାକ୍ଷର କରାଯାଉଛି।

# ବାଡ଼ିଆ ହେଲା ହଂସପଟା

ପୁରୀ ଅଫିସ,୧୭।୬

ପ୍ରସ୍ତୁତ ହୋଇଗଲାଣି ତିନିରଥ। ଅଳ୍ପ କିଛି ଯାହା କାମ ରହିଛି ତାହା ଖୁବ୍‌ଶୀଘ୍ର ଶେଷ ହୋଇଯିବ। ବୁଧବାର ତିନିରଥରେ ହଂସପଟା ବାଡ଼ିଆଯାଇଛି। ଏଥିସହ ପାର୍ଶ୍ବ ଦେବୀଦେବଙ୍କୁ ଜଳଯନ୍ତ୍ରରେ ସେଟ୍ କରାଯାଇ ଶିଖର ଡମ୍ବରୁ ଫିଟିଂ କରାଯାଇଛି। ପ୍ରତିରଥରେ ୧୧ ଜଣ ଲେଖାଏ ପାର୍ଶ୍ବ ଦେବୀଦେବ ରହିଛନ୍ତି। ସେହିପରି ଶ୍ରୀମନ୍ଦିର ନୂତନ କାର୍ଯ୍ୟାଳୟ ତଳ ମହଲାରେ ଚିତ୍ରକର ସେବକଙ୍କ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଭାରେ ରଙ୍ଗ ଦିଆଯାଉଥିବା ବେଳେ ଦୁଆରବେଢାରେ ଲାଗୁଥିବା ଘଣ୍ଟି, ପିତ୍ତଳ କଳସ ରଙ୍ଗ ଦେବା କାମ ବାକି ଅଛି। ଶ୍ରୀମନ୍ଦିର କାର୍ଯ୍ୟାଳୟର ଉପର ମହଲାରେ ଦରଜି ସେବକମାନେ ରଥକନା କାମ ଜାରି ରଖିଛନ୍ତି। ସକାଳେ ରଥଖଳାରେ କାମ ଆରମ୍ଭ ପୂର୍ବରୁ ରଥ ନିର୍ମାଣ ସମ୍ପୃକ୍ତ ସେବକମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସମସ୍ତ ସେବକ ସୁସ୍ଥ ଥିବା ଜଣାପଡ଼ିଛି।

**ରଥଖଳାରୁ...**



# ଦାରୁବିଗ୍ରହଙ୍କୁ ଲାଗି ହେଲା ତୁଳସୀ

ପୁରୀ ଅଫିସ, ୧୭।୬

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ମହାପ୍ରଭୁ ଜ୍ବରରେ ପୀଡ଼ିତ ହୋଇଛନ୍ତି। ଶ୍ରୀଅଙ୍ଗ ସେବକ ଦଇତାପତିମାନେ ଠାକୁରଙ୍କ ସେବା କରୁଛନ୍ତି। ଏଥିପାଇଁ ବିଭିନ୍ନ ଚେରମୂଳିରୁ ଶ୍ରୀଅଙ୍ଗ ସୁସ୍ଥ ଲାଗି ପଥି ପ୍ରସ୍ତୁତ କରାଯାଉଛି। ଏଥିମଧ୍ୟରେ ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରି ତେଲ ଓ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷୁଅ ଲାଗି ହେବା ପରେ ମଙ୍ଗଳବାର ଶ୍ରୀବିଗ୍ରହ ଚକାବିଜେ କରିଛନ୍ତି। ବୁଧବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଚତୁର୍ଦ୍ଧାବିଗ୍ରହଙ୍କୁ ପ୍ରଥମ ତୁଳସୀ ଲାଗି ହୋଇଛି। ଏଥିସହ ମହାପ୍ରଭୁଙ୍କୁ ଦଶମୂଳ ମୋଦକ ଏବଂ ଖଳି ମଧ ଲାଗି କରାଯାଇଛି।



ଦଶମୂଳ ମୋଦକ।

- ଦଶମୂଳ ମୋଦକ ଓ ଖଳି ଲାଗି ହେଲା
- ଆଜି ରାଜପ୍ରସାଦ ବିଜେ

ଏଥିପାଇଁ ଶ୍ରୀମନ୍ଦିର ପଟିଦିଅଁଙ୍କ ନିକଟରେ ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ବଢିବା ପରେ ଜୟ ବିଜୟ ଦ୍ବାର ବନ୍ଦ ହୋଇ ବେହେରଣ ଦ୍ବାରା ଖୋଲିଥିଲା। ଏହାପରେ ଅଣସର ଗୃହରେ ଥିବା ଚତୁର୍ଦ୍ଧାବିଗ୍ରହଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଖଳି ଠାକୁରଙ୍କୁ ଲାଗି କରାଯିବା ସହିତ ରକ୍ତବସ୍ତ୍ର ଲାଗି କରାଯାଇଥିଲା। ପରେ ଚକଟା ଭୋଗ ଓ ପଣାଭୋଗ ହୋଇ ବେହେରଣ ଦ୍ବାର ବନ୍ଦ ହୋଇଥିଲା। ଜୟ ବିଜୟ ଦ୍ବାର ଖୋଲି ପଟିଦିଅଁଙ୍କ ନୀତି ଆରମ୍ଭ ହୋଇଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ବଢିବା ପରେ ବେହେରଣ ଦ୍ବାରା ଖୋଲିଥିଲା। ପଟିଦିଅଁ ସର୍ବାଙ୍ଗ ଆରମ୍ଭ ହୋଇଥିଲା। ଏହାସହିତ ଅଣସର ଗୃହରେ ବି ଚତୁର୍ଦ୍ଧାବିଗ୍ରହଙ୍କ ସର୍ବାଙ୍ଗ ହୋଇଥିଲା। ପରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗିନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯାଇଥିଲା। ବୁଧବାର ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହ ପ୍ରଥମ ତୁଳସୀ ଧାରଣ କରିଥିଲେ। ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳକୁ ପତିମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କୁ ଲାଗି କରାଇଥିଲେ। ଗୁରୁବାର ଦ୍ବାଦଶୀରେ ରାଜପ୍ରସାଦ ବିଜେ ନୀତି ରହିଛି।

## କବିତା

### ତୁମେ କେବେ ଅକାରଣରେ ଆସିବନି

**ଅନସୂୟା ପଣ୍ଡା**

ତୁମ ଆଗରେ ଧାନ, ମାନ, ମର୍ଯ୍ୟାଦାର
ଉତ୍ତୁଙ୍ଗ ପାହାଡ଼ ହାର ମାନିଯାଏ,
ଜାତି, ରୂପ, ରଙ୍ଗ, ବୟସ ସବୁ ଚୁର୍ ଚୁର୍ ହୋଇ
ଭାଙ୍ଗିଯାଏ ତୁମ ଦାମ୍ଭିକତା ସାମ୍ନାରେ।
କେହି ନିଜେ ତୁମକୁ ଦେଖି ନାହାନ୍ତି,
କେବଳ ଅନ୍ୟଠାରେ ତୁମ
ଅନୁପ୍ରବେଶ ଦେଖିଛନ୍ତି,
ସେଇଥିରେ ସମସ୍ତଙ୍କର ତୁମକୁ ଖୁ' ଡର।

ତୁମର ଆତଙ୍କ ବେଳ ଅବେଳରେ
ପିଲା, ବୁଢ଼ା, ଯୁବକ ସମସ୍ତଙ୍କୁ ଗ୍ରାସ କରେ
ହେଲେ ମୁଁ ବୁଝିପାରେନି, ତୁମେ ଯଦି ଜୀବନର
ସବୁ ଅସ୍ଥିରତାକୁ ନିଜ ଭିତରେ ସଂପାଦି
ଅସୀମ ତୃପ୍ତି ଆଣିଦିଅ,
ଜୀବନର ଅକ୍ଷୟ କ୍ଳିଷ୍ଟତାର ତୂଣୀରକୁ
ଶୀତଳତାର ଶରରେ ଭରିଦିଅ,
ଅସମାପିତ ସଂଘର୍ଷକୁ ପୂର୍ଣ୍ଣତା ଦିଅ,
ଜୀବନକୁ ଆଦିରୁ ଅନନ୍ତ ଆଡ଼କୁ ପ୍ରବାହିତ କର,
ତେବେ ତୁମକୁ ଏତେ ଭୟ କାହିଁକି ?

ବେଳେବେଳେ ଭାବେ ଏ ଭୟ ତୁମ ପାଇଁ
ନା ତୁମେ ଆସିବା ପୂର୍ବର କରାଳତା ପାଇଁ ?

ଜୀବନ ଏକ ପ୍ରବାହ
ଆଉ ତୁମେ ନୂତନତାର ଅବିନାଶୀ,
ଚିରନ୍ତନ ବାହକ।
ଜୀବନ ଯଦି ବିନା କାରଣରେ ଏଠିକୁ ଆସିନି,
ହେ ମୃତ୍ୟୁ ତୁମେ ବି ବିନା କାରଣରେ ଆସିବନି,
ବଞ୍ଚିବାର ରାହାକୁ ଉନ୍ନତ କରି, ନିଜକୁ ଜାଣିବାର
ପ୍ରୟାସ ଜାରି ରଖିବାକୁ ବୋଧେ ତୁମେ
ସବୁବେଳେ କହୁଥାଅ,
ଏ କଥା କେହି ନ ବୁଝି ତୁମକୁ ଡରନ୍ତି।

ମୋ: ୯୮୪୦୭୦୬୧୪୦



### ଦବ ଯଦି ଦିଅ

**ମନୋରଞ୍ଜନ ମିଶ୍ର**

ତୁମେ ପଚାରିଲ ମତେ,
କ'ଣ ଖାଇବ ? କ'ଣ ଦେବି ତୁମକୁ ?
ମୁଁ କହିଲି, କିଛି ଦରକାର ନାହିଁ ମୋର
ନିହାତି ଦବ ଯଦି ଦିଅ
ଗୋଟିଏ କାଚକେନ୍ଦୁ ପରି
ସ୍ୱଚ୍ଛ ନିର୍ମଳ ହୃଦୟ
ଯାହା ଖୁବ୍ ଦୁର୍ଲଭ
ଆଜିର ଦୁନିଆରେ
ସମସ୍ତେ ତ ତତ୍ପର
ଧନ ସଞ୍ଚିବାରେ
କଳେବଳେ କୌଶଳେ
ଅନ୍ୟାୟରେ ବି
ସବୁ କିଛି ହାତେଇ ନେବାରେ।।

– *ଗାନ୍ଧୀଛକ, ବଉଦରାଜ, ବୌଦ୍ଧ*



ଗୀତି–କବିତା

### ମନ ଅମାନିଆ

**ହଂସନାଥ ମୁଦୁଲି**

ମନ ଅମାନିଆ ତୁମେ ଅମାନିଆ
ଦୁହେଁ ପରା ଏକା ପରି
କାହାକୁ କେମିତି ବୁଝାଇବି ଭାବି
ହେଉଛି ମୁଁ ଯାହା ଘାରି। ।୦।

ବିବେକର ଦ୍ୱାହି ମନକୁ ଯେବେ ମୁଁ
ଦେଇଥାଏ କେବେ ଅବା
ତା' ଅବୁଝାପଣେ ବସିଯାଇ ରୁଷି
କରିଦିଏ ମୋତେ କାବା
ମନ ପରି ତୁମ ଅବୁଝାପଣଟା
ମୋତେ ନିଏ କାବୁ କରି।।୧।।

ନିଜ ଇଚ୍ଛାମତେ ମନ ତା'ବାଟେ
ଖାତର ନ ଥାଏ ଜମା
ନଜର ନଥାଏ ଭଲ ଅବା ମନ୍ଦ
ପଥ ଧାରେ ଖାଲଖମା
ମନ ପରି ତୁମ ଅବୁଝାପଣଟା
ଦିଏ ମୋ ବିବେକ ସାରି।।୨।।

– *ଖଣ୍ଡଗିରି(ଡୁମ୍‌ଡୁମା–କ), ଭୁବନେଶ୍ୱର*



ଫଣୀଶ୍ୱର ନାଥ 'ରେଣୁ'

**ଭାରତ-ଭାରତୀ**

# ଫଣୀଶ୍ୱର ନାଥ 'ରେଣୁ': ଜନ୍ମ-ଶତାବ୍ଦୀ ସ୍ମରଣ

**ଫଣୀଶ୍ୱର ନାଥ 'ରେଣୁ' ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ କଥା–ସାହିତ୍ୟରେ ଏକ ଅନତିକ୍ରମଣୀୟ ଉଚ୍ଚାରଣ, ଯାହାଙ୍କ ଯୁଗାନ୍ତକାରୀ ଗଳ୍ପ ଓ ଉପନ୍ୟାସରେ କେବଳ ଭାରତ ନୁହେଁ, ପୃଥିବୀର ସାରସ୍ୱତ–ଜଗତ ନାନା ଭାବେ ଆଲୋକିତ ହୋଇଛି। ଦକ୍ଷିଣ–ଏସୀୟ ସାହିତ୍ୟରେ ଏକ ମାଇଲ୍‌ଖୁଣ୍ଟ ଭାବେ ବିବେଚିତ ଫଣୀଶ୍ୱର। ଉପନ୍ୟାସ 'ମୈଲା ଆଞ୍ଚଲ୍', 'ପରତୀ ପରୀକଥା', 'ଜୁଲୁସ୍', 'ଦୀର୍ଘତପା', 'କିତ୍‌ନେ ଚୌରାହେ', 'ପଲ୍‌ଟୁ ବାବୁ ରୋଡ୍' ଏବଂ ଗଳ୍ପଗ୍ରନ୍ଥ 'ଏକ ଆଦିମ ରାତ୍ରି କୀ ମହକ', 'ଠୁମ୍‌ରୀ', 'ଅଗ୍ନିଖୋର୍' ଓ 'ଅଚ୍ଛେ ଆଦ୍‌ମୀ'ର ସେ ବିରଳ ସ୍ରଷ୍ଟା। ତାଙ୍କ ଗପ 'ଏକ ଆଦିମ ରାତ୍ରି କୀ ମହକ', 'ଲାଲ୍‌ପାନ କୀ ବେଗମ୍' ବା 'ତବେ ଏକ୍‌ଲା ଚଲୋରେ' ଯିଏ ଥରେ ପଢ଼ିଛି, ତା' ମନରୁ ସହଜରେ ଲିଭିନାହିଁ ତା'ର ଆବେଗିକ ମାୟା। ତାଂକ କାହାଣୀ ଆଧାରିତ ଫିଲ୍ମ 'ତିସ୍‌ରୀ କସମ୍' ହିନ୍ଦୀ ଚଳଚ୍ଚିତ୍ରରେ ଏକ ଉଜ୍ଜ୍ୱଳ ବ୍ୟତିକ୍ରମ। ପ୍ରେମ୍‌ଚନ୍ଦ୍‌ଙ୍କ 'ଗୋଦାନ' ପରେ 'ମୈଲା ଆଞ୍ଚଲ୍' (୧୯୫୪) ହିନ୍ଦୀ ଉପନ୍ୟାସରେ ଦ୍ୱିତୀୟ ସର୍ବପ୍ରଧାନ ଉପନ୍ୟାସର ମାନ୍ୟତାପ୍ରାପ୍ତ ଓ ଏଥିପାଇଁ ଲେଖକ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ। କାଳଜୟୀ ଏହି କଥାଶିଳ୍ପୀଙ୍କର ଜନ୍ମ ୪ ମାର୍ଚ୍ଚ ୧୯୨୧ରେ, ବିହାରର ତତ୍‌କାଳୀନ ପୂର୍ଣ୍ଣିୟା ଜିଲା ଅନ୍ତର୍ଗତ ହିଙ୍ଗ୍‌ନା ଗାଁରେ ଓ ପରଲୋକ ୧୧ ଏପ୍ରିଲ୍ ୧୯୭୭ରେ। ୧୯୨୧ରେ ଫଣୀଶ୍ୱରଙ୍କୁ ମରଣୋତ୍ତର 'ଭାରତରତ୍ନ' ପ୍ରଦାନ କରାଯିବାକୁ ଯେଉଁ ଦାବି ଉଠିଛି, ତାହା କଦାପି ନିରାଧାର ନୁହେଁ।**

୪ ମାର୍ଚ୍ଚ ୨୦୨୦ରୁ ୪ ମାର୍ଚ୍ଚ ୨୦୨୧ଯାଏଁ ସମଗ୍ର ଦେଶରେ ପାଳିତ ହେଉଛି କିମ୍ବଦନ୍ତୀପ୍ରତିମ ହିନ୍ଦୀ କଥାକାର ଫଣୀଶ୍ୱର ନାଥ 'ରେଣୁ'ଙ୍କର ଜନ୍ମ–ଶତବାର୍ଷିକୀ। ଏହି ଅବକାଶରେ ପାଠିକାପାଠକଙ୍କ ମନଗହନରେ ଉଦିତ ହୋଇ ଉଠିବା ସ୍ୱାଭାବିକ ଫଣୀଶ୍ୱରଙ୍କ ଯୁଗାନ୍ତକାରୀ କାହାଣୀ ଓ ଉପନ୍ୟାସର ଅଭୁଲା ସ୍ମୃତି। ଲେଖକ ଥିଲେ ପ୍ରେମ୍‌ଚନ୍ଦ୍‌ଙ୍କ ସାମାଜିକ ଯଥାର୍ଥବାଦୀ ପରମ୍ପରାର ସବୁଠୁଁ ଯୋଗ୍ୟ ଉତ୍ତର–ସୂରୀ। ତାଙ୍କ କାହାଣୀ ଓ ଉପନ୍ୟାସଗୁଡ଼ିକ ପଢ଼ିଲେ ମନେହୁଏ, ସତେ ଯେପରି କିଏ ଜଣେ ପାଖରେ ବସି ଶୁଣାଉଛି ତା' ଜୀବନର ଅଙ୍ଗେନିଭା କାହାଣୀ। ପ୍ରାୟ କାହାଣୀର ରଚନାଶୈଳୀ ଯଦିଓ ବର୍ଣ୍ଣନାତ୍ମକ, ଏଥିରେ କିନ୍ତୁ ଥାଏ ଚରିତ୍ର ଓ ଘଟଣାର ଗଭୀରକୁ ଭେଦିଯିବାର ଏକ ମନୋବୈଜ୍ଞାନିକ ଔତ୍ସୁକତା। ସାମାନ୍ୟ ଓ ସରଳ ମଣିଷର ଛଳନାହୀନ ଅବତାରଣାରେ କାହାଣୀଗୁଡ଼ିକ ଏପରି ଉତ୍ତରଳଯେ, ପାଠକର ମନ ତହିଁରେ ବୁଡ଼ି ରହେ, ବିଷୟାଜଞ୍ଜାଳ ଭୁଲି। ଆଞ୍ଚଳିକ ଜୀବନର ପ୍ରତିଟି ଧ୍ୱନି, ଗଂଧ, ଲୟ, ତାଳ ଓ ସ୍ୱର ରୂପ ଘେନେ ଫଣୀଶ୍ୱରଙ୍କ ଗଳ୍ପ ଓ ଉପନ୍ୟାସରେ। ମଣିଷର ସୁନ୍ଦରପଣ ଓ ବିରୂପତା– ଉଭୟର ଉପାସନା ସମ ଶ୍ରଦ୍ଧାରେ କରେ ତାଙ୍କ ନିରପେକ୍ଷ ଲେଖନୀ। ଆଞ୍ଚଳିକ ମୈଥିଳୀ ଭାଷାର ଲୋକଗୀତ, ଲୋକଗପ ଓ ପ୍ରବାଦ–ପ୍ରବଚନରେ ଖୁନ୍ଦି ହେଇ ତାଙ୍କ କାହାଣୀ ଓ ଉପନ୍ୟାସ ହୋଇଉଠେ ହିନ୍ଦୀ ଭାଷାର ଏକ ଭୁବନମୋହୀ ଉତ୍ସବ, ଯହିଁରେ ଜାଦୁ ଥାଏ। ଠାଏଠାଏ ବସିଥାଏ ପାଠକକୁ ଧରି ରଖିବାର ଅଠାକାଠି।

ଫଣୀଶ୍ୱରଙ୍କ 'ମୈଲା ଆଞ୍ଚଲ୍' ହେଉଛି ୧୯୫୪ରେ ପ୍ରକାଶିତ ହିନ୍ଦୀ ଭାଷାର ପ୍ରଥମ ଆଞ୍ଚଳିକ ଉପନ୍ୟାସ, ଯାହା ଆମୃତ୍ୟୁ ଓ ଉତ୍ତର–ମୃତ୍ୟୁ କାଳଖଣ୍ଡରେ ଲେଖକଙ୍କର ପରିଚୟ ଭାବେ ସିଦ୍ଧ ହୋଇଛି। ଉପନ୍ୟାସଟିର ପୃଷ୍ଠଭୂମି ନେପାଳ ସୀମାସଂଲଗ୍ନ ଉତ୍ତର–ପୂର୍ବ ବିହାରର ପୂର୍ଣ୍ଣିୟା ଜିଲା (ଲେଖକଙ୍କ ଜନ୍ମିତ ଜିଲା)ର ଏକ ପଛୁଆ ଗାଁ ମେରୀଗଞ୍ଜ୍। ଏଥିରେ ଭାରତୀୟ ଗ୍ରାମୀଣ ଜୀବନ ଏପରି ମୁଖର ଯେ ତା'ର ପଟାନ୍ତର ସମକାଳୀନ ହିନ୍ଦୀ ସାହିତ୍ୟରେ ଏକାନ୍ତ ବିରଳ। ସ୍ୱାଧୀନତା ପରବର୍ତ୍ତୀ ଭାରତର ରାଜନୀତି, ଅର୍ଥନୀତି ଓ ସାମାଜିକ ପରିଦୃଶ୍ୟର ଏହାଯେ ଏକ ବିଶ୍ୱସ୍ତ ଦଲିଲ୍, ଏଥିରେ ସନ୍ଦେହ ନାହିଁ। ଉପନ୍ୟାସଟି ଘଟଣାପ୍ରଧାନ ହୋଇଥିବା ବେଳେ ଏହାର କୌଣସି କେନ୍ଦ୍ରୀୟ ଚରିତ୍ର ବା କଥାବସ୍ତୁ ନାହିଁ। ବ୍ୟାଧି, ବୁଭୁକ୍ଷା, ଗରିବୀ ଓ ଗଞ୍ଜଣା, ଧର୍ମର ଉଢ଼ାଳରେ ସଂଘଟିତ ବ୍ୟଭିଚାର ଓ ଅନ୍ଧବିଶ୍ୱାସର ଦିବାନୃତ୍ୟ ଏଥିରେ ଏପରି ଚିତ୍ରିତଯେ ବହିଟି ଭିତରକୁ ଥରେ ଆଖିନେଲେ ଉଠେଇହୁଏ ନାହିଁ ସହଜରେ। ଉପନ୍ୟାସର ନାୟକ ଜଣେ ଯୁବ ଡାକ୍ତର। ଡାକ୍ତରୀ ପଢ଼ା ଶେଷ ହେବା ପରେ ଏକ ପଛୁଆ ଗାଁକୁ ସେ କରିଛି ତା'ର କର୍ମକ୍ଷେତ୍ର। ଏହି ଚରିତ୍ର ମାଧ୍ୟମରେ ଲେଖକଙ୍କର ସାକ୍ଷାତ୍‌କାର ହୋଇଛି ଗ୍ରାମ୍ୟ ଜୀବନର ଅଧୋଗତି, ଦୁଃଖ ଦୈନ୍ୟ, ଅଜ୍ଞାନତା ଓ ଅବକ୍ଷୟ ସହ।







ଫଣୀଶ୍ୱରଙ୍କର ପ୍ରସିଦ୍ଧ କାହାଣୀ 'ମାରେ ଗୟେ ଗୁଲ୍‌ଫାମ୍' ଆଧାରରେ ୧୯୬୬ରେ ନିର୍ମିତ ହୋଇଛି ହିନ୍ଦୀର ଅନ୍ୟତମ କ୍ଲାସିକ୍ ଚଳଚ୍ଚିତ୍ର 'ତିସ୍‌ରୀ କସମ୍', ଯାହାର ନିର୍ମାତା ହେଉଛନ୍ତି ପ୍ରସିଦ୍ଧ ଗୀତିକାର ଶୈଳେନ୍ଦ୍ର ଓ ନିର୍ଦ୍ଦେଶକ ବାସୁ ଭଟ୍ଟାଚାର୍ଯ୍ୟ। ଚଳଚ୍ଚିତ୍ରର ନାୟକ ରାଜ କପୁର ଓ ନାୟିକା ୱହୀଦା ରହମାନ୍। ବିଡ଼ମ୍ବନାର ବିଷୟଯେ ଅଣପାରମ୍ପରିକ ଶୈଳୀରେ ନିର୍ମିତ ଏହି ଫିଲ୍ମଟି ତତ୍‌କାଳ ଲୋକପ୍ରିୟ ନ ହେବାରୁ ନୈରାଶ୍ୟ ପୀଡ଼ିତ ହୋଇପଡ଼ିଥିଲେ ଶୈଳେନ୍ଦ୍ର। ଫିଲ୍ମ ନିର୍ମାଣର ଠିକ୍ ପର ବର୍ଷ ଅର୍ଥାତ୍ ୧୯୬୭ରେ ତାଙ୍କର ପରଲୋକ ହୋଇଥିଲା। 'ମାରେ ଗୟେ ଗୁଲ୍‌ଫାମ୍' କାହାଣୀ ଖୁବ୍ ଉଚ୍ଚାଙ୍ଗ ଓ ମହାକାବ୍ୟାତ୍ମକ। ଆରରିୟା (ଲେଖକଙ୍କ ଜନ୍ମିତ ଜିଲା)ର ଏକ ମଫସଲ ଗାଁର ଶଗଡ଼ଚାଳକ ହୀରାମନ୍ ନୌଟଙ୍କିର ଏକ ନାଚବାଲି ହୀରାବାଈର ପ୍ରେମରେ ପଡ଼େ ଓ ଏକ ଦୁଃଖାନ୍ତ ପରିଣତି ଆଡ଼କୁ ଗଡ଼ିଯାଏ କାହାଣୀ। ଗପଟି ଆଡ଼କୁ ମନନେଲେ ଆଜି ବି ହୃଦୟ ଜାଗିଉଠେ ପାଠକର, ଅମର ଏହି ପ୍ରେମ କାହାଣୀର ସୁଦୂରଶ୍ରୁତ ଧ୍ୱନିରେ। ହିନ୍ଦୀ ସାହିତ୍ୟର ଖୁବ୍ ଉଲ୍ଲେଖନୀୟ ଏହି ସାରସ୍ୱତ–ସ୍ରଷ୍ଟା କିନ୍ତୁ ସ୍ୱ–କାଳର ବ୍ରଣମକ୍ଷିଙ୍କ ଆକ୍ଷେପରୁ ବର୍ତ୍ତି ପାରି ନ ଥିଲେ। ତାଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି 'ମୈଲା ଆଞ୍ଚଲ୍'କୁ ଦର୍ଶାଯାଇଥିଲା ବିଶିଷ୍ଟ ବଙ୍ଗଳା ଔପନ୍ୟାସିକ ସତୀନାଥ ଭାଦୁଡ଼ି (୧୯୦୬–୧୯୬୫)ଙ୍କ ଚର୍ଚ୍ଚିତ ଉପନ୍ୟାସ "ଧୋରାଇ ଚରିତ ମାନସ"(୧୯୪୯)ର ନକଲ ବୋଲି, ଯେଉଁ ଆକ୍ଷେପକୁ ଅବିଳମ୍ବେ ଲିଭେଇ ଦେଇଥିଲା କାଳ।

ଚରିତ, ଚିତ୍ର ଓ ସଂଗୀତର ତ୍ରିବେଣୀ–ସଂଗମ ଘଟିଥିଲା ଯେଉଁ ମହାନ୍ ଲେଖକଙ୍କ କଥା ଓ କାହାଣୀରେ, ତାଙ୍କରି ଜନ୍ମର ଶତାବ୍ଦୀ ପୂର୍ତ୍ତି ଅବକାଶରେ, କେହି ଫଣୀଶ୍ୱର ଅନୁରାଗୀ ଯଦି ନିଶୂନ୍ ରାତିରେ କାନ ଡେରେ ଏକାନ୍ତରେ ଆଜି ବି, ତାକୁ ଅବଶ୍ୟ ଶୁଭିଯିବ ଗୀତିକାର ଶୈଳେନ୍ଦ୍ରଙ୍କ ଲିଖିତ ଓ ଲତା ମଙ୍ଗେସ୍‌କରଙ୍କ ଅମୃତ କଣ୍ଠରେ ବିଧୂନିତ 'ତିସ୍‌ରୀ କସମ୍'ର ସେଇ କାଳଜୟୀ ଗୀତ "ଆ ଆ ଭୀ ଜା ରାତ୍ ଢଲ୍‌ନେ ଲଗୀ, ଚାନ୍ଦ୍ ଛୁପ୍‌ନେ ଚଲା…"। ହେ ଯୁଗଜୟୀ, ତୁମକୁ ପ୍ରଣାମ।

ପ୍ରସ୍ତୁତି: **ଡ. ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫

ମିନିଗଳ୍ପ

## ପିକ୍‌ନିକ୍

**ଅଲେଖ ଚନ୍ଦ୍ର ମିଶ୍ର**

ବଣ ଭୋଜି କରିବାକୁ ଯିବା ପାଇଁ ସବୁ ଯୋଗାଡ଼ଯନ୍ତ୍ର ହୋଇଗଲା ପରେ ସମସ୍ତେ ଯେତେବେଳେ ଗାଡ଼ିରେ ବସିବାକୁ ବାହାରିଲେ ପ୍ରଶ୍ନ ଉଠିଲା ଗାଡ଼ିରେ ଏତେ ଲୋକ ଜାଗା ହେବେନି। କାହାକୁ ତେବେ ଡ୍ରପ୍ କରିବେ ? ଡ୍ରାଇଭର। ପତିପତ୍ନୀ। ଦୁଇଟି ପିଲା। ମାଆ। ସେଥିରେ ପୁଣି ପୋଷା କୁକୁରଟି। ଗୃହକର୍ତ୍ତା ଓ ଗୃହକର୍ତ୍ତୀଙ୍କର ତ ପ୍ରଶ୍ନ ଉଠୁନି। ପିଲାମାନେ ତ ବହୁ ଆଗରୁ ଗୋଡ଼ ଠିଆ କରି ବସିଛନ୍ତି। ପ୍ରିୟ କୁକୁରଟିକୁ ଛାଡ଼ି ଦେଇଗଲେ ତାର ଖାଇବା ପିଇବା, ଝାଡ଼ା ପରିସ୍ରା କଥା କିଏ ବୁଝିବ ? ବିଚରାଟି ହଇରାଣ ହୋଇଯିବ। ସମସ୍ତଙ୍କର ଦୃଷ୍ଟି ପଡ଼ିଲା ମାଆଙ୍କ ଉପରେ। ତାଙ୍କର କ'ଣ ଆଉ ପିକ୍‌ନିକ୍ କରିବା ପାଇଁ ବୟସ ଅଛି ? ବରଂ ଘରର ନିରାପତ୍ତା ଦୃଷ୍ଟିରୁ ସେ ହିଁ ଘରେ ରହିଯିବା ଅଧିକ ଯୁକ୍ତିଯୁକ୍ତ। ହେଲେ ତାଙ୍କୁ କିଏ ଏକଥା କହିବ ? କାଲି ପର୍ଯ୍ୟନ୍ତ ପୁଅ ତାଙ୍କୁ ଆଶା ଦେଖାଉଥିଲେ, 'ବୋଉ ଆମେ ପିକ୍‌ନିକ୍ ପାଇଁ ଯିବା। ତୋର ଯିବାଟା ନିହାତି ଦରକାର। କାରଣ ବାଟରେ ମାମୁ ଘର ଗାଁ ପଡ଼ିବ। ଫେରିଲା ବେଳକୁ ସେଇବାଟ ଦେଇ ଆସିବା।' ଅଥଚ…। ସମସ୍ତେ ଗାଡ଼ିରେ ବସି ସାରିଲେଣି। ଖୁନ୍ଦାଖୁନ୍ଦି ହୋଇ କୁକୁର ବି! ସମସ୍ତଙ୍କ ମୁହଁରେ ପ୍ରଶ୍ନବାଚୀ। ଦୃଷ୍ଟି ପଡ଼ିଲା ମାଆଙ୍କ ଉପରେ। ସେତେବେଳକୁ ସେ ଲୁଗା ବଦଳେଇ ଦେଇ ସାରିଲେଣି। ହାତ ହଲେଇ ସମସ୍ତଙ୍କୁ ବିଦାୟ ଦେଉଥିଲେ। ଆଖିରେ ଜକେଇ ଆସୁଥିବା ଲୁହକୁ ବହୁ କଷ୍ଟରେ ସମ୍ଭାଳି ରଖୁଥିଲେ।

*ମୋ: ୯୪୩୮୬୭୩୮୯୮*



## ପୁସ୍ତକ ପରିଚୟ

ରମେଶ ପତିଙ୍କ କାବ୍ୟ ଜଗତ

### ମାଟିରୁ ଆକାଶ

**ଲେଖକ:** ଡ. ସନ୍ତୋଷ ଦେବତା
**ପ୍ରକାଶକ:** ପ୍ରବାହ, ଗୋବିନ୍ଦପୁର, ଦେବୀଦ୍ୱାର, ଯାଜପୁର–୭
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୫୦/–





ବହିଟି କବି ରମେଶ ପତିଙ୍କ କବିତାର ଏକ ମୁକ୍ତ ଅଧ୍ୟୟନ। ମୋଟ ୬ଟି ପରିଚ୍ଛେଦରେ ବିଭକ୍ତ, ଯଥା: ୧. ଆଧୁନିକ ଓଡ଼ିଆ କବିତାର ଭୂମି ଓ ଭୂମିକା, ୨. କବି ରମେଶ ପତି: ରୋମାଣ୍ଟିକ ଚେତନାର ଦକ୍ଷ ସ୍ଥପତି, ୩. କବି ରମେଶ ପତିଙ୍କ ଫର୍ଦ୍ଦେ ଜୀବନ: ସ୍ଥିତିବାଦୀ ଚେତନାର ନିଦର୍ଶନ, ୪. ବିଧିବ୍ୟବସ୍ଥାର ବ୍ୟବଚ୍ଛେଦ: ରମେଶ ପତିଙ୍କ କବିତାର ଅନ୍ତରୀଣ ଭାବ, ୫. ଚିତ୍ର ଚେତନାର କଳ୍ପ: କବି ରମେଶ ପତିଙ୍କ ବିକଳ୍ପ କୈବଲ୍ୟ ଏବଂ ୬. ରମେଶ ପତିଙ୍କ କାବ୍ୟିକ ରୂପରେଖ। ରମେଶଙ୍କ କବିତା ସମ୍ପର୍କରେ ପ୍ର. ନିତ୍ୟାନନ୍ଦ ଶତପଥୀ କହନ୍ତି: "ତାଙ୍କ କବିତା ପାଠକ ସହିତ ସିଧା ସେତୁଟିଏ ପ୍ରତିଷ୍ଠା କରେ।" ବହି ସମ୍ପର୍କରେ ଡ. ବେଣୁଧର ପାଢ଼ୀ କହନ୍ତି: "ପୁସ୍ତକରେ ସନ୍ନିହିତ ପ୍ରତିଟି ଆଲୋଚନାରେ ଆଲୋଚକଙ୍କ ଅଭିନବ ଉପସ୍ଥାପନ ରୀତି ସ୍ପଷ୍ଟ ବାରିହୋଇ ପଡ଼େ।" ଡ. ଦେବତାଙ୍କ ବକ୍ତବ୍ୟ– "କବି ରମେଶ ପତିଙ୍କ x x ସବୁ କବିତା ମୁଁ ପଢ଼ିଛି ନିରଳସ ପାଠକ ଭାବରେ। x x ତାଙ୍କ କବିତାକୁ ଯେମିତି ଦେଖିଛି, ତା'ର ପ୍ରତିଫଳନ ହିଁ ହେଉଛି ଏହି ଆଲୋଚନାର ନିର୍ଯାସ।" ବହିଟି କବି ରମେଶଙ୍କୁ ଅଧିକ ବୁଝିବାରେ ସହାୟକ ହେବ।

### ଚିଲିକା

**ସଂ: ସୁଶାନ୍ତ ନନ୍ଦ, ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ**
**ପ୍ରକାଶକ:** ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ନିଃଶୁଳ୍କ

ସଂକଳିତ ଓ ସଂପାଦିତ ଏଇ ଗ୍ରନ୍ଥଟି 'ଚିଲିକା'କୁ ନେଇ ପରିକଳ୍ପିତ । ପୃଷ୍ଠା– ୩୬୮ 'ମୁଖଶାଳା'ରେ ଉଲ୍ଲେଖ ଅଛି: "ଚିଲିକାକୁ ନେଇ ଓଡ଼ିଶାର ଯୁଗାବ୍ଧିର ଇତିହାସ ରଚିତ। ସେହି ଇତିହାସର କାଳାନୁକ୍ରମ ପଞ୍ଜିକା ପ୍ରଦାନ ବହୁ ଆୟାସ ସାଧ୍ୟ। ତଥାପି ବି ଚିଲିକା ସଂପର୍କରେ ଏକ ସଂକ୍ଷିପ୍ତ ସୂଚନା ଦେବା ଏବଂ ଐତିହ୍ୟ ଓ ସଂସ୍କୃତିର ପୁନରୁଦ୍ଧାର ଆଳରେ ବିଭିନ୍ନ ପ୍ରସଙ୍ଗର ଅବତାରଣା କରିବା ସଂଶିତ ପୁସ୍ତକର ଆଭିମୁଖ୍ୟ।" ଗ୍ରନ୍ଥରେ ସ୍ଥାନିତ କବି ଚିନ୍ତାମଣି ମହାନ୍ତିଙ୍କ ପ୍ରାମାଣିକ ଗଦ୍ୟଲେଖ 'ଚିଲିକା ଭ୍ରମଣ', ଡାକ୍ତର ରାଧା ଚରଣ ପଣ୍ଡାଙ୍କ 'ପାରିକୁଦ' ଓ 'ଚିଲିକା' ବିବରଣ। 'ଇତିହାସ ଓ ସଂସ୍କୃତି', 'ପର୍ଯ୍ୟଟନ ଓ ନୌବାଣିଜ୍ୟ', 'ପରିବେଶ ସଂରକ୍ଷଣ, ଉଦ୍ଭିଦ ଓ ପ୍ରାଣୀ ଜଗତ' ଆଦି ବିଭାଗରେ ପରିବେଷିତ ବହୁ ବିଦ୍ୱାନ୍‌ଙ୍କ ରଚନା ଗ୍ରନ୍ଥଟିକୁ ନାନା ଭାବେ ସମୃଦ୍ଧ କରିଛି।





## କାଳ କାଳକୁ



"ଜଣେ କବିର କାମ ହେଉଛି– ଜାଲିଆତିକୁ ଦେଖେଇଦବା, ପକ୍ଷଭୁକ୍ତ ହେବା, ଯୁକ୍ତି ବାଢ଼ିବା; ପୃଥିବୀକୁ ରୂପଦବା ଓ ଯଦି ସେ ଶୋଇ ପଡୁଥାଏ, ତେବେ ତାକୁ ଜଗେଇ ରଖିବା।"

**–ସଲ୍‌ମନ ରୁସ୍‌ଦି**

ସଲ୍‌ମନ ରୁସ୍‌ଦିଙ୍କ ଜନ୍ମ ୧୯ ଜୁନ୍ ୧୯୪୭ରେ, ମୁମ୍ବାଇରେ। ପ୍ରଖ୍ୟାତ ରଚନା "Midnight's Children" ପାଇଁ ପାଇଛଂତି ୧୯୮୧ରେ 'ବୁକର୍ ପୁରସ୍କାର' ଓ ୨୦୦୮ରେ 'ସର୍ବୋତ୍ତମ ବୁକର୍'।

ସୃଜନ-ସ୍ମୃତି

## ବାଲିରେ ମୁଦି ଖୋଜିଲା ପରି ମୁଁ ଶବ୍ଦ ଖୋଜେ…

**୧୯୭୦ରେ ପ୍ରସନ୍ନ ଲେଖନ୍ତି ତାଙ୍କ ଜୀବନର ପ୍ରଥମ କବିତା, ସେଇଠୁ ଆଜିଯାଏଁ ତାଙ୍କ କଲମ ଥକି ନାହିଁ। ସମୟର ଫାଙ୍କେ ଫାଙ୍କେ ଗଳ୍ପ, ଉପନ୍ୟାସ ଓ ଭ୍ରମଣ କାହାଣୀ ଲେଖୁଥିବା ଏଇ କବିଙ୍କର ଏଯାଏଁ ପ୍ରକାଶିତ ୭ଟି କବିତା ବହି। ପ୍ରତ୍ୟେକ ଶବ୍ଦକୁ ସେ କବିତାର ମୂଳ ମାଗନ୍ତି, ଏହା ହିଁ ତାଙ୍କ ବିଶେଷତ୍ୱ…**



ପ୍ରସନ୍ନ କୁମାର ମହାନ୍ତି

ମୂଳତଃ ମୁଁ କବି ଓ ସୃଜନ–ଲଗ୍ନର ଆରମ୍ଭରୁ କବିତା ହିଁ ଲେଖିଆସିଛି। ବସ୍ତୁତଃ ହୃଦୟର ଆବେଗ ଓ ଅଭିବ୍ୟକ୍ତିକୁ ଲେଖେ। ଲେଖେ ଚେତନାର ଉପଲବ୍ଧି ଓ ପ୍ରତିକ୍ରିୟାକୁ। କଦବା କବିତାରେ ତାହା ସମ୍ଭବ ନ ହୋଇ ପାରିଲେ ଗଳ୍ପ, ପ୍ରବନ୍ଧ, ଉପନ୍ୟାସ ଓ ଭ୍ରମଣକାହାଣୀ ଆଡ଼କୁ କଲମ କଢ଼ାଏ।

ଦୈନନ୍ଦିନ ଜୀବନଯାପନର ଗତାନୁଗତିକତା ଭିତରେ ପ୍ରାଣ ଓ ହୃଦୟକୁ ଗୋଟିଏ ଗୋଟିଏ ଘଟନା, ପରିସ୍ଥିତି ଏପରିକି ଭାବନା, ସ୍ୱପ୍ନ ଓ ସମ୍ଭାବନା ଏଭଳି ଅସ୍ଥିର ଓ ଆବେଗାଚ୍ଛନ୍ନ କରେ ଯେ ତାକୁ ଯଥା ସମ୍ଭବ ତା'ର ମୂଳ ରୂପରେ ସଂରକ୍ଷିତ କରି ରଖିବାକୁ ଏକ ଅଦମ୍ୟ ଅଭିଳାଷ ଜନ୍ମେ। ପାଠକଙ୍କୁ ତାହା ପଢ଼ାଇ ବାହାଦୁରି ଦେଖାଇବାର ଇଚ୍ଛା ଅପେକ୍ଷା ନିଜ ପାଇଁ ସେଇ ମହାର୍ଘ ଆବେଗଟିକୁ ସାଇତି ରଖିବାର ଇଚ୍ଛା ଅଧିକ ବଳବତ୍ତର ଥାଏ। ଶବ୍ଦଙ୍କ ସହାୟତା ବିନା ସେହି ସଂରକ୍ଷଣ ପ୍ରକ୍ରିୟାଟି ସମ୍ଭବ ହେବା ଦେଖାଯାଏନା।

ଅବଶ୍ୟ ମୂଳ ଆବେଗଟି ସମ୍ପୂର୍ଣ୍ଣ ଅକ୍ଷତ ଓ ମୌଳିକ ଭାବରେ ସଂରକ୍ଷିତ ହେବା ସମ୍ଭବ ନୁହେଁ। ପ୍ଲେଟୋଙ୍କ ତତ୍ତ୍ୱାନୁଯାୟୀ କବିତାଟିଏ ଲେଖାହେଲେ ତାହା ମୂଳ ଆବେଗଠୁ ଦୁଇଥର ଦୂରେଇ ଯାଇଥାଏ। ସବୁ ଜିନିଷର ମୂଳଟି ସମଗ୍ର ବ୍ରହ୍ମାଣ୍ଡର ରଚୟିତା ସ୍ରଷ୍ଟା ପୁରୁଷଙ୍କର ସମ୍ପତ୍ତି। ମଣିଷ (କବି) ପାଖକୁ ଆବେଗଟି ଆସିଲାବେଳେ ତାହା 'ମୂଳ'ର କେବଳ ଗୋଟେ 'ନକଲ' ହିଁ ହୁଏ, ଅନ୍ୟ ଭାଷାରେ କହିଲେ ତାହା ମୂଳଠୁ ଥରଟେ ଦୂରେଇ ଯାଇଥାଏ। ପୁଣି କବି ସେ ଆବେଗକୁ ଶବ୍ଦ–ବନ୍ଦୀ ବା ଶବ୍ଦାୟିତ କରିବାକୁ ଯାଇ ତାକୁ ମୂଳଠୁ ଆଉଥରେ ଅପସାରିନିଏ। କାରଣ ସେ ଶବ୍ଦ ଦ୍ୱାରା ଆବେଗଟିର ନକଲ ହିଁ କରେ। ତେବେ କବିତା ଭଳି ସେଇ ଦ୍ୱୈତନକଲାକ୍ରାନ୍ତର ଶକ୍ତି ମଧ୍ୟ ବେଳେବେଳେ ଆମକୁ ଅଭିଭୂତ କରେ।

ମୋ' ହାତ ଧରି କିଏ ଲେଖାଇନିଏ ବୋଲି ଜୋରଦେଇ କହିପାରୁନି। କବିତା ମନ୍ତ୍ର ପରି ଶୂନ୍ୟରେ ଦିଶେ ଓ ମୁଁ ତାକୁ ନକଲ କରିନିଏ ବୋଲି ମଧ କହିପାରୁନି। କବିତା ଲେଖିଲାବେଳେ ମୋତେ ଭୂତ ଲାଗେ କି ନାହିଁ ମୁଁ ଜାଣିନି।

ତେବେ ମୁଁ ସମୁଦ୍ରକୂଳ ବାଲିରେ ହଜି ଯାଇଥିବା ପ୍ରିୟ ମୁଦିଟିକୁ ଖୋଜିବା ପରି ଶବ୍ଦ, ବ୍ୟଞ୍ଜନା, ଅଭିବ୍ୟକ୍ତି, ଅଳଙ୍କାର, କଳା ଓ କମନୀୟତା ଇତ୍ୟାଦିକୁ ପ୍ରାଣପଣେ ଖୋଜୁଥାଏ। ଜାଣେ, ମୋ' ଶକ୍ତି ସାମର୍ଥ୍ୟ ସୀମିତ। ସମୁଦ୍ର ବାଲି ଅସୀମ। ଖୋଜି ଖୋଜି ହାଲିଆ ହୋଇଗଲେ ଖୋଜିବା ଅଧାରଖି ଶୋଇପଡ଼େ। ବେଫିକର ନିଦ କିନ୍ତୁ ଆସେନା। କଞ୍ଚା ନିଦରେ ବି ସେଇ ମୁଦିକୁ ଖୋଜୁଥାଏ। ପୁଣି ନିଦରୁ ଉଠି ଖୋଜେ। ପାଇବାଯାଏ ଖୋଜୁଥାଏ। ଖୋଜିଲାବେଳେ ଆଉ କାହାର ଅଦୃଶ୍ୟ ହାତ ଗୋପନରେ ଆସି ସହାୟତା କରୁଥାଏ କି ନାହିଁ ଜାଣେନା। … କେବେକେବେ ମୁଦି ମିଳିଯାଏ !



ଚଳଚ୍ଚିତ୍ର 'କହୋନା ପ୍ୟାର ହୈ'ର ଏକ ଦୃଶ୍ୟ

## ଆରମ୍ଭରୁ ରେକର୍ଡ

ହ୍ରିତିକ ରୋଶନଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ହୋମ ବ୍ୟାନରରେ ନିର୍ମିତ ତଥା ବାପା ରାକେଶ ରୋଶନଙ୍କ ନିର୍ଦ୍ଦେଶିତ 'କହୋନା ପ୍ୟାର ହୈ' ଫିଲ୍ମଟି ହିନ୍ଦୀ ସିନେମାରେ ରେକର୍ଡ ସୃଷ୍ଟି କରିଥିଲା। ଏଥିରେ ହ୍ରିତିକଙ୍କ ନାୟିକା ସାଜିଥିଲେ ନବାଗତା ଅମିଷା ପଟେଲ। ଫିଲ୍ମଟି ବିଭିନ୍ନ କ୍ୟାଟେଗୋରୀରେ ମୋଟ ୯୨ଟି ପୁରସ୍କାର ହାସଲ କରିଥିଲା। ଏପରି କୃତୀତ୍ୱ ପାଇଁ ଫିଲ୍ମଟିକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ ପରିସରଭୁକ୍ତ କରାଯାଇଥିଲା।

## ସର୍ବାଧିକ ଅବଧି ବିଶିଷ୍ଟ ଚଳଚ୍ଚିତ୍ର

ହିନ୍ଦୀ ସିନେମା 'ଗ୍ୟାଙ୍ଗସ୍ ଅଫ ୱାସେପୁର'ର ଅବଧି କେତେ ଥିଲା ଜାଣନ୍ତି ? ୩୧୯ ମିନିଟ୍। ଭାରତରେ ଏହି ସିନେମାଟି ଦୁଇଟି ପାର୍ଟରେ ରିଲିଜ ହୋଇଥିଲା। କିନ୍ତୁ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଏହାକୁ ଏକତ୍ର ଗୋଟିଏ ସିନେମା ଆକାରରେ ପ୍ରଦର୍ଶନ କରାଯାଇଥିଲା। ଏହାର ମୁଖ୍ୟ ଭୂମିକାରେ ମନୋଜ ବାଜପେୟୀ ଏବଂ ରିଚା ଚଢ଼ା ଅଭିନୟ କରିଥିଲେ।



ଚଳଚ୍ଚିତ୍ର 'ଗ୍ୟାଙ୍ଗସ୍ ଅଫ ୱାସେପୁର'ର ଏକ ଦୃଶ୍ୟ



ଚଳଚ୍ଚିତ୍ର 'ପା'ରେ ଅଭିଷେକ-ଅମିତାଭ

## 'ପା' ପାଇଁ ଚର୍ଚ୍ଚାରେ

ଥରେ ମନେ ପକାନ୍ତୁ ନା ସେହି ହିଟ୍ ସିନେମା 'ପା'କୁ। ଏଥିରେ ଅମିତାଭ ବଚ୍ଚନଙ୍କ ଭୂମିକା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଉକ୍ତ ଚଳଚ୍ଚିତ୍ରରେ ଅଭିଷେକ ବଚ୍ଚନଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଏଥିରେ ସେ ଅମିତାଭଙ୍କ ପୁଅ ଭୂମିକାରେ ଅଭିନୟ କରିଥିଲେ।

## ଚାଇନାରେ ରିଲିଜ ହୋଇଥିବା ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର

ଚାଇନାରେ ରିଲିଜ ହୋଇଥିବା ପ୍ରଥମ ହିନ୍ଦୀ ସିନେମାଟି ହେଉଛି 'ଲଗାନ୍'। ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଆମୀର ଖାଁ ନାୟକ ସାଜିଥିଲେ। ଉକ୍ତ ସିନେମାର ଆଉ ଏକ ରୋଚକ କଥା ରହିଛି। ଏଥିରେ ସର୍ବାଧିକ ସଂଖ୍ୟାର ବ୍ରିଟିଶ କଳାକାର ଅଭିନୟ କରିଥିଲେ।

ଚଳଚ୍ଚିତ୍ର 'ଲଗାନ୍'ର ଏକ ଦୃଶ୍ୟ



# ଲିପ୍ ବାମ୍, ଫେସ୍‌ୱାଶ ଓ ପରିଣିତି



ପରିଣିତି ଚୋପ୍ରାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା 'ଲେଡିଜ୍ ଭର୍ସେସ ରିକି ବହଲ' ସିନେମାରୁ। ପ୍ରଥମ ସିନେମାକୁ ନେଇ କାହିଁ କେତେ ଆଶା ବାନ୍ଧି ବସିଥିଲେ ସେ। ଫିଲ୍ମ ବି ସଫଳ ହେଲା । ପାଠ ପଢ଼ିବା ସମୟରେ ପରିଣିତି ନିଜକୁ ଜଣେ ମେଧାବୀ ଛାତ୍ରୀ ଭାବରେ ପରିଚିତ କରାଇପାରିଥିଲେ। ସେ ଟ୍ରିପିଲ୍ ଅନର୍ସ ଡିଗ୍ରୀ ହାସଲ କରିଥିଲେ। ଦ୍ୱାଦଶ ପରୀକ୍ଷାରେ ସେ ସର୍ବଭାରତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଷ୍ଟ୍ରପତି ପୁରସ୍କାର ପାଇବାରେ ସକ୍ଷମ ହୋଇଥିଲେ। ଏରୋପ୍ଲେନ୍ ଲ୍ୟାଣ୍ଡିଂ କରିବା ସମୟରେ ତାଙ୍କୁ ଭାରି ଭୟ ଲାଗିଥାଏ। ଏହାବ୍ୟତୀତ ସେ ସାପ ଦେଖିଲେ ମଧ୍ୟ ଡରନ୍ତି। ଯୁଆଡେ ଗଲେ ପରିଣିତି ନିଜ ସାଙ୍ଗରେ ଲିପ୍ ବାମ୍ ଏବଂ ଫେସୱାଶ ନେଇଥାଆନ୍ତି। ନିଜ କ୍ୟାରିୟର ସମ୍ପର୍କରେ ପରିଣିତି କହନ୍ତି, 'ଲେଡିଜ୍ ଭର୍ସେସ ରିକି ବହଲ' ଫିଲ୍ମ ଟି ମୋ ପାଇଁ ସ୍ମରଣୀୟ ହୋଇ ରହିବ। କାରଣ ଏହି ଚଳଚ୍ଚିତ୍ରଟି ପାଇଁ ମୁଁ ନବାଗତା ଅଭିନେତ୍ରୀ ଭାବରେ ସେହି ବର୍ଷ ୧୦ଟି ପୁରସ୍କାର ହାସଲ କରିଥିଲି। ଅଭିନୟକୁ କ୍ୟାରିୟର କରିବାକୁ ଏହା ମୋତେ ବେଶ୍ ପ୍ରେରଣାଦାୟକ ସାଜିଥିଲା।'

# ଆଉ ଜଣେ ପରଦେଶୀ ନାୟିକା

ରୁଷୀୟ ଲଳନା ଆଲେକ୍‌ଜାଣ୍ଡ୍ରା ସ୍କେଲସୁନୋଭା ଓରଫ ସାସା। ମଡେଲିଂ ସହ ଜଡ଼ିତ ଏହି ନବାଗତା ପ୍ରଥମ ଥର ପାଇଁ ଓଡ଼ିଆ ସିନେମାରେ ଅଭିନୟ କରୁଛନ୍ତି। ନୂଆ ଓଡ଼ିଆ ସିନେମା 'ବାୟ ବାୟ ଦିଲ୍'ର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ସେ । ମହ୍ଲାର ଏଣ୍ଟରଟେନ୍‌ମେଣ୍ଟ ଏବଂ ଏ.ବି. ସଲ୍ୟୁଶନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ନବାଗତା ଜୟଲକ୍ଷ୍ମୀ ମିଶ୍ର। ନିର୍ଦ୍ଦେଶନା ଦାୟିତ୍ୱ କୁନାଲ ପଟ୍ଟନାୟକ ତୁଲାଇଥିବା ବେଳେ ସଚି ମହାନ୍ତି ଏବଂ ସନ୍ତୋଷଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଟୁନା ଭାଇ-ଉନା ଭାଇ। ଚିତ୍ରୋତ୍ତୋଳନ କରିଛନ୍ତି ରଞ୍ଜନ ମିଶ୍ର। ଶୁଟିଂ ଶେଷ ହୋଇଥିବା ଏହି ଫିଲ୍ମରେ ସାସାଙ୍କ ଭୂମିକାଟି ହେଲା ଗ୍ଲୋରି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରାଜ୍। ସାସା-ରାଜ୍ ଯୋଡ଼ି ବ୍ୟତୀତ ପଲ୍ଲବୀ, ଜୀବନ ପଣ୍ଡା, ଜୟଲକ୍ଷ୍ମୀ, ପ୍ରୀତିରାଜ, କୁନାଲ, ଟୁଲୁ, ଶମ୍ଭୁ, ରାମବାବୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଖାସ୍ କଥା ହେଲା, ଶୁଟିଂ ସମୟରେ ସାସା ଓଡ଼ିଆ ଭାଷା କେତେକାଂଶରେ ଶିଖିଯାଇଛନ୍ତି। ବିଦେଶୀ ଲଳନା ଓଡ଼ିଆ ସିନେମାରେ ଅଭିନୟ କରିବା ନୂଆ କଥା ନୁହେଁ। ଏହାପୂର୍ବରୁ ପରଦେଶୀ ଚଢ଼େଇରେ ଉତ୍ତମ ମହାନ୍ତିଙ୍କ ସହ ଅରମିଣ୍ଟାଙ୍କୁ ନାୟିକା ଭାବେ ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ମୁଖ୍ୟମନ୍ତ୍ରୀ'ରେ ବିଦେଶୀ ନାୟିକା ସବ୍ରିନା ଜେନିଫର ଅଭିନୟ କରିଥିଲେ। ତେବେ 'ବାୟ ବାୟ ଦିଲ୍'ରେ ସାସା ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ଆଲେକ୍‌ଜାଣ୍ଡ୍ରା-ରାଜ୍

# ନବୀନ ଯାହା ଚାହୁଁଥିଲେ..



ନବୀନ-ନଗଜା

ଖୁବ୍ ଶୀଘ୍ର ଓଲିଉଡ୍‌ରେ ଆଉ ଜଣେ ନବାଗତ ନାୟକ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ସେ ହେଲେ ନବୀନ। ଅବଶ୍ୟ ଏହାପୂର୍ବରୁ ସେ ୩ଟି ଭୋଜପୁରୀ ଫିଲ୍ମ ଏବଂ କେତୋଟି ଓଡ଼ିଆ ଆଲବମ୍‌ରେ ଅଭିନୟ କରିସାରିଛନ୍ତି। ହେଲେ ବଡ଼ପରଦାରେ ତାଙ୍କୁ ଏବେ ମିଳିଛି ଏକ ବଡ଼ ବ୍ରେକ୍। କେବଳ ସେତିକି ନୁହେଁ ନିଜର ଡେବ୍ୟୁ ଫିଲ୍ମରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ସେ। ଫିଲ୍ମଟି ହେଲା 'ଅଫିସର'। ଫିଲ୍ମର କାହାଣୀ ଅନୁସାରେ ଏକ ରାଜ୍ୟରେ ପାଞ୍ଚଜଣ ଅଫିସରଙ୍କ ଭିତରେ ଥାଏ ଅତୁଟ ବନ୍ଧୁତା। ସତେଯେମିତି ସେମାନେ ଗୋଟିଏ ରଜ୍ଜୁରେ ବନ୍ଧା। କାହାର ଅସୁବିଧା ପଡ଼ିଲେ ଏକାଠି ହୋଇ ସାହାଯ୍ୟର ହାତ ବଢ଼ାଇ ଦିଅନ୍ତି। ହେଲେ ହଠାତ୍ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଜୀବନ ଆକାଶରେ କଳା ବାଦଲ ମାଡ଼ିଆସେ। ସେତେବେଳେ ସେମାନଙ୍କ ବନ୍ଧୁତା ଏହାଦ୍ୱାରା ପ୍ରଭାବିତ ହୁଏ କି ? ଏହା ପରେ ରାଜ୍ୟ ଚଳାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ପାଞ୍ଚଜଣ ଅଫିସର ନିଜ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇ ପାରନ୍ତି ତ ? ଏସବୁ ପ୍ରଶ୍ନର ଉତ୍ତରକୁ ଆଧାର କରି ପ୍ରସ୍ତୁତ ହୋଇଛି ଏକ ଭିନ୍ନ ଧରଣର କାହାଣୀ, ଯାହାକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଅଫିସର'। ଅନୀତା ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ପ୍ରଭାକର ମହାନ୍ତି। ଲକ୍ ଡାଉନ ପରେ ଫିଲ୍ମର ଶୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଡ. ନିର୍ମଳ ନାୟକ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯଜ୍ଞ ଦାଶ। ଫିଲ୍ମର ମେଲ୍ ଲିଡ୍‌ରେ ନବୀନଙ୍କ ନାୟିକା ସାଜିଛନ୍ତି ନଗଜା ନିରଞ୍ଜନା। ଏହି ଯୋଡି ବ୍ୟତୀତ ରୁଦ୍ର ପାଣିଗ୍ରାହୀ, ଦୁଷ୍ମନ୍ତ, ଜଗା, ପ୍ରିନ୍ସ, ରାମ, ନଗଜା ନିରଞ୍ଜନା, ଜିନା, ସୁନୟନା, ସୋନୁ, ଦେବୀ ବାରିକ, ଦେବୁ ବ୍ରହ୍ମା, ଥିନ୍, ପ୍ରିୟ ମିଶ୍ର, ପ୍ରିୟଙ୍କା, ରତନ ମେହେର, ମିଟୁ ମିଥୁନ୍ ପ୍ରମୁଖ କଳାକାର ଅଭିନୟ କରିବେ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବେ ନାରାୟଣ ଘଡ଼େଇ।

# ଟେନସନ୍ ଅନ୍ତରାଳେ..

ପ୍ରେମରେ ପଡିବା ପୁଣି ସେଥିରେ ସଫଳ ହେବା-ଏହି ଦୁଇଟି ଭିନ୍ନ ବିଷୟ। ତେବେ ପ୍ରେମର ମଧୁରେଣ ସମାପୟେତ ପାଇଁ ହୃଦୟଟି ସେମିତି ସଚ୍ଚା ହେବା ଦରକାର। ହେଲେ ପ୍ରେମରେ ପଡିବା ପରେ ଯେ ଏପରି ପରିସ୍ଥିତିର ସାମନା କରିବାକୁ ପଡିବ ତାହା କେବେ ରୋମିଓ ରାଜା କଳ୍ପନା କରି ନ ଥିଲା। ଏପରି ଏକ କାହାଣୀକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା ଯାହାର ଟାଇଟଲ ରହିଛି 'ରୋମିଓ ରାଜା'। ଏହାର ଶୀର୍ଷକ ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଳାନ କୁମାର। କାହାଣୀ ଅନୁସାରେ ପ୍ରଥମ ଦେଖାରେ ଜଣେ କଲେଜ ଛାତ୍ର ଜଣେ କଲେଜ ଛାତ୍ରୀଙ୍କୁ ପ୍ରେମ କରି ବସୁଛି। ସେମାନେ ପ୍ରେମ ଦୁନିଆରେ ଉଡି ବୁଲିବା ସମୟରେ ହଠାତ୍ ଏହି ପ୍ରେମରେ ଆଉ ଜଣେ ଏଣ୍ଟ୍ରି କରୁଛନ୍ତି। ତେବେ ତା'ପରେ କ'ଣ ହେଉଛି ଏବଂ ଦୁହିଁଙ୍କ ପ୍ରେମର ଦି ଏଣ୍ଡ କିପରି ହେଉଛି ତାହାକୁ ନେଇ କାହାଣୀ ଗତିଶୀଳ। ଏହି ଫିଲ୍ମରେ ଅମ୍ଳାନ କୁମାରଙ୍କ ସହ ସ୍କ୍ରିନ୍ ସେୟାର କରୁଛନ୍ତି ତମନ୍ନା। ଏନ. ବି. ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଫିଲ୍ମର ଶୁଟିଂ ବର୍ତ୍ତମାନ ଚାଲୁ ରହିଛି। ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରଯୋଜନାରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ନବାଗତ ନିର୍ଦ୍ଦେଶକ ରାକେଶ ସାମଲ। ଜମେଶ ଶୁକ୍ଳା ସଂଳାପ ରଚନା କରିଛନ୍ତି ଏବଂ ପଞ୍ଚାନନ ନାୟକ, ଅରୁଣ ମନ୍ତ୍ରୀ, ସୁବ୍ରତ ସ୍ୱାଇଁ, ଡ. ସୁବୋଧ ଦାସଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା ଏବଂ ଗୀତିଶ୍ରୀ ସରୋଜ। ଅମ୍ଳାନ-ତମନ୍ନାଙ୍କ ବ୍ୟତୀତ ହରିହର ମହାପାତ୍ର, ବାବୁ ପ୍ରଧାନ, ଦୀପକ ମହାରଣା, ଜ୍ଞାନ ପଲେଇ, ତପନ, ରାଜଲକ୍ଷ୍ମୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।



ତମନ୍ନା

## ରାୟଗଡ଼ାରେ ହେବ କରୋନା ପରୀକ୍ଷା

ରାୟଗଡ଼ା ଅଫିସ,୧୭।୬-ରାୟଗଡ଼ାରେ ଜିଲାରେ କରୋନା ନମୁନା ପରୀକ୍ଷା ଲାଗି ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଏସ୍-୨ ପରୀକ୍ଷାଗାରକୁ ଜିଲାପାଳ ପ୍ରମୋଦ କୁମାର ବେହେରା ବୁଧବାର ଉଦ୍‌ଘାଟନ କରିଛନ୍ତି। ଏଠାରେ ଜିଲାରୁ କରୋନା ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବ। ଏନେଇ ଜିଲାବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ ଯୋଗଦେଇ ଏଠାରେ ପ୍ରତ୍ୟହ ୧୭ଜଣଙ୍କ ନମୁନା ପରୀକ୍ଷା କରାଯାଇପାରିବ ବୋଲି ସେ ସୂଚନା ଦେଇଥିଲେ। ଡା. ରାଜୁ, ଡା. ପ୍ରଫୁଲ୍ଲ ପାଢ଼ୀ, ଡିପିଏମ୍ ରାଜେଶ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

### ରାୟଗଡ଼ାରେ ହେବନି ରଥଯାତ୍ରା : ଜିଲାପାଳ

ରାୟଗଡ଼ା ଅଫିସ,୧୭।୬: ରାୟଗଡ଼ା ଜଗନ୍ନାଥ ମନ୍ଦିର ଶ୍ରଦ୍ଧା ଶ୍ରୀକ୍ଷେତ୍ର ନାମରେ ନାମିତ। ମହାମାରୀ କରୋନାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରାୟଗଡାରେ ରଥଯାତ୍ରା ହେବ ନାହିଁ ବୋଲି ଜିଲାପାଳ ପ୍ରମୋଦ କୁମାର ବେହେରା ସୂଚନା ଦେଇଛନ୍ତି। ଜଗନ୍ନାଥ ମନ୍ଦିର ଭିତରେ କେବଳ ଅସ୍ଥାୟୀ ମାଉସୀ ମା' ମନ୍ଦିର କରାଯାଇ ନୀତିକାନ୍ତି ସମାପନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ସାମାଜିକ ଦୂରତା ରଖି ମାସ୍କ ବ୍ୟବହାର କରାଯାଇ ଅଳ୍ପ ସେବାୟତଙ୍କୁ ନେଇ କାର୍ଯ୍ୟ ସମାପନ କରାଯିବ । ଏନେଇ ଜିଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଏସ୍‌ପି ଶର୍ବଣା ବିବେକ ଏମ, ରାଜ ପୁରୋହିତ ବାଲୁଙ୍କେଶ୍ୱର ଦାଶଙ୍କ ସହ ସେବାୟତମାନେ, ରାୟଗଡ଼ା ତହସିଲଦାର ଉମାଶଙ୍କର ବେହେରା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ,ବିଷମକଟକ ତହସିଲଦାର ଶୁଭେନ୍ଦୁ କୁମାର ଜେନା, ଗୁଣପୁର ତହସିଲଦାର ଲକ୍ଷ୍ମୀନାରାୟଣ ସାବତ ଉପସ୍ଥିତ ଥିଲେ ।

### ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ, ୩ ଗିରଫ

ଟିକିରି,୧୭।୬:ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିର ୩ଟି ଦୋକାନରେ ପୋଲିସ ଚଢ଼ାଉକରି ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ କରିଛି । ଏଥିସହ ୩ ଜଣ ବ୍ୟବସାୟୀଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଜିତୁ ସାବତ, କାଳିଆ ସାହୁ ଓ ରାମ ପ୍ରଧାନ। ଗତ ୩ ଦିନ ମଧ୍ୟରେ ଟିକିରିର ୩ଟି ଦୋକାନରେ ପୋଲିସ ଚଢ଼ାଉ କରି ଏହି ଗୁଟ୍‌ଖା ଜବତ କରିଛି। ମଙ୍ଗଳବାର ରାମ ପ୍ରଧାନ ଓ କାଳିଆ ସାହୁଙ୍କ ଦୋକାନରୁ ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ପୋଲିସ ଜବତ କରିଥିଲା। ସେହିପରି ରବିବାର ସନ୍ଧ୍ୟାରେ ଟିକିରି ମେନ୍ ରୋଡ୍ ସ୍ଥିତ ଜିତୁ ସାବତଙ୍କ ଲକ୍ଷ୍ମୀ ଜେନେରାଲ ଷ୍ଟୋରରୁ ୨ ବସ୍ତା ଗୁଟ୍‌ଖା ଜବତ କରାଯାଇଥିଲା। ଥାନାରେ ନଂ. ୧୦୦/୨୦, ୧୦୨/୨୦ ଓ ୧୦୩/୨୦ରେ ମାମଲା ରୁଜୁ ହୋଇଛି।

### ୪୦ ଫୁଟ ତଳକୁ ଟ୍ରକ୍ ଖସି ୨ ମୃତ ଘଟଣା
### ମିଳିଲା ମୃତକଙ୍କ ପରିଚୟ

ଝରିଗାଁ,୧୭।୬(ସ୍ୱ.ପ୍ର):ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଗତ ୧୫ ତାରିଖ ଅପରାହ୍ନରେ ଏକ କାଷ୍ଟ ଆଇରନ ପାଇପ ବୋଝେଇ ଟ୍ରକ ୪୦ ଫୁଟ ତଳକୁ ଖସି ପଡିଥିଲା। ଝରିଗାଁ ପୋଲିସ, ଅଗ୍ନିଶମ କର୍ମଚାରୀ ପହଞ୍ଚି ୨ଟି ମୃତଦେହ ଉଦ୍ଧାର କରିଥିଲେ। ସେମାନଙ୍କ ପରିଚୟ ଜଣାପଡି ନ ଥିଲା। କୌଣସି ପ୍ରକାରେ ପୋଲିସ ସେମାନଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିବାରେ ସକ୍ଷମ ହୋଇଥିଲା । ବୁଧବାର ସକାଳେ ଗୁଜୁରାଟ ରାଜ୍ୟର ଅଞ୍ଜାର ଥାନାର ପୋଲିସ ସହ ପରିବାର ଲୋକେ ଝରିଗାଁରେ ପହଞ୍ଚିଥିଲେ। ମୃତ ବ୍ୟକ୍ତି ହେଲେ କଚ୍ଛ ଜିଲା ସାପେଡା ଗ୍ରାମର ଟ୍ରକ ଗାଡି ମାଲିକ ତଥା ଡ୍ରାଇଭର ଧର୍ମେନ୍ଦ୍ର ଗର ଗୁସାଇ (୩୬) ଏବଂ ଅଞ୍ଜାର ଗ୍ରାମର ଦିନେଶ ଭୀଲ (୨୯) । ଦୁର୍ଘଟଣା ସ୍ଥଳକୁ ଅଞ୍ଜାର ଥାନା ଏଏସଆଇ ଯଶବନ୍ତ ଗୁସାଇ ଏବଂ ଝରିଗାଁ ଥାନା ଅଧିକାରୀ ନରେଶ କୁମାର ପ୍ରଧାନ, ଏସଆଇ ସନ୍ତୋଷ କୁମାର ମାଝୀ ପ୍ରମୁଖ ଯାଇଥିଲେ ।

### ଚିତ୍ରକୋଣ୍ଡାରେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ ଜିଲାପାଳ

ଚିତ୍ରକୋଣ୍ଡା,୧୭।୬(ଡି.ଏନ.ଏ.): ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ବୁଧବାର ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳ ଗସ୍ତ କରି ଫେରିଛନ୍ତି। ସେ ଚିତ୍ରକୋଣ୍ଡା ପଞ୍ଚାୟତରେ ଥିବା ରାଜଲକୋଣ୍ଡା ଉଦ୍ୟାନ କୃଷି ଫାର୍ମକୁ ପରିଦର୍ଶନ କରିଥିଲେ। ଫାର୍ମର ପରିତ୍ୟକ୍ତ ଅବସ୍ଥା ଦେଖି ଜିଲାପାଳ କୃଷି ଉପ ନିର୍ଦ୍ଦେଶକ ମଧୁସୂଦନ ଦଳାଇଙ୍କୁ ଏଠାରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବଡପଡା ପଞ୍ଚାୟତରେ ଆଇଟିଡିଏ ପକ୍ଷରୁ ହୋଇଥିବା ଏଜୁକେଶନ କମ୍ପ୍ଲେକ୍ସ ବୁଲି ଦେଖି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ବଡପଦର ପଞ୍ଚାୟତର ସାରିଆପାଲି ଗ୍ରାମ ଓ ଖିଲିଗୁଡା ଯାଇ ହଳଦୀ ଚାଷ ଦେଖିଥିଲେ। ଜିଲା ପ୍ରକଳ୍ପ ପରିଚାଳକ ପବିତ୍ର ମୋହନ ବାରା,ବିପିଏମ୍ ପର୍ଶୁରାମ ବେହେରା, ଜିଲା କୃଷି ଅଧିକାରୀ ରାମଚନ୍ଦ୍ର ପଟ୍ଟନାୟକ, ଡିଆରଡିଏ ପିଡି ବାଳମୁକୁନ୍ଦ ଭୂୟାଁ,ଆଇଟିଡିଏ ପିଡି କ୍ଷୀରାବ୍ଧି ବେହେରା, ବିଡିଓ ଲରିମନ ଖରସେଲ,ତହସିଲଦାର ଟି. ପଦ୍ମନାଭ ଦୋରା, ଯନ୍ତ୍ରୀ ମନୋଜ ନାୟକ, ଶିବାଶିଷ ବିଶ୍ୱାସ, ବିଏଲସି ସୋମନାଥ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

# ଜବରଦଖଲରେ ଥିବା ଆଦିବାସୀଙ୍କ ଜମି ଫେରାଇ ଆଣ

ମାଲକାନଗିରି,୧୭।୬(ଡି.ଏନ୍.ଏ.)

ଆଦିବାସୀ ଜମି ଜବରଦଖଲ କରିଥିବା ଅଣ ଆଦିବାସୀଙ୍କଠାରୁ ଫେରାଇ ଆଣିବା, ବିକ୍ରୟ ନିୟମରେ କୋହଳ କରିବା ପାଇଁ ବୁଧବାର ଆଦିବାସୀ ମହାସଂଘ ଦାବି କରିଛି। ଜିଲା ସଦର ମହକୁମାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମହାସଂଘ ସଭାପତି ଘନଶ୍ୟାମ ମାଡକାମି ଏହି ଦାବି କରିଛନ୍ତି। ସେ କହିଛନ୍ତି ଯେ, ମାଲକାନଗିରି ଜିଲାରେ ଇତିମଧ୍ୟରେ ଆଦିବାସୀଙ୍କ ପରିବାର ସଂଖ୍ୟା ବୃଦ୍ଧି ସହ ଜନସଂଖ୍ୟା ବୃଦ୍ଧି ପାଉଛି। ତେବେ ପରିବାର ସଂଖ୍ୟା ବୃଦ୍ଧି ଅନୁସାରେ ଜମି ସଂଖ୍ୟା କମିବାରେ ଲାଗିଛି। ଅନେକ ଅଣ ଆଦିବାସୀ ବ୍ୟକ୍ତି ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କ ଜମି ଜବରଦଖଲ କରି ଭୋଗ କରୁଛନ୍ତି।


ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ତୁରନ୍ତ ରାଜସ୍ୱ ବିଭାଗ ଏହା ଚିହ୍ନଟ କରି ଆଦିବାସୀଙ୍କ ଜମିକୁ ସେମାନଙ୍କୁ ହସ୍ତାନ୍ତର କରିବାକୁ ସେ କହିଛନ୍ତି। ଏଥିସହ ଆଦିବାସୀଙ୍କ ଜମି କିଣାବିକାରେ ମଧ୍ୟ ହେରଫେର ହେଉଥିବା ମାଡକାମି ଅଭିଯୋଗ କରିଛନ୍ତି। କେତେଜଣ ଅଣଆଦିବାସୀ ବ୍ୟକ୍ତି ଆଦିବାସୀଙ୍କ ଚାଷଜମି ଓ ରାସ୍ତାକଡ଼ରେ ଥିବା ଜମିକୁ ଉପଜିଲାପାଳଙ୍କଠାରୁ କୌଣସି ଉପାୟରେ ଅନୁମତି ପତ୍ର କରି କମ୍ ଦରରେ ଖରିଦ କରି ଏହାକୁ ବିକ୍ରି କରୁଛନ୍ତି। ଫଳରେ ଆଦିବାସୀମାନେ

- ଅଣ ଆଦିବାସୀ ଜବରଦଖଲ କରିଛନ୍ତି ଜମି
- କିଣାବିକା ନିୟମରେ କୋହଳ ହେଉ
- ଅସୁବିଧାର ସମ୍ମୁଖୀନ ହେବେ ଆଗାମୀ ପିଢ଼ି

ଜମି ହରାଇବା ସହ ଆର୍ଥିକ କ୍ଷତି ସହୁଛନ୍ତି। ଏଥିଯୋଗୁ ଆଦିବାସୀଙ୍କ ଆଗାମୀ ପିଢ଼ି ଅସୁବିଧାର ସମ୍ମୁଖୀନ ହେବେ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାସଂଘ ଦାବି କରିଛି। ଖବରଦାତା ସମ୍ମିଳନୀରେ ସନୁ ଅନୁଗୁ, ଦୁରୁଆ ସମାଜ ସଭାପତି ମଙ୍ଗଳା ଦୁରୁଆ, କୋଷାଧକ୍ଷ ନରସିଂହ ମାଡକାମି, ସମ୍ପାଦକ ଭଦ୍ର ଦୁରୁଆ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ବାଳକ ମୃତ

କାଲିମେଳା,୧୭।୬(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ କାଲିମେଳା ପଞ୍ଚାୟତର ଏମପିଭି-୩୫ ଗ୍ରାମରେ ବୁଧବାର ସାଙ୍ଗସାଥୀଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇ ଜଣେ ୬ବର୍ଷର ବାଳକ ବୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ନାମ ଆୟୁଷ ମଣ୍ଡଳ। ତାଙ୍କ ସାନ ଭଉଣୀ ମଧ୍ୟ ଗାଧୋଉଥିବା ବେଳେ ଏଥିରୁ ରକ୍ଷା ପାଇଯାଇଛନ୍ତି। ଖବରରୁ ଜଣାପଡିଛି ଏମପିଭି-୩୫ ଗ୍ରାମର କଙ୍ଗଣ ମଣ୍ଡଳ ପରିବାର ସହ ରହନ୍ତି। କଙ୍ଗଣ ଓ ସ୍ତ୍ରୀ ଦୀପିକା ମୂଲ ଲାଗି ପରିବାର ଚଳାନ୍ତି। ସେମାନଙ୍କ ଝିଅ ଅଙ୍କିତା(୪), ପୁଅ ଆୟୁଷ ଘରେ ରହିଥାନ୍ତି। ବୁଧବାର ସକାଳେ ମା'ବାପା କାମକୁ ଯାଇଥିବା ବେଳେ ପିଲାଦୁହେଁ ଗ୍ରାମର ଜଣକ ଘରକୁ ଟିଉସନ ପଢିବାକୁ ଯାଇ ପୂର୍ବାହ୍ନ ୧୦ଟାରେ ଘରକୁ ଫେରିଥିଲେ। ସେତେବେଳେ ଘରେ କେହି ନ ଥିଲେ। ପରେ ଗ୍ରାମର ଅନ୍ୟ ୩/୪ ଜଣ ପିଲାଙ୍କ ସହ ଏହି ଦୁଇ ଭଉଣୀଭାଇ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ଆୟୁଷଙ୍କ ଗୋଡ ଖସିଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ଅଙ୍କିତାଙ୍କ ଗୋଡ ମଧ୍ୟ ଖସି ଯାଉଥିବା ବେଳେ ସେ କୂଳକୁ ଚାଲି ଆସିଥିଲେ। ଗାଧୋଉଥିବା ସବୁ ପିଲା ଛୋଟ ହୋଇଥିବାରୁ କେହି ଆୟୁଷଙ୍କୁ ରକ୍ଷା କରିପାରି ନ ଥିଲେ। ପୋଖରୀକୁ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ଗାଧୋଇବାକୁ ଯାଉଥିବା ବେଳେ ପିଲାଙ୍କ ମୁହଁରୁ ଆୟୁଷ ପାଣିରେ ବୁଡିଯିବା ଶୁଣି ତାଙ୍କୁ ଖୋଜାଖୋଜି କରି ଉଦ୍ଧାର କରିଥିଲେ। ପରେ ଅନ୍ୟ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଖବର ପାଇ କାଲିମେଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କେସ୍ ନଂ. ୧୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗଜପତି: ଗୋଟିଏ ଦିନରେ ୫୭ ପଜିଟିଭ୍

ପାରଳାଖେମୁଣ୍ଡି, ୧୭।୬(ସ୍ୱ.ପ୍ର.)

ଗଜପତି ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପ୍ରତ୍ୟେହ ଜିଲାରୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବୁଧବାର ଜିଲାରୁ ୩ କରୋନା ଯୋଦ୍ଧାଙ୍କ ସହ ୫୭ ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୯ଜଣ ନାବାଳକ ରହିଛନ୍ତି । ଫଳରେ ଜିଲାରେ ମୋଟ ପଜିଟିଭଙ୍କ ସଂଖ୍ୟା ୧୬୩ରେ ପହଞ୍ଚିଛି। ଗୋଟିଏ ଦିନରେ ଏତେ ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହେବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ୫୭ ଜଣଙ୍କୁ ଆର.ସୀତାପୁରସ୍ଥିତ କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଗଜପତି ଜିଲାପାଳ ଅନୁପମ ଶାହା ଜଣାଇଛନ୍ତି। ଚିହ୍ନଟ ୫୭ ଜଣରେ ୩ ଜଣ କରୋନା ଯୋଦ୍ଧା ଡାକ୍ତରଖାନା କର୍ମଚାରୀ ରହିଛନ୍ତି। ୨ଜଣ ଗଜପତି ଜିଲାର ସ୍ଥାୟୀ ବାସିନ୍ଦା ଥିବା ବେଳେ ଅନ୍ୟ ୫୨ ଜଣ ବିଭିନ୍ନ ରାଜ୍ୟରୁ ଆସିଥିଲେ। ତାମିଲନାଡୁରୁ ୨୯ଜଣ, ଆନ୍ଧ୍ରରୁ ୪,ତେଲାଙ୍ଗାନାରୁ ୧୦, ଗୁଜରାଟରୁ ଜଣେ, ମହାରାଷ୍ଟ୍ରରୁ ୬, ପଶ୍ଚିମବଙ୍ଗରୁ ଜଣେ ଓ କର୍ଣ୍ଣାଟକରୁ ଜଣେ ପ୍ରବାସୀ ଗଜପତି ଜିଲାକୁ ଫେରିଥିଲେ । ଏହି ୫୨ଜଣଙ୍କୁ ଅସ୍ଥାୟୀ ସଂଘରୋଧ କେନ୍ଦ୍ରରେ ରଖାଯାଇଥିଲା । ଏମାନଙ୍କ ସହ ଉପରୋକ୍ତ ୫ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା । ଏହାର ରିପୋର୍ଟ ପଜିଟିଭ୍ ଆସିବା ପରେ ସେମାନଙ୍କୁ ଆର.ସୀତାପୁରସ୍ଥିତ କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରଶାସନ ସଜାଗ ରହିଛି। ଜିଲାବାସୀ ଭୟଭୀତ ହୁଅନ୍ତୁନାହିଁ। ଲକ୍‌ଡାଉନ୍ ନିୟମକୁ ମାନି ନିଜ ଘରେ ସୁରକ୍ଷିତ ରୁହନ୍ତୁ ବୋଲି ଜିଲାପାଳ ଶାହା କହିଛନ୍ତି। ସୂଚନାଯୋଗ୍ୟ ଯେ, ବୁଧବାର ସଂକ୍ରମିତଙ୍କୁ ମିଶାଇ ଗଜପତି ଜିଲାରେ ଏହାର ସଂଖ୍ୟା ୧୬୩ରେ ପହଞ୍ଚିଛି। ୭୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବର୍ତ୍ତମାନ କୋଭିଡ ହସ୍ପିଟାଲରେ ୯୧ଜଣ ଚିକିତ୍ସାଧୀନ ଅଛନ୍ତି।

- ସଂକ୍ରମିତ ହୋଇଛନ୍ତି ୩ କରୋନା ଯୋଦ୍ଧା
- ୯ ଅଛନ୍ତି ନାବାଳକ

## ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ଜୟପୁର/ବୈପାରିଗୁଡା, ୧୭।୬ (ଡି.ଏନ୍.ଏ./ନି.ପ୍ର. )

କୋରାପୁଟ ଜିଲା ଜୟପୁର ଟ୍ରାଫିକ ଛକଠାରେ ମିଡିଆ ମହାସଂଘ ପକ୍ଷରୁ ଚାଇନା ସୀମାରେ ଶହୀଦ ହୋଇଥିବା ଭାରତୀୟ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମହାସଂଘ ସଭାପତି ସୁମନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଚିତ୍ତରଞ୍ଜନ ଚୌଧୁରୀ, ସହସମ୍ପାଦକ ମୋହନ ତ୍ରିପାଠୀ, ଚନ୍ଦ୍ରକାନ୍ତ ସୁତାର, କେ.ଶ୍ରୀନିବାସ, ପ୍ରଶାନ୍ତ ବିଶୋୟୀ, ସୌମ୍ୟରଞ୍ଜନ ସାହୁ, ସୁରେନ୍ଦ୍ର ମିଶ୍ର, ମନୋଜ ଦାଶ, ସନ୍ତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କରୋନାକୁ ନେଇ ନିନ୍ଦିତ ହେଉଥିବା ଚାଇନା ଏବେ ଦୃଷ୍ଟି ହଟାଇବା ଲାଗି ଭାରତ ଉପରେ ଏପରି ଆକ୍ରମଣ କରିବା ଲଜ୍ଜାଜନକ। ଚାଇନା ସୈନିକ ଆମ ଦେଶର ଯବାନଙ୍କୁ ଯେପରି ଆକ୍ରମଣ କରିଛନ୍ତି ଉପସ୍ଥିତ ବ୍ୟକ୍ତିମାନେ ତାହାର ନିନ୍ଦା କରିଥିଲେ। ଚାଇନାର ସମସ୍ତ ସାମଗ୍ରୀ ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ସନ୍ଧ୍ୟାରେ ଜୟପୁର ସହରର ସଚେତନ ଯୁବକ ଏବଂ ସାହାଯ୍ୟ ସାମାଜିକ ସଙ୍ଗଠନ ପକ୍ଷରୁ କ୍ୟାଣ୍ଡେଲ ପ୍ରଜ୍ୱଳନ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସେହିପରି ବୈପାରିଗୁଡାର ମୁଖ୍ୟଛକଠାରେ ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଅଭିମନ୍ୟୁ କବି ଶତପଥୀ,ଆଇଆଇସି ଅଂଶୁମାନ ଦ୍ୱିବେଦୀ, ଡା.ଅଧିରାଜ ସାହୁ, ସାଧୁରାମ ମେହେରଙ୍କ ସମେତ ଅନ୍ୟମାନେ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ।

# ୩ ଗାଡ଼ିକୁ ଧକ୍କାଦେଲା ସ୍କର୍ପିଓ



**୨ ଗୁରୁତର, ସ୍କର୍ପିଓ ଡ୍ରାଇଭର ସମେତ ୨ ଅଟକ**

ନବରଙ୍ଗପୁର,୧୭।୬(ବି.ପ୍ର.)

ନବରଙ୍ଗପୁର-ପାପଡ଼ାହାଣ୍ଡି ୨୬ ନମ୍ବର ଜାତୀୟ ରାଜପଥରେ ବୁଧବାର ଏକ ସ୍କର୍ପିଓ କ୍ଷଣିକ ମଧ୍ୟରେ ଗୋଟିଏ କାର୍, ଏକ ପିକ୍‌ଅପ୍ ଭ୍ୟାନ୍ ଓ ବାଇକକୁ ଧକ୍କା ଦେଇଛି। ଏଥିରେ ବାଇକ ଆରୋହୀ ୨ ଜଣ ଗୁରୁତର ହୋଇ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ନବରଙ୍ଗପୁରରୁ ଏକ ସ୍କର୍ପିଓ(ସିଜି୧୮କେ-୩୬୪୩) ବେପରୁଆ ଭାବେ ଚଳାଇ ପାପଡ଼ାହାଣ୍ଡି ଯାଉଥିଲା । ରାସ୍ତାରେ ଚାଲି ଚାଲି ଯାଉଥିବା ପାତ୍ରମୁଣ୍ଡା ଗାଁର ଶ୍ରୀକାନ୍ତ ସିଂ, ବାବୁଲ ଜାନିଙ୍କ ଉପରେ ସ୍କର୍ପିଓ ମାଡ଼ିଯିବା ବେଳେ ସେମାନେ ଦୂରେଇଯିବାରୁ ବର୍ତ୍ତି ଯାଇଥିଲେ। ପରେ ବିପରୀତ ଦିଗରୁ ଆସୁଥିବା ଏକ ୱାଗନର (ଓଡି୨୪ଇ-୭୨୨୭)କୁ ସ୍କର୍ପିଓ ଧକ୍କା ଦେଇଥିଲା ଫଳରେ ୱାଗନରଟି ରାସ୍ତାକଡ଼କୁ ଖସିଯାଇଥିଲା। ସ୍କର୍ପିଓର ଡ୍ରାଇଭର ପାଖ ଟାୟାର ଫାଟିଯାଇଥିଲା । ପରେ ଉକ୍ତ ରାସ୍ତାରେ ମାଲକାନଗିରିରୁ ଘରୋଇ ଡାକ ନେଇ କଳାହାଣ୍ଡି ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍(ଏନ୍‌ଏଲ୍୦୧-ଏସି-୨୦୦୫)ର ପଛପଟୁ ସ୍କର୍ପିଓ ଧକ୍କା ଦେଇଥିଲା। ପିକ୍‌ଅପ୍ ଭ୍ୟାନ୍‌ଟି ରାସ୍ତାକଡ଼କୁ ଓଲଟିପଡ଼ିଥିଲା । ପାପଡ଼ାହାଣ୍ଡି ବ୍ଲକ ମକିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜଗତ ଜୀବନ ନାୟକ ଓ ତାଙ୍କ ଝିଅ ରିଙ୍କି ନାୟକ ବାଇକ(ଓଆର୧୦-ଏଚ୍-୩୭୧୨)ରେ ନବରଙ୍ଗପୁର ଫେରୁଥିଲେ। ଉକ୍ତ ବାଇକକୁ ସ୍କର୍ପିଓ ଧକ୍କା ଦେଇଥିଲା ଖବର ପାଇ ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ, ଏସ୍‌ଆଇ ରାଧାକାନ୍ତ ବାରିକ, ରାକେଶ ବେହେରା, ଏଏସ୍‌ଆଇ ଅଶୋକ କୁମାର ଦେଓ, କନଷ୍ଟେବଳ ଅନିଲ ପୃଷ୍ଟି ପହଞ୍ଚି ଗୁରୁତର ଜଗତ ଜୀବନ ଓ ରିଙ୍କିଙ୍କୁ ଜିଲା ସଦର ମହକୁମା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ । ଜଗତଜୀବନ ଓ ରିଙ୍କିଙ୍କ ଅବସ୍ଥା ଗୁରୁତର ରହିଛି। ସ୍କର୍ପିଓ ଡ୍ରାଇଭର ଓ ତାଙ୍କ ସହ ରହିଥିବା ଜଣେ ଯୁବକଙ୍କୁ ପୋଲିସ ପ୍ରାଥମିକ ଚିକିତ୍ସା କରାଇବା ପରେ ଅଟକ ରଖି ପଚରାଉଚରା ଜାରି ରଖିଛି।

# ଗ୍ରାମର ପାନୀୟ ଜଳ ସମସ୍ୟା ଦୂରହେଲା

ଦଶମନ୍ତପୁର,୧୭।୬ ( ଡି.ଏନ୍.ଏ. )

**ଧରିତ୍ରୀ ପ୍ରଭାବ**



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତର ତେନ୍ତୁଳିଗୁଡ଼ା ଗ୍ରାମରେ ପାନୀୟ ଜଳ ସମସ୍ୟା ଦୂରହୋଇଛି। ଗ୍ରାମରେ ୨୨ଟି ପରିବାର ପାଇଁ ୨ ନଳକୂପରୁ ଗୋଟିଏ ଅଚଳ ହୋଇପଡ଼ିଥିବା ବେଳେ ଅନ୍ୟଟି ଅର୍ଦ୍ଧନିର୍ମିତ ଅବସ୍ଥାରେ ଦୀର୍ଘଦିନ ଧରି ପଡିରହିଛି। ଫଳରେ ରହିଥିବା ଗୋଟିଏ ନଳକୂପ ଅଚଳ ହୋଇପଡିବା ପରେ ଗ୍ରାମବାସୀ ପାନୀୟ ଜଳ ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବ୍ଲକ ପ୍ରଶାସନକୁ ଅବଗତ କରିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଖବରକୁ ସାମାଜିକ କର୍ମୀ ଦିବସ କୁମାର ସାହୁ ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ପରେ ଏ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲା। ବିଡିଓ ଡମ୍ବରୁଧର ମଲିକଙ୍କ ତତ୍ତ୍ୱାବଧାନରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ ପକ୍ଷରୁ ଅଚଳ୍ ହୋଇ ପଡ଼ି ରହିଥିବା ନଳକୂପକୁ ମରାମତି କରି ସଜଡ଼ାଯାଇଛି।

## କରୋନା ସାମଗ୍ରୀ ପ୍ରଦାନରେ ଅନିୟମିତତା

ରାୟଗଡ଼ା ଅଫିସ,୧୭।୬

**ଏତଲା ଦେଲେ ବ୍ଲକ ଉପାଧକ୍ଷ**

କୋଭିଡ୍-୧୯ର ମୁକାବିଲା ନେଇ ଆସିଥିବା ସାମଗ୍ରୀ କ୍ୱାରାଣ୍ଟାଇନରେ ରହୁଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଯାଉନାହିଁ ବୋଲି କୋଲନରା ବ୍ଲକ ଉପାଧକ୍ଷ ତେଜରାଜ ନାଗ ଅଭିଯୋଗ କରିଛନ୍ତି। ଏନେଇ ସେ ବୁଧବାର ଚାନ୍ଦିଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି କୋଲନରା ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାଗ ଦାବି କରିଛନ୍ତି। କୋଲନରା ବ୍ଲକରେ କ୍ୱାରାଣ୍ଟାଇନରେ ରହୁଥିବା ବ୍ୟକ୍ତିଙ୍କୁ ଠିକ୍ ଭାବରେ କରୋନା କିଟ୍ ପ୍ରଦାନ କରାଯାଉନାହିଁ। ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ବାଲ୍‌ଟି ,ମଗ, ସାବୁନ,ହ୍ୟାଣ୍ଡୱାଶ, ସାନିଟାଇଜର ଆଦି ମିଳୁନାହିଁ। କ୍ୱାରାଣ୍ଟାଇନ ଅବଧି ସରିବା ପରେ ସରକାରଙ୍କ ନିୟମ ଅନୁଯାୟୀ ଅନେକଙ୍କୁ ୨ହଜାର ଟଙ୍କା ସହାୟତା ରାଶି ମଧ୍ୟ ମିଳୁ ନ ଥିବା ସେ କହିଛନ୍ତି।

## ଜିଲା ଆଦିବାସୀ ବିକାଶ ପରିଷଦ ଅଧକ୍ଷଙ୍କ ଗସ୍ତ

ଖଇରପୁଟ,୧୭।୬(ଡି.ଏନ.ଏ.)

ମାଲକାନଗିରି ଜିଲା ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମାନସ ମାଡକାମି ବୁଧବାର ବଣ୍ଡା ଘାଟି ଅଞ୍ଚଳ ଗସ୍ତ କରିଥିଲେ। ପ୍ରଥମେ ସେ ମୁଦୁଲିପଡାସ୍ଥିତ ବଣ୍ଡା ଉନ୍ନୟନ ସଂସ୍ଥାର କାର୍ଯ୍ୟାଳୟକୁ ଯାଇ ସେଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପରେ ଅଣ୍ଡରହାଲ ଗ୍ରାମକୁ ଯାଇ ଲୋକଙ୍କ ସହିତ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। କିଛି ଲୋକ ଜ୍ୱରରେ ପୀଡିତ ଥିବା ଜାଣି ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଡ୍ରେନ ନ ଥିବାରୁ ଲୋକଙ୍କ ଘର ଭିତରକୁ ବର୍ଷା ଜଳ ପ୍ରବେଶ କରୁଥିବା, ଅର୍ଦ୍ଧନିର୍ମିତ ଗୋଦାମ ଗୃହ ବିଷୟରେ ଲୋକେ ତାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏ ଦିଗରେ ପଦକ୍ଷେପ ନେବାକୁ ସେ ଜିଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ।


ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମାନସ ମାଡକାମି ବଣ୍ଡା ଘାଟି ଅଞ୍ଚଳ ପରିଦର୍ଶନ କରୁଛନ୍ତି।

# ୪୦୭୮ ଗୃହକୁ ଜଳ ଯୋଗାଣ ନେଇ ପ୍ରସ୍ତାବ

ଜୟପୁର,୧୭।୬ (ଡି.ଏନ.ଏ )

- ୧୨ ପଞ୍ଚାୟତ ହେବ ସାମିଲ
- ୧୧ କୋଟି ୩୬ ଲକ୍ଷ ୫୦ ହଜାର ଟଙ୍କାର ପ୍ରସ୍ତାବ
- ଅପଗ୍ରେଡ ହେବ ୧୮ ପ୍ରକଳ୍ପ

କୋରାପୁଟ ଜିଲା ଜୟପୁର ବ୍ଲକର ୧୨ ଟି ଗ୍ରାମ ପଞ୍ଚାୟତର ୪୦୭୮ଟି ଗୃହକୁ ପାନୀୟ ଜଳ ଯୋଗାଣ ନେଇ ୧୧ କୋଟି ୩୬ଲକ୍ଷ ୫୦ ହଜାର ଟଙ୍କା ଏକ ମେଗା ପ୍ରସ୍ତାବ ପ୍ରଦାନ କରାଯାଇଛି। ସରକାରଙ୍କ ମଞ୍ଜୁର ପରେ ଅତିଶିଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ୧୨ ପଞ୍ଚାୟତରେ ୧୮ଟି ପ୍ରକଳ୍ପକୁ ଅପଗ୍ରେଡ କରାଯାଇ ୪୦୭୮ ଘରକୁ ପାଣି ଯୋଗାଣ କରାଯିବ । ଏଥିରେ ୧୯ହଜାର ୪୫୦ ଗ୍ରାମବାସୀ ଉପକୃତ ହେବେ । ୧୮ଟି ପ୍ରକଳ୍ପ ମଧ୍ୟରୁ ଫାମ୍ପୁଣି ପଞ୍ଚାୟତର ଘିଉରି ଠାରେ ୬୯ଲକ୍ଷ ୨୮ ହଜାର, କାଳଆଗାଁ ପଞ୍ଚାୟତର ସଗରରେ୯୮ଲକ୍ଷ ୨୮ ହଜାର ଏବଂ ଘାଟବାଗରା ଠାରେ ୬୪ଲକ୍ଷ ୨୨ ହଜାର, ଟାଙ୍କୁଆ ପଞ୍ଚାୟତର ସଦରରେ ୬୭ ଲକ୍ଷ୩୪ ହଜାର, ବାଲିଆର ସଦରରେ ୭୨ଲକ୍ଷ ୬୩ହଜାର, ଧନପୁର ସଦରରେ ୬୩ ଲକ୍ଷ ୫୬ ହଜାର, ଗଡପଦର ସଦରରେ ୫୦ ଲକ୍ଷ, ଏକମ୍ବା ସଦରରେ ୭୬ ଲକ୍ଷ ୩୪ ହଜାର ଏବଂ ଗାଗନାପୁର ଠାରେ ୮୬ଲକ୍ଷ ୪୨ହଜାର, ଅନ୍ତା ସଦରରେ ୬୧ଲକ୍ଷ ୭୩ ହଜାର ଏବଂ କଙ୍କଡାହାଣ୍ଡିରେ ୬୪ଲକ୍ଷ ୧୫ ହଜାର, ଉଙ୍ଗରଚ୍ଛିଞ୍ଚି ସଦରରେ ୬୬ଲକ୍ଷ୯୧ ହଜାର ଏବଂ ପାତ୍ରପୁଟ ଠାରେ ୬୮ଲକ୍ଷ ୨୫ହଜାର, ବଡଜିଉନାର ସଦରରେ ୫୭ଲକ୍ଷ ୧୦ ହଜାର ଏବଂ ସଲପା ଠାରେ ୭୨ଲକ୍ଷ ୧୧ ହଜାର, କଙ୍ଗା ପଞ୍ଚାୟତର ଖଡପା ଠାରେ ୭୦ଲକ୍ଷ ୪୧ ହଜାର, ବାରିଣିପୁଟ ପଞ୍ଚାୟତର ବୋଡିଗୁଡା ଠାରେ ୧୪ଲକ୍ଷ୩୪ ହଜାର ଏବଂ ଲକ୍ଷ୍ମୀପଦର ଗ୍ରାମରେ ୧୩ଲକ୍ଷ ୪୩ ହଜାର ଟଙ୍କାରେ ଏହି ପ୍ରକଳ୍ପ ଗୁଡିକ ନିର୍ମାଣ କରାଯାଇ ଗୃହ ଗୁଡିକକୁ ପାନୀୟ ଜଳ ଯୋଗାଣ କରାଯିବ।

## କୀଟନାଶକ ଖାଇ ନାବାଳକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୧୭।୬ (ସ୍ୱ.ପ୍ର.)

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ରାମଗିରି ଥାନା ଅନ୍ତର୍ଗତ ଅନଘା ପଞ୍ଚାୟତର ଅନଘା ଗ୍ରାମରେ ଜଣେ ନାବାଳକ କୀଟନାଶକ ଖାଇ ଦେବାରୁ ତାଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ସମ୍ପୃକ୍ତ ନାବାଳକ (୧୫) ଜଣକ କୌଣସି କାରଣରୁ କୀଟନାଶକ ଖାଇ ଘରେ ଛଟପଟ ହେଉଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ପ୍ରଥମେ ରାମଗିରି ପରେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତି ୨ଟାରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ରାମଗିରି ଥାନା ଏଏସ୍‌ଆଇ ପ୍ରସନ୍ନ କୁମାର ତାରିଣୀ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ମା' ଘର ଛାଡ଼ିଲେ, ୩ ଭଉଣୀଭାଇ ବେସାହାରା

ଜୟପୁର ,୧୭।୬ (ଡି.ଏନ୍.ଏ. )

**୨ବର୍ଷ ତଳୁ ବାପାଙ୍କ ମୃତ୍ୟୁ ହୋଇଥିଲା**

ଗତ ୨ବର୍ଷ ତଳେ ବାପାଙ୍କ ମୃତ୍ୟୁ ହୋଇଥିଲା। ମା' ଗତ ୪ ମାସ ହେଲାଣି ଅନ୍ୟ ଜଣେ ଲୋକକୁ ବିବାହକରି ତା'ସହ ଚାଲିଗଲେ। ମାତ୍ର ଘରେ ଛାଡ଼ିଗଲେ ଗୋଟିଏ ପୁଅ ଓ ୨ଝିଅକୁ। ସମସ୍ତେ ନାବାଳିକା ନାବାଳକ। ଏପରି ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲା ଜୟପୁର ବ୍ଲକ ଟାଙ୍କୁଆ ପଞ୍ଚାୟତର ହରିଶ୍ଚନ୍ଦ୍ରଗୁଡ଼ା ଗ୍ରାମରେ। ଗ୍ରାମର ବାସିନ୍ଦା ହରି ଗାଦବା ସ୍ତ୍ରୀ ସୋନି ଏବଂ ପୁଅ ରାଜୁ(୧୪), ଝିଅ ଗୁରୁବାରୀ (୧୨) ଏବଂ ମଙ୍ଗଳଦେଈ (୪)ଙ୍କୁ ନେଇ ଚଳୁଥିଲା ପରିବାର। ଦିନ ମଜୁରିଆ ଭାବେ କାର୍ଯ୍ୟ କରି ହରି ପରିବାର ପୋଷଣ କରୁଥିଲେ। ୨ ବର୍ଷ ତଳେ ହରିଙ୍କ ମୃତ୍ୟୁ ପରେ ବଡ଼ପୁଅ ରାଜୁଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଥିଲା। ରାଜୁ ଓ ମାଆ କୌଣସି ପ୍ରକାରେ ଚଳାଉଥିଲେ ପରିବାର। ଗତ ୪ ମାସ ତଳେ ମା' ତାଙ୍କର ଜଣେ ବିବାହିତ ସମ୍ପର୍କୀୟଙ୍କୁ ବିବାହକରି ତାଙ୍କ ସହ ନିକଟସ୍ଥ ଧନପୁର ଗ୍ରାମକୁ ଚାଲିଯାଇଛନ୍ତି । ସେ ଚାଲିଯିବା ପରେ ଏହି ୩ ଭଉଣୀଭାଇ ଅସହାୟ ହୋଇପଡ଼ିଛନ୍ତି। ବଡ଼ବାପା ଏବଂ ଗ୍ରାମବାସୀ ଏହି ପିଲାମାନଙ୍କୁ ସହାୟତା କରୁଛନ୍ତି। ଭଉଣୀ ଗୁରୁବାରୀ ୨ଭଉଣୀଭାଇଙ୍କ ଦେଖାଶୁଣା କରୁଛନ୍ତି। କୁନ୍ଦୁରା ବ୍ଲକ ପ୍ରଧାନିପୁଟ ସେବାଶ୍ରମ ହଷ୍ଟେଲରେ ରହି ୫ମ ଶ୍ରେଣୀରେ ପାଠ ପଢୁଥିବା ଗୁରୁବାରୀ ବିଦ୍ୟାଳୟ ଛୁଟି ଥିବାରୁ ଗ୍ରାମରେ ଥିଲେ। ବିଦ୍ୟାଳୟ ଖୋଲିବା ପରେ ତାଙ୍କ ପାଠପଢ଼ାର ଭବିଷ୍ୟତ କ'ଣ ହେବ ସେ ନେଇ ଆଶଙ୍କା ପ୍ରକାଶ ପାଇଲାଣି। ଇନ୍ଦିରା ଆବାସ ଗୃହରେ ରହୁଥିବା ଏହି ପିଲାଙ୍କୁ ସେମାନଙ୍କ ପରିବାର ନାମରେ ଥିବା ରାଶନ କାର୍ଡରେ ୨୦ କିଲୋ ଚାଉଳ ମିଳୁଛି । ସରକାର ଏହି ନାବାଳକ ପିଲାଙ୍କୁ ଥଇଥାନ କରିବାକୁ ବଡ଼ମା' ନବୀନା ପରଜା, ଗ୍ରାମବାସୀ ଲିଟୁ ପରଜା, ଧନାଇ ପରଜାଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

**'ପୁରୀ ପ୍ରବେଶ ପୂର୍ବରୁ ପୋଲିସଙ୍କ କରୋନା ଟେଷ୍ଟ ହେଉ'**

**ପୁରୀ ଅଫିସ:** କରୋନାକୁ ଦୃଷ୍ଟିରେ ରଖି ପୋଲିସ ଏବଂ ସେବାୟତଙ୍କୁ ନେଇ ରଥଯାତ୍ରା ହେବା ଲାଗି ଚର୍ଚ୍ଚା ହେଉଛି। ଏହାକୁ ସ୍ୱାଗତ କରିଛି ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ। କିନ୍ତୁ ରଥଯାତ୍ରାରେ ସାମିଲ ହେବାକୁ ଯାଉଥିବା ସବୁ ପୋଲିସଙ୍କ କରୋନା ଟେଷ୍ଟ କରିବା ଲାଗି ଏହି ସଙ୍ଗଠନ ଦାବି କରିଛି। ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର କହିଛନ୍ତି, ରଥଯାତ୍ରା ପାଇଁ ଓଡ଼ିଶାର ବିଭିନ୍ନ ଜିଲାରୁ ପୋଲିସ ଓ ରାଜ୍ୟ ବାହାରୁ ରାପିଡ଼ ଆକ୍ସନ ଫୋର୍ସ ପୁରୀ ଆସି ପ୍ରାୟ ୨୦ ଦିନ ରହିବେ। ଏମାନେ ପୁରୀକୁ ପ୍ରବେଶ କରିବା ପୂର୍ବରୁ ସମସ୍ତଙ୍କର କରୋନା ଟେଷ୍ଟ କରାଯାଇ ଯେଉଁମାନଙ୍କ ରିପୋର୍ଟ ନେଗେଟିଭ ଆସିବ ସେମାନଙ୍କୁ ଅନୁମତି ମିଳୁ।

## ସଂକ୍ଷେପରେ

### ପୁରୀ: ୧୮ କରୋନା ପଜିଟିଭ ଚିହ୍ନଟ

**ପୁରୀ ଅଫିସ,୧୭।୬:** ପୁରୀ ଜିଲାରୁ ବୁଧବାର ୧୮ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୧୮୮ ଛୁଇଁଛି। ଏମାନଙ୍କ ମଧ୍ୟରୁ ୧୦୩ ଜଣ ଆରୋଗ୍ୟ ଲାଭ କରିଥିବାବେଳେ ୮୫ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ନୂଆ ସଂକ୍ରମିତଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଇ ନାହିଁ। ତେଣୁ ଏମାନଙ୍କ ମଧ୍ୟରୁ କେତେଜଣ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ ଏବଂ ବାହାରୁ କେତେଜଣ ଆସିଥିଲେ ତାହା ସ୍ପଷ୍ଟ ହୋଇନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କିଛିଦିନ ଧରି ଜିଲାର ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଥିବା ବେଳେ ଗତ ୮ ଦିନରେ ୮୦ ଜଣ ପଜିଟିଭ ଚିହ୍ନଟ ହେଲେଣି। ଏହି ସମୟ ମଧ୍ୟରେ ୧୬ ଜଣ ସୁସ୍ଥ ହୋଇଥିବା ସୂଚନା ମିଳିଛି।

### ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ

**ବାଲକାଟୀ,୧୭।୬(ଡି.ଏନ୍.ଏ.):** ବାଲକାଟୀ ଫାଣ୍ଡି ଅନ୍ତର୍ଗତ ଭୁବନେଶ୍ୱର-ବନମାଳିପୁର ମୁଖ୍ୟରାସ୍ତାର ମା' ଦୁଲ୍ଲାଦେବୀ ମନ୍ଦିର ନିକଟରେ ବୁଧବାର ହଠାତ୍ ସ୍ପେଶାଲ ସ୍କ୍ୱାଡ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରିଛନ୍ତି। ଏହାସହ ଏକ ଟ୍ରାଭେରାକୁ ଜବତ କରି ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନାଯୋଗ୍ୟ, ଅପରାହ୍ନରେ ନଂ. ଓଡି ୦୨ ୧୯୧୯ ବିଶିଷ୍ଟ ଏକ ଟ୍ରାଭେରାରେ ଗଞ୍ଜେଇ ଚାଲାଣ ହେଉଥିବା ସ୍ପେଶାଲ ସ୍କ୍ୱାଡଙ୍କ ନିକଟରେ ଖବର ମିଳିଥିଲା। ସ୍କ୍ୱାଡଙ୍କ ଏକ ଟିମ ଉକ୍ତ କାର୍‌କୁ ପିଛା କରି ମା' ଦୁଲ୍ଲାଦେଇ ମନ୍ଦିର ନିକଟରେ ଚଢ଼ାଉ କରି ପ୍ରାୟ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି।

### ୮ ଟ୍ରାକ୍ଟର ଉପରେ ୪ ଲକ୍ଷ ଜରିମାନା

**କଟକସଦର,୧୭।୬(ଡି.ଏନ.ଏ):** କଟକ ସଦର ଦେଇଯାଇଥିବା କାଠଯୋଡ଼ି ନଦୀରେ ଚାଲିଥିବା ବେଆଇନ ବାଲି ଚାଲାଣ ଉପରେ ବୁଧବାର ତହସିଲଦାର ସମ୍ମିତ ଗଡ଼ନାୟକ ଚଢ଼ାଉ କରିଥିଲେ। ବେଆଇନ ଭାବେ ନଦୀପଠାରୁ ୮ଟି ଟ୍ରାକ୍ଟର ବାଲି ଉଠାଉଥିବାବେଳେ ଧରାପଡ଼ିଥିଲେ। ଉକ୍ତ ଟ୍ରାକ୍ଟର ମାଲିକଙ୍କ ଉପରେ ତହସିଲଦାର ୪ ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ କରିଛନ୍ତି।

### ପୋଖରୀରେ ବୁଡ଼ି ଜଣେ ମୃତ

**ବାଲିଅନ୍ତା,୧୭।୬(ଡି.ଏନ୍.ଏ.):** ବାଲିଅନ୍ତା ଥାନା କାକରୁଦ୍ରପୁର ଖମଙ୍ଗ ଗ୍ରାମ ମୁଖି ସାହିରେ ଥିବା ଏକ ପୋଖରୀରେ ବୁଧବାର ବୁଡ଼ିଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଦିବାକର ଗୋଚ୍ଛାୟତ(୫୧)। ଭୁବନେଶ୍ୱରର ଏକ କମ୍ପାନୀରେ ପାଇପ ମିସ୍ତ୍ରି ଭାବେ ସେ କାର୍ଯ୍ୟ କରୁଥିଲେ। ଅପରାହ୍ନରେ ଦିବାକର ଘର ନିକଟସ୍ଥ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ଅସାବଧାନତା ହେତୁ ତାଙ୍କ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡ଼ିଯାଇଥିଲେ। ପୋଖରୀ କୂଳରେ ତାଙ୍କ ଚପଲ ଦେଖି ଲୋକେ ପରିବାର ଲୋକଙ୍କୁ ଜଣାଇବା ସହ ଖୋଜାଖୋଜି କରିଥିଲେ। ସନ୍ଧ୍ୟା ୭ଟାରେ ଦିବାକରଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକେ ଉଦ୍ଧାର କରି ପୋଲିସଙ୍କୁ ଜଣାଇଛନ୍ତି।

### ଆତ୍ମହତ୍ୟା କଲେ ୱାର୍ଡସଭ୍ୟାଙ୍କ ସ୍ୱାମୀ

**ସାଲେପୁର, ୧୭।୬(ଡି.ଏନ୍.ଏ.):** ପାରିବାରିକ କଳହରୁ ମଙ୍ଗଳବାର ରାତିରେ ୱାର୍ଡସଭ୍ୟାଙ୍କ ସ୍ୱାମୀ ବିଛଣାଚଦର ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହେଇଛି । ସେ ହେଲେ ସାଲେପୁର ବ୍ଲକ ରାଇସୁଙ୍ଗୁଡ଼ା ପଞ୍ଚାୟତ କୁସମ୍ଭୀ ଗ୍ରାମର ୧୫ନଂ ୱାର୍ଡସଭ୍ୟା ମନୋରମା ସିଂହଙ୍କ ସ୍ୱାମୀ ଅନନ୍ତ ସିଂ (୪୦)। ରାତିରେ ଝଗଡା କରି ଅନନ୍ତ ଘର ଛାଡ଼ି ପଳାଇଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଘର ବାଡି ପଟେ ଥିବା ବାଉଁଶ ଗଛରୁ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ଅନନ୍ତଙ୍କୁ ମୃତ ଘୋଷଣା କରିଥିଲେ। ସାଲେପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ କରିଛି। ଅପମୃତ୍ୟୁ ମାମଲା (ନଂ.୧୨/୨୦) ରୁଜୁ କରି ଘଟଣାର ତଦନ୍ତ କରୁଛି।

# ସଙ୍କଟରେ ସିଟି ହସ୍ପିଟାଲ ସେବା

**କଟକ ଅଫିସ,୧୭।୬**

- ସଙ୍କଟାପନ୍ନ ରୋଗୀଙ୍କ ପାଇଁ ନାହିଁ ଆଇସିୟୁ ସୁବିଧା
- ୬୦ ଡାକ୍ତରଙ୍କ ମଧ୍ୟରୁ ଏବେ ଅଛନ୍ତି ମାତ୍ର ୩୦
- ଖାଲି ପଡ଼ିଛି ଅଧିକାଂଶ ଆଟେଣ୍ଡାଣ୍ଟ ପଦବୀ

କଟକ ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲର ସଙ୍କଟ ବଢ଼ିବାରେ ଲାଗିଛି। ୧୩୦ ଶଯ୍ୟାବିଶିଷ୍ଟ ଏହି ହସ୍ପିଟାଲରେ ଏଯାଏ ଆରମ୍ଭ ହୋଇପାରିନି ଆଇସିୟୁ ସେବା। ଅନେକ ସମୟରେ ଅତି ସଙ୍କଟାପନ୍ନ ଅବସ୍ଥାରେ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପଡୁଛି। ଅପରେଶନ ପରେ ଯେଉଁ ରୋଗୀଙ୍କ ସ୍ଥିତି ଖରାପ ହେଉଛି, ସେମାନଙ୍କୁ ଅଧା ଚିକିତ୍ସାରୁ ବାଧହୋଇ ଡାକ୍ତର ବାହାରକୁ ପଠାଉଛନ୍ତି। କୌଣସି ବଡ଼ଧରଣର ଅପରେଶନ କରିବା ପାଇଁ କ୍ରିଟିକାଲ କେୟାର ସୁବିଧା ନ ଥିବାରୁ ଡାକ୍ତରମାନେ ମନା କରି ଦେଉଛନ୍ତି। କାରଣ ଏପରି ରୋଗୀଙ୍କ ଅପରେଶନ ବେଳେ କିମ୍ବା ପରେ କୌଣସି ଜଟିଳ ସମସ୍ୟା ସୃଷ୍ଟି ହେଲେ, ତାହାର ସମାଧାନ ପାଇଁ ଏଠାରେ କୌଣସି ସୁବିଧା ନାହିଁ। ଯେଉଁ ରୋଗୀଙ୍କ ଶ୍ୱାସ ପ୍ରକ୍ରିୟା ବିଗିଡ଼ିଥାଏ, ସେପରି ରୋଗୀଙ୍କୁ କୃତ୍ରିମ ଭାବେ ସହାୟତା କରିବା ପାଇଁ କୌଣସି ଯାନ୍ତ୍ରିକ ସୁବିଧା ନାହିଁ। ଏ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ବହୁବାର ସରକାରଙ୍କ ଦୃଷ୍ଟିଗୋଚର କରାଇଥିଲେ ବି କୌଣସି ସୁଫଳ ମିଳିନାହିଁ ବୋଲି ଜିଲା ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ସୁଧାଂଶୁ ଗିରି କହିଛନ୍ତି।

ଏଠାରେ ନିୟୋଜିତ ଥିବା ୬୦ ଜଣ ଡାକ୍ତରଙ୍କ ମଧ୍ୟରୁ ଏବେମାତ୍ର ଆଉ ୩୦ ଜଣ ଅଛନ୍ତି। ଫଳରେ ରୋଗୀସେବା ପ୍ରଭାବିତ ହେଲାଣି। ୬୦ ଜଣ ଡାକ୍ତରଙ୍କ ମଧ୍ୟରୁ ଉଚ୍ଚଶିକ୍ଷା ପାଇଁ ୬ ଜଣ ଚାଲିଯାଇଛନ୍ତି। ପେରିଫେରିକୁ ଯାଇଛନ୍ତି ୧୨ ଜଣ। ଚାକିରିରୁ ଅବସର ନେଇଛନ୍ତି ୩ ଏବଂ ବଦଳି ହୋଇ ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି ୧୨ ଜଣ। ଏବେ ଯେତିକି ଡାକ୍ତର ଅଛନ୍ତି, ସେମାନଙ୍କ ଉପରେ ଅତିରିକ୍ତ କାର୍ଯ୍ୟ ଚାପ। ତଥ୍ୟ ମୁତାବକ,ଏହି ହସ୍ପିଟାଲର ବର୍ହି ବିଭାଗରେ ଦୈନିକ ୧୨୦୦ ରୋଗୀ ପଞ୍ଜୀକରଣ କରୁଥିବା ବେଳେ ୧୩୦ରୁ ଅଧିକ ରୋଗୀଙ୍କ ପାଇଁ ଇନ୍‌ଡୋର ସୁବିଧା ରହିଛି। ଏତେ ସଂଖ୍ୟକ ରୋଗୀଙ୍କୁ ମାତ୍ର ୩୦ ଜଣ ଡାକ୍ତରଙ୍କୁ ନେଇ କାମ ତୁଲାଇବା କଷ୍ଟକର ହୋଇ ପଡୁଛି ବୋଲି ଅଧୀକ୍ଷକ କହିଛନ୍ତି। ଏବେ ଜଣେ ଡାକ୍ତରଙ୍କୁ ପ୍ରତି ମାସରେ ୪ଟି ଜରୁରିକାଳୀନ ବିଭାଗରେ ଡ୍ୟୁଟି କରିବାର ନିୟମ ଥିବାବେଳେ ଏବେ ସେମାନଙ୍କୁ ୧୦ଟି କରିବାକୁ ପଡୁଛି। ସେହିପରି ନାଇଟ୍ ଡ୍ୟୁଟି ଗୋଟିଏ ସ୍ଥାନରେ ମାସରେ ୫ଟି କରିବାକୁ ପଡୁଛି। ଏସବୁ ସତ୍ତ୍ୱେ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଦୈନିକ ୩ଟି ଅସ୍ତ୍ରୋପଚାର କରାଯାଉଛି। ହସ୍ପିଟାଲରେ ଦୀର୍ଘ ଦିନ ହେଲା ଅଧିକାଂଶ ଆଟେଣ୍ଡାଣ୍ଟ ପଦବୀ ମଧ୍ୟ ଖାଲି ପଡ଼ିଛି। ଏଯାଏ ତାହା ପୂରଣ ହୋଇନାହିଁ।

## ରାସ୍ତା ପାଇଁ ଐତିହ୍ୟ ନଷ୍ଟ, ବିରୋଧ ପରେ ମାପଚୁପ୍ ବନ୍ଦ

**ପୁରୁଣା ଭୁବନେଶ୍ୱର, ୧୭।୬(ଡି.ଏନ୍.ଏ.)**

ଏକାମ୍ର ଯୋଜନାରେ ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନ କାର୍ଯ୍ୟ ପାଇଁ ଏକାମ୍ର କ୍ଷେତ୍ରର ବହୁ ଐତିହ୍ୟ କ୍ଷତିଗ୍ରସ୍ତ ହେଉଛି। ଉଚ୍ଛେଦ, ଖନନ ଓ ନିର୍ମାଣବେଳେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନି। ବିଶେଷକରି ଆମ୍‌ସାର ଆକ୍ଟକୁ ଉଲ୍ଲଂଘନ କରାଯାଇ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏବେ କେତେକ ସ୍ଥାନରେ ରାସ୍ତା ପ୍ରଶସ୍ତିକରଣ ହେଉଥିବାବେଳେ ମନ୍ଦିର ସମେତ ଅନ୍ୟ ଐତିହ୍ୟକୁ ମଧ୍ୟ ଭଙ୍ଗାଯିବାକୁ ଯୋଜନା ଚାଲିଛି। ବୁଧବାର ବଢ଼େଇ ବାଙ୍କ ଛକ ନିକଟରେ ମିଳିତ ଉଚ୍ଛେଦ ଟିମ ମାପଚୁପ କରୁଥିଲା। ଏହି ରାସ୍ତା ପାଇଁ ମକରେଶ୍ୱର ଓ ମୈତ୍ରେଶ୍ୱର ମନ୍ଦିର ଐତିହ୍ୟର କିଛି ଅଂଶ ଭାଙ୍ଗାଯିବ ବୋଲି ଖବର ପାଇବା ପରେ ପୁରୁଣା ଭୁବନେଶ୍ୱର ଅଞ୍ଚଳର କେତେଜଣ ଯୁବ ସଂଗଠକ ଓ ବୁଦ୍ଧିଜୀବୀ ସେଠାରେ ପହଞ୍ଚି ବିରୋଧ କରିଥିଲେ। ସୌନ୍ଦର୍ଯ୍ୟକରଣ ଓ ବିକାଶ ଆଳରେ ଐତିହ୍ୟକୁ ନଷ୍ଟ କରା ନ ଯାଉ ବୋଲି ସେମାନେ ଦାବି କରି ପ୍ରତିବାଦ କରିଥିଲେ। ସ୍ଥିତି ଏପରି ହୋଇଥିଲା ଶେଷରେ ଉକ୍ତ ଟିମ୍ ମାପଚୁପ ବନ୍ଦ ରଖି ଫେରିଯାଇଥିଲା।



ଲୋକସେବା ଭବନ ପ୍ରବେଶ କଟକଣା ପ୍ରତ୍ୟାହର ଦାବିରେ ଖବରଦାତାମାନେ ବୁଧବାର ସୂଚନା ଭବନଠାରେ ପ୍ରତିବାଦ କରୁଛନ୍ତି।

## ବିରୂପାରୁ ମୃତ କୁମ୍ଭୀର ଉଦ୍ଧାର

**ଚୌଦ୍ୱାର,୧୭।୬(ଡି.ଏନ୍.ଏ.):** ଚୌଦ୍ୱାର ନିକଟବର୍ତ୍ତୀ ବନିକା ଗ୍ରାମ ପାଖ ବିରୂପା ନଦୀରୁ ବୁଧବାର ଏକ କୁମ୍ଭୀରର ମୃତଦେହ ଉଦ୍ଧାର କରାଯାଇଛି। ଗ୍ରାମର ଲୋକମାନେ ବୁଧବାର ସକାଳେ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ କୁମ୍ଭୀରଟିକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଚୌଦ୍ୱାର ବନ କର୍ମଚାରୀ ବିଶ୍ୱନାଥ ରାଉତରାୟ, ରାଜେଶ ଦାସ, ବିଜୟ ପରିଡ଼ା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତ କୁମ୍ଭୀରକୁ ନଦୀରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ନନ୍ଦନକାନନକୁ ପଠାଇଛନ୍ତି। ୫ଫୁଟ ଲମ୍ବର ଏହି ଅଣ୍ଠିଆ କୁମ୍ଭୀରର ବୟସ ୫ବର୍ଷ ହେବ ବୋଲି ବନ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଏହାସହ କୁମ୍ଭୀରଟିର ଲାଞ୍ଜରେ ନମ୍ବର ଚିପ୍ ଲାଗିଥିବାରୁ କୁମ୍ଭୀରଟି ସାତକୋଶିଆ କୁମ୍ଭୀର ପ୍ରଜନନ କେନ୍ଦ୍ରର ବୋଲି ପ୍ରକାଶ କରିଛନ୍ତି।

## ସର୍ତ୍ତ ଭିତ୍ତିରେ ଖୋଲିଲା ମାର୍କେଟ୍ ବିଲ୍ଡିଂ

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ୟୁନିଟ-୨ ମାର୍କେଟ୍ ବିଲ୍ଡିଂର ସମସ୍ତ ଦୋକାନକୁ ବୁଧବାରଠାରୁ ପୁଣିଥରେ ଖୋଲାଯାଇଛି। ଏସ୍‌ଓପି ମାନିବାକୁ ବ୍ୟବସାୟୀ ସଂଘ ରାଜି ହେବାପରେ ସମସ୍ତ ଦୋକାନ ଖୋଲିବାକୁ ଅନୁମତି ମିଳିଛି। ରଜ ପାଇଁ କିଣାବିକା ବେଳେ ପ୍ରବଳ ଭିଡ଼ ଯୋଗୁ ଗତ ଶୁକ୍ରବାର ଏହି ମାର୍କେଟକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରାଯାଇଥିଲା। ସୋମବାର ପୁଣିଥରେ ଖୋଲିଥିଲେ ମଧ୍ୟ ଅଧିକାଂଶ ବ୍ୟବସାୟୀ ନିୟମ ଉଲ୍ଲଂଘନ କରିବାରୁ ବିଏମ୍‌ସି ଓ ବିଡିଏର ମିଳିତ ଉଚ୍ଛେଦକାରୀ ଦଳ ସମ୍ପୃକ୍ତି ଦୋକାନଗୁଡ଼ିକୁ ପୁଣିଥରେ ସିଲ୍ କରିଥିଲେ। ତେବେ ବୁଧବାର ସେମାନଙ୍କୁ ସର୍ତ୍ତମୂଳକ ଭାବେ ଖୋଲିବାକୁ ଅନୁମତି ଦିଆଯାଇଛି। ଦୋକାନକୁ ଆସୁଥିବା ଗ୍ରାହକ ଯେପରି ସାମାଜିକ ଦୂରତା ରକ୍ଷା କରିବେ ଏବଂ ମାସ୍କ ପିନ୍ଧିବେ ତାହା ଉପରେ ବ୍ୟବସାୟୀମାନେ ନଜର ରଖିବେ। ଯେଉଁମାନେ ଏଥିରେ ଖିଲାପ କରିବେ ସେମାନଙ୍କ ଦୋକାନ ସିଲ୍ କରାଯିବ ଏବଂ ଟ୍ରେଡ୍ ଲାଇସେନ୍ସ ରଦ୍ଦ କରାଯିବ ବୋଲି ବିଏମ୍‌ସି ଆଡିଶନାଲ କମିଶନର(୨) ଅବନୀକାନ୍ତ ପଟ୍ଟନାୟକ କହିଛନ୍ତି। ବିଭିନ୍ନ ଅଞ୍ଚଳରେ ବିଏମ୍‌ସିର ୮ଟି ସ୍କ୍ୱାଡ୍ କାମ କରୁଛନ୍ତି। ଏହି ମୋବାଇଲ୍ ସ୍କ୍ୱାଡ୍ ବିଭିନ୍ନ ସ୍ଥାନ ବୁଲି ସ୍ଥିତି ଉପରେ ନଜର ରଖୁଛନ୍ତି। ଯେଉଁ ବ୍ୟବସାୟୀ ବା ଦୋକାନୀ ଏସ୍‌ଓପି ମାନୁ ନାହାନ୍ତି ସେମାନଙ୍କ ଦୋକାନକୁ ତୁରନ୍ତ ସିଲ୍ କରାଯାଉଛି ବୋଲି ପଟ୍ଟନାୟକ କହିଛନ୍ତି।

# ବଢୁଛି ରଥଯାତ୍ରା ଆଶା

**ପୁରୀ ଅଫିସ,୧୭।୬**

- ବ୍ୟାରିକେଡିଂ ହେଉଛି ଗଳିକନ୍ଦି ରାସ୍ତା
- ବଡ଼ଦାଣ୍ଡରୁ ହଟୁଛି ଅସ୍ଥାୟୀ କ୍ୟାବିନ


ରଥଯାତ୍ରା ପାଇଁ ଶ୍ରୀମନ୍ଦିର-ବଡଦାଣ୍ଡ ସଂଯୋଗ ରାସ୍ତାରେ ବ୍ୟାରିକେଡିଂ କରାଯାଇଛି।

କରୋନା ପାଇଁ ରଥଯାତ୍ରାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଅପରପକ୍ଷେ ରଥଖଳାରେ ତିନିରଥ ନିର୍ମାଣ ପ୍ରାୟ ସରିଆସିଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ବିଭିନ୍ନ ପ୍ରସ୍ତୁତି ଚଳାଇଛନ୍ତି। ବୁଧବାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ହୋଇଥିବା ଉଚ୍ଛେଦସ୍ଥଳ ସାଙ୍ଗକୁ ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତାକୁ ବ୍ୟାରିକେଡିଂ କରାଯାଇଛି। ଏଥିସହ ବିଭିନ୍ନ ଗଳିକନ୍ଦି ରାସ୍ତାକୁ ବ୍ୟାରିକେଡିଂ କରାଯାଉଥିବାବେଳେ ବଡ଼ଦାଣ୍ଡରୁ କେତେକ ଅସ୍ଥାୟୀ କ୍ୟାବିନକୁ ହଟାଯାଇଛି। ଏସବୁ ଦୃଷ୍ଟିରୁ ରଥଯାତ୍ରା ସମ୍ଭାଆହୁରି ବଢିଛି। ଗୁରୁବାର ରଥଯାତ୍ରା ନେଇ ସ୍ପଷ୍ଟ ଚିତ୍ର ଆସିପାରେ ବୋଲି ଶୁଣିବାକୁ ମିଳୁଛି।

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଉଚ୍ଛେଦ ଯୋଗୁ ସମ୍ପୃକ୍ତ ଅଞ୍ଚଳ ଖୋଲାମେଲା ପଡ଼ିଛି। ତେଣୁ ପ୍ରଶାସନ ଉଚ୍ଛେଦସ୍ଥଳକୁ ବାଉଁଶ, ବହ୍ଲା ଦେଇ ବ୍ୟାରିକେଡ୍ କରିଛି। ସେହିପରି ସନ୍ଧ୍ୟାରେ ବଡ଼ଦାଣ୍ଡକୁ ସଂଯୋଗ ଥିବା ସାହିଗଳି ରାସ୍ତାର ଛକ ଜାଗାରେ ବ୍ୟାରିକେଡିଂ ଚାଲିଛି। ବଡ଼ଦାଣ୍ଡର ପ୍ରବେଶ ପଥକୁ ବନ୍ଦ କରାଯାଉଛି। ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡକୁ ସଂଯୋଗ ଥିବା ରାସ୍ତା ପ୍ରବେଶ ପଥ ବନ୍ଦ କରାଯିବ ବୋଲି ସୂଚନା ମିଳିଛି। ଅପରପକ୍ଷେ ପୌରସଂସ୍ଥାର ନିର୍ଦ୍ଦେଶ ପରେ ବଡ଼ଦାଣ୍ଡରୁ ଅସ୍ଥାୟୀ କ୍ୟାବିନ ହଟାଯିବା ଆରମ୍ଭ ହୋଇଛି। ବୁଧବାର ଗୁଣ୍ଡିଚା ମନ୍ଦିର ନିକଟରୁ କେତେକ କ୍ୟାବିନକୁ ମାଲିକମାନେ ହଟାଇ ନେଇଛନ୍ତି। ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ସେବାୟତ ନିଯୋଗଙ୍କ ସହ ରଥଯାତ୍ରା ସଂକ୍ରାନ୍ତରେ ଆଲୋଚନା କରିଛି। ମଙ୍ଗଳବାର ରଥ ପ୍ରତିଷ୍ଠା ଲାଗି ଦେଉଳ ପୁରୋହିତଙ୍କୁ ଅନୁମତି ପତ୍ର ମିଳିଛି। ତେଣୁ ଏସବୁକୁ ଦେଖି ଶ୍ରଦ୍ଧାଳୁମାନେ ରଥଯାତ୍ରାକୁ ନେଇ ସକାରାତ୍ମକ ଆଭିମୁଖ୍ୟ ରଖିଛନ୍ତି।

## କାର୍ଯ୍ୟରେ ଯୋଗଦେଲେ ନୂତନ ଉପଜିଲାପାଳ

**ଖୋର୍ଦ୍ଧା ଅଫିସ,୧୭।୬:** ଖୋର୍ଦ୍ଧାର ନୂତନ ଉପଜିଲାପାଳ ଭାବେ ଅଶୋକ ବେଉରିଆ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ବେଉରିଆ ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗରୁ ଖୋର୍ଦ୍ଧା ଉପଜିଲାପାଳ ଭାବେ ବଦଳି ହୋଇ ଆସିଛନ୍ତି। ତାଙ୍କୁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସ୍ୱାଗତ ଜଣାଇଥିବାବେଳେ ପୂର୍ବତନ ଉପଜିଲାପାଳ ଶାନ୍ତନୁ ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।

## ଅଭିନେତା ସୁଶାନ୍ତଙ୍କ ମୃତ୍ୟୁ ଘଟଣାକୁ ନେଇ ଏନ୍‌ଏଚ୍‌ଆର୍‌ସିର ଦ୍ୱାରସ୍ଥ ହେଲେ ଓଡ଼ିଆ ମହିଳା

**ସିବିଆଇ ତଦନ୍ତ, ୧୦ କୋଟି ଟଙ୍କା କ୍ଷତିପୂରଣ ଦାବି**

**ଭୁବନେଶ୍ୱର,୧୭।୬(ବ୍ୟୁରୋ):** ବଲିଉଡ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆକସ୍ମିକ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି ଜଣେ ଓଡିଆ ମହିଳା। ସେ ହେଲେ ଅନୁଗୋଳ ଅଞ୍ଚଳର ମାନବାଧିକାର କର୍ମୀ ସଙ୍ଗୀତା ସ୍ୱାଇଁ। ଗତ ୧୪ ତାରିଖରେ ସେ କରିଥିବା ପିଟିଶନକୁ କମିଶନ ଗ୍ରହଣ କରିବା ସହ ୧୬ ତାରିଖରେ ୮୦୩୨/ଆଇଏନ୍/୨୦୨୦ନଂ.ରେ ମାମଲା ରୁଜୁ କରିଛନ୍ତି। ଉକ୍ତ ପିଟିଶନରେ ଉଲ୍ଲେଖ ରହିଛି ଯେ, ବଲିଉଡ ଇଣ୍ଡଷ୍ଟ୍ରୀର ଆପରାଧିକ ସଂଖ୍ୟାଲଘୁ ଗୋଷ୍ଠୀ ଦ୍ୱାରା ମାନସିକ ଓ ଶାରୀରିକ ନିର୍ଯାତନାରେ ସୁଶାନ୍ତଙ୍କ ଜୀବନ ଯାଇଛି। ଏହି ଘଟଣାରେ ମାନବିକ ଅଧିକାର ଉଲ୍ଲଂଘନ ହୋଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ନାମରେ ହତ୍ୟା ମାମଲା ରୁଜୁ ନ କରି ପୋଲିସ ଚୁପ୍ ବସିଛି। ତେଣୁ ଉକ୍ତ ଘଟଣାକୁ ସିବିଆଇ ତଦନ୍ତ ପରିସରଭୁକ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବା ଓ ମୃତ ସୁଶାନ୍ତଙ୍କ ପରିବାରକୁ ୧୦ କୋଟି ଟଙ୍କା କ୍ଷତିପୂରଣ ଦେବାକୁ କମିଶନ ନିର୍ଦ୍ଦେଶ ଦେବା ପାଇଁ ସଙ୍ଗିତା ନିବେଦନ କରିଛନ୍ତି।

## କୋଭିଡ୍ କିଟ୍ ଦୁର୍ନୀତି: ଥାନାରେ ଆଉ ଏକ ଏତଲା

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

କୋଭିଡ୍ କିଟ୍ ଦୁର୍ନୀତିକୁ ନେଇ ଥାନାରେ ପୁଣି ଏକ ଏତଲା ହୋଇଛି। ଆଇନଜୀବୀ ଲଲାଟେନ୍ଦୁ ଦାସ ଔଷଧ ନିଗମ ସାଧାରଣ ପରିଚାଳକ, ଔଷଧ କ୍ରୟ କମିଟିର ତତ୍କାଳୀନ ଅଧ୍ୟକ୍ଷ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ୭ ଜଣଙ୍କ ନାମରେ ଖାରବେଳନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି। ଦାଶ ଅଭିଯୋଗ କରିଛନ୍ତି, କରୋନା ମୁକାବିଲା ନେଇ ରାଜ୍ୟ ସରକାର ଦିଲ୍ଲୀର କୋରୋଡେକ୍ସ ଇନଫ୍ରାଷ୍ଟ୍ରକଚର୍ ପ୍ରାଃ ଲିଃ ଜରିଆରେ ପିପିଇ କିଟ୍ କିଣିଥିଲେ। ଏହା ଏକ ରିୟଲ ଇଷ୍ଟେଟ ସଂସ୍ଥା ହୋଇଥିବାବେଳେ ମେଡିକାଲ ସରଞ୍ଜାମ କିଣାବିକାରେ ସମ୍ପୂର୍ଣ୍ଣ ଅନଭିଜ୍ଞ। କିନ୍ତୁ ସରକାର ଉକ୍ତ ସଂସ୍ଥା ଜରିଆରେ ପିପିଇ କିଟ୍ କିଣିଥିଲେ। ସେତେବେଳେ କ୍ରୟ କମିଟିର ଅଧ୍ୟକ୍ଷ ଭାବରେ ହେମନ୍ତ ଶର୍ମା ଥିଲେ। କୋରୋଡେକ୍ସ କମ୍ପାନୀର ୨ଜଣ ଡାଇରେକ୍ଟର ମେସିନା ମାଲହୋତ୍ରା ଓ ଅଙ୍କୁର ସକ୍ସେନାଙ୍କ ସହ ଲଗାତାର ଯୋଗାଯୋଗରେ ଶର୍ମା ରହିଥିଲେ। ରାଜ୍ୟ ଔଷଧ ନିଗମ ସାଧାରଣ ପରିଚାଳକ ଡା. ଜ୍ଞାନବ୍ରତ ମହାନ୍ତି ଏହି ଖରିଦ୍ ଅର୍ଡର ପ୍ରକାଶ କରିଥିଲେ। ଅଭିଯୁକ୍ତମାନେ ଏହି କାରବାରରେ ୧୨ କୋଟି ୫୦ ଲକ୍ଷ ଟଙ୍କାର ଲାଭବାନ୍ ହୋଇଥିଲେ। ତେବେ ଇତିମଧ୍ୟରେ ସରକାର ହେମନ୍ତ ଶର୍ମାଙ୍କ ଜରିଆରେ ମୋଟ ୨୪ ଲକ୍ଷ ୩୩ ହଜାର ପିପିଇ କିଟ୍ କିଣିଥିବାବେଳେ ଏହି ଦୁର୍ନୀତିରେ ୩ଶହ କୋଟି ଟଙ୍କା ହରିଲୁଟ୍ ହୋଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏ ନେଇ ଖାରବେଳନଗର ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ଉକ୍ତ ଏତଲା ଆଧାରରେ ଷ୍ଟେଶନ ଡାଏରୀ କରାଯାଇ ଘଟଣାର ତଦନ୍ତ ଚାଲିଛି। ପୂର୍ବରୁ ମଧ୍ୟ ଏହି ଦୁର୍ନୀତିକୁ ନେଇ ଥାନାରେ ଏତଲା ଦିଆଯାଇଛି।

# 'ଲକ୍ଷ୍ମୀ' ଯୋଜନାରେ ସ୍ୱାବଲମ୍ବୀ ହେବେ ପ୍ରବାସୀ

**କଟକ ଅଫିସ,୧୭।୬**

**ପ୍ରାଥମିକ ପର୍ଯ୍ୟାୟରେ ୨୫ ହଜାର ନିଯୁକ୍ତି**



ପ୍ରତ୍ୟାବର୍ତ୍ତନ କରିଥିବା ପ୍ରବାସୀ ଓଡ଼ିଆଙ୍କୁ ସ୍ୱାବଲମ୍ବୀ କରାଯିବ। ଦକ୍ଷତା ଅନୁସାରେ ନିଯୁକ୍ତି ପ୍ରଦାନ କରିବେ ରାଜ୍ୟ ସରକାର। ପ୍ରାଥମିକ ପର୍ଯ୍ୟାୟରେ ୨୫ ହଜାର ପ୍ରବାସୀ ଓଡ଼ିଆ ନିଯୁକ୍ତି ପାଇବେ। ସେମାନଙ୍କ ଜୀବିକା ନିର୍ବାହ ମାନର ଉନ୍ନତି କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ବୁଧବାର ଅପରାହ୍ନରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏ ସଂକ୍ରାନ୍ତୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ଯୋଜନାର ନାମ ରହିଛି 'ଲକ୍ଷ୍ମୀ' (ଲାଇଭ୍‌ଲିହୁଡ୍ ଆଡଭାନ୍ସମେଣ୍ଟ ଥ୍ରୋ ନଲେଜ ସେଲ୍ଟ ହେଲ୍ପ ଆଣ୍ଡ ମର୍ଡନ ଇନିସିଏଟିଭ)।

କରୋନା ମହାମାରୀ ଦ୍ୱାରା ପ୍ରଭାବିତ ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଓ ପ୍ରବାସୀ ଓଡ଼ିଆଙ୍କ ଥଇଥାନ ପାଇଁ କଟକ ଜିଲା ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ସରକାରଙ୍କ ବିଭିନ୍ନ ବିଭାଗ ମାଧ୍ୟମରେ ଅନେକ ସରକାରୀ ଯୋଜନା ଓ ଭିନ୍ନଭିନ୍ନ ପ୍ରକଳ୍ପ ଦ୍ୱାରା ଜିଲାର ବେକାର ଯୁବତୀଯୁବକଙ୍କୁ ରୋଜଗାରକ୍ଷମ କରାଯିବ। ବୈଠକରେ କୃଷି, ଉଦ୍ୟାନ କୃଷି, ପଶୁ ସମ୍ପଦ, ମତ୍ସ୍ୟ, ଶିଳ୍ପ, ସମବାୟ ବିଭାଗର ଅଧିକାରୀ ସେମାନଙ୍କର ଯୋଜନା ଓ ସେଥିରେ ଦ୍ୱରିତ ସୁବିଧା ସୁଯୋଗ ସମ୍ବନ୍ଧରେ ରିପୋର୍ଟ ଉପସ୍ଥାପନ କରିଥିଲେ। ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ଅଧିକ ଶ୍ରମ ଦିବସ ସୃଷ୍ଟି କରାଯାଇ ପ୍ରବାସୀ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯିବ। ଏହାସହ ମତ୍ସ୍ୟଚାଷ ପାଇଁ ଉତ୍ସାହିତ କରିବା, କୁକୁଡ଼ା ଚାଷ, ଉଦ୍ୟାନ କୃଷି ପକ୍ଷରୁ ପନିପରିବା, କଦଳୀ ଓ ଛତୁ ଚାଷ ପାଇଁ ସବସିଡି ପ୍ରଦାନ ଓ ଜିଲା ଶିଳ୍ପ ବିଭାଗ ତରଫରୁ ମୋବାଇଲ ଲଣ୍ଡ୍ରୀ ବ୍ୟବସ୍ଥାରେ ନିୟୋଜିତ କରାଯାଇ ସେମାନଙ୍କ ଆର୍ଥିକ ଉନ୍ନତି କରାଯାଇ ପାରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଉପସ୍ଥିତ ରହି ରାଜ୍ୟରେ ସରକାରଙ୍କ ପକ୍ଷରୁ ୧୭ ହଜାର କୋଟି ଟଙ୍କା ବିନିଯୋଗ କରାଯାଇ ପ୍ରବାସୀ ଓଡିଆଙ୍କୁ ଥଇଥାନ କରାଯିବା ସମ୍ପର୍କରେ ସୂଚନା ଦେଇଥିଲେ। ପର୍ଯ୍ୟଟନର ବିକାଶ, ଚାରାରୋପଣ, ଦୁଗ୍ଧ ଉତ୍ପାଦନ କ୍ଷେତ୍ରର ଉନ୍ନତି କରାଯାଇ ପ୍ରବାସୀଙ୍କୁ ଥଇଥାନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ନାବାର୍ଡ ପକ୍ଷରୁ ଫସଲ ଋଣ, କୁକୁଡ଼ା ଚାଷ, ଗୋପାଳନ, ଛେଳି, ଘୁଷୁରି, ମେଣ୍ଢା, ମତ୍ସ୍ୟ ଚାଷ, କୃଷି ଯନ୍ତ୍ରପାତି ଯୋଗାଣ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ କ୍ଷୁଦ୍ର ବ୍ୟବସାୟ ପାଇଁ ଋଣ ଯୋଗାଇ ଦେବା ସମ୍ପର୍କରେ ଆଲୋଚନା ହୋଇଛି। ବୈଠକରେ ନିଆଳି ବିଧାୟକ ଓ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ମଲ୍ଲିକ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଧାୟକ ଚନ୍ଦ୍ରସାରଥି ବେହେରା, ବିଧାୟକ ପ୍ରଶାନ୍ତ ବେହେରା, ବିଧାୟକ ଇଂ ମହମ୍ମଦ ମୋକିମ, ବିଧାୟକ ସୌଭିକ ବିଶ୍ୱାଳ, ସିଏମସି କମିଶନର ଅନନ୍ୟା ଦାସ, ଡିଆରଡିଏ ପିଡି ଅବଦଲ ଅଖତର ଉପସ୍ଥିତ ଥିଲେ।

## ଫଟୋରେ ଖବର



ଚାଇନା ସେନା ସହ ସଂଘର୍ଷ ବେଳେ ଶହୀଦ ହୋଇଥିବା ଯବାନଙ୍କୁ ବାଣୀବିହାର ଫାଟକ ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ଏବିଭିପି କର୍ମକର୍ତ୍ତା।


କଟକ ମାରୱାଡ଼ି ସମାଜ ପକ୍ଷରୁ ବୁଧବାର ନୟାସଡ଼କରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଚାଇନା ରାଷ୍ଟ୍ରପତିଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।


ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବୁଧବାର ପୁରୀ ସହରବାସୀଙ୍କ ପକ୍ଷରୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସିଂହଦ୍ୱାର ସମ୍ମୁଖରେ ଦୀପ ଦାନ କରାଯାଉଛି।

## ଜଗତ୍‌ସିଂହପୁରରେ ପୁଣି ୭ ସଂକ୍ରମିତ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ:** ଜଗତ୍‌ସିଂହପୁର ଜିଲାରେ କରୋନା ସଂକ୍ରମଣ ହାର ବଢ଼ି ଚାଲିଛି। ଏହି ୫ ଦିନ ଭିତରେ ୪୪ ନୂଆ ପଜିଟିଭ୍ ଚିହ୍ନଟ ହେଲେଣି। ସେମାନଙ୍କୁ ମିଶାଇଲେ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୭୪ରେ ପହଞ୍ଚିଲାଣି। ସେଥିରୁ ୮୯ ସୁସ୍ଥ ହୋଇଥିବା ବେଳେ ୮୫ ଚିକିତ୍ସାଧୀନ ଅଛନ୍ତି। ଏବେ ପ୍ରତ୍ୟହ ସଂକ୍ରମିତ ଚିହ୍ନଟ ହେଉଥିବାରୁ ଲୋକଙ୍କ ମଧ୍ୟରେ ଭୟ ବଢ଼ୁଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟ ଅନୁଯାୟୀ, ଜିଲାରେ ବୁଧବାର ପୁଣି ୭ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ରଘୁନାଥପୁର ୬ ଓ ନାଉଗାଁ ବ୍ଲକ ଅଞ୍ଚଳର ଜଣେ ରହିଛନ୍ତି। ରଘୁନାଥପୁର ବ୍ଲକ ଅଞ୍ଚଳର ୬ ଜଣଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୪, ତାମିଲନାଡୁ ୧ ଓ ପଶ୍ଚିମବଙ୍ଗରୁ ଜଣେ ଫେରିଥିଲେ। ସେହିପରି ନାଉଗାଁ ବ୍ଲକ ଅଞ୍ଚଳର ଜଣକ ଦିଲ୍ଲୀ ଫେରନ୍ତା।

## ସଂକ୍ଷେପରେ

### ଭଟଣା ଗ୍ରାମ କଣ୍ଟେନମେଣ୍ଟ ଜୋନ୍

**ନାଉଗାଁ,୧୭।୬(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅନ୍ତର୍ଗତ ଓଷକଣା ପଞ୍ଚାୟତର ଭଟଣା ଗ୍ରାମରେ ମଙ୍ଗଳବାର ୨ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଉକ୍ତ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ସରପଞ୍ଚ ସାଗରିକା ବେହେରା ମଙ୍ଗଳବାର ରାତିରେ ଉକ୍ତ ଘୋଷଣା କରିବା ସହ ଗ୍ରାମର ଦୁଇ ସୀମାକୁ ସିଲ କରି ଦେଇଛନ୍ତି। ଏହି ୨ଜଣଙ୍କଠାରୁ ଗୋଷ୍ଠୀ ସଂକ୍ରମଣ ବ୍ୟାପିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। କାରଣ ଉକ୍ତ ଗ୍ରାମକୁ ଗତ ୧୪ ତାରିଖରେ ଜଣେ ବ୍ୟକ୍ତି ତାଙ୍କ ପରିବାର ସହିତ ପଶ୍ଚିମବଙ୍ଗରୁ ଫେରିଥିଲେ। ପରେ ଭୁବନେଶ୍ୱର ଯାଇ ଉଭୟ ଦମ୍ପତି ସ୍ୱାବ ପରୀକ୍ଷା କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ସଙ୍ଗରୋଧ କେନ୍ଦ୍ରରେ ନ ରହି ବିଭିନ୍ନ ସ୍ଥାନ ବୁଲି ପୁନର୍ବାର ଫେରିଯାଇଥିଲେ। ୧୬ ତାରିଖରେ ଉଭୟଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ତେଣୁ ଗୋଷ୍ଠୀ ସଂକ୍ରମଣ ବ୍ୟାପିବାର ବହୁ ସମ୍ଭାବନା ଥିବା କୁହାଯାଉଛି।

### ଦଶପଲ୍ଲାର ପୂର୍ବତନ ବିଡିଓଙ୍କୁ ଆକ୍ରମଣ ଘଟଣା କଳାବ୍ୟାଜ୍ ପିନ୍ଧି ପ୍ରତିବାଦ

**ନୟାଗଡ଼ ଅଫିସ,୧୭।୬:** ନୟାଗଡ଼ ଜିଲା ଦଶପଲ୍ଲାର ପୂର୍ବତନ ବିଡିଓଙ୍କୁ ଆକ୍ରମଣ ଘଟଣାରେ ବୁଧବାର ଓଡିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରାଯାଇଛି। ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ସମେତ ତହସିଲଦାର, ବିଡିଓ ପ୍ରମୁଖ କଳାବ୍ୟାଜ୍ ପିନ୍ଧି ସରକାରୀ କାର୍ଯ୍ୟ କରିଛନ୍ତି। ପ୍ରକାଶଥାଉକି ଗତ ୧୪ ତାରିଖରେ ଦଶପଲ୍ଲା ବ୍ଲକର ପୂର୍ବତନ ବିଡିଓ ଦେବୀ ପ୍ରସାଦ ମହାନ୍ତିଙ୍କୁ ସରକାରୀ ବାସଭବନରେ ହତ୍ୟା ଉଦ୍ୟମ କରାଯିବା ସହ କାର୍ଯ୍ୟାଳୟ ଭଙ୍ଗରୁଜା କରାଯାଇଥିଲା। ଘଟଣାର ୪ଦିନ ବିତିଥିଲେ ମଧ ଦଶପଲ୍ଲା ପୋଲିସ କାହାକୁ ଗିରଫ କରିପାରି ନାହିଁ।

### କଲେଜ ଗୃହ କ୍ୱାରାଣ୍ଟାଇନ୍ ସେଣ୍ଟର ବାହାରେ ବସି ଫେରିଲେ ଅଧାପକ

**ନୟାଗଡ଼ ଅଫିସ/ରଣପୁର,୧୭।୬(ସ୍ୱ.ପ୍ର.):** ୧୭ତାରିଖରେ କଲେଜରେ ଅଧାପକ, କର୍ମଚାରୀ ଉପସ୍ଥିତ ରହିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ରଣପୁର କଲେଜ ଅଧକ୍ଷ, ଅଧାପକ, କର୍ମଚାରୀ ବୁଧବାର ଠିକ୍ ସମୟରେ ପହଞ୍ଚିଥିଲେ। ହେଲେ କଲେଜ ଗୃହରେ କ୍ୱାରାଣ୍ଟାଇନ୍ ସେଣ୍ଟର ଚାଲିଥିବାରୁ ଭିତରକୁ ଯାଇପାରି ନ ଥିଲେ। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୭ ତାରିଖରେ ରାଜ୍ୟର ସମସ୍ତ କଲେଜ ଖୋଲିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ କ୍ୱାରାଣ୍ଟାଇନ୍ ସେଣ୍ଟର କେଉଁଠି ଚାଲିବ ସେ ନେଇ ପଦକ୍ଷେପ ନ ଥିବାରୁ ଅଧାପକ, କର୍ମଚାରୀ ଆସି ଦୀର୍ଘ ସମୟ ଅପେକ୍ଷା ପରେ ଫେରିଯିବାକୁ ବାଧ ହୋଇଥିଲେ।

### ଜୁଆ ଆଡ୍ଡାରେ ଚଢ଼ାଉ: ତାସ୍, ଟଙ୍କା ଜବତ

**ରସୁଲପୁର, ୧୭।୬ (ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅଧୀନ ଅତଲାପୁର ପଞ୍ଚାୟତ ବାଲିପାଟଣା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀପଠାର ଏକ ନିରୋଳା ସ୍ଥାନରେ ମଙ୍ଗଳବାର ରାତିରେ ଜୁଆ ଖେଳ ହେଉଥିବା ନେଇ କୁଆଖିଆ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ପୋଲିସ ସଦଳବଳ ସେଠାରେ ଚଢ଼ାଉ କରିବା ପରେ ଲୋକମାନେ ସେଠାରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ତେବେ ପୋଲିସ ଘଟଣାସ୍ଥଳରୁ ୧୩,୯୯୦ଟଙ୍କା, ଗୋଟିଏ ବାଇକ୍, ଦୁଇଟି ମୋବାଇଲ, ଗୋଟିଏ ସାଇକେଲ ଓ ଜୁଆ ଖେଳରେ ବ୍ୟବହୃତ ତାସକୁ ଜବତ କରିଥିବା ଜଣାପଡ଼ିଛି।

### ଯୌତୁକ ନିର୍ଯାତନା ଅଭିଯୋଗ

**ଯାଜପୁର ରୋଡ, ୧୭।୬ (ଡି.ଏନ୍.ଏ.):** ଯୌତୁକ ଦାବିରେ ଶାଶୁଘର ଲୋକେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗ ଆଣିଛନ୍ତି ଯାଜପୁର ରୋଡ୍ ଥାନା ଅଧୀନ ଦଳାର ତସଲିମ୍ ଅଖତରଙ୍କ ସ୍ତ୍ରୀ। ତାଙ୍କ ଅଭିଯୋଗ ଅନୁସାରେ, ଫେସ୍‌ବୁକ୍‌ରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ ଜାନୁୟାରୀରେ ଉଭୟେ ବିବାହ କରିଥିଲେ। ମାତ୍ର ବାହାଘରର କିଛି ଦିନ ପରେ ସ୍ୱାମୀଙ୍କ ସମେତ ଶାଶୁ ଓ ଦୁଇ ନଣନ୍ଦ ତାଙ୍କୁ ଯୌତୁକ ଦାବିରେ ନିର୍ଯାତନା ଦେଉଥିବା ସେ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୨୪୭/୨୦ ନଂ.ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଫଳକରେ ସୀମିତ ବାହ୍ୟ ମଳମୁକ୍ତ ଗାଁ

**ନୟାଗଡ଼ ଅଫିସ,୧୭।୬**



ବ୍ୟବହାର ଅନୁପଯୋଗୀ ଏକ ପାଇଖାନା ଭିତରେ ଆସବାବପତ୍ର ରଖାଯାଇଛି।

- ଶୌଚ ପାଇଁ ବାହାରକୁ ଯାଉଛନ୍ତି ଲୋକେ
- ଅଧିକାଂଶ ଲୋକଙ୍କ ଘରେ ନାହିଁ ପାଇଖାନା
- ବ୍ୟବହାର ଅନୁପଯୋଗୀ ପାଇଖାନାରେ ରହୁଛି ଘରୋଇ ଉପକରଣ

ଦଶପଲ୍ଲା ବ୍ଲକ ଘୁଗୁଡିପଡା ପଞ୍ଚାୟତରେ ଫଳକରେ ସୀମିତ ରହିଛି ବାହ୍ୟ ମଳମୁକ୍ତ ଗାଁ। ଏଠାରେ ଶୌଚ ପାଇଁ ଲୋକେ ବାହାରକୁ ଯାଉଛନ୍ତି। ପୁଣି ଅଧିକାଂଶ ଲୋକଙ୍କ ଘରେ ପାଇଖାନା ନାହିଁ। ଯେଉଁଠି ପାଇଖାନା ରହିଛି ବ୍ୟବହାର ଅନୁପଯୋଗୀ କାରଣରୁ ସେଠାରେ ନଡା, ଗୋବର, କାଠ, ବୋତା, ଧାନ, ଆଦି ଘରୋଇ ଉପକରଣ ରହୁଛି। ଟାର୍ଗେଟ ପୂରଣ ଲକ୍ଷ୍ୟରେ ତରବରିଆ ଭାବେ ପ୍ରକଳ୍ପ ଶେଷ କରିଦିଆ ଯାଉଥିବାରୁ ଏହାର ମାନ ଠିକ୍ ରହୁ ନ ଥିବା କୁହାଯାଉଛି।

କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱଚ୍ଛ ଭାରତ ମିଶନ ଓ ମୋ ପାଇଖାନା ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପାଇଖାନାଟିଏ ନିର୍ମାଣ ପାଇଁ ପ୍ରତି ହିତାଧିକାରୀଙ୍କୁ ୧୨ହଜାର ଟଙ୍କା ସହାୟତା ପ୍ରଦାନ କରୁଛନ୍ତି। ହେଲେ ହିତାଧିକାରୀ ଏହି ଯୋଜନାରେ କେତେ ଉପକୃତ ହେଉଛନ୍ତି ସେ ନେଇ ଠିକ୍ ଭାବେ ସମୀକ୍ଷା ହେଉନାହିଁ। ଫଳରେ ହିତାଧିକାରୀ ଏହାର ସୁଫଳ ପାଉନାହାନ୍ତି। ଘୁଗୁଡିପଡା ପଞ୍ଚାୟତର ଘୁଗୁଡିପଡା, ରାଇମଡା, ଖଜୁରିଡିହ, ଖଳିସାହି, ବସନ୍ତପୁର, ଚମ୍ପାଡାଳି, ସିଲିଗାଡି, ଗୁରିଆବାରି ଆଦି ଗାଁରେ ନିର୍ମାଣ ହୋଇଥିବା ପାଇଖାନା ଦେଖିଲେ ଏହା ସ୍ପଷ୍ଟ ହୋଇପାରିବ। ଏହିସବୁ ଗାଁରେ ପାଇଖାନା ନିର୍ମାଣ ହୋଇଥିଲେ ବି ତାହା ଲୋକଙ୍କ କାମରେ ଲାଗୁନି। ଫଳରେ ଲୋକେ ପୂର୍ବଭଳି ଶୌଚ ପାଇଁ ବାହାରକୁ ଯାଉଛନ୍ତି। ସରକାର ବାହ୍ୟ ମଳମୁକ୍ତ ଗାଁ ଘୋଷଣା କରି ବାହାବା ନେଉଥିବାବେଳେ ବାସ୍ତବ ସ୍ଥିତି ଅଲଗା। ଏବେ ବି ଗ୍ରାମର ଅନେକ ପରିବାରକୁ ପାଇଖାନା ମିଳିନାହିଁ। ଯେଉଁ କେତେକ ପରିବାରକୁ ପାଇଖାନା ମିଳିଛି ତାହା ନିମ୍ନମାନର କାର୍ଯ୍ୟ ବୋଲି କୁହାଯାଉଛି। କେତେକ ପାଇଖାନା ସହ ଟାଙ୍କିକୁ ପାଇପ୍ ସଂଯୋଗ କରାଯାଇ ନାହିଁ। ଏ ସମ୍ପର୍କରେ ଚମ୍ପାଡାଳି ୱାର୍ଡସଭ୍ୟା ଜୟନ୍ତୀ ପ୍ରଧାନ କୁହନ୍ତି, ବାହ୍ୟ ମଳମୁକ୍ତ ଗାଁ ଫଳକ ରାତିଅଧିଆ ପୋତାଯାଇଛି। ଆମ ଗାଁରେ ଏକାଧିକ ଲୋକ ପାଇଖାନା ପାଇ ନାହାନ୍ତି। ପାଇଖାନା ପାଇଁ ମୁଁ ପଞ୍ଚାୟତଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡିନିରାଶ ହୋଇଛି। ଖଳିସାହି ଗ୍ରାମର କାର୍ତ୍ତିକ ବେହେରା କୁହନ୍ତି, ଠିକାଦାର ନିମ୍ନମାନର ପାଇଖାନା ତିଆରି କରି ବିଲ୍ ନେଇଗଲେ। ଲୋକେ ବ୍ୟବହାର କରନ୍ତୁ କିନାଁ ତାଙ୍କର ଯା'ଆସେ ନାହିଁ। ବ୍ୟବହାର ଅନୁପଯୋଗୀ ପାଇଖାନା ଘରେ କାଠ, ଟୋକେଇ, ଅଙ୍ଗାର ରଖୁଛୁ। ଚମ୍ପାଡାଳି ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ, ଖଳିସାହିର କୃଷ୍ଣଚନ୍ଦ୍ର ପ୍ରଧାନ, ବସନ୍ତପୁରର ମିଛି ନାଏକ କୁହନ୍ତି, ପାଇଖାନା ନିର୍ମାଣ ଶୈଳୀକୁ ଦେଖିଲେ ଏହାର ମାନ ପରୀକ୍ଷଣ କରିବା ଆବଶ୍ୟକତା ନାହିଁ। ଆଦିବାସୀ ଅଧୁଷିତ ଏହି ପଞ୍ଚାୟତର ବାସ୍ତବ ଚିତ୍ରକୁ ଦେଖିଲେ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଦିଗହରା ହୋଇଥିବା ସ୍ପଷ୍ଟଭାବେ ବାରିହୋଇପଡୁଛି। ଏ ନେଇ ଆରଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀଯନ୍ତ୍ରୀ ରାଜୀବ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ଘୁଗୁଡିପଡା ପଞ୍ଚାୟତରେ ପାଇଖାନା କାର୍ଯ୍ୟ କିପରି ହୋଇଛି ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।



ଗଛରେ ଲାଗିଥିବା ଝିଣ୍ଟିକା ପ୍ରଜାତିର କୀଟ।

# ଝିଣ୍ଟିକା ନା ପଙ୍ଗପାଳ: ଆଶଙ୍କାରେ ଚାଷୀ

**ମହାକାଳପଡ଼ା,୧୭।୬(ଡି.ଏନ୍.ଏ.)**

### ଯାଞ୍ଚ କଲେ କୃଷି ଓ କୀଟତତ୍ତ୍ୱ ବିଶେଷଜ୍ଞ

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ଅନ୍ତର୍ଗତ ମହାନଦୀ ପାର୍ଶ୍ୱ ପିତାପାଟ ଗାଁରେ ବହୁ ସଂଖ୍ୟାରେ ଝିଣ୍ଟିକା ପ୍ରଜାତିର କୀଟ ଆସି ବିଭିନ୍ନ ଗଛ ପତ୍ର ନଷ୍ଟ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ପଙ୍ଗପାଳ ବୋଲି ଆଶଙ୍କା କରି ସ୍ଥାନୀୟ ଚାଷୀ ଭୟଭୀତ ହୋଇଯାଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର କୃଷି ଓ କୀଟତତ୍ତ୍ୱ ବିଭାଗର ଏକ ବିଶେଷଜ୍ଞ ଦଳ ସେଠାରେ ପହଞ୍ଚି ସେଗୁଡ଼ିକ କେଉଁ ପଜାତିର କୀଟ ତାହା ଯାଞ୍ଚ କରିଛନ୍ତି। ଅପରପକ୍ଷେ ପଙ୍ଗପାଳ ହୋଇଥିଲେ ସେମାନଙ୍କ ଉପଦ୍ରବରେ ଚାଷୀଙ୍କ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି ବୋଲି ସରପଞ୍ଚ ବିକାଶ ଦେବନାଥ କହିଛନ୍ତି। ଏହି ପ୍ରଜାତିର କୀଟ ଖରିଫ ଫସଲକୁ ବିଶେଷଭାବେ କ୍ଷତି ପହଞ୍ଚାଇ ପାରନ୍ତି ବୋଲି ଗ୍ରାମର ଦୀନବନ୍ଧୁ ବେହେରା, ଟୁକୁନା ଜେନା, କୃଷ୍ଣପଦ ମିର୍ଦ୍ଧା, ସୁକୁମାର ମିର୍ଦ୍ଧା ଓ ଦିଲୀପ ବେହେରା ପ୍ରମୁଖ ଆଶଙ୍କାବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, କୃଷି ଓ କୀଟତତ୍ତ୍ୱ ବିଭାଗ ବିଶେଷଜ୍ଞ ଦଳ କୀଟ ସମ୍ପର୍କରେ ଯାଞ୍ଚ କରିଛନ୍ତି। ଏହା ଝିଣ୍ଟିକା ନା ପଙ୍ଗପାଳ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ରିପୋର୍ଟ ଆସିବା ପରେ ଏନେଇ ଆଗାମୀ ପଦକ୍ଷେପ ନିଆଯିବ।

# ଚାଇନା ସାମଗ୍ରୀ ବର୍ଜନ ଆହ୍ୱାନ

**କୁଜଙ୍ଗ,୧୭।୬(ଡି.ଏନ.ଏ.)**

ଭାରତ-ଚାଇନା ମଧ୍ୟରେ ହୋଇଥିବା ରକ୍ତାକ୍ତ ସଂଘର୍ଷକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହିକ୍ରମରେ କୁଜଙ୍ଗ ଯୁବ ବିକାଶ ପରିଷଦ ପକ୍ଷରୁ ଲଦାଖର ଗଲୱାନଠାରେ ଶହୀଦ ହୋଇଥିବା ଭାରତୀୟ ଯବାନଙ୍କୁ ବୁଧବାର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏଥିସହିତ ଚାଇନା ସାମଗ୍ରୀ ବର୍ଜନ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଏନେଇ କୁଜଙ୍ଗ ବଜାରରେ ଏକ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ଯୁବ ବିକାଶ ପରିଷଦ ସଭାପତି ଅକ୍ଷୟ କୁମାର ଦାସ, ନଗେନ୍ଦ୍ର ଯାଦବ, ସମର୍ପଣ ଓଝା, ବିଶ୍ୱଜିତ ଦାସ, ଚନ୍ଦନ ଦାସ, ପଙ୍କଜ ଦାସ ଓ ଚନ୍ଦ୍ରଶେଖର ଶତପଥୀ ପ୍ରମୁଖ ଶତାଧିକ ଯୁବକ ସାମାଜିକ ଦୂରତ୍ୱ ରକ୍ଷାକରି ସାମିଲ ହୋଇଥିଲେ।



କୁଜଙ୍ଗ ବଜାରରେ ସଚେତନତା ସୃଷ୍ଟି କରାଯାଉଛି।

# ବାଘ ଶିକାର ଘଟଣା: ପୁଣି ଜଣକୁ ଉଠାଇନେଲା ବନ ବିଭାଗ

**ନୟାଗଡ଼ ଅଫିସ,୧୭।୬**

ବାଘ ଶିକାରରେ ସମ୍ପୃକ୍ତି ଅଭିଯୋଗରେ ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜର ବନ କର୍ମଚାରୀ ବୁଧବାର ଜାମୁଗଣ୍ଡରୁ ପୁଣି ଜଣେ ବ୍ୟକ୍ତିଙ୍କୁ ଉଠାଇ ନେଇଛନ୍ତି। ମଙ୍ଗଳବାର ବାଉଁଶଗଡ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଜଣେ ପ୍ରବାସୀଙ୍କୁ ଉଠାଇ ନେଇଥିଲା। ଏହି ଦୁଇଜଣଙ୍କୁ ବନ ବିଭାଗ ଅଜ୍ଞାତ ସ୍ଥାନରେ ରଖି ଜେରା କରୁଛି। ଏ ସମ୍ପର୍କରେ ପଚାରିଲେ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଦର୍ଶାଇ କିଛି କହୁ ନାହିଁ। ପ୍ରକାଶଥାଉ କି ବାଘ ଶିକାରର ମୁଖ୍ୟ ଅଭିଯୁକ୍ତ ବନ୍ଧମୁଣ୍ଡା ସମିତି ସଭ୍ୟ ଲକ୍ଷ୍ମୀଧର ନାୟକଙ୍କୁ ଏସ୍‌ଟିଏଫ୍ ଗିରଫ କରି କୋର୍ଟଚାଲାଣ କରିଥିଲା। ଲକ୍ଷ୍ମୀଧର ଜେଲରେ ରହିବାର ୬ ଦିନ ବିତିଥିଲେ ମଧ ତାଙ୍କୁ ରିମାଣ୍ଡରେ ନେବା ପାଇଁ କୋର୍ଟରେ ଆବେଦନ କରାଯାଇ ନାହିଁ।

# ତଦନ୍ତ ହେଉ ନ ଥିବାରୁ ବଢୁଛି ଅସନ୍ତୋଷ

**ରତ୍ନଗିରି, ୧୭।୬ (ଡି.ଏନ୍.ଏ.)**

### ସାହୁପଡ଼ା ପଞ୍ଚାୟତ: ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା ଅଭିଯୋଗ ପ୍ରସଙ୍ଗ

ବରୀ ବ୍ଲକ ଅଧୀନ ସାହୁପଡା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ଚାଲିଥିବା ବିଭିନ୍ନ କାର୍ଯ୍ୟରେ ଅନିୟମିତତା କରାଯାଉଥିବା ଅଭିଯୋଗ ହେବା ପରେ ବି ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଅଞ୍ଚଳବାସୀଙ୍କ କହିବା ଅନୁସାରେ, ସାହୁପଡ଼ା ପଞ୍ଚାୟତ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଚତୁର୍ଦ୍ଦଶ ଅର୍ଥ କମିଶନ ପକ୍ଷରୁ ଲକ୍ଷାଧିକ ଟଙ୍କା ଅନୁଦାନ ଆସୁଛି। ମାତ୍ର ସ୍ଥାନୀୟ ସରପଞ୍ଚ କାର୍ଯ୍ୟ ନ କରି ବେଆଇନ ଭାବେ ଅନୁଦାନ ଅର୍ଥ ଉଠାଣ କରୁଛନ୍ତି। ଏହାସହ ବ୍ୟକ୍ତିଗତ ଜାଗାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କରାଯାଇ ରାଜ୍ୟ ତଥା ଦେଶ ବାହାରେ ଥିବା ଶ୍ରମିକ(ଜବକାର୍ଡଧାରୀ)ଙ୍କ ଖାତାକୁ ଅର୍ଥ ପ୍ରଦାନ କରାଯାଉଛି। ସରକାରୀ ନିୟମ ଅନୁସାରେ ମାସକୁ ଥରେ ପଞ୍ଚାୟତ ବୈଠକ ବସିବାର ନିୟମ ଥିଲେ ହେଁ ଉକ୍ତ ପଞ୍ଚାୟତରେ ଏହା କରାଯାଉ ନ ଥିବା ନେଇ ଅଞ୍ଚଳବାସୀ ଯାଜପୁର ଜିଲାପାଳ, ବରୀ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଅଦ୍ୟାବଧି ପ୍ରଶାସନ ପକ୍ଷରୁ ଏ ଦିଗରେ ତଦନ୍ତ କରାଯାଉ ନ ଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଗ୍ରାମ ରୋଜଗାର ସେବକ ଏଭଳି ବେଆଇନ କାର୍ଯ୍ୟକୁ ବିରୋଧ କରୁଥିବାରୁ ତାଙ୍କୁ କୌଣସି ସରକାରୀ ନିର୍ଦ୍ଦେଶନାମା ଦିଆ ନ ଯାଇ ଅନ୍ୟ ଜଣେ ଗ୍ରାମ ରୋଜଗାର ସେବକଙ୍କୁ ଦାୟିତ୍ୱ ଦିଆଯିବା ପରେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ପ୍ରଶାସନ ପକ୍ଷରୁ ଏ ଦିଗରେ ତଦନ୍ତ କରାଯିବା ପାଇଁ ସାହୁପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଶର୍ମିଷ୍ଠା ସାହୁ, ପୂର୍ବତନ ସରପଞ୍ଚ ବିରଞ୍ଚି ମଲିକଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସାହୁପଡା ସରପଞ୍ଚ ସରୋଜିନୀ ପଣ୍ଡାଙ୍କୁ ପଚାରିବାରେ, ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ, ରାଜନୈତିକ ଉଦ୍ଦେଶ୍ୟ ରଖି ମୋତେ ବଦନାମ କରାଯାଉଛି। ଯେ କୌଣସି ତଦନ୍ତ ହେଲେ ମୋର କୌଣସି ଆପତ୍ତି ନାହିଁ ବୋଲି କହିଛନ୍ତି।

# ଭୂଇଁପୁର ପ୍ରବାସୀଙ୍କୁ ମିଳିନି କର୍ମନିଯୁକ୍ତି

**କେନ୍ଦ୍ରାପଡ଼ା ଅଫିସ, ୧୭।୬**

କରୋନା ସଂକ୍ରମଣ ଯୋଗୁ ପ୍ରବାସୀ ଘରକୁ ଫେରିଥିବାବେଳେ କର୍ମନିଯୁକ୍ତି ପ୍ରଦାନ ପ୍ରଶାସନ ପାଇଁ ଆହ୍ୱାନ ପାଲଟିଛି। ପ୍ରବାସୀଙ୍କୁ ଜନ୍ମସ୍ଥାନରେ କର୍ମନିଯୁକ୍ତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଅଗ୍ରାଧିକାର ଦେଇଛନ୍ତି। ଏଥିପାଇଁ ପର୍ଯ୍ୟାପ୍ତ ପ୍ରକଳ୍ପ ଚୟନ ସହ ଅର୍ଥ ବ୍ୟୟ ବରାଦ କରିଛନ୍ତି। ତେବେ କେନ୍ଦ୍ରାପଡା ଜିଲାରେ ଏହି ଯୋଜନା ଠିକରେ କାର୍ଯ୍ୟକାରୀ ହେଉନାହିଁ। ଆଳି ବ୍ଲକ ଭୂଇଁପୁର ପଞ୍ଚାୟତରେ ପ୍ରବାସୀଙ୍କୁ କର୍ମନିଯୁକ୍ତିରେ ସାମିଲ କରାଯାଉନାହିଁ। ପ୍ରବାସୀଙ୍କ ପାଇଁ କାମ ନ ଥିବା ବେଳେ ପଞ୍ଚାୟତ ସରପଞ୍ଚଙ୍କ ଘରେ ଶ୍ରମିକ କାର୍ଡ ଦେଖିବାକୁ ମିଳିଛି। ଏହି କାର୍ଡରେ ସେମାନେ କାମ କରିବା ସହିତ ମଜୁରି ପାଇଥିବା ସାମାଜିକ ଗଣମାଧ୍ୟମରେ ଆଲୋଚନା ହେଉଛି। କେନ୍ଦ୍ରୀୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ, ଏହି ପଞ୍ଚାୟତରେ ୧୮୨୫ ପରିବାର ଜବ୍‌କାର୍ଡଧାରୀ। ଏପ୍ରିଲ ୧ରୁ ଅଦ୍ୟାବଧି ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ପାଇଁ ମାତ୍ର ୯୦ ପରିବାରର ୨୨୨୯ ଜଣଙ୍କୁ ଏହି ଯୋଜନାରେ କର୍ମନିଯୁକ୍ତି ମିଳିଛି। ଏହି ୯୦ ପରିବାର ପୂର୍ବ ଆର୍ଥିକ ବର୍ଷରୁ ଅଦ୍ୟାବଧି କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଜଣେ ହେଲେ ପ୍ରବାସୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କର୍ମନିଯୁକ୍ତି ମିଳିନାହିଁ। ଅନ୍ୟପକ୍ଷେ ସରପଞ୍ଚଙ୍କ ପରିବାର ସଦସ୍ୟ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ମଷ୍ଟର ରୋଲରେ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ସରପଞ୍ଚ ଅନୁପମା ଜେନା କହିଛନ୍ତି, ଏହି ଯୋଜନାରେ କୌଣସି ପ୍ରବାସୀ କର୍ମ ନିଯୁକ୍ତି ପାଇଁ ଆବେଦନ କରିନାହାନ୍ତି। ପରିବାର ସଦସ୍ୟଙ୍କ କର୍ମ ନିଯୁକ୍ତିକୁ ନେଇ କୌଣସି ଉତ୍ତର ଦେଇନାହାନ୍ତି। ପିଡିଦିଲୀପ ପରିଡା କୁହନ୍ତି, କୋଭିଡ୍ ୧୯ ପରେ ଜିଲାରେ ଏହି ଯୋଜନାକୁ ତ୍ୱରାନ୍ୱିତ କରାଯାଇଛି। ବିଶେଷ କରି ପ୍ରବାସୀଙ୍କୁ କର୍ମନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯୋଜନା ଅନ୍ତର୍ଗତ ପ୍ରକଳ୍ପରେ ଶ୍ରମିକ ନିଯୁକ୍ତିକୁ ନେଇ ଅଭିଯୋଗର ତଦନ୍ତ ହେବ।

# ସାପ କାମୁଡ଼ାରେ ବୃଦ୍ଧ ମୃତ

**ଓଡ଼ଗାଁ,୧୭।୬(ସ୍ୱ.ପ୍ର.)**

ଓଡ଼ଗାଁ ବ୍ଲକ ରବିଗାଡିଆ ପଞ୍ଚାୟତ ରବିଗାଡିଆ ଗ୍ରାମର ହାଲୁରୀ ପ୍ରଧାନ(୬୦)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମଙ୍ଗଳବାର ରାତିରେ ହାଲୁରୀଙ୍କୁ ସାପ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଆଦର୍ଶ ଥାନାରେ ମୃତକଙ୍କ ଶାଳକ ବସନ୍ତ ପରିଡା ଅଭିଯୋଗ କରିବା ପରେ ବୁଧବାର ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ବଂଶୀଧର ବିଶ୍ୱାଳ ସୂଚନା ଦେଇଛନ୍ତି।

# ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

**ଆଳି,୧୭।୬(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ଆଳି ବ୍ଲକ ଅନ୍ତର୍ଗତ ପଦନୀପାଳ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏନେଇ ଜିଲାପାଳଙ୍କ ତଦନ୍ତ ଦାବିରେ ବହୁ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟକୁ ଆସି ଧାରଣା ଦେବା ସହ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ୮୯ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ତାଲିକାରୁ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ନୂତନ ନାମ ଯୋଡ଼ି ଏକ ୬୪ ଜଣିଆ ତାଲିକା ପଞ୍ଚାୟତିରାଜ ବିଭାଗକୁ ପଠାଯାଇଥିଲା। ବିଭାଗ ୱେବସାଇଟରୁ ଏହା ଜଣାପଡ଼ିବା ପରେ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧାରଣାକାରୀ ଦାବି କରିଛନ୍ତି। ବିଡିଓ ଦ୍ୱିବେନ୍ଦୁ ଦାସ ପହଞ୍ଚି ଏହି ଦାବିପତ୍ର ଗ୍ରହଣ କରିବା ପରେ ସେମାନେ ଧାରଣାରୁ ହଟିଥିଲେ। ଦାବିପତ୍ର ପ୍ରଦାନ ସମୟରେ ବସନ୍ତ କୁମାର ମହାନ୍ତି, ଜ୍ଞାନରଞ୍ଜନ ମହାନ୍ତି, ଗଗନ ବିହାରୀ ରାଉତ, ରେଣୁବାଳା ରାଉତ, ମିନତି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଜାନକୀଙ୍କ ପାଖରେ ପହଞ୍ଚିଲା ଜିଲା ପ୍ରଶାସନ

**ରସୁଲପୁର, ୧୭।୬ (ଡି.ଏନ୍.ଏ.)**

**ଧରିତ୍ରୀ ପ୍ରଭାବ**

ରସୁଲପୁର ବ୍ଲକ ଅଧୀନ ମୁଗୁପାଳ ପଞ୍ଚାୟତ ଗୁରୁସାହିରେ ଏକ କ୍ୟାବିନରେ ଦିନ କାଟୁଥିବା ୮୨ ବର୍ଷୀୟା ଜାନକୀ ଦାସଙ୍କୁ ସହାୟତାର ହାତ ବଢ଼ାଇଛି ଜିଲା ପ୍ରଶାସନ। ସମ୍ପର୍କୀୟା ଝିଆରୀଙ୍କ ଘର ଆଗ କ୍ୟାବିନରେ ଜାନକୀ ଦୀର୍ଘ ୧୮ବର୍ଷ ହେବ ରହି ଆସୁଥିବା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ ଗୁରୁସାହିରେ ପହଞ୍ଚି ବୃଦ୍ଧାଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଏହାପରେ ସାମାଜିକ କର୍ମୀ ମଣ୍ଟୁ ଦାସ ଓ କଳିଙ୍ଗ ଯୁବକ ସଂଘ କର୍ମକର୍ତ୍ତା ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ତେବେ ବୁଧବାର ଜିଲା ପ୍ରଶାସିନକ ଅଧିକାରୀମାନେ ଜାନକୀଙ୍କୁ ଭେଟି ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଜାନକୀଙ୍କ ଭତ୍ତା ୮୦୦ଟଙ୍କାକୁ ବୃଦ୍ଧି କରାଯିବା ସହ ସେ ଯେପରି ରସୁଲପୁର ବ୍ଲକରୁ ଭତ୍ତା ଟଙ୍କା ଉଠାଇ ପାରିବେ ସେ ନେଇ ବ୍ୟବସ୍ଥା କରାଯିବ। ଏଥିସହ ଖାଦ୍ୟ ସୁରକ୍ଷା ଯୋଜନାରେ ଜାନକୀଙ୍କୁ ସାମିଲ କରାଯିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମଙ୍ଗଳପୁର ଥାନା ଦୁହୁଡି ସାହି ଅଞ୍ଚଳର ସମ୍ପୃକ୍ତା ବୃଦ୍ଧା ପୁଅ-ବୋହୂଙ୍କ ନିର୍ଯାତନା ସହି ନ ପରି ଘରୁ ଚାଲି ଆସିଥିବା ବେଳେ ସମ୍ପର୍କୀୟା ଝିଆରୀଙ୍କ ଘର ଆଗ କ୍ୟାବିନରେ ଦିନ କାଟୁଥିଲେ। ଖାଦ୍ୟପେୟ କଥା ଝିଆରୀ ବୁଝନ୍ତି। ବୟାସାଧିକ କାରଣରୁ ସେ ଦୁହୁଡ଼ି ସାହି ଯାଇ ଭତ୍ତା ଆଣିବା ସମ୍ଭବ ନ ହେବା ଓ ରାଶନକାର୍ଡ ମିଳି ନ ଥିବା ନେଇ ଖବର ପ୍ରସାରିତ ହୋଇଥିଲା।

# ଦେବୀନଦୀ ବନ୍ଧ ରାସ୍ତା ବିପର୍ଯ୍ୟସ୍ତ

**ବାଲିଆ,୧୭।୬**



**ବିରିଡ଼ି ବ୍ଲକ**

- ଅସରାଏ ବର୍ଷା ହେଲେ ଯାତାୟାତ ଠପ୍
- ମରାମତି ପାଇଁ ଜନ ସାଧାରଣଙ୍କ ଦାବି

ଜଗତ୍‌ସିଂହପୁର ସେଚ ବିଭାଜନ ବିଭାଗର ଶଙ୍ଖାରିସାହି ସେକସନ୍ ଅଧୀନରେ ଥିବା ବରିଡ଼ି ବ୍ଲକର ବାରଡ଼ିଆ ଗଡ଼ାଠାରୁ ନୀଳମହଲ ପୋଲ ପର୍ଯ୍ୟନ୍ତ ଦେବୀ ନଦୀ ବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଅସରାଏ ବର୍ଷା ହେଲେ ଏହି ରାସ୍ତାରେ ଯାତାୟାତ ସମ୍ଭବ ହୋଇ ପାରୁନାହିଁ। ଏହି ଦୁଇ କିଲୋମିଟର ନଦୀ ବନ୍ଧରେ ଏଭଳି ସମସ୍ୟା ଦେଖା ଦେଇଥିବାରୁ ଜନସାଧାରଣ ବର୍ଷା ଦିନ ତମାମ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ଏପରି କି ଏହି ରାସ୍ତାରେ ଚାଲିକି ଯିବାବି କଷ୍ଟକର ହୋଇପଡ଼େ ବୋଲି ବାରଡ଼ିଆ ସମିତିସଭ୍ୟ ଜିତେନ ପରିଡା, ପ୍ରେମାନନ୍ଦ ଗୁରୁ, ଆଶୀର୍ବାଦ ଦାସ, ପର୍ଶୁରାମ ମଲିକ, ତ୍ରିଲୋଚନ ମଲିକ, ଗୋବିନ୍ଦ ମଲିକ, ପ୍ରତାପ ଗୁରୁ, ଜ୍ଞାନରଞ୍ଜନ ଗୁରୁ, ଦିଲୀପ ବେହେରା, ସକୁନ ବେହେରା, ସିଲୁ ବେହେରା, ଦୀପକ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଅବସ୍ଥା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇଲେ ସୁଦ୍ଧା ସେ କିଛି ଶୁଣୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ତୁରନ୍ତ ଏହାର ସ୍ଥାୟୀ ମରାମତି ବ୍ୟବସ୍ଥା କରିବାକୁ ଦାବି ହୋଇଛି। ନଚେତ ଲୋକେ ଆଗକୁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଏହି ନଦୀବନ୍ଧ ରାସ୍ତାରେ କିଛି ଦିନ ତଳେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ମୋରମ ପକା ଯାଇଥିଲା। ମାତ୍ର ଯେଉଁ ସ୍ଥାନରେ ମୋରମ ପକାଯିବା କଥା ସେଠାରେ ପକା ନ ଯାଇ ପୂର୍ବରୁ ମେଟାଲ ଓ ମୋରମ ପଡ଼ିଥିବା ସ୍ଥାନରେ ମୋରମ ଛିଞ୍ଚି ଦିଆଯାଇଥିଲା। ଫଳରେ ବର୍ଷା ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଶଙ୍ଖାରିସାହି ସେକସନ୍ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା। ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଦଳପତି ମଣ୍ଡଳଙ୍କୁ ପଚାରିବାରେ ସେ ଏହି କାର୍ଯ୍ୟ ସମ୍ପର୍କରେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। ବିନା ସୂଚନା ଫଳକରେ ପ୍ରତିବର୍ଷ ଏହି ନଦୀବନ୍ଧ ରାସ୍ତା ମରାମତି ଆଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ ରାସ୍ତା ଅବସ୍ଥା ସୁଧୁରୁନାହିଁ, ଯାହାକି ଲୋକଙ୍କ ଚିନ୍ତାର ବିଷୟ ହୋଇଛି।

ଧରିତ୍ରୀ
DHARITRI
ଗୁରୁବାର, ୧୮ ଜୁନ୍, ୨୦୨୦



## ପଶ୍ଚିମବଙ୍ଗର ଅପହୃତା ନାବାଳିକା ଉଦ୍ଧାର

ପଦ୍ମପୁର,୧୭।୬(ଡି.ଏନ୍.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଅଧୀନ କିସ୍ମତ କୃଷ୍ଣପୁର ଗ୍ରାମର ଜଣେ ଯୁବକ ପଶ୍ଚିମବଙ୍ଗରେ କାମ କରୁଥିବା ବେଳେ ଜଣେ ନାବାଳିକାଙ୍କ ସହ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକା ଜଣକ ମାର୍ଚ୍ଚ ମାସରୁ ଯୁବକଙ୍କ ସହ ଓଡ଼ିଶା ପଳାଇ ଆସିଥିଲେ। ଏନେଇ ନାବାଳିକାଙ୍କ ବାପା ସ୍ଥାନୀୟ ଥାନାରେ ଅପହରଣ ଅଭିଯୋଗ ଆଣିଥିଲେ। ବୁଧବାର ପଶ୍ଚିମବଙ୍ଗ ପୋଲିସ ନାୟକାଣିଡିହୀ ଥାନାରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ନାବାଳିକାଙ୍କୁ କିସ୍ମତ କୃଷ୍ଣପୁରରୁ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସଂକ୍ଷେପରେ

### ଅଜଗର ମାରି ଯୁବକ ଗିରଫ



ବଡ଼ବିଲ,୧୭।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ଯୋଡ଼ା ଥାନା କଣ୍ଡରା ଗ୍ରାମର ଜଣେ ଯୁବକ ଏକ ଅଜଗରକୁ ମାରି କାନ୍ଧରେ ପକାଇ ବୁଲିବା ତାଙ୍କୁ ମହଙ୍ଗା ପଡ଼ିଛି। ସମ୍ପୃକ୍ତ ଯୁବକଙ୍କୁ ବନ ବିଭାଗ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବୁଧୁରାମ ମୁଣ୍ଡା। ସୂଚନା ଅନୁଯାୟୀ, ବୁଧୁରାମ ମଙ୍ଗଳବାର ପୂର୍ବାହ୍ନରେ ନିକଟସ୍ଥ ଜଙ୍ଗଲରେ ବୁଲୁଥିବାବେଳେ ଏକ ଅଜଗରକୁ ଦେଖିବାକୁ ପାଇଥିଲେ। ପରେ ଅଜଗରଟିକୁ ମାରି ନିଜ କାନ୍ଧରେ ପକାଇ ୫୨୦ ନଂ. ଜାତୀୟ ରାଜପଥରେ ବୁଲୁଥିବାବେଳେ ବନ ବିଭାଗ କର୍ମଚାରୀମାନେ ଖବର ପାଇଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ଓଆର ୨ ବିଏଲ୍‌ରେ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିଲା। ଅଜଗରଟିର ଲମ୍ବ ପ୍ରାୟ ୧୦ ଫୁଟ ହେବ ବୋଲି ଜଣାପଡିଛି।

### ଦନ୍ତା ଆକ୍ରମଣରେ ମହିଳା ଗୁରୁତର

ପାଟଣା,୧୭।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଘଟଗାଁ ବ୍ଲକ ଅନ୍ତର୍ଗତ ପୋଇପାଣି ସଂରକ୍ଷିତ ଜଙ୍ଗଲରେ ବୁଧବାର ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସ୍ୱର୍ଗତ ତୁରାମ ମୁଣ୍ଡାଙ୍କ ସ୍ତ୍ରୀ ପାର(୬୦)। ଚିକିତ୍ସା ପାଇଁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଭୋର ସମୟରେ ସେ ଶୌଚ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ପୋଇପାଣି ଗାଁ ପାଖ ଜଙ୍ଗଲରେ ଦନ୍ତା ବୁଲୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ଖବରପାଇ ପାଟଣା ବନପାଳ ସନ୍ତୋଷ କୁମାର ପୋହି ଓ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

### ପ୍ରତାରଣା କରି ଯୁବକ ଗିରଫ

ଚମ୍ପୁଆ,(ଡି.ଏନ.ଏ)୧୭।୬ : ବିବାହର ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ପ୍ରତାରଣା କରିଥିବା ଅଭିଯୋଗରେ ଚମ୍ପୁଆ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜ୍ଞାନରଞ୍ଜନ ମହାନ୍ତଙ୍କୁ ଚମ୍ପୁଆ ପୋଲିସ ଭୁଇଁପୁର ସ୍ଥିତ ତାଙ୍କ ମଉସା ଘରୁ ଗିରଫ କରିବାରେ ସଫଳ ହୋଇଥିଲା ବୋଲି ଆଇଆଇସି ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ପୋଲିସ ସୂଚନାନୁଯାୟୀ ଉର୍ଡିଠାରେ ଦୋକାନ କରିଥିବା ଜଣେ ମହିଳାଙ୍କୁ ଅଭିଯୁକ୍ତ ମହାନ୍ତ ବିବାହର ପ୍ରଲୋଭନ ଦେଖାଇ ଥିଲେ। ମାତ୍ର ପରେ ବିବାହ କରିବାକୁ ମନା କରିବାରୁ ମହିଳା ଜଣକ ଗତ ୧୫ ତାରିଖରେ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଚମ୍ପୁଆ ପୋଲିସ ୧୬ ତାରିଖ ରାତିରେ କୌଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ସମୁଦ୍ରକୂଳରୁ କାଠଗଣ୍ଡି ଠାବ

ବାସୁଦେବପୁର, ୧୭।୬(ଡି.ଏନ୍.ଏ.): ବାସୁଦେବପୁର ପଡ୍ଡୁଁଆ-ମୋହନପୁର ସମୁଦ୍ର କୂଳରୁ କେତେକ ମତ୍ସ୍ୟଜୀବୀ ଓ ଗ୍ରାମବାସୀ ଏକ କାଠଗଣ୍ଡିକୁ ଠାବ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ୭ ଫୁଟରୁ ଊର୍ଦ୍ଧ୍ୱ ଲମ୍ବ ଓ ୪ ଫୁଟ ଗୋଲେଇ ଏହି କାଠଗଣ୍ଡିରେ ନାଲିକନା ଗୁଡ଼ା ଯାଇଥିବା ବେଳେ ସମୁଦ୍ର କୂଳ ପଙ୍କ ମଧ୍ୟରେ ଏହି କାଠଗଣ୍ଡି ପଡ଼ିଥିବା କେତେକ ମତ୍ସ୍ୟଜୀବୀ ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଶତାଧିକ ସଂଖ୍ୟାରେ ଲୋକ ସମେତ ସରପଞ୍ଚ ଓ ଗ୍ରାମର ବୟୋଜ୍ୟେଷ୍ଠ ଲୋକମାନେ ଏହି କାଠଗଣ୍ଡିକୁ ସମୁଦ୍ରପଠାରୁ କୂଳ ପର୍ଯ୍ୟନ୍ତ ଆଣିବାକୁ ଉଦ୍ୟମ ଚଳାଇଛନ୍ତି। ସମୁଦ୍ର ପଠାକୁ ଏହି ଗଣ୍ଡି କିପରି ଆସିଲା ତାହା ସାଧାରଣରେ ଉତ୍ସୁକତା ସୃଷ୍ଟି କରିଛି। ତେବେ କେହି ବ୍ୟକ୍ତି ପୂଜାପାଠ କରି ଏହି କାଠଗଣ୍ଡିକୁ ସମୁଦ୍ରରେ ଭସାଇ ଦେଇଥିବା ଅନୁମାନ କରାଯାଉଛି।

# ବର୍ଷା ଆରମ୍ଭରୁ ଧସିଲା ଗାର୍ଡୱାଲ୍

## ନିର୍ମାଣ ନ ସରୁଣୁ ସ୍ଥିତି ବେହାଲ

ଭଦ୍ରକ ଅଫିସ, ୧୭।୬

ନିର୍ମାଣ କାର୍ଯ୍ୟ ନ ସରୁଣୁ ସ୍ଥିତି ବେହାଲ ହୋଇପଡ଼ିଛି। ବର୍ଷା ଆରମ୍ଭରୁ ଗାର୍ଡୱାଲ୍ (ସୁରକ୍ଷା ପ୍ରାଚୀରୀ) ଧସି ଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଡ୍ରେନେଜ ବିଭାଗ ଅଧୀନ ଧାମନଗର ବ୍ଲକ ପଲିକିରି ଅଞ୍ଚଳ ଯ' ନଈ ନିର୍ମାଣ କାର୍ଯ୍ୟରେ। ଏହି ନଈ ଉପରେ ଡ୍ରେନେଜ ବିଭାଗ ପକ୍ଷରୁ ୬ଟି ସ୍ଥାନରେ ଯାତାୟାତ ପାଇଁ ପୋଲ, ୫୫୦ ମିଟର ଗାର୍ଡୱାଲ ଏବଂ ୪୫୦ ମିଟର ପଥର ପ୍ୟାକିଂ କରାଯିବା ପାଇଁ ୩ କୋଟି ୨୦ ଲକ୍ଷ ବ୍ୟୟ ବରାଦ କରାଯାଇଥିଲା। ଯାଜପୁରର ଏକ ଠିକାଦାର ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ହେଲେ ନିର୍ମାଣର ମାତ୍ର କିଛି ମାସ ମଧ୍ୟରେ ଗାର୍ଡୱାଲ୍ ଫାଟି ନଦୀ ମଧ୍ୟକୁ ଧସିଲାଣି। ବର୍ତ୍ତମାନ ସମୟରେ ଅଳ୍ପ ବର୍ଷାରେ ଏପରି ସ୍ଥିତି ଦେଖିବାକୁ ମିଳିଥିବା ବେଳେ ଆଗକୁ ମୌସୁମୀ ବର୍ଷା ଥିବାରୁ ଏହି ଗାର୍ଡୱାଲ୍ ସମ୍ପୂର୍ଣ୍ଣ ନଦୀ ମଧ୍ୟକୁ ଧସିଯିବ ବୋଲି ସ୍ଥାନୀୟ ପୂର୍ବତନ ସରପଞ୍ଚ ସୁଦର୍ଶନ ମାଝୀ ଆଶଙ୍କା ବ୍ୟକ୍ତ କରିଛନ୍ତି।



ଧସିଯାଇଥିବା ଗାର୍ଡୱାଲ୍।

ଗ୍ରାମବାସୀ ଏହିଭଳି ନିମ୍ନମାନର କାର୍ଯ୍ୟକୁ ତୀବ୍ର ବିରୋଧ କରିଛନ୍ତି। ଗାଁର ଗଦାଧର ସାହୁ, ପୀତାମ୍ବର ମାଝୀ, ହୃଷିକେଶ ସେନାପତି, ସାମାଜିକ କର୍ମୀ ସନ୍ତୋଷ କୁମାର ମହାପାତ୍ର କୁହନ୍ତି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା କାରଣରୁ ଏହିଭଳି ନିମ୍ନମାନର କାର୍ଯ୍ୟ ହେଉଛି ଓ ଉପଯୁକ୍ତ ତଦାରଖ ହେଉ ନ ଥିବା ଅଭିଯୋଗ କରିଛନ୍ତି। ଚାଷୀମାନଙ୍କ ଜମିକୁ ଉପଯୁକ୍ତ ଜଳସେଚନ ଓ ନଦୀ ଅବବାହିକା ଚାଷ ଜମିର ସୁରକ୍ଷା ପାଇଁ ଖର୍ଚ୍ଚ ହେଉଥିବା ଟଙ୍କା ପାଣିରେ ପଡ଼ିବ ବୋଲି ଚାଷୀ ପଦ୍ମନାଭ ଶଙ୍ଖୁଆ, ଦିଲୀପ କୁମାର ପ୍ରଧାନ, ଦୀନବନ୍ଧୁ ଦାସ, ନିରଞ୍ଜନ ସେଠୀ ପ୍ରମୁଖ ପ୍ରତିକ୍ରିୟା ରଖିଛନ୍ତି । ଭଣ୍ଡାରିପୋଖରୀ ନୂଆନଈ ପାଳଦାବାଙ୍କରୁ ବାହାରିଥିବା ଯ' ନଈ ଉପରେ ଭଣ୍ଡାରିପୋଖରୀ ବ୍ଲକର ଗୁହାଳିଆ, କହରାପୋଖରୀ, କୋଳିପଦି ଓ ଧାମନଗର ବ୍ଲକର ପଲିକିରି, ଭଗବାନପୁର, ପଦ୍ମପୋଖରୀ, ଭଣ୍ଡାରିପଡି, ଜୟନଗର, ଧାମନଗର ଅଞ୍ଚଳରେ ହଜାର ହଜାର ଏକର ଚାଷ ଜମିରେ ଜଳସେଚନ ଉଦ୍ଦେଶ୍ୟରେ ଡ୍ରେନେଜ ବିଭାଗ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରୁଛି। ଏହା ଉପରେ ଉପରୋକ୍ତ ଅଞ୍ଚଳର ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଜଳସେଚନ ପାଇଁ ନିର୍ଭର କରନ୍ତି। ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ମଲ୍ଲିକ କୁହନ୍ତି ଗାର୍ଡୱାଲ୍‌ଟି ଧସିଯାଇଛି। ୨.୮ ଉଚ୍ଚତା ବିଶିଷ୍ଟ ଏହି ଗାର୍ଡୱାଲ୍ ଭଙ୍ଗାଯାଇ ପୁନଃ ତିଆରି କରାଯିବ। ମାଟି ଧସିଯାଇଥିବା କାରଣରୁ ଗାର୍ଡୱାଲ୍ ଧସି ଯାଇଥିବା ସେ ସ୍ୱୀକାର କରିଛନ୍ତି।

## ସେବାୟତଙ୍କୁ ନେଇ ହେବ ନୀତିକାନ୍ତି

ବାରିପଦା ଅଫିସ,୧୭।୬

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ମୟୂରଭଞ୍ଜ ଜିଲା ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ମନ୍ଦିର ପରିସରରେ କେବଳ ସେବାୟତମାନଙ୍କୁ ନେଇ ଆସନ୍ତା ୨୩ ତାରିଖରେ ହେବାକୁ ଥିବା ରଥଯାତ୍ରା ନୀତିକାନ୍ତି ଅନୁଷ୍ଠିତ ହେବ। ଏ ନେଇ ବୁଧବାର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ବର୍ତ୍ତମାନ ମହାମାରୀ କରୋନାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଛି। ଚଳିତ ବର୍ଷ ବିନା ଭକ୍ତରେ ରଥଯାତ୍ରା ନୀତିକାନ୍ତି ହେବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ରଥ ଯାତ୍ରା, ବାହୁଡ଼ା ଯାତ୍ରା ଓ ତତ୍ ସହିତ ହେବାକୁ ଥିବା ଅନ୍ୟାନ୍ୟ ନୀତିକାନ୍ତି ମନ୍ଦିର ପରିସରରେ କେବଳ ସେବାୟତମାନଙ୍କ ଦ୍ୱାରା କରାଯିବ। ତେବେ କେବଳ ସେବାୟତମାନଙ୍କ ଦ୍ୱାରା ରଥଟଣା ପାଇଁ ପ୍ରଶାସନ ଅନୁମତି ଦେବାକୁ ସେବାୟତ ରାମେଶ୍ୱର ତ୍ରିପାଠୀ ଅନୁରୋଧ କରିଛନ୍ତି।

## ନିଲାମ ହେଲା ୩ ବାଲି ଖାଦାନ

ସଜନାଗଡ଼,୧୭।୬(ଡି.ଏନ.ଏ.)

ବହୁ ବାଦ ବିବାଦ ପରେ ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ ୩ଟି ବାଲି ଖାଦାନକୁ ନିଲାମ କରାଯାଇଛି। ମଙ୍ଗଳବାର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କଡ଼ା ସୁରକ୍ଷା ବଳୟରେ ନିଲାମଧାରୀମାନେ ତାଙ୍କର କାଗଜପତ୍ର ତହସିଲ ପକ୍ଷରୁ ବସାଯାଇଥିବା ବାକ୍ସରେ ପୂର୍ବାହ୍ନ ୧୦ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପକାଇଥିଲେ। ବୁଧବାର ତହସିଲଦାର ଅଶେଷ କୁମାର ନାୟକ ବାକ୍ସ ଖୋଲି ସମସ୍ତ ୧୫ ଜଣଙ୍କ କାଗଜପତ୍ର ଯାଞ୍ଚ କରିବା ପରେ ୩ଟି ଖାଦାନ ପାଇଁ ୩ ଜଣ ସର୍ବାଧିକ ନିଲାମଧାରୀଙ୍କ ନାମ ଘୋଷଣା କରିଛନ୍ତି। ନୀଳଗିରି ଦେଇ ପ୍ରବାହିତ ହୋଇଥିବା ସୋନ ନଦୀର ପୁନ୍ଦାଳ-୧, ପୁନ୍ଦାଳ-୨ ଓ ଡୁମଗଣ୍ଡିରା ବାଲି ଉତ୍ସ ଖାଦାନର ଘାଟକୁ ନିଲାମ କରାଯାଇଛି।

## ଚିହ୍ନଟ ହେବେ ସକ୍ରିୟ ଯକ୍ଷ୍ମାରୋଗୀ



ସଚେତନତା ରଥକୁ ସିଡିଏମ୍‌ଓ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ବାଲେଶ୍ୱର ଅଫିସ,୧୭।୬

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ସକ୍ରିୟ ଯକ୍ଷ୍ମା ରୋଗ ଚିହ୍ନଟ ନିମନ୍ତେ ଯକ୍ଷ୍ମା ରୋଗ ସଚେତନତା ରଥକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି ରଥ ଜିଲାରେ ବୁଲିବୁଲି ଯକ୍ଷ୍ମା ରୋଗର ଲକ୍ଷଣ ଓ ନିରାକରଣ ସମ୍ବନ୍ଧରେ ପ୍ରଚାର କରିବ।

ସରକାରଙ୍କ ନିର୍ଦ୍ଦେଶ କ୍ରମେ ବର୍ତ୍ତମାନ କୋଭିଡ୍-୧୯ ଚିହ୍ନଟ ପାଇଁ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଅନ୍ତର୍ଗତ ଆଶା ଓ ଏଏନ୍‌ଏମ୍ କର୍ମୀମାନେ ଘର ଘର ବୁଲି ସର୍ଭେ କରୁଥିବା ବେଳେ ତତ୍‌ସହିତ ଯକ୍ଷ୍ମା ରୋଗର ଲକ୍ଷଣ ଯଥା ଦୁଇ ସପ୍ତାହ କିମ୍ବା ତଦୁର୍ଦ୍ଧ୍ୱ ଦିନ କାଶ, ଜ୍ୱର ଲାଗି ରହିବା, ଓଜନ କମିଯିବା, ଛାତି ବ୍ୟଥା କରିବା ଇତ୍ୟାଦି ଲକ୍ଷଣ ଥିବା ବ୍ୟକ୍ତିଙ୍କୁ କଫ ଡିବା ବଣ୍ଟନ କରିବା, ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣା କଫ ପରୀକ୍ଷା ପାଇଁ ପରାମର୍ଶ ଦେବେ। ଏହି ଅଭିଯାନ ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଗତବର୍ଷ ୨୦୧୯ ମସିହାରେ ୧୪୨୫୯ ଜଣଙ୍କର କଫ ପରୀକ୍ଷା କରାଯାଇ ୧୯୯୪ ଜଣ ଯକ୍ଷ୍ମା ରୋଗ ଚିହ୍ନଟ କରାଯାଇଥିଲା ଓ ସମସ୍ତଙ୍କୁ ଡଟସ୍ ପଦ୍ଧତିରେ ଚିକିତ୍ସା ଯୋଗାଇ ଦିଆଯାଇଥିବା ଜିଲା କାର୍ଯ୍ୟକ୍ରମ ସଂଯୋଜକ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି।

## ବେଆଇନ ଔଷଧ କାରବାର: ମହିଳା ଗିରଫ

ଯୋଡ଼ା,୧୭।୬(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରର ୪ନଂ. ୱାର୍ଡ ଝୁମ୍ପୁଡି ହଟିଂରେ ଚଢ଼ାଉ କରି ବେଆଇନ କଫସିରପ୍ ବିକ୍ରୟ କରୁଥିବା ଅଭିଯୋଗରେ ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ଏନେଇ ପୋଲିସ ଏକ ମାମଲା (ନଂ.୯୮/୨୦୨୦) ରୁଜୁ କରି ସମ୍ପୃକ୍ତ ମହିଳାଙ୍କୁ କୋର୍ଟଚାଲାଣ କରିଛି। ସୂଚନାନୁଯାୟୀ, ବୁଧବାର ସକାଳ ସାଢ଼େ ୬ଟାରେ ଝୁମ୍ପୁଡି ହଟିଂରେ ବେଆଇନ କଫ୍‌ସିରପ ଔଷଧ କାରବାର ହେଉଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ଚଢାଉ ବେଳେ ସେହେଜାଦି ଖାତୁନ ନାମ୍ନୀ ଜଣେ ମହିଳାଙ୍କ ଠାରୁ ୯ ବୋତଲ ବେଆଇନ୍ କଫସିରପ ଓ ନଗଦ ୬,୬୪୦ଟଙ୍କା ଜବତ କରିଥିଲା। ପ୍ରକାଶ ଯୋଗ୍ୟକି, ସହରର ବିଭିନ୍ନ ୱାର୍ଡରେ ଥିବା ଗ୍ରସୋରି ଦୋକାନ, ପାନ ଦୋକାନ ଏପରିକି ଗୁପ୍ତ ଭାବେ ଘରେ ରଖି ଏହି ବେଆଇନ୍ ଔଷଧକୁ ଅଧିକ ମୂଲ୍ୟରେ ବିକ୍ରି କରାଯାଉଛି। ଏହି ଔଷଧକୁ ଅଧିକ ସେବନ କଲେ ବ୍ୟକ୍ତି ନିଶାସକ୍ତ ହେଉଥିବାରୁ ଯୁବକମାନେ ଏହାକୁ ଅଧିକ ବ୍ୟବହାର କରୁଛନ୍ତି। ଫଳରେ ଏହାର ଅଧିକ ଚାହିଦା ରହିଛି। ଏହାଦ୍ୱାରା କଳବଜାରୀ ମଧ୍ୟ ଆରମ୍ଭ ହୋଇଛି।

## କଂସ ବେଶରେ କରୋନା ସଚେତନତା

ସୋର,୧୭।୬(ଡି.ଏନ୍.ଏ)

ଏବେ ସାରା ବିଶ୍ୱ ମହାମାରୀ କରୋନା ସଂକ୍ରମଣ ପ୍ରତିରୋଧ ପାଇଁ ଲଢ଼େଇ କରୁଥିବା ବେଳେ ଖଇରା ଡଗରପଡ଼ା ଅଞ୍ଚଳର ସମାଜିକ କର୍ମୀ ଗୟାଧର ବିଶ୍ୱାଳ କଂସ ବେଶ୍‌ରେ ସ୍ଥାନୀୟ ଅଞ୍ଚଳ ସମେତ ସୋରର ବିଭିନ୍ନ ସ୍ଥାନକୁ ସାଇକେଲରେ ଗସ୍ତ କରି ସଚେତନତାର ବାର୍ତ୍ତା ଦେଉଛନ୍ତି। କରୋନା ପୂର୍ବରୁ ସେ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ୍ ଥିବା ବେଳେ ଏବେ କରୋନା ଭୟାବହତା ନେଇ ଦିନ ତମାମ ସହର ସହ ଗାଁ ଗହଳିରେ ବୁଲି ବୁଲି ଜନ ସଚେତନତା ଜାରି ରଖିଛନ୍ତି। ସାଧାରଣ ଲୋକଙ୍କୁ ଭେଟି ମାସ୍କ, ସାନିଟାଇଜର ବ୍ୟବହାର କରିବା ସହ ସାମାଜିକ ଦୂରତା ରକ୍ଷା କରିବା ଓ ସରକାରଙ୍କ ଘୋଷିତ ଗାଇଡ୍ ଲାଇନ୍ ମାନିବା ପାଇଁ ନିବେଦନ କରୁଛନ୍ତି।



ସାମାଜିକ କର୍ମୀ ଗୟାଧର ବିଶ୍ୱାଳ କରୋନା ସଚେତନତା ପାଇଁ ବାହାରିଛନ୍ତି।

## ଗାଡ଼ି ଧକ୍କାରେ ମେଡିକାଲ ଛାତ୍ର ଗୁରୁତର

### ଚାଳକଙ୍କ ନାମରେ ମାମଲା ରୁଜୁ

ବନ୍ତ,୧୭।୬(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ କେନ୍ଦୁଆପଦା ଛକସ୍ଥିତ ଭାରତ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ବାଇକ୍‌ରେ ଆସୁଥିବା ଜଣେ ମେଡିକାଲ ଛାତ୍ରଙ୍କୁ ଏକ ଟାଟା ଏସି ଗାଡି ଧକ୍କା ଦେବା ଫଳରେ ଛାତ୍ର ଜଣଙ୍କ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଅପରପକ୍ଷେ ସମ୍ପୃକ୍ତ ଛାତ୍ରଙ୍କ ଚିକିତ୍ସା ଖର୍ଚ୍ଚ ବହନ ପରିବର୍ତ୍ତେ ଗାଡି ମାଲିକ ଦୁର୍ବ୍ୟବହାର ସହ ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗରୁ ପ୍ରକାଶ ଯେ, ସୋମବାର ସିଲନ୍ଦି ଗ୍ରାମର ପିଣ୍ଟୁ କୁମାର ଜେନା ଏକ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ କେନ୍ଦୁଆପଦା ଛକସ୍ଥିତ ଭାରତ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ଏକ ଚାରିଚକିଆ ଟାଟା ଏସି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାପା ଗରିବ ହୋଇଥିବାରୁ ଅସ୍ତ୍ରୋପଚାର ପାଇଁ ସମ୍ପୃକ୍ତ ଗାଡି ମାଲିକଙ୍କ ଠାରୁ ଆର୍ଥିକ ସହାୟତା ମାଗି ଥିଲେ । ମାତ୍ର ସମ୍ପୃକ୍ତ ଗାଡି ମାଲିକ ତାଙ୍କୁ ସହାୟତା କରିବା ପରିବର୍ତ୍ତେ ଦୁର୍ବ୍ୟବହାର ଓ ଧମକ ଦେଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ପୋଲିସ ଗାଡ଼ି ଚାଳକଙ୍କ ନାମରେ ଏକ ମାମଲା (ନଂ.୭୦/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

## ୧୧ ଆକ୍ରାନ୍ତ, ୨୮ ସୁସ୍ଥ

ବାରିପଦା ଅଫିସ/ଠାକୁରମୁଣ୍ଡା/ କେନ୍ଦୁଝର,୧୭।୬ (ଡି.ଏନ୍.ଏ/ସ୍ୱ.ପ୍ର.)

ଉତ୍ତର ଓଡ଼ିଶାରେ ବୁଧବାର ୧୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨୮ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମୟୂରଭଞ୍ଜ ଜିଲାରେ ୫ ଓ କେନ୍ଦୁଝରରେ ୬ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ମୟୂରଭଞ୍ଜରେ ୬, କେନ୍ଦୁଝରରେ ୧୧, ଭଦ୍ରକରେ ୯ ଓ ବାଲେଶ୍ୱର ଜିଲାର ୨ ସଂକ୍ରମିତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୟୂରଭଞ୍ଜର ବାଙ୍ଗିରିପୋଷି, ଶୁକ୍ଳି, ସାରସକଣା, ବଡ଼ସାହି ଓ ଠାକୁରମୁଣ୍ଡା ବ୍ଲକରୁ ଜଣେ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କେନ୍ଦୁଝର ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ଥିବା ବେଳେ ବୁଧବାର ୧୧ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ସମୁଦାୟ ୪୪ ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ୩୧ ଜଣ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ସଙ୍ଗରୋଧ କେନ୍ଦ୍ରରୁ ଚୋରି ଘଟଣା: ୩ ଗିରଫ

ଭଦ୍ରକ ଅଫିସ,୧୭।୬

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ତୋରଣପଦା ସଙ୍ଗରୋଧ କେନ୍ଦ୍ରରୁ ଚଳିତ ମାସ ୫ ତାରିଖ ରାତିରେ କବାଟ ଭାଙ୍ଗି ଚୋରି ହୋଇଥିଲା। ସଙ୍ଗରୋଧ କେନ୍ଦ୍ର (ଟିଏମ୍‌ସି)ରେ ଥିବା ଇନଭଟର, ବ୍ୟାଟେରି, ଆକ୍ୱାଗାର୍ଡ ଭଳି ସାମଗ୍ରୀ ଚୋରି ହୋଇଥିଲା ବୋଲି ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ. ୩୩୨/ ୨୦) ରୁଜୁ କରିଥିଲା। ସାବରଙ୍ଗ ଫାଣ୍ଡି ଓ ଗ୍ରାମାଞ୍ଚଳ ପୋଲିସ ମଙ୍ଗଳବାର ୩ଚୋରଙ୍କୁ ଗିରଫ କରି ଚୋରି ସାମଗ୍ରୀ ଉଦ୍ଧାର କରିଥିଲା। ସେମାନେ ହେଲେ ତିହିଡ଼ି ଥାନା ଅଧୀନ ହାତୁଆରି ଗାଁର ଅଶୋକ କୁମାର ମହାପାତ୍ର ଓ ଭୋଳାନାଥ ମହାଲିକ, ଗୋରାମାଟିର ନାରାୟଣ ସାମଲ।

## ଗାଡ଼ି ଚାପାରେ ବୃଦ୍ଧାଙ୍କ ମୃତ୍ୟୁ

ବଡ଼ବିଲ,୧୭।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଭଦ୍ରାସାହି – ଟଣ୍ଟୋର ୫୨୦ନଂ. ଜାତୀୟ ରାଜପଥରେ ବୁଧବାର ପୂର୍ବାହ୍ନରେ ଏକ ଅଜଣା ଗାଡ଼ି ଚାପାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରାସାହି ଝାଡ଼ଗାଁ ଅଞ୍ଚଳର ଉପାସୀ ରହିଦାସ (୬୨)। ତାଙ୍କ ଅଣ୍ଟା ଉପରେ ଗାଡି ଚଢିଯାଇଥିବା ଯୋଗୁ ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଗୋଷ୍ଠୀ ସଂଘର୍ଷରେ ୬ ଆହତ

ଚାନ୍ଦବାଲି,୧୭।୬(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଉତୁକୁଡ଼ା ପଞ୍ଚାୟତର ବୁରୁଜାଲ ଗାଁରେ ବୁଧବାର ସକାଳେ ଦୁଇ ରାଜନୈତିକ ଦଳର ସମର୍ଥକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୬ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ କରାଯାଇଛି।

ସୂଚନା ଅନୁସାରେ ଏହି ଗାଁରେ ଦୁଇ ରାଜନୈତିକ ଦଳର ସମର୍ଥକଙ୍କ ମଧ୍ୟରେ ବିବାଦ ଦୀର୍ଘ ଦିନ ଧରି ଲାଗି ରହିଛି। ବିଭିନ୍ନ ସମୟରେ ଏହା ସଂଘର୍ଷର ରୂପ ନେଉଛି। ଏନେଇ ଏକାଧିକ ମାମଲା ମଧ୍ୟ ଚାନ୍ଦବାଲି ଥାନାରେ ରୁଜୁ ହୋଇଛି । ଏକ ରାଜନୈତିକ ଦଳର ଜଣେ ସମର୍ଥକ ବୁଧବାର ସକାଳେ ଗୋଟିଏ ଅଟୋରେ ନିଜର ଚିଙ୍ଗୁଡି ଘେରିକୁ ଯାଉଥିଲେ। ରାସ୍ତାରେ ପୂର୍ବରୁ ପ୍ରସ୍ତୁତ ଥିବା ଅନ୍ୟ ଦଳର ସମର୍ଥକ ତାଙ୍କ ଉପରେ ଆକ୍ରମଣ କରିଥିଲେ। ସେଥିରେ ସେ ଆହତ ହୋଇଥିଲେ। ଏହାକୁ ନେଇ ଗାଁରେ ଗୋଷ୍ଠୀ ସଂଘର୍ଷ ଆରମ୍ଭ ହୋଇଥିଲା। ଏଥିରେ ୩ଟି ବାଇକ୍ ଓ ଗୋଟିଏ ଅଟୋ ଭାଙ୍ଗି ଯାଇଛି। ଘଟଣାସ୍ଥଳରେ ଚାନ୍ଦବାଲି ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି।

## ସୋସାଇଟି ପଞ୍ଜୀକରଣ ଆଇନ ସଂଶୋଧନ ନିଷ୍ପତ୍ତିକୁ ବିରୋଧ




ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ।

ବାଲେଶ୍ୱର ଅଫିସ,୧୭।୬

ବାଲେଶ୍ୱର ଫକୀରମୋହନ ଗୋଲେଇ ନିକଟସ୍ଥ ନିଜସ୍ୱ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ସୋସାଇଟି ପଞ୍ଜୀକରଣ ଆଇନ୍ ସଂଶୋଧନ ନିଷ୍ପତ୍ତିକୁ ଦୃଢ଼ ବିରୋଧ କରାଯାଇଛି। ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ ଅଧ୍ୟକ୍ଷତା କରି ଗତ ୧୮୬୦ରେ ପ୍ରଣୀତ ସୋସାଇଟି ପଞ୍ଜୀକରଣ ଆଇନ୍ ଅନୁଯାୟୀ ଆମ ରାଜ୍ୟରେ ଶହଶହ ସୋସାଇଟି ପଞ୍ଜିକୃତ ହୋଇ ବହୁ ସାମାଜିକ ସେବାକାର୍ଯ୍ୟ କରୁଛନ୍ତି। ଅନେକ ସୋସାଇଟି ରାଜ୍ୟ ଓ କେନ୍ଦ୍ର ସରକାର କିମ୍ବା କୌଣସି ବିଦେଶୀ ସଂସ୍ଥାରୁ କୌଣସି ଅର୍ଥ ଗ୍ରହଣ ନ କରି ନିଜସ୍ୱ ଉଦ୍ୟମରେ ସେବାକାର୍ଯ୍ୟ କରୁଛନ୍ତି। କିନ୍ତୁ ସେହି ସୋସାଇଟିମାନଙ୍କର ପ୍ରତି ୫ବର୍ଷରେ ନବୀକରଣ ପାଇଁ ଆଇନଗତ ବାଧ୍ୟବାଧକତାକୁ ମଞ୍ଚ ଦୃଢ଼ ବିରୋଧ କରିଛି। ରାଜ୍ୟ ସରକାର ଏହି ଉଦ୍ୟମରୁ ବିରତ ହେବାକୁ ମଞ୍ଚ ତରଫରୁ ସର୍ବସମ୍ମତ ନିବେଦନ କରାଯାଇଛି।

ସେହିପରି ମହାମାରୀ କରୋନା ସମୟରେ ବହୁ ବରିଷ୍ଠ ନାଗରିକ ଗୃହବନ୍ଦୀ ଭାବେ ପାରିବାରିକ ଓ ସାମାଜିକ ଅବହେଳାର ଶୀକାର ହେଉଥିବା, ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ଜିଲା ପ୍ରଶାସନ ସେ ଦିଗରେ ଗୁରୁତ୍ୱ ଆରୋପ କରୁ ନ ଥିବା, କେତେକ ପୋଲିସ୍ ଷ୍ଟେଶନ୍‌ରେ ବରିଷ୍ଠ ନାଗରିକ ସେଲ୍ ସଠିକ୍ କାର୍ଯ୍ୟ କରୁ ନ ଥିବା ଭଳି ଅଭିଯୋଗ ଉପରେ ଆଲୋଚନା କରିଥିଲେ। ସେହିପରି ଜିଲାରେ କରୋନା ରୋଗୀ ପରୀକ୍ଷଣ କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗକୁ ନିବେଦନ କରାଯାଇଛି। ବୈଠକରେ ଜିଲା କମିଟିର ୩୮ଜଣିଆ କର୍ମକର୍ତ୍ତା ମଣ୍ଡଳୀ ଓ ଦେବବ୍ରତ ପାଣିଗ୍ରାହୀଙ୍କୁ ନବନିର୍ବାଚିତ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ମଞ୍ଚର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ଆଲୋଚନାର ବିଷୟ ଓ ଶୋକପ୍ରସ୍ତାବ ଆଗତ କରିଥିବା ବେଳେ ଗିରିଶ ଚନ୍ଦ୍ର ଦାଶ, ହରମୋହନ ଦାଶ, ଶରତ ଚନ୍ଦ୍ର ଦାଶ, ଡ. ପଦ୍ମଲୋଚନ ପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ଦେବେନ୍ଦ୍ର ଚୌଧୁରୀ, ମଧୁସୂଦନ ଜେନା, ନିରୁପମା ସେଠୀ, ମନୋରଞ୍ଜନ ପାଲ୍ ଓ ବ୍ରଜସୁନ୍ଦର ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଚୋରି ସାମଗ୍ରୀ ଉଦ୍ଧାର, ୨ଅଟକ

ଝୁମ୍ପୁରା,୧୭।୬ (ଡି.ଏନ.ଏ)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅଞ୍ଚଳର ଗ୍ରାମାଞ୍ଚଳ ରାସ୍ତାକୁ ଆଲୋକିତ କରିବା ପାଇଁ ଛକ ଜାଗାଗୁଡିକରେ ସରକାରଙ୍କ ପକ୍ଷରୁ ପଞ୍ଚାୟତ ଜରିଆରେ ସୋଲାର ଲାଇଟ୍ ଲଗାଯାଇଛି। ହେଲେ କିଛି ଦୁର୍ବୃତ୍ତ ଏହି ଲାଇଟ୍, ପ୍ଲେଟ ଓ ବ୍ୟାଟେରି ଚୋରି କରି ନେଇ ଯାଉଛନ୍ତି। ଏନେଇ ବହୁ ଅଭିଯୋଗ ଝୁମ୍ପୁରା ଥାନାରେ ରହିଛି। ସୋଲାର ପ୍ଲେଟ ଓ ବ୍ୟାଟେରି ଚୋରିରେ ଏକ ର୍‍ୟାକେଟ କାମ କରୁଥିବା ପୋଲିସ ସନ୍ଦେହ କରୁଥିଲେ ହେଁ ଚୋରଙ୍କୁ ଧରାଯାଇ ପାରୁ ନାହିଁ। ମଙ୍ଗଳବାର ସକାଳେ ଅର୍ଶଳା ସରପଞ୍ଚ ପ୍ରସନ୍ନ ନାଏକ ଗ୍ରାମବାସୀଙ୍କ ସହାୟତାରେ ଚୋରି ଜିନିଷ କିଣିଥିବା ୨ବ୍ୟକ୍ତିଙ୍କୁ ଅଟକ ରଖି ଝୁମ୍ପୁରା ଥାନାକୁ ଖବର ଦେଇଥିଲେ। ପୋଲିସ ଉକ୍ତ ୨ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଚୋରି ହୋଇଥିବା ସୋଲାର ପ୍ଲେଟ ଓ ବ୍ୟାଟେରି ଜବତ କରିଛି। ଏହି ଘଟଣାରେ ୪ରୁ ଅଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିଲେ ହେଁ ସେମାନଙ୍କୁ ଧରାଯାଇ ପାରି ନାହିଁ। ତେବେ ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଧରାଯିବା ବୋଲି ଝୁମ୍ପୁରା ଥାନାର ତଦନ୍ତକାରୀ ଅଧିକାରୀ ଏସ.ଏସ. ଜେନା କହିଛନ୍ତି।

**ସଂକ୍ଷେପରେ**

## ସଙ୍ଗରୋଧ କେନ୍ଦ୍ରରୁ ୭ ପଜିଟିଭ

ଆର୍.ଉଦୟଗିରି,୧୭।୬(ଡି.ଏନ୍.ଏ.) ଗଜପତି ଜିଲା ନୂଆଗଡ ବ୍ଲକ ବଡପଦା ଓ ଖଜୁରିପଦା ସଙ୍ଗରୋଧ କେନ୍ଦ୍ରର ୭ ଜଣଙ୍କ କରୋନା ରିପୋର୍ଟ ମଙ୍ଗଳବାର ପଜିଟିଭ ଆସିଛି। ସେମାନଙ୍କ ମଧ୍ୟରେ ୫ ମହିଳା, ଜଣେ ପୁରୁଷ ଓ ଜଣେ ଦେଢ ବର୍ଷର ଶିଶୁ ରହିଛନ୍ତି। ସମସ୍ତଙ୍କୁ ପାରଳାଖେମୁଣ୍ଡିସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବୁଗୁଡ଼ା,୧୭।୬(ଡି.ଏନ୍.ଏ.): ବୁଗୁଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର ସହ ଅନ୍ୟଜଣେ ଯୁବତୀଙ୍କୁ ବିବାହ ଉଦ୍ୟମ ଅଭିଯୋଗରେ ବୁଧବାର ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ବୁଗୁଡ଼ା ଥାନା ଢେଙ୍ଗାପଦର ଗ୍ରାମର ବଳିଆ ବେହେରା। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ ନଂ.୧୬୩/୨୦ରେ ଏକ ମାମଲା ରୁଜୁ ହୋଇଛି। ବଳିଆ ସମ୍ପୃକ୍ତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ୨ ବର୍ଷ ହେଲା ଶାରିରୀକ ସମ୍ପର୍କ ରଖିଥିଲେ। ପରେ ଆଉ ଜଣେ ଯୁବତୀଙ୍କୁ ବିବାହ ପାଇଁ ଆସନ୍ତା ୨୫ ତାରିଖକୁ ଦିନଧାର୍ଯ୍ୟ କରିଥିଲେ।

## ନିୟମ ଉଲ୍ଲଂଘନ: ଗୋଦାମ, ଦୋକାନ ସିଲ୍

ବ୍ରହ୍ମପୁର ଅଫିସ,୧୭।୬-କରୋନା ମୁକାବିଲା ନେଇ ଘୋଷିତ ଲାକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ବୁଧବାର ଦୁଇ ଗୋଦାମ ଓ ୨ ଦୋକାନକୁ ପ୍ରଶାସନ ସିଲ କରିଛି। ଲକ୍‌ଡାଉନ କୋହଳ ପରେ ଖୋଲିବା ଅଭିଯୋଗରେ ବଡବଜାର ଅଞ୍ଚଳର ଦୁଇଟି ଗୋଦାମ ସହ ନିୟମ ଉଲ୍ଲଂଘନ ଅଭିଯୋଗରେ ଗୋଟିଏ ବହି ଦୋକାନକୁ ବ୍ରହ୍ମପୁର ତହସିଲଦାର ସିଲ କରିଥିବା ସୂଚନା ମିଳିଛି। ସେହିପରି ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଗାନ୍ଧୀନଗର ଅଞ୍ଚଳର ଏକ କମ୍ପ୍ୟୁଟର ଦୋକାନକୁ ମଧ ସିଲ କରାଯାଇଥିବା ତହସିଲଦାରଙ୍କ ପକ୍ଷରୁ ସୂଚନା ମିଳିଛି।

## ଟ୍ରାକ୍ଟର, ଜେସିବିକୁ ୭୦ ହଜାର ଜରିମାନା

### ବେଆଇନ ମୋରମ ଚାଲାଣ

ଖଲ୍ଲିକୋଟ,୧୭।୬(ଡି.ଏନ୍.ଏ.): ଖଲ୍ଲିକୋଟ ତହସିଲ ଅନ୍ତର୍ଗତ ଜାତୀୟ ରାଜପଥ ନଂ.୧୬ ସାବୁଲିଆ ନିକଟ ଏକ ପାହାଡ଼ରୁ ବେଆଇନ ଭାବେ ମାଟି ଓ ମୋରମ ଚାଲାଣବେଳେ ତହସିଲଦାର ଚକ୍ରଧର ପାଢ଼ୀ ଚଢାଉ କରିଥିଲେ। ଗୋଟିଏ ଟ୍ରାକ୍ଟର ଓ ୨ଟି ଜେସିବି ମେଶିନ ଜବତ କରି ୭୦ ହଜାର ଟଙ୍କା ଆଦାୟ କରିଥିଲେ। ଖଲ୍ଲିକୋଟ ତହସିଲର ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ମାଟି ମୋରମ ଚାଲାଣ ହେଉଛି। ଜାତୀୟ ରାଜପଥ ସମ୍ପ୍ରସାରଣ କାମରେ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତର ଗ୍ରାମ୍ୟ ଜଙ୍ଗଲରୁ ମାଟି ମୋରମ ଚାଲାଣ ଯୋଗୁ ଜଙ୍ଗଲଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ପ୍ରଶାସନର ହସ୍ତକ୍ଷେପ ନକଲେ ମାଫିଆମାନେ ବାକି ଛୋଟ ବଡ଼ ପାହାଡ଼କୁ ମଧ ନଷ୍ଟ କରିଦେବେ।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

ଦିଗପହଣ୍ଡି,୧୭।୬(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତ ଦଶିପୁର ଗ୍ରାମର ଜଣେ ଚାଷୀ ବୁଧବାର ୭୬୫ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ସେ ହେଲେ ରାଜୁ ସାହୁ। ରାଜୁ ତାଙ୍କ ଚାଷ ଜମିରେ କାମ କରୁଥିବାବେଳେ ଓହଳି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଆଖପାଖ ଜମିରେ କାମ କରୁଥିବା ଚାଷୀ ତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୭/୨୦) ରୁଜୁକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନ୍‌ଟିପିସି ତାଳଚେର କଣିହାରୁ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଯାଇଥିବା ଉକ୍ତ ବିଦ୍ୟୁତ୍ ଟାୱାରର ତାର ଗୁଡିକ ଓହଳି ରହି ବିଭିନ୍ନ ସମୟରେ ଅଘଟଣ ଘଟୁଥିଲେ ମଧ ସମ୍ପୃକ୍ତ ଠିକାଦାର ଦୃଷ୍ଟି ଦେଉନାହାନ୍ତି।

# ଗଞ୍ଜାମକୁ ଫେରିଛନ୍ତି ୨ ଲକ୍ଷ ପ୍ରବାସୀ

- ୧୧୦୭ ଜଣଙ୍କ ସ୍ୱାବ ରିପୋର୍ଟକୁ ଅପେକ୍ଷା
- ୭୩ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି
- ନିୟମ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ: ଜିଲାପାଳ

ଛତ୍ରପୁର,୧୭।୬(ଡି.ଏନ୍.ଏ.) ଗଞ୍ଜାମ ଜିଲାକୁ ମହାରାଷ୍ଟ୍ର, ଗୁଜରାଟ, ତାମିଲନାଡୁ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ୨ ଲକ୍ଷ ପ୍ରବାସୀ ଫେରିଲେଣି। ଅଧିକାଂଶ ପ୍ରବାସୀଙ୍କ କ୍ୱାରାଣ୍ଟାଇନ୍ ଅବଧି ସରିଲାଣି। ଆଉ କେତେଜଣ ଏବେ କ୍ୱାରାଣ୍ଟାଇନ୍ ସେଣ୍ଟର ଓ ଘରେ ସଂଘରୋଧରେ ଅଛନ୍ତି। କରୋନା ହଟସ୍ପଟ ଅଞ୍ଚଳରୁ ପ୍ରବାସୀ ଫେରିଥିବାରୁ ଜିଲାରେ ଦିନକୁ ଦିନ ପଜିଟିଭଙ୍କ ସଂଖ୍ୟା ବଢୁଛି। ପଜିଟିଭ୍‌ମାନଙ୍କ ସଂସ୍ପର୍ଶରେ ଆସି କରୋନା ଯୋଦ୍ଧା ଓ ଅନ୍ୟମାନେ ସଂକ୍ରମିତ ହେଉଛନ୍ତି। ଅନ୍ୟପକ୍ଷରେ ଜିଲାରେ ବହୁ ଦୋକାନୀ ମାସ୍କ ଓ ଗ୍ଲୋବସ ପିନ୍ଧୁ ନ ଥିବା ଏବଂ ସାମାଜିକ ଦୂରତା ରକ୍ଷା କରୁ ନ ଥିବା କ୍ଷେତ୍ର ପରିଦର୍ଶନ ବେଳେ ଦେଖିବାକୁ ମିଳୁଛି। ଏପରି କରି ନିଜେ ଓ ନିଜ ପରିବାର ପ୍ରତି ଦୋକାନୀ ଓ ଗ୍ରାହକ ବିପଦ ଆଣୁଛନ୍ତି। ସଂକ୍ରମଣ ପ୍ରତିହତ ପାଇଁ ଜାରି ହୋଇଥିବା ନିୟମ ପାଳନ କରନ୍ତୁ, ନଚେତ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଟୁଇଟ୍ କରି ସତର୍କ କରାଇ ଦେଇଛନ୍ତି। ଜିଲାରେ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ଓ କୋଭିଡ୍ ହେଲଥ୍ ସେଣ୍ଟରରେ ୩ ହଜାର ଶଯ୍ୟା ରହିଥିବା ସୂଚନା ଦିଆଯାଇଛି। ଗତ ମଙ୍ଗଳବାର ସୁଦ୍ଧା ଜିଲାର ୧୨,୨୨୧ ଜଣଙ୍କ ସ୍ୱାବ ସଂଗ୍ରହ ହେଲାଣି। ସେଥିମଧ୍ୟରୁ ୧୦,୪୧୬ ଜଣଙ୍କ ରିପୋର୍ଟ ନେଗେଟିଭ ଆସିଛି। ଆହୁରି ୧,୧୦୭ ଜଣଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଜିଲାରେ ବୁଧବାର ଜଣେ ମାତ୍ର ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୪ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ଜିଲାରେ ୬୯୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭୩ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି। ୬୨୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

# କନ୍ଧମାଳରେ ପଜିଟିଭ୍ ସଂଖ୍ୟା ୧୪୪

ଫୁଲବାଣୀ ଅଫିସ, ୧୭।୬ କନ୍ଧମାଳ ଜିଲାରେ ବୁଧବାର ଆଉ ୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୪୪ରେ ପହଞ୍ଚିଛି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଚିହ୍ନଟ ନୂଆ ସଂକ୍ରମିତମାନଙ୍କ ବୟସ ୨୫ରୁ ୩୭ ମଧ୍ୟରେ ରହିଛି। ସମସ୍ତେ ପୁରୁଷ। ସେମାନଙ୍କ ମଧ୍ୟରୁ ୩ ଜଣ କେରଳ, ୨ ଜଣ ଗୁଜରାଟ, ଜଣେ ତାମିଲନାଡୁ ଓ ଜଣେ ଆନ୍ଧ୍ରପ୍ରଦେଶରୁ ଫେରି ଦାରିଙ୍ଗବାଡି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମସି)ରେ ଥିଲେ।

ବର୍ତ୍ତମାନ ସୁଦ୍ଧା ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୩୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବାକି ୧୦୮ ଜଣ ଚିକିତ୍ସାଧୀନ ଅଛନ୍ତି। ଗତ ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା ଜିଲାକୁ ୯,୨୭୮ ପ୍ରବାସୀ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୪,୧୯୯ ଜଣ କ୍ୱାରାଣ୍ଟାଇନ ଅବଧି ସାରି ଘରକୁ ଫେରିଛନ୍ତି। ବାକି ୫,୦୭୯ ଜଣ ଜିଲାର ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଛନ୍ତି। ସେହିପରି ପରୀକ୍ଷା ପାଇଁ ଯାଇଥିବା ୨,୧୧୪ ସ୍ୱାବ ନମୁନା ମଧ୍ୟରୁ ୨୦୩୪ଟିର ରିପୋର୍ଟ ହସ୍ତଗତ ହୋଇଛି। ରେଗାକ୍ରାନ୍ତ, ବୟସ୍କ, ଶିଶୁ, ଗର୍ଭବତୀ ମହିଳା ଆଦୌ ବାହାରକୁ ନ ଯିବା ପାଇଁ ଅନୁରୋଧ କରାଯାଉଛି। ସେହିପରି ସମସ୍ତେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବାକୁ କୁହାଯାଉଛି।

# କରୋନା ମୁକାବିଲା ନେଇ ମନ୍ତ୍ରୀଙ୍କ ସମୀକ୍ଷା



ଭଞ୍ଜନଗରରେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ଭଞ୍ଜନଗର,୧୭।୬(ଡି.ଏନ୍.ଏ.) ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ବନ ବିଭାଗ ଡ଼ାକ ବଙ୍ଗଳା ପରିସରରେ କରୋନା ମୁକାବିଲା ନେଇ ସମୀକ୍ଷା କରିଥିଲେ। ସଙ୍ଗରୋଧ କେନ୍ଦ୍ର ବାହାରୁ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ କିଭଳି ଏହାର ମୁକାବିଲା କରାଯିବ ସେନେଇ ଆଲୋଚନା ହୋଇଥିଲା। ଏଥିସହ ସାଧାରଣ ଲୋକେ ଶଟ୍‌ଡ଼ାଉନ ନିୟମ ମାନି ଚଳିବାକୁ ମନ୍ତ୍ରୀ ଆରୁଖ ଆହ୍ୱାନ କରିଥିଲେ। ବୈଠକରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବିଡ଼ିଓ ଅନିଲ କୁମାର ସେଠୀ, ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଭଞ୍ଜନଗର ଓ ବେଲଗୁଣ୍ଠା ଏନ୍‌ଏସି ଗସ୍ତରେ କରୋନା ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ କଲେଜ ରୋଡ୍‌ରେ ହେବାକୁ ଥିବା ବର୍ଯ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ସ୍ଥାନ ବୁଲି ଦେଖିଥିଲେ।



ଟାୟାର ଜାଳି ଲୋକେ ରାସ୍ତାରୋକୋ କରିଛନ୍ତି।

# ବର୍ଷାଜଳ ନିଷ୍କାସନ ଦାବିରେ ରାସ୍ତାରୋକୋ

ଶେରଗଡ଼,୧୭।୬(ଡି.ଏନ୍.ଏ.) ମୌସୁମୀର ପ୍ରଥମ ବର୍ଷାରେ ଶେରଗଡ଼ ଅବସ୍ଥା ବେହାଲ ହୋଇ ପଡିଥିଲା। ତିନି ଛକକୁ ଲାଗି ରହିଥିବା ୫ଶହ ଏକର ଚାଷଜମି ପ୍ରାୟ ୧୦ଦିନ ହେଲା ଜଳମଗ୍ନ ହୋଇ ରହିଛି। ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ଶତପଥୀ, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ବିଡ଼ିଓ ସୁରଞ୍ଜନ କୁମାର ସାହୁ, ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ ମଙ୍ଗଳବାର ଶେରଗଡ଼ ତିନି ଛକ, ଚାରି ଛକ, ନନ୍ଦିନୀ ନଦୀ ତଟ ବୁଲି ଜଳ ନିଷ୍କାସନ ନେଇ ଆଲୋଚନା କରୁଥିବାବେଳେ ଶତାଧିକ ଅଞ୍ଚଳବାସୀ ସେମାନଙ୍କୁ ଘେରିବା ସହ ତୁରନ୍ତ ଜଳ ନିଷ୍କାସନ ନହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ବୁଧବାର ସକାଳୁ ୫୦୦ରୁ ଅଧିକ ଗ୍ରାମବାସୀ ଏକ୍‌ଜୁଟ ହୋଇ ଜଳ ନିଷ୍କାସନ ପାଇଁ ସ୍ଥାୟୀ ଓ ଚଉଡା ନାଳ ନିର୍ମାଣ ଦାବିରେ ଶେରଗଡ଼ ଚାରି ଛକ, ବଜାର ଛକ, ତିନି ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖବରପାଇ ଶେରଗଡ଼ ତହସିଲଦାର ପରିଡା, ଥାନା ଅଧିକାରୀ ଦାସ, ବିଡ଼ିଓ ସାହୁ ପ୍ରମୁଖ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ତହସିଲଦାର ପରିଡା ତିନିଛକରୁ ଚାରିଛକ ପର୍ଯ୍ୟନ୍ତ ଡିମାର୍କେସନ କରିବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

## ଆରମ୍ଭ ହେଲା ଯୁକ୍ତ ୨ ମୂଲ୍ୟାୟନ

ଭଞ୍ଜନଗର,୧୭।୬(ଡି.ଏନ୍.ଏ.) ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ବୁଧବାରଠାରୁ ଯୁକ୍ତ୨ କଳା ମୂଲ୍ୟାୟନ ଆରମ୍ଭ ହୋଇଛି। ମୂଲ୍ୟାୟନକୁ ଆସିଥିବା ଅଧ୍ୟାପିକା ଅଧ୍ୟାପକଙ୍କ ପ୍ରଥମେ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ଏହାପରେ ସେମାନେ ମୂଲ୍ୟାୟନ କେନ୍ଦ୍ରକୁ ଯାଇଥିଲେ। ଅଧ୍ୟକ୍ଷ ଡ଼. ନୀଳାଞ୍ଚଳ ମୁନି କେନ୍ଦ୍ରର ସୁପରିଟେଣ୍ଡ ଥିବାବେଳେ ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଡ. ରବୀନ୍ଦ୍ର ନାଥ ପାଳ, ପ୍ରାଧ୍ୟାପକ ବିଭୁତି ପାଣିଗ୍ରାହୀ, ଆର. କେ. ଦାସ ପ୍ରମୁଖ ବିଭିନ୍ନ ଦାୟିତ୍ୱରେ ଅଛନ୍ତି। ଗତ ୮ ତାରିଖରେ ମୂଲ୍ୟାୟନ ଆରମ୍ଭ ହେବାର ଥିଲା। କିନ୍ତୁ ତାହାକୁ ୧୫ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। କିନ୍ତୁ ଗଞ୍ଜାମ ଜିଲାରେ ଶଟ୍‌ଡ଼ାଉନ ଜୁନ୍ ୧୫ରୁ ୩୦ ପର୍ଯ୍ୟନ୍ତ ଘୋଷଣା ହେବାରୁ ତାହା ଆରମ୍ଭ ହୋଇପାରିନଥିଲା।

# କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା



ଉପସ୍ଥିତ କରୋନା ଯୋଦ୍ଧା

ଛତ୍ରପୁର,୧୭।୬(ଡି.ଏନ.ଏ) ଛତ୍ରପୁର ବ୍ଲକ ଅଧୀନ ଭିକାରୀପଲ୍ଲୀ ପଞ୍ଚାୟତର କରୋନା ଯୋଦ୍ଧା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁମାନଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ସରପଞ୍ଚ ଧବଳେଶ୍ୱର ପ୍ରଧାନ, ସମିତିସଭ୍ୟ ଭାଗୀରଥି ପ୍ରଧାନ, ବି. ବାନାମ୍ବର ପାତ୍ର, ନୋଡାଲ ଅଫିସର ନିର୍ମଳ ଗୌଡ ପ୍ରମୁଖ ଯୋଗଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଲଣ୍ଡାବାଉଁଶ କ୍ୱାରାଣ୍ଟାଇନ୍ ସେଣ୍ଟରର ଇନଚାର୍ଜ ସବିତା ନନ୍ଦ କାର୍ଯ୍ୟକ୍ରମରେ କରୋନା ସମ୍ପର୍କରେ ସଚେତନ କରିବା ସହ ନିଜର ଅନୁଭୂତି କହିଥିଲେ।

# ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ: ୪ ଦୋକାନ ସିଲ୍

ପୁରୁଷୋତ୍ତମପୁର, ୧୭।୬(ଡି.ଏନ୍.ଏ.) ଗଞ୍ଜାମ ଜିଲା ପ୍ରଶାସନ ଜାରି କରିଥିବା କଟକଣାକୁ ପୁରୁଷୋତ୍ତମପୁର ଅଞ୍ଚଳର ଦୋକାନୀ ମାନେ ମାନୁ ନାହାନ୍ତି। ଫଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସୁନିଲ କୁମାର ଟୁଡୁଙ୍କ ଉପସ୍ଥିତିରେ ବୁଧବାର ଏନ୍‌ଏସି ନିର୍ବାହୀ ଅଧିକାରୀ ଏ. ନାଗେଶ୍ୱର ରାଓ, ପୁରୁଷୋତ୍ତମପୁର ଥାନା ଏଏସ୍‌ଆଇ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ପଦ୍ମନାଭ ଗୌଡଙ୍କ ସମେତ ପୋଲିସ ଫୋର୍ସ ଓ ଏନ୍‌ଏସି କର୍ମଚାରୀ ବଜାରରେ ଚଢାଉ କରିଥିଲେ। ନିୟମ ଉଲ୍ଲଂଘନ ଅଭିଯୋଗରେ ଏକ ଜେନେରାଲ ଷ୍ଟୋର ଗୋଦାମ, ଲେଡିସ୍ କର୍ଣ୍ଣର, ଇଲୋକ୍ଟ୍ରୋନିକ୍ସ ଦୋକାନ, ମିଠା ଦୋକାନକୁ ସିଲ୍ କରିଛନ୍ତି। ଜୁନ ୩୦ରେ ଲକ୍‌ଡାଉନ ଅବଧି ଶେଷ ପରେ ଏହିସବୁ ଦୋକାନ ଖୋଲାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ବୁଗୁଡ଼ା,୧୭।୬(ଡି.ଏନ.ଏ.) ଲଦାଖ ଗଲୱାନ୍ ଘାଟିରେ ସୋମବାର ଚୀନ-ଭାରତ ସେନା ମୁହାଁମୁହିଁ ହୋଇଥିଲେ। ଭାରତୀୟ ଯବାନ ଚୀନର ୪୩ ଜଣ ଯବାନଙ୍କୁ ମାରିଥିଲେ। ବୀରତ୍ୱର ସହ ଲଢ଼େଇ କରି ଜଣେ କର୍ନଲଙ୍କ ସହ ୨୦ ଭାରତୀୟ ଯବାନ ଶହୀଦ ହୋଇଥିଲେ। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ବୁଧବାର ବୁଗୁଡ଼ା ଓକିଲ ସଂଘ ତରଫରୁ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ଅସ୍ଥାୟୀ ସଭାପତି ମିହିରକାନ୍ତ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଲକ୍‌ଡାଉନ ନିୟମ ମାନି ବୀର ଶହୀଦ ଯବାନମାନଙ୍କୁ ଓକିଲମାନେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସଭାରେ ବିଭୁଦତ୍ତ ନାୟକ, ପ୍ରଭାତ କୁମାର ଜେନା, ହର ପ୍ରସାଦ ଦାଶ, ମାନସ କୁମାର ଦାଶ, ଲୋକନାଥ ବେହେରା, ଅନିଲ ପଟ୍ଟନାୟକ ପ୍ରମୁଖ ବହୁ ଓକିଲ ଯୋଗ ଦେଇଥିଲେ।



ଓକିଲମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।

## ସମ୍ପତ୍ତି ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ, ଦମ୍ପତି ଗୁରୁତର

ଦିଗପହଣ୍ଡି,୧୭।୬(ଡି.ଏନ.ଏ.) ଦିଗପହଣ୍ଡି ବ୍ଲକ କରପଡ଼ା ଗ୍ରାମର ଅଭିମନ୍ୟୁ ପ୍ରଧାନ ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ପ୍ରଧାନଙ୍କୁ ବୁଧବାର ଗାଁ ନିକଟ ସୁନାଦେଇ ପାହାଡ଼ ପାଖ ଚାଷ ଜମିରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ପୂର୍ବ ଯୋଜନା ପ୍ରକାରେ ଅଭିମନ୍ୟୁଙ୍କ ନିକଟ ସମ୍ପର୍କୀୟମାନେ ବିଭିନ୍ନ ମାରଣାସ୍ତ୍ର ଦ୍ୱାରା ଦମ୍ପତିଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କିଛିବର୍ଷ ହେଲା ପୈତୃକ ସମ୍ପତ୍ତି ଭାଗ ବଣ୍ଟାକୁ ନେଇ ଅଭିମନ୍ୟୁ ଏବଂ ତାଙ୍କ ବଡଭାଇଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଗ୍ରାମ୍ୟ କମିଟି ଦ୍ୱାରା ଆପୋଷ ବୁଝାମଣା ସହ ସମ୍ପତ୍ତି ବଣ୍ଟା ହୋଇଥିଲା। କିନ୍ତୁ ଏଥିରେ ବଡ଼ ଭାଇ ଓ ପୁତୁରା ଅସନ୍ତୋଷ ଥିଲେ। ଫଳରେ ବିଭିନ୍ନ ସମୟରେ ଗଣ୍ଡଗୋଳ ହେଉଥିଲା। ବୁଧବାର ସକାଳେ ଅଭିମନ୍ୟୁ ତାଙ୍କ ଭାଗ ଜମିରେ ସ୍ତ୍ରୀ ଲକ୍ଷ୍ମୀଙ୍କ ସହ କାମ କରୁଥିବାବେଳେ ବଡ଼ଭାଇ ଓ ତାଙ୍କ ସମ୍ପର୍କୀୟ ଲୋକେ ଯାଇ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗିରଫ ଭୟରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ଦିଗପହଣ୍ଡି ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଜଣାଇଛନ୍ତି।

# ଧର୍ମଗୁଳାରେ ଜିତିଲେ ଦାରିଙ୍ଗବାଡି ବ୍ଲକ ଅଧ୍ୟକ୍ଷା

ଦାରିଙ୍ଗବାଡ଼ି,୧୭।୬(ଡି.ଏନ୍.ଏ.) କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ବୁଧବାର ଉପନିର୍ବାଚନ ହୋଇଥିଲା। କଂଗ୍ରେସ ସମର୍ଥିତ ତାଜୁଙ୍ଗିଆ ସମିତିସଭ୍ୟା ରୁଦା ମଲ୍ଲିକ ଧର୍ମଗୁଳାରେ ବିଜୟୀ ହୋଇଛନ୍ତି।

ପୂର୍ବାହ୍ନ ୧୦ଟାରେ ୨୪ ସମିତିସଭ୍ୟା ସଭ୍ୟ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତାଜୁଙ୍ଗିଆ ସମିତିସଭ୍ୟା ରୁଦା ମଲିକ ଏବଂ ବାଡାବାଙ୍ଗା ସମିତିସଭ୍ୟା ନମିତା ପ୍ରଧାନ ଅଧ୍ୟକ୍ଷା ପଦବୀ ପାଇଁ ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ରୁଦା କଂଗ୍ରେସ ସମର୍ଥିତ ପ୍ରାର୍ଥୀ ହୋଇଥିବାବେଳେ ନମିତା ବିଜେଡି ସମର୍ଥୀତ ପ୍ରାର୍ଥୀ ହୋଇଥିଲେ। ଉଭୟ ୧୨ଟି ଲେଖାଏ ଭୋଟ ପାଇବାରୁ ନିର୍ବାଚନ ଅଧିକାରୀ ତଥା ବାଲିଗୁଡ଼ା ବିଡିଓ ନରେଶ ଚନ୍ଦ୍ର ଶବର ଧର୍ମଗୁଳାର ସାହାରା ନେଇଥିଲେ।



ସମର୍ଥକଙ୍କ ସହ ନୂତନ ବ୍ଲକ ଅଧ୍ୟକ୍ଷା ରୁଦା ମଲ୍ଲିକ।

ଏଥିରେ ରୁଦା ବିଜୟୀ ହୋଇଥିଲେ।

ବିଜୟ ପରେ ଧର୍ମର ଜୟ ହୋଇଛି ଓ ଦୀର୍ଘଦିନ ଧରି ପଞ୍ଚାୟତ ସମିତିରେ ଚାଲିଥିବା ଦୁର୍ନୀତିକୁ ଆଉ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ରୁଦା ପ୍ରତିକ୍ରିୟାରେ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବତନ ଅଧ୍ୟକ୍ଷା ସୁବେନ୍ତୀ ପ୍ରଧାନଙ୍କ ୨ରୁ ଅଧିକ ସନ୍ତାନ ରହିଥିବା ନେଇ ତାଜୁଙ୍ଗିଆ ସମିତିସଭ୍ୟା ରୁଦା କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ପରେ କୋର୍ଟ ସୁବେନ୍ତୀଙ୍କ ସଭ୍ୟପଦ ରଦ୍ଦ କରିଥିଲେ। ପରେ ସମିତିସଭ୍ୟସଭ୍ୟା ୨ ଗୋଷ୍ଠୀରେ ବିଭକ୍ତ ହୋଇ ଅଜ୍ଞାତବାସରେ ଥିଲେ। ରୁଦାଙ୍କୁ ବିଜୟୀ କରିବାକୁ ତାଙ୍କ ସମର୍ଥିତ ସମିତିସଭ୍ୟ ଶପଥ ନେଉଥିବା ଏକ ଭିଡିଓ ମେଙ୍ଗଳବାର ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

# ଗଞ୍ଜେଇ ସହ ୨ଗାଡି ଜବତ: ୩ ଗିରଫ

ଆସିକା,୧୭।୬(ଡି.ଏନ୍.ଏ.) ଗଞ୍ଜାମ ଜିଲା ଆସିକା ଥାନା କଲେଜ ଛକ ରାସ୍ତାରେ ସୋମବାର ଅପରାହ୍ନରେ ଗୋଟିଏ ବାଇକ୍ ଓ ଏକ ପିକଅପ୍ ଭ୍ୟାନ୍‌ରୁ ୨ ବସ୍ତା ଗଞ୍ଜେଇ ଜବତ କରିଛି ପୋଲିସ। ଗାଡି ଦୁଇଟିକୁ ଜବତ କରିବା ସହ ସେଥିରେ ଥିବା ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଇକ୍ ଚାଳକ କନ୍ଧମାଳ ଜିଲ୍ଲା ସାରଙ୍ଗଗଡ ଥାନା ମାଗୁଡିଙ୍ଗିଆ ଗ୍ରାମର କଣ୍ଟେଶ୍ୱର ଦିଗାଲ୍ ଓ ପିକ୍‌ଅପରେ ଥିବା ଭଞ୍ଜନଗର ଥାନା ରତଙ୍ଗ ଗ୍ରାମର କବି ସ୍ୱାଇଁ ଓ ମନୋଜ କୁମାର ନାୟକ। ଅନ୍ୟଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଜବତ ଗଞ୍ଜେଇର ପରିମାଣ ପ୍ରାୟ ୪୫ କେଜି ହେବ। ଏହା କନ୍ଧମାଳ ଜିଲା କଳିଙ୍ଗା ଜଙ୍ଗଲରୁ କୋଦଳାକୁ ଚାଲାଣ ହେଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ନଂ.୩୪୧/୨୦ରେ ମାମଲା ରୁଜୁକରି ବୁଧବାର ସକାଳେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଚାଇନା ସାମଗ୍ରୀ ବର୍ଜନ କରିବାକୁ ଏବିଭିପିର ଆହ୍ୱାନ

**ଚାଇନାର ଭାରତ ସୀମା ଉଲ୍ଲଂଘନକୁ ନିନ୍ଦା**

ବ୍ରହ୍ମପୁର ଅଫିସ,୧୭।୬ ସାରା ବିଶ୍ୱ କରୋନା ଦ୍ୱାରା ଆତଙ୍କିତ ହୋଇ ରହିଥିବା ବେଳେ ଚାଇନା ସୈନିକଙ୍କ ଭାରତର ଲଦାଖ ଗଲ୍‌ୱାନ ଭ୍ୟାଲିରେ ସୀମା ଅତିକ୍ରମ ଓ ମଙ୍ଗଳବାର ଭାରତ ଯବାନଙ୍କ ଉପରେ ଚୀନ ସୈନିକଙ୍କ ଆକ୍ରମଣକୁ ନିନ୍ଦା କରିଛି ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ(ଏବିଭିପି)। ଏହାର ପ୍ରତିବାଦରେ ବୁଧବାର ଏବିଭିପି ବ୍ରହ୍ମପୁର ଶାଖା ପକ୍ଷରୁ ଖଲ୍ଲିକୋଟ କଲେଜ ସମ୍ମୁଖରେ ବକ୍ଷୋଭ କରାଯାଇଥିଲା। ଚାଇନା ପ୍ରତ୍ୟେକ୍ଷରେ ଭାରତ ସହ ଆଲୋଚନା କରୁଥିବା ବେଳେ ପରୋକ୍ଷରେ ଆକ୍ରମଣ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସଂଗଠନ କହିଛି। ଏହି ଅବସରରେ ଏବିଭିପିର କର୍ମକର୍ତ୍ତାମାନେ ମଙ୍ଗଳବାର ସୀମାରେ ଶହୀଦ ହୋଇଥିବା ୨୦ ଭାରତୀୟ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଚାଇନା ସାମଗ୍ରୀ ବର୍ଜନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ଶଶୀକାନ୍ତ ମିଶ୍ର, ରାଜ୍ୟ ଉପସଭାପତି ଶିବପ୍ରସାଦ ତ୍ରିପାଠୀ, ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ବ୍ରହ୍ମପୁର ଶାଖା ନଗର ସମ୍ପାଦକ ଚିନ୍ମୟାନନ୍ଦନ ପଟ୍ଟନାୟକ, ନଗର ସହ ସମ୍ପାଦକ ଅନିଲ କୁମାର ଦୋରା, ଚିନ୍ମୟ ରାଉତ, ସାଗର ଦଳାଇ, ଶୁଭ୍ରରଞ୍ଜନ ସାହୁ, ସମୀର ପ୍ରଧାନ, ତ୍ରିଲୋକ ସାହୁ, ସୁନୀଲ କୁମାର ପାଣିଗ୍ରାହୀ, ରାଜ କୁମାର ସାହୁ ଓ ଗଣେଶ ଭାଇ ପ୍ରମୁଖ ସାମିଲ ହୋଇଥିଲେ।




ଏବିଭିପିର ବିକ୍ଷୋଭ।

## ସଂକ୍ଷେପରେ

### କଚେରି ଛକରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

#### ଚାଇନା ସାମଗ୍ରୀକୁ ବିରୋଧ

**ସମ୍ବଲପୁର,୧୭।୬(ବ୍ୟୁରୋ):** ଭାରତ-ଚାଇନା ସୀମାରେ ଶହୀଦ ହୋଇଥିବା ବୀର ଯୋଦ୍ଧାଙ୍କୁ ବୁଧବାର ସମ୍ବଲପୁର କଚେରି ଛକ ସ୍ଥିତ ଶହୀଦ ସ୍ତମ୍ଭଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଅଞ୍ଚଳରୁ ମହିଳା, ପୁରୁଷ ସାମିଲ ହୋଇଥିଲେ । ଏହାପରେ ଚାଇନା ସାମଗ୍ରୀକୁ ପୋଡି ବିରୋଧ କରିଥିଲେ । ମୁଖ୍ୟ ସଂଯୋଜକ ମାନସରଞ୍ଜନ ବକ୍ସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ରେଳ ଧାରଣାରୁ ମୃତଦେହ ଉଦ୍ଧାର

ବାମରା, ୧୭।୬ (ଡି.ଏନ.ଏ)
ସମ୍ବଲପୁର ବାମରା ଟାଙ୍ଗରମୁଣ୍ଡା ରେଳ ଷ୍ଟେଶନ ମଧବର୍ତ୍ତୀ କେନ୍ଦୁପାଣି ନିକଟସ୍ଥ ରେଳ ଧାରଣାରୁ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଟାଙ୍ଗରପଡା ନିବାସୀ ଗୋକୁଳ ଗୌଡଙ୍କ ପୁଅ ଦୁର୍ଯ୍ୟୋଧନ ଗୌଡ (୪୦)। ତେବେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ପରିବାର ଲୋକ ଅଭିଯୋଗ କରିଛନ୍ତି। ଲୋକଙ୍କଠାରୁ ଖବର ପାଇ ଝାରସୁଗୁଡା ରେଳବାଇ ପୋଲିସ ଡିଏସ୍‌ପି ରମାକାନ୍ତ ସାହୁ ସଦଳବଳେ ଘଟଣା ସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ତଦନ୍ତରୁ କୌଣସି ଟ୍ରେନ୍ ଧକ୍କା ଯୋଗୁ ଏହା ଘଟିଥିବା ପୋଲିସ ଅନୁମାନ କରୁଛି। ତେବେ ମଙ୍ଗଳବାର ଦୁର୍ଯ୍ୟୋଧନ ନିଜର କେତେକ ସାଙ୍ଗ ସାଥିଙ୍କ ସହ କେନ୍ଦୁପାଣି ଗ୍ରାମରୁ ଘରକୁ ଫେରୁଥିଲେ। ଏଣୁ ସନ୍ଦେହରେ ପୋଲିସ ୫ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାକୁ ନେଇ ରାଉରକେଲା ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା ସଂଖ୍ୟା ୧୯/୨୦ ରୁଜୁ କରାଯାଇଛି । ଗୋବିନ୍ଦପୁର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ମୃତକଙ୍କ ଏକ ୯ ବର୍ଷର ପୁଅ, ୩ ବର୍ଷର ଝିଅ, ଦିବ୍ୟାଙ୍ଗ ଭଉଣୀ ଘରେ ରହିଥିବା ବେଳେ ସେ ଘରର ଏକମାତ୍ର ରୋଜଗାରିଆ ଥିଲେ।

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣ, ଏସ୍‌ପିଙ୍କୁ ଫେରାଦ

ବଲାଙ୍ଗୀର ଅଫିସ, ୧୭।୬
ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଚଲକି ଗ୍ରାମର ଜଣେ ଯୁବତୀଙ୍କୁ ସେହି ଗାଁର ଜଣେ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିଥିବା ଅଭିଯୋଗ ହୋଇଛି । ଗର୍ଭବତୀ ହୋଇଯିବା ପରେ ଯୁବତୀଙ୍କୁ ଆଉ ବିବାହ କରିବ ନାହିଁ ବୋଲି କହିଥିଲେ। ଯୁବତୀ ଜଣକ ଅନନ୍ୟୋପାୟ ହୋଇ ମୁରିବାହାଲ ଥାନା ଓ ପରେ ବଲାଙ୍ଗୀର ଏସପି ଅଫିସକୁ ଆସି ଏନେଇ ଲିଖିତ ଜଣାଇ ନ୍ୟାୟ ଭିକ୍ଷା କରିଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

କଲମପୁର/ ଜୟପାଟଣା, ୧୭।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୟପାଟଣା ଥାନା ବଡ଼କୁଟରୁ ଫାଣ୍ଡି ଅନ୍ତର୍ଗତ ଖାଲିଆଭଟା କ୍ରଶର ଛକ କେନାଲଠାରେ ମଙ୍ଗଳବାର ରାତିରେ ଦୁର୍ଘଟଣା ଘଟିଛି। ଘରକୁ ଫେରୁଥିବା ୨ ଜଣ ଯୁବକ ବାଇକ୍ ସହ କେନାଲ ଭିତରକୁ ପଶିଯିବାରୁ ଜଣଙ୍କର ଜୀବନ ଯାଇଛି। ଅନ୍ୟ ଜଣେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଜୁନାଗଡ ବ୍ଲକ ମାଲିଗୁଡା ଗ୍ରାମର ବିଭୁ କାଣ୍ଡ। ତାଙ୍କସହ ଥିବା ସେହି ଗ୍ରାମର ରାଜେଶ ବେରୁକ ଗୁରୁତର ହୋଇ ଜୟପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଲାଗି ଭର୍ତ୍ତି ହୋଇଛନ୍ତି। ବଡକୁଟରୁ ଫାଣ୍ଡି ଅଧିକାରୀ କୃତ୍ତିବାସ ପୂଝାରୀଙ୍କ ସୂଚନା ଅନୁସାରେ, ଦୁହେଁ ନିଜ ଗାଁରୁ କୌଣସି କାମରେ ଜୟପାଟଣା ଯାଇଥିଲେ। ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ବୁଧବାର ସକାଳେ ଏହା ଜଣାପଡ଼ିଥିଲା। କେନାଲ ଭିତରୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ଏନେଇ ଜୟପାଟଣା ଥାନାରେ ଏକ ମାମଲା (ନଂ.୨୧୪/୨୦) ରୁଜୁ ହୋଇଛି।

# ଭଙ୍ଗାଘରେ ବିତୁଛି ଜୀବନ

**ବୌଦ୍ଧ,୧୭।୬(ସ୍ୱ.ପ୍ର.)**

ବଶିଷ୍ଠ ପ୍ରଧାନଙ୍କ ବୟସ ୪୦। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତ ଦେବଗଡ ଗ୍ରାମରେ ତାଙ୍କ ଘର। ଘରେ ବୃଦ୍ଧ ମାତାପିତା, ସ୍ତ୍ରୀ ଓ ୪ ସନ୍ତାନ। ହେଲେ ଭାଗ୍ୟର ବିଡମ୍ବନା। ଯେଉଁ ବୟସରେ ସେ ପରିବାରର ବୋଝ ଉଠାଇବା କଥା , ସେହି ବୟସରେ ସେ ଶଯ୍ୟାଶାୟୀ ହୋଇ ପଡି ରହିଛନ୍ତି। ଦୁଇ ବର୍ଷ ତଳେ ଏକ ସଡ଼କ ଦୁର୍ଘଟଣାରେ

**ଅପହଞ୍ଚ ଆବାସ ଯୋଜନା**

ଆହତ ହେବା ପରେ ତାଙ୍କ ଗୋଡ ଅଚଳ ହୋଇ ଯାଇଥିଲା। ଫଳରେ ପୂର୍ବପରି କାମ କରି ଅର୍ଥ ରୋଜଗାର କରିବାକୁ ସକ୍ଷମ ହେଲେ ନାହିଁ। ଏପଟେ ତାଙ୍କର ଜମିବାଡି କିଛି ନ ଥିବା ବେଳେ ଝାଟିମାଟିର ଏକ ଭଙ୍ଗା କୁଡିଆରେ ୮ ପ୍ରାଣୀ କୁଟୁମ୍ବ ବହୁ କଷ୍ଟରେ ରହୁଛନ୍ତି।

ଆବାସ ଯୋଜନାରେ ଘର ପାଇବା ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟରେ ବହୁବାର ଗୁହାରି କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଫଳରେ ଜରିପାଲ ଟଣା ଏହି ଘରେ ବାପା ମା' ଓ ଛୋଟ ଛୋଟ ପିଲାଙ୍କୁ ନେଇ ସବୁବେଳେ ଭୟଭୀତ ହୋଇ ଚଳୁଛନ୍ତି। କାରଣ ଆଗକୁ ବର୍ଷା ଅଧିକ ହେଲେ ଘର ଯେ କୌଣସି ମୁହୂର୍ତ୍ତରେ ଭୁସୁଡିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏବେ ପରିବାର ଚଳାଇବା ଦାୟିତ୍ୱ ବଶିଷ୍ଠଙ୍କ ସ୍ତ୍ରୀ ଜନନୀଙ୍କ ଉପରେ। ବଡପୁଅ ଜନ୍ମରୁ ଭିନ୍ନକ୍ଷମ। ଏଣେ ସ୍ୱାମୀ ଶଯ୍ୟାଶାୟୀ। ଘର ଚଳାଇବାକୁ ସମ୍ବଳ କିଛି ନାହିଁ। ଜନନୀ ମୂଲ ନ ଲାଗିଲେ ପରିବାର ଉପାସରେ। ଏପଟେ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନାହିଁ। ସରକାର ଗରିବ ଲୋକଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ ହେଁ ବଶିଷ୍ଠଙ୍କ ପରିବାର ଏଥିରୁ ବଞ୍ଚିତ ହୋଇ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ଏ ନେଇ ବାମଣ୍ଡା ସରପଞ୍ଚ ଲଳିତ ଥାଟିଙ୍କୁ ପଚାରିବାରେ ସିରିଏଲ ନମ୍ବର ଅନୁସାରେ ଘର ଦିଆଯାଉଛି, ସେମାନଙ୍କ ନମ୍ବର ଆସିଲେ ମିଳିବ ବୋଲି ପ୍ରକାଶ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।


ବଶିଷ୍ଠଙ୍କ ପରିବାର ।

# ବୌଦ୍ଧରେ ହେବନି ରଥଯାତ୍ରା

**ବୌଦ୍ଧ,୧୭।୬(ସ୍ୱ.ପ୍ର.)**

**ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି**

ବୌଦ୍ଧ ଜିଲାରେ ଏଥର ହେବନି ରଥଯାତ୍ରା । ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ନିର୍ଦ୍ଦେଶନାମା ଜାରି କରାଯାଇଛି । ଫଳରେ ଗଡଜାତ ଅଞ୍ଚଳର ପ୍ରସିଦ୍ଧ ରଥଯାତ୍ରାର ପରମ୍ପରା ଭଙ୍ଗ ହେବାକୁ ଯାଉଛି । ପ୍ରତିବର୍ଷ ରଥଯାତ୍ରା ଧୁମଧାମ୍‌ରେ ପାଳନ କରାଯାଇ ଆସୁଥିବା ବେଳେ ଚଳିତବର୍ଷ କରୋନା ମହାମାରୀ ପାଇଁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ଥିବାରୁ ରଥଯାତ୍ରା ବନ୍ଦ କରାଯିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ନମ୍ବର ୪୩୯୦/ ତା୧୭।୦୬।୨୦୨୦ରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଜିଲା ପ୍ରଶାସନର ନିଷ୍ପତ୍ତି ଶ୍ରଦ୍ଧାଳୁଙ୍କୁ ନିରାଶ କରିଥିବା ବେଳେ ମହାମାରୀର ସଙ୍କଟ ସମସ୍ତଙ୍କୁ ଏକରକମ ଚୁପ୍ କରି ଦେଇଛି। ବୁଧବାର ପୂର୍ବାହ୍ନରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲାରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ଥିବାରୁ ରଥଯାତ୍ରା ବନ୍ଦ ରଖାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତେବେ ମନ୍ଦିର ଭିତରେ ଠାକୁରଙ୍କ ନଅ ଦିନର ନୀତିକାନ୍ତି ଓ ପୂଜାକୁ ସ୍ୱଳ୍ପ ସେବାୟତରେ ପାଳନ କରାଯିବାକୁ ଅନୁମତି ଦିଆଯାଇଥିଲେ ମଧ୍ୟ ସର୍ବସାଧାରଣ ଦର୍ଶନକୁ ବାରଣ କରାଯାଇଛି। ଏହି ନିୟମ ଜିଲାର ସମସ୍ତ ଜଗନ୍ନାଥ ମନ୍ଦିର ପାଇଁ ଲାଗୁ କରାଯାଇଛି। ଠାକୁରମାନଙ୍କ ନୀତି ପାଳନ ସମୟରେ ସାମାଜିକ ଦୂରତା ନିୟମ ପାଳନ ଓ ମାସ୍କ ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଏନ.ସି. ଜ୍ୟୋତିରଞ୍ଜନ ନାଏକ ,ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଓ ମନ୍ଦିର ପୂଜକ ଉପସ୍ଥିତ ଥିଲେ।

# ଆଶାବାଡ଼ିରେ ପିଟି ବାପାଙ୍କୁ ହତ୍ୟା

**ଲହୁଣୀପଡ଼ା,୧୭।୬(ଡି.ଏନ.ଏ.)**

- ଅଭିଯୁକ୍ତ ପୁଅ ଅଟକ
- ଚାଷ କାମ ପାଇଁ ଦେଇଥିବା ଟଙ୍କାକୁ ନେଇ ଗଣ୍ଡଗୋଳ

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଲୁଥୁର୍ବା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଚାଷ କାମକୁ କେନ୍ଦ୍ରକରି ପୁଅର ଆକ୍ରମଣରେ ବାପାଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ପୁଅ ଥାନାରେ ଅଟକ ଅଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଲୁଥୁର୍ବା ଗ୍ରାମର ସାଧୁ କିଷାନ (୬୫) ବାର୍ଦ୍ଧକ୍ୟ ଭତ୍ତା ବାବଦରେ ୧୮୦୦ ଟଙ୍କା ପାଇଥିଲେ। ସେହି ଟଙ୍କାକୁ ଚାଷକାମରେ ବିନିଯୋଗ କରିବା ପାଇଁ ସେ ପୁଅ ନାରାୟଣଙ୍କୁ ଦେଇଥିଲେ। କିନ୍ତୁ ନାରାୟଣ ସେହି ଟଙ୍କାକୁ ଚାଷ କାମରେ ବିନିଯୋଗ କରି ନ ଥିଲେ। ଏ କଥା ଜାଣିବା ପରେ ଗତ ୧୨ ତାରିଖ ରାତି ୯ଟା ବେଳେ ସାଧୁ ଚାଷ କାମ ବିଷୟରେ ନାରାୟଣଙ୍କୁ ପଚାରିଥିଲେ। ହେଲେ ସେ ବିଭିନ୍ନ ଆଳ ଦେଖାଇ ଖସି ଯିବାକୁ ଚେଷ୍ଟା କରିଥିଲେ। ହେଲେ ସାଧୁ ଟଙ୍କା ଫେରେଇବା ପାଇଁ ଜିଦ୍ ଧରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗିଯାଇ ନାରାୟଣ ବାପା ସାଧୁଙ୍କୁ ମାରପିଟ କରିଥିଲେ। ନିଜକୁ ରକ୍ଷା କରିବା ପାଇଁ ସାଧୁ ନାରାୟଣଙ୍କୁ ଠେଲି ଦେବାରୁ ସେ ତଳେ ପଡିଯାଇଥିଲେ। ତାଙ୍କ ମୁଣ୍ଡ ଫାଟିଯାଇ ରକ୍ତସ୍ରାବ ହୋଇଥିଲା। ଏହାପରେ ନାରାୟଣ ସାଧୁଙ୍କ ଆଶାବାଡି ଛଡେଇ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସାଧୁଙ୍କୁ ପ୍ରଥମେ ବଣାଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏହାପରେ ବି ସାଧୁଙ୍କ ଅବସ୍ଥାରେ କୌଣସି ପରିବର୍ତ୍ତନ ନ ହେବାରୁ ତାଙ୍କୁ ମଙ୍ଗଳବାର ଭୋରରୁ ଆରଜିଏଚ୍‌ରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଉଥିଲା। ବୁର୍ଲାକୁ ନେଉଥିବା ବେଳେ ମଙ୍ଗଳବାର ଭୋରରୁ ସାଧୁଙ୍କ ମୃତ୍ୟୁ ଘଟିଛି।

# ସହଯୋଗର ହାତ ବଢ଼ାଇଲେ ଜିଆର୍‌ଏସ୍

**କୋକସରା,୧୭।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡା ପଞ୍ଚାୟତର ଗ୍ରାମ ରୋଜଗାର ସେବକ ଜନ୍ମେଜୟ ଘି ଅସହାୟ ରାଜକୁମାରଙ୍କୁ ଚିକିତ୍ସା ନିମନ୍ତେ ସହଯୋଗର ହାତ ବଢାଇଛନ୍ତି । ସେ ନିଜ ଦରମାର ୫୦ ପ୍ରତିଶତ ଦାନ କରିଛନ୍ତି।

ପ୍ରକାଶ ଯେ, କୋକସରା ବ୍ଲକ ମାଝିଗୁଡା ଡଙ୍ଗରୀପଡାର ରାଜକୁମାର ବାଗ (୫୭)ଙ୍କ ଦୁର୍ଘଟଣାରେ ଗୋଡ ଭାଙ୍ଗି ଯାଇଥିଲା । ଅର୍ଥ ଅଭାବ କାରଣରୁ ଉପଯୁକ୍ତ ଚିକିତ୍ସ କରାଇ ନ ପାରି ଚେରମୂଳି ଔଷଧ ଖାଉଥିଲେ । ରାଜକୁମରଙ୍କ ଚିକିତ୍ସ ନିମନ୍ତେ ସରକାରୀ ଓ ବେସରକାରୀ ସହାୟତା ପାଇଁ ପରିବାର ଲୋକ ଗୁହାରି କରିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ବୁଧବାର ମାଝିଗୁଡା ପଞ୍ଚାୟତ ଗ୍ରାମ ରୋଜଗାର ସେବକ ଜନ୍ମେଜୟ ନିଜ ଦରମାର ୫୦ ପ୍ରତିଶତ ରାଜକୁମାରଙ୍କୁ ପ୍ରଦାନ କରିଛନ୍ତି । ରାଜକୁମାରଙ୍କ ଚିକିତ୍ସା ପାଇଁ ସେ ସହଯୋଗ କରିବେ ବୋଲି କହିଛନ୍ତି । ରାଜକୁମାରଙ୍କ ପରିବାର କହିଲେ ସ୍ତ୍ରୀ ଆଶାମତୀ, ପୁଅ ନିରଞ୍ଜନ (୧୧) ଓ ଝିଅ ଦୂର ବାଗ (୬) । ରାଜକୁମାର ପରିବାରର ଜଣେ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି । ତେବେ ତାଙ୍କ ଗୋଡଭାଙ୍ଗି ଯିବା କାରଣରୁ ସେ ଏବେ ବିଛଣାରେ ପଡିଛନ୍ତି। ସ୍ତ୍ରୀ ଆଶାମତୀ ଏବେ କୁଲି ମଜୁରି କରି ପରିବାର ପ୍ରତିପୋଷଣ କରୁଛନ୍ତି । ରାଜକୁମାରଙ୍କୁ ବୁର୍ଲା ଡାକ୍ତରଖାନା ନେବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି । ହେଲେ ଅର୍ଥ ଅଭାବ କାରଣରୁ ପରିବାର ଲୋକେ ତାଙ୍କୁ ଘରେ ରଖିଛନ୍ତି।


ରାଜକୁମାରଙ୍କ ଚିକିତ୍ସା ନିମନ୍ତେ ତାଙ୍କ ସ୍ତ୍ରୀ ଜିଆର୍‌ଏସ୍‌ଙ୍କଠାରୁ ସହାୟତା ରାଶି ଗ୍ରହଣ କରୁଛନ୍ତି।

## ନିୟମ ଉଲ୍ଲଂଘନ କରି ଚାଲିଛି ପୋଖରୀ ଖନନ

**ଡୁଙ୍ଗୁରିପାଲି,୧୭।୬(ଡି.ଏନ.ଏ.)**

ସରକାରୀ ନିୟମକୁ ଉଲ୍ଲଂଘନ କରି ଡୁଙ୍ଗୁରିପାଲି ବ୍ଲକ ଶୁଖା ପଞ୍ଚାୟତ ଅନ୍ତର୍ଗତ ହଳଦି ଗ୍ରାମର ବଡକଁଟା ପୋଖରୀ ଖନନ କାମ ଚାଲିଛି। ଅପରପକ୍ଷରେ ପୋଖରୀ ନିକଟରେ ସୂଚନା ଫଳକ ଲଗାଯାଇନାହିଁ । ବର୍ଷର ଜୁନ ମାସ ୧୫ ପରେ ମାଟିକାମ ବନ୍ଦ ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି। କିନ୍ତୁ ମଙ୍ଗଳବାର ବଡକଁଟା ପୋଖରୀରୁ ମେଶିନ ସାହାଯ୍ୟରେ ମାଟି ଉଠାଯାଇଥିବା ଦେଖିବାକୁ ମିଳିଥିଲା । ଉକ୍ତ ପୋଖରୀର ଉନ୍ନତୀକରଣ କାମ କ୍ଷୁଦ୍ର ଜଳସେଚନ ବିଭାଗ, ସୋନପୁର ଅଧୀନରେ କରାଯାଉଛି । ମେ ମାସରୁ କାମ ଆରମ୍ଭ ହୋଇଥିଲେ ହେଁ ସୂଚନା ଫଳକ ଲଗା ଯାଇ ନ ଥିବାରୁ କେବେ ସରିବ ଓ କେତେ ଟଙ୍କାର କାମ ତାହା ଜଣା ପଡୁନାହିଁ। ଏ ସମ୍ପର୍କରେ ସୋନପୁର କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ପରିଡାଙ୍କୁ ପଚାରିବାରେ କହିଥିଲେ ଯେ, ସୋମବାର ଏହି ପୋଖରୀ ଖନନ ପାଇଁ ଯାଇ ଲେବୁଲ କରି ଆସିଥିଲୁ ଓ ଠିକାଦାରଙ୍କୁ ଜୁନ ୧୫ ପରେ କାମ ନ କରିବା ପାଇଁ କୁହାଯାଇଥିଲା। ହଳଦୀ ବଡକଁଟା ପୋଖରୀର ଉନ୍ନତୀକରଣ ପାଇଁ ୬୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପୋଖରୀ ଖନନ ସ୍ଥାନରେ ସୂଚନା ଫଳକ ନ ଥିବା ନେଇ ଯନ୍ତ୍ରୀ କହିଥିଲେ ଯେ, ଏହା କାମ ଆରମ୍ଭରୁ ରହିବା କଥା । ଉକ୍ତ କାର୍ଯ୍ୟ ବଲାଙ୍ଗୀରର ଜଣେ ଠିକାଦାର କରୁଥିବା ଯନ୍ତ୍ରୀ ପରିଡା ପ୍ରକାଶ କରିଛନ୍ତି । ଠିକାଦାର ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶନାମାକୁ ଅବମାନନା କରି କାର୍ଯ୍ୟ ଚାଲୁ ରଖିଥିବାରୁ ଏହାର ତଦନ୍ତ ପାଇଁ ଦାବି ହେଉଛି। ସୂଚନାଯୋଗ୍ୟ ଯେ, ୪ଏକର ପରିମିତ ଏହି ପୋଖରୀ ଖନନ ହେଲେ ଆଖପାଖର ଚାଷ ଜମିକୁ ପାଣି ମାଡିବା ସହ ଗ୍ରାମବାସୀ ନିତ୍ୟ ବ୍ୟବହାର୍ଯ୍ୟ କାମ ପାଇଁ ପୋଖରୀକୁ ବ୍ୟବହାର କରିପାରିବେ ।

# ରାମେଶ୍ୱର ମନ୍ଦିର ସୁରକ୍ଷା ପାଇଁ ସଙ୍କଳ୍ପ

**ସୋନପୁର,୧୭।୬(ନି.ପ୍ର.)**

ମହାନଦୀ, ତେଲନଦୀ ଓ କର୍ପୂର ନଦୀର ତ୍ରିବେଣୀ ସଙ୍ଗମ ଠାରେ ଅବସ୍ଥିତ ପ୍ରାଚୀନ ଶୈବପୀଠ ରାମେଶ୍ୱର ମନ୍ଦିର ସୁରକ୍ଷା ପାଇଁ ସୋନପୁର ବଡବଜାରର ପ୍ରାୟ ୧୦୦ ଜଣ ଯୁବକ ଅଣ୍ଟା ଭିଡିଛନ୍ତି । ପ୍ରଥମ ପର୍ଯ୍ୟାୟରେ ସଙ୍ଗମ ଠାରେ ଅବସ୍ଥିତ ପ୍ରାଚୀନ ରାଇଦାମୋଦର ମନ୍ଦିର ମରାମତି କାର୍ଯ୍ୟ ଶେଷ ପରେ ସାମୁହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିନରେ ରାମେଶ୍ୱର ବଗିଚା ଓ ସ୍ୱର୍ଗଦ୍ୱାର ଆଦିର ପୁନରୁଦ୍ଧାର କରାଯିବ ବୋଲି ସଙ୍କଳ୍ପ ନିଆଯାଇଛି। ଏହି ଅବସରରେ ମନ୍ଦିର ସୁରକ୍ଷା କମିଟି ଗଠନ କରା ଯାଇଥିଲା । ଏହାକୁ ଟ୍ରଷ୍ଟ ଆଇନ ଅନୁସାରେ ପଞ୍ଜୀକରଣ କରାଯିବ ବୋଲି ସଦସ୍ୟ ସିଦ୍ଧାର୍ଥ ଶଙ୍କର ମିଶ୍ର ସୂଚନା ଦେଇଛନ୍ତି । ସେହିପରି ଏଠାରେ ପିଣ୍ଡଦାନ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ମିଳନ ମିଶ୍ର କହିଛନ୍ତି ।

## ମୃତକଙ୍କ ପରିବାରକୁ ସହଯୋଗ କଲା ବ୍ଲକ ପ୍ରଶାସନ

**କୋକସରା,୧୭।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଖଲିଗଡ ଗ୍ରାମର ଘନଶ୍ୟାମ ଗଣ୍ଡିଆଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ତାଙ୍କ ପରିବାର ବେସାହାରା ହେବା ନେଇ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ଏହି ଘଟଣାକୁ ଗୁରୁତର ସହ ନେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସହଦେବ ଭିଇସାଲଙ୍କ ଜରିଆରେ ମୃତକଙ୍କ ବିଧବା ସ୍ତ୍ରୀ କୟା ଗଣ୍ଡିଆଙ୍କୁ ବୁଧବାର ବିଧବା ଭତ୍ତା ପ୍ରଦାନ କରିଛନ୍ତି । ଏଥି ସହିତ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଆଗକୁ ନ୍ୟାଶନାଲ ଫ୍ୟାମିଲି ବେନିଫିଟ୍ ସ୍କିମ୍(ଏନ୍‌ଏଫ୍‌ବିଏସ୍)ରେ ୨୦ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବେହେରା କହିଛନ୍ତି।

# ଲଭେଙ୍କୁ ଘରେ ଟଙ୍କା ଦେବ ଡାକ ବିଭାଗ

**ନୂଆପଡ଼ା ଅଫିସ,୧୭।୬**

**ଖଟିଆରେ ଶତାୟୁ ମହିଳା ଟଣା ହେବା ଘଟଣା**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବରଗାଁର ଲଭେ ହରିଜନ ନାମ୍ନୀ ଜଣେ ଶତାୟୁ ମହିଳାଙ୍କୁ ଟଙ୍କା ଉଠାଣ ପାଇଁ ଖଟିଆରେ ଟାଣି ଟାଣି ବ୍ୟାଙ୍କକୁ ନେବା ଘଟଣାରେ ଡାକ ବିଭାଗ ସହଯୋଗ କରିବାକୁ ହାତ ବଢ଼ାଇଛି । ବୁଧବାର ଭାରତୀୟ ଡାକ ବିଭାଗ ଅଧିକାରୀମାନେ ଲଭେଙ୍କ ଘରେ ପହଞ୍ଚି ତାଙ୍କ ନାଁରେ ଏକ ଆକାଉଣ୍ଟ ଖୋଲିଛନ୍ତି । ଏଣିକି ଲଭେଙ୍କୁ ଘରେ ଟଙ୍କା ଦେବାର ବ୍ୟବସ୍ଥା କରିଛି ଡାକ ବିଭାଗ। ଜିଲା ଡାକ ବିଭାଗ ଇନ୍ସପେକ୍ଟର ମନୋଜ କୁମାର ମେହେରଙ୍କ ନେତୃତ୍ୱରେ ଅଧିକାରୀମାନେ ଲଭେଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ବିଭିନ୍ନ ରାଶନ ସାମଗ୍ରୀ ଦେବା ସହ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ତରଫରୁ ଆକାଉଣ୍ଟ ଖୋଲାଇ ପାସ୍ ବୁକ୍ ପ୍ରଦାନ କରିଛନ୍ତି। ଏଣିକି ଡାକ କର୍ମଚାରୀ ଆସି ତାଙ୍କୁ ଘରେ ଟଙ୍କା ଦେଇଯିବେ ବୋଲି ଇନ୍ସପେକ୍ଟର ମେହେର କହିଛନ୍ତି। ଅନ୍ୟପକ୍ଷେ ଲଭେଙ୍କ ଭଳି ବ୍ୟାଙ୍କକୁ ଯିବା ଲାଗି ଶାରୀରିକ ଭାବେ ଅକ୍ଷମ ଥିବା ସେହି ଗାଁର ଅନ୍ୟ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ଆକାଉଣ୍ଟ ଖୋଲାଯାଇଛି। ଏଥିରେ ଡାକ କର୍ମଚାରୀ ବେଣୁଧର ବନଗୋଲା, ଗଣେଶ ଚନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ଅଜିତ କୁମାର ପ୍ରଧାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।


ଡାକ ବିଭାଗ ତରଫରୁ ଲଭେଙ୍କ ପରିବାରକୁ ପାସ୍‌ବୁକ୍ ପ୍ରଦାନ କରାଯାଉଛି।

## ଟିଏମ୍‌ସିରେ ୨ଦିନର ଶିଶୁପୁତ୍ର ମୃତ

**ନୂଆପଡା ଅଫିସ,୧୭।୬**

ନୂଆପଡ଼ା ନ୍ୟାଶନାଲ କଲେଜ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର(ଟିଏମ୍‌ସି)ରେ ଦୁଇଦିନର ଏକ ଶିଶୁପୁତ୍ରର ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ବୁଧବାର ସକାଳେ ଏହା ଜଣାପଡ଼ିବା ପରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ମା', ବାପାଙ୍କୁ ହସ୍ତାନ୍ତର କରାଯାଇଛି। ଏହାକୁ ନେଇ ଖରିଆରରୋଡ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୦)ରୁଜୁ କରିଛି।

ପଡ଼ୋଶୀ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲା ବଡ଼ ଫୁଲଝର ଗାଁର ତୁଲାରାମ ପଟେଲ ଏବଂ ସ୍ତ୍ରୀ ଚତୁରବାଇ ଉତ୍ତରପ୍ରଦେଶର ଗୋରଖପୁରକୁ ଇଟାଭାଟିରେ କାମ କରିବାକୁ ଯାଇଥିଲେ । ସେଠାରେ ଚତୁରବାଇ ଗତ ରବିବାର ଏହି ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ସୋମବାର ସକାଳେ ସେମାନେ ଘରକୁ ଆସିବାକୁ ସେଠାରୁ ଟ୍ରେନ୍ ଧରିଥିଲେ। ମଙ୍ଗଳବାର ରାତି ୮ଟାରେ ନୂଆପଡ଼ାରେ ଓହ୍ଲାଇଥିଲେ। ଅନ୍ୟ ଶ୍ରମିକମାନଙ୍କ ସହ ଏହି ପରିବାରକୁ ସ୍ଥାନୀୟ ଟିଏମ୍‌ସିରେ ରଖାଯାଇଥିଲା । ହେଲେ ଶିଶୁଟିର ମୃତ୍ୟୁ ଘଟିଥିବା ବିଳମ୍ବିତ ରାତିରେ ଜଣାପଡ଼ିଥିଲା। ରାତିରେ ପୋଲିସ ମୃତଦେହ ଜବତ କରିଥିଲା। ବୁଧବାର ବ୍ୟବଚ୍ଛେଦ ପରେ ମୃତଦେହକୁ ମା' ବାପାଙ୍କ ସହ ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କ ଗାଁକୁ ପଠାଇ ଦିଆଯାଇଛି। ଏହି ଦୁଃଖଦ ଘଟଣା ଟିଏମ୍‌ସିର କୌଣସି ଅବହେଳା ଯୋଗୁ ହୋଇନାହିଁ, ବରଂ ବାଟରେ ଶିଶୁଟିର ମୃତ୍ୟୁ ଘଟିଥିଲା। ମହିଳା ଜଣକ କାହାରିକୁ ଏହା କହିପାରି ନ ଥିଲେ ବୋଲି ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି କହିଛନ୍ତି।

# ଭଙ୍ଗାଘରେ ମୁଣ୍ଡ ଗୁଞ୍ଜୁଛନ୍ତି ୧୦ପ୍ରାଣୀ କୁଟୁମ୍ବ

**ଲାଠୋର, ୧୭।୬(ଡି.ଏନ.ଏ.)**

- ଅଧାପନ୍ତରିଆ ହୋଇ ପଡି ରହିଛି ଇନ୍ଦିରା ଆବାସ
- ପ୍ରଥମ କିସ୍ତି ପରେ ହିତାଧିକାରୀଙ୍କୁ ମିଳିନି ଅବଶିଷ୍ଟ ଟଙ୍କା

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅନ୍ତର୍ଗତ ସାନଗୁର୍ଜିଭଟା ଗ୍ରାମର ସୁମୁଖୀ ଦୀପ। ୨୦୧୫-୧୬ରେ ତାଙ୍କ ପରିବାରକୁ ଇନ୍ଦିରାଆବାସ ଯୋଜନାରେ ସାମିଲ କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ପ୍ରକଳ୍ପର ଅଟକଳ ୭୫ହଜାର ଟଙ୍କା ଥିବାବେଳେ ପ୍ରଥମ କିସ୍ତି ବାବଦକୁ ୨୦ହଜାର ଟଙ୍କା ବ୍ୟାଙ୍କ ପାସ୍‌ବହି ମାଧ୍ୟମରେ ଦିଆଯାଇଥିଲା। ସୁମୁଖୀ ଯେଉଁ ଜାଗାରେ ବାସଗୃହ ନିର୍ମାଣ କଲେ ତାହା ଅନ୍ୟ ଜଣଙ୍କ ନାମରେ ବାହାରିବାରୁ କାମ ଅଧାରେ ବନ୍ଦ ରହିଲା। ପରବର୍ତ୍ତୀ ସମୟରେ ସୁମୁଖୀ ଉକ୍ତ ଜମିକୁ କିଣି ଗୃହ ନିର୍ମାଣ କାମକୁ ଛାତ ଲେବୁଲ ପର୍ଯ୍ୟନ୍ତ ନେଇଥିଲେ। ପରେ ବକେୟା ବିଲ୍ ପ୍ରଦାନ ପାଇଁ ସେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ସମୟ ଗଡାଇ ଚାଲିଲେ। ଏଥିଯୋଗୁ ବହୁକଷ୍ଟରେ ସେ ଅଧା ଆଜବେଷ୍ଟସ ପକାଇଥିଲେ ମଧ ତାହା ବାସ ଉପଯୋଗୀ ହୋଇପାରିନାହିଁ। ଶେଷରେ କୌଣସି ଉପାୟ ନପାଇ ୧୦ପ୍ରାଣୀ କୁଟୁମ୍ବଙ୍କୁ ଧରି ସୁମତୀ ଏକ ଭଙ୍ଗା ମାଟି ଖପର ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ବର୍ତ୍ତମାନ ବର୍ଷାଦିନ ଆସି ଯାଇଥିବାରୁ ଏତେବଡ ପରିବାରର ସଦସ୍ୟମାନେ କେମିତି ରହିବେ ସେହି ଚିନ୍ତାରେ ପଡିଛନ୍ତି। ଏ ନେଇ କରୁଆଁଝର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୃଥୀରାଜ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସମ୍ପୃକ୍ତ ହିତାଧିକାରୀ ତାଙ୍କର ସମସ୍ତ କାଗଜ ପତ୍ର ସହ ଗୃହର ଫଟୋ ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କଲେ ପ୍ରାପ୍ୟ ପ୍ରଦାନ କରାଯିବ।


ନିଜ ମାଟିଘର ସମ୍ମୁଖରେ ସୁମୁଖୀ ଦୀପଙ୍କ ପରିବାର।

## ସଂକ୍ଷେପରେ

### ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**ସମ୍ବଲପୁର,୧୭।୬(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅଧୀନ ବେହେରାମାଲ ତେଲିପଡ଼ାରେ ବୁଧବାର ରାତି ୭ଟାରେ ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ବିଳାସନ ମୁଣ୍ଡା (୨୨)। ଜଣେ ପଡୋଶୀ ନାବାଳକ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ନାବାଳକ ମଧ ଧରା ପଡ଼ିଛନ୍ତି, ଯିଏକି ଜଣେ ୱାର୍ଡସଭ୍ୟଙ୍କ ଭାଇ ବୋଲି ପୋଲିସ କହିଛି।

### ଶାଳମଞ୍ଜି ବୋଝେଇ ଗାଡ଼ି ଓଲଟିଲା: ୩ ଆହତ

**ପଡିଆବାହାଲ, ୧୭।୬ (ଡି.ଏନ.ଏ.):** ବୁଧବାର ସକାଳେ ଶାଳମଞ୍ଜି ବୋଝେଇ କରି ଆସୁଥିବା ଏକ ଗାଡି ହିରୋ-ଭଣ୍ଡାରିମାଲ ପ୍ରଧାନମନ୍ତ୍ରୀ ସଡ଼କରେ ଓଲଟି ପଡିଥିଲା । ଏଥିରେ ୩ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅଢ଼ାପଡାରୁ ବନ ବିଭାଗ କର୍ମଚାରୀମାନେ ଏହି ଗାଡ଼ିରେ ଶାଳମଞ୍ଜି ଆଣୁଥିଲେ । ଭଣ୍ଡାରିମାଲରୁ ହିରୋ ପର୍ଯ୍ୟନ୍ତ ଚାଲିଥିବା ପ୍ରଧାନମନ୍ତ୍ରୀ ସଡ଼କ କାମ ବହୁଦିନ ହେଲା ଅଧାପନ୍ତରିଆ ଅବସ୍ଥାରେ ପଡିଛି । ଏଥିଯୋଗୁ ସେହି ରାସ୍ତାରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି ।

### ଘରୋଇ କ୍ଲିନିକ ବନ୍ଦ ନିର୍ଦ୍ଦେଶ ଦେଲେ ଜିଲାପାଳ

**ବରଗଡ଼ ଅଫିସ୍,୧୭।୬:** ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୧୨ ମହାନ୍ତିପଡ଼ାରେ ରହିଥିବା ଡା. ଆର୍.ଏମ ପଣ୍ଡା କ୍ଲିନିକ ଏବଂ ଶିଖା ପାଥୋ କ୍ଲିନିକକୁ ବନ୍ଦ ରଖିବା ପାଇଁ ବୁଧବାର ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର କଟାପାଲିରୁ ଚିହ୍ନଟ ହୋଇଥିବା କରୋନା ଆକ୍ରାନ୍ତ ଜଣକ ଗତ ୧୨ତାରିଖ ଏହି ଘରୋଇ କ୍ଲିନିକକୁ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ସର୍ଭିଲେନ୍ସ ଟିମ୍ ଜାଣିବାକୁ ପାଇଥିଲେ। ଏ ନେଇ ସର୍ଭିଲେନ୍ସ ଟିମ୍‌ଠାରୁ ସୂଚନା ପାଇବା ପରେ ଜିଲାପାଳ ପ୍ରଧାନ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ ନିର୍ଦ୍ଦେଶ ବଳବତ୍ତର ରହିବ ବୋଲି ଜିଲାପାଳଙ୍କ ଆଦେଶ ପତ୍ରରେ ସ୍ପଷ୍ଟ କରି ଦିଆଯାଇଛି।

### କରୋନା ସଂକ୍ରମିତ ସଂଖ୍ୟା ୧୪୭ ଛୁଇଁଲା

**ବଲାଙ୍ଗୀର ଅଫିସ, ୧୭।୬:** ବଲାଙ୍ଗୀର ଜିଲାରେ ମଙ୍ଗଳବାର ସୁଦ୍ଧା ଆଉ ୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହି ସଂକ୍ରମିତ ତିନିଜଣ ପାଟଣାଗଡ ବ୍ଲକ୍ ଗଙ୍ଗାସାଗର ପଞ୍ଚାୟତର । ଦୁଇଜଣ ଆନ୍ଧ୍ରପ୍ରଦେଶରୁ ଓ ଜଣେ ତେଲେଙ୍ଗାନାରୁ ଫେରି ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍‌ରେ ରହିଥିଲେ । ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ଏବେ ୧୪୭କୁ ବୃଦ୍ଧି ପାଇଛି ।

### ବୌଦ୍ଧରେ ପୁଣି ୨ କରୋନା ପଜିଟିଭ ଚିହ୍ନଟ

**ବୌଦ୍ଧ,୧୭।୬(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ବୁଧବାର ଆଉ ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ମନମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟରେ ଖୋଲା ଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଉଭୟଙ୍କୁ ଚିହ୍ନଟ କରାଯାଇଛି । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲକ୍ଷ୍ମୀଧର ସାହୁ ଏହି ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୦ରେ ପହଞ୍ଚିଛି ।

# ୨ ବର୍ଷ ହେଲା ଫସଲ ବୀମା ଟଙ୍କା ମିଳୁନି

**ସମ୍ବଲପୁର,୧୭।୬(ବ୍ୟୁରୋ)**

## ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଭେଟିଲେ ଚାଷୀ



ସମ୍ବଲପୁର ଜିଲା ମୁଖ୍ୟ କୃଷି ଅଧିକାରୀ ଅଫିସ ପରିସରରେ ବାମରା ବ୍ଲକର ଚାଷୀ।

ସମ୍ବଲପୁର ଜିଲାର ଚାଷୀଙ୍କୁ ୨୦୧୮ ମସିହାର ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ଏ ପର୍ଯ୍ୟନ୍ତ ମିଳି ନାହିଁ। ଏହି ଜିଲାର ଚାଷୀଙ୍କଠାରୁ ବୀମା କମ୍ପାନୀ ପ୍ରାୟ ୧୫୦ କୋଟି ଟଙ୍କା ଠକି ନେଇଛି। ଚାଷୀଙ୍କୁ ନିଶ୍ଚୟ ବୀମା ଟଙ୍କା ମିଳିବ ବୋଲି କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା। ହେଲେ ୨ ବର୍ଷ ବିତିଯାଇଥିଲେ ମଧ ଟଙ୍କା ଦେଉ ନାହିଁ। ଅପରପକ୍ଷେ କିଛିଦିନ ତଳେ ଉକ୍ତ ବୀମା କମ୍ପାନୀର ଅଧିକାରୀଙ୍କୁ ନେଇ ଜିଲା ମୁଖ୍ୟ କୃଷି ବିଭାଗ ଅଫିସରେ ଏକ ଗୁପ୍ତ ବୈଠକ କରାଯାଇଥିଲା। ଏଥିରେ ଜମନକିରା ବ୍ଲକରୁ ୪/୫ ଜଣ ଚାଷୀଙ୍କୁ ଡକାଯାଇଥିଲା। ଏହି ଗୁପ୍ତ ବୈଠକ କାହା ସ୍ୱାର୍ଥରେ କରାଯାଇଥିଲା ବୋଲି ବୁଧବାର ବାମରା ଅଞ୍ଚଳର ଚାଷୀମାନେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ରାୟଙ୍କୁ ଭେଟି ପ୍ରଶ୍ନ କରିଛନ୍ତି।

ଏମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ବୀମା ଟଙ୍କା ସମସ୍ୟା କେବଳ ଜମନକିରା ବ୍ଲକର ନୁହେଁ, ଏହା ପୂରା ଜିଲାର କଥା। ବାମରା ବ୍ଲକର ଚାଷୀମାନେ କିନ୍ତୁ ଅଧିକ ପ୍ରଭାବିତ ହୋଇଛନ୍ତି। ବୀମା ଟଙ୍କା ପାଇବାକୁ ଜିଲାର ଚାଷୀମାନେ ରେଳ ରୋକୋଠାରୁ ଆରମ୍ଭ କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ୯ ମାସ ଧରି ଆନ୍ଦୋଳନ କରିଥିଲେ। ହେଲେ ରାଜ୍ୟ ସରକାର ସମ୍ପୃକ୍ତ ବୀମା କମ୍ପାନୀ ପ୍ରତି ଅନୁକମ୍ପା ଦେଖାଇ ହାତଟେକି ଦେଇଛନ୍ତି । କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ପୂର୍ବ ବର୍ଷର ବୀମା ଟଙ୍କା ପ୍ରଦାନ ନ କରି ପୁଣି ସମ୍ବଲପୁର ଜିଲାରେ ଉକ୍ତ କମ୍ପାନୀ କାମ କରିବାକୁ ବାହାରିଛି। ତେଣୁ ଉକ୍ତ କମ୍ପାନୀକୁ ସମ୍ବଲପୁର ଜିଲାରେ ଆଉ କାମ କରିବାକୁ ସୁଯୋଗ ନ ଦେବାକୁ ଏମାନେ ଦାବି କରିଛନ୍ତି। ତେବେ ଚାଷୀମାନଙ୍କ ଆପତ୍ତି, ଅଭିଯୋଗ ଶୁଣିଲାପରେ ଜିଲା ମୁଖ୍ୟ କୃଷି ଅଧିକାରୀ ରାୟ କହିଛନ୍ତି ଯେ, କିଛି ଦିନ ତଳେ ଉକ୍ତ ବୀମା କମ୍ପାନୀ ଅଧିକାରୀ ଓ ବୀମା ଟଙ୍କା ପାଇବାକୁ ଥିବା କେତେକ ଚାଷୀଙ୍କୁ ନେଇ ବୈଠକ ହୋଇଥିଲା । କମ୍ ବୀମା ଟଙ୍କା ପାଇବାକୁ ଥିବା ଚାଷୀଙ୍କ ସମସ୍ୟା ସମାଧାନ କରାଯାଇଥିଲା। କମ୍ ପରିମାଣର ବୀମା ଟଙ୍କା ପାଉଥିବା ଚାଷୀଙ୍କ ଟଙ୍କା ଶୀଘ୍ର ପ୍ରଦାନ କରିବା ସହ ଅନ୍ୟ ଚାଷୀଙ୍କ ଟଙ୍କା ଦେବାକୁ ସେଥିରେ ଆଲୋଚନା ହୋଇଥିଲା । ଯେଉଁ ଚାଷୀମାନେ ଅଭିଯୋଗ କରିବେ ସେମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ବିଭାଗ ପକ୍ଷରୁ ଚେଷ୍ଟା କରାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ରାୟ ଅଭିଯୋଗ କରିବାକୁ ଆସିଥିବା ଏହି ଚାଷୀମାନଙ୍କୁ ବୁଝାଇଥିଲେ। ଜୟ କିଷାନ ଆଦିମ କୃଷକ ସୁରକ୍ଷା ସଂଗଠନ ସଦସ୍ୟ ଯୋଗ ବିହାରୀ ପରିଡା, ଖଗୁ ସିଂ, ଦିଲୀପ ଛତ୍ରିଆ, କରନ ନାଏକ, ସୁଦୀପ ପଟେଲ, ବସନ୍ତ ଗୁଡ୍ଡୁ, ଆଦିତ୍ୟ କୁମାର ପଟେଲ, ଆଲୋକ ଚୌଧୁରୀ, ପୀତବାସ ପଟେଲ ପ୍ରମୁଖ ଚାଷୀ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଭେଟିଥିଲେ।

# ଦୁର୍ଘଟଣା ଘଟିଲେ କିଏ ଦାୟୀ ହେବ



ସମ୍ବଲପୁର ଧର୍ମଶାଳା ଗଳିର ବିନୀତ ସ୍ୱର୍ଣ୍ଣକାର ।

**ସମ୍ବଲପୁର,୧୭।୬(ବ୍ୟୁରୋ)**

ସହରର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଗଣ ମାଧମରେ ଖବର ପ୍ରକାଶ ପାଇଥାଏ । ବୈଦ୍ୟୁତିକ ଗଣମାଧ୍ୟମରେ ତାହା ପ୍ରସାରଣ କରାଯାଇଥାଏ । ବିରୋଧ ଦଳ ନେତା,କର୍ମୀଙ୍କଠାରୁ ଆରମ୍ଭ କରି ସାମାଜିକ କର୍ମୀମାନେ ଏପରି ସମସ୍ୟା ଉପସ୍ଥାପନ କରନ୍ତି । ହେଲେ ସମ୍ବଲପୁରର ଜଣେ ୪ ବର୍ଷର ବାଳକ ସହରର ବିଭିନ୍ନ ସମସ୍ୟା ନେଇ ଗଣମାଧ୍ୟମରେ ମୁହଁ ଖୋଲିବା ଓ ତାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ହାତଯୋଡି ଅନୁରୋଧ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ସେହି ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି ।

ଭିଡିଓରେ ସମ୍ବଲପୁର ମହାନଗର ନିଗମ ଅଧୀନ ମାରୱାଡି ଧର୍ମଶାଳା ନିକଟରେ ରହୁଥିବା ବିକାଶ ସ୍ୱର୍ଣ୍ଣକାରଙ୍କ ପୁଅ ବିନୀତଙ୍କ ଅନୁରୋଧ ଶୈଳୀ ସମସ୍ତଙ୍କ ହୃଦୟକୁ ଛୁଇଁଛି । ଭିଡିଓ ଟାଇଟଲ ରହିଛି ବୀନିତର ବିଶେଷ ଅନୁରୋଧ । ଜୟ ମା'ସମଲେଇ ଜୁହାର କହି ବୀନିତ ନିଜର କଥା ଆରମ୍ଭ କରିଛନ୍ତି । ସମ୍ବଲପୁର ମୁଖ୍ୟ ଗୋଲବଜାର ଛକ ରାସ୍ତା ଓ ନାଳ ସମସ୍ୟାକୁ ସମାଧାନ କରିବାକୁ ସେ ଅନୁରୋଧ କରିଛନ୍ତି। ଏହି ରାସ୍ତା ଦେଇ ମୋର ବାପା, କକା, ପରିବାର ସଦସ୍ୟ, ଅନ୍ୟମାନେ ଯିବା ଆସିବା କରୁଛନ୍ତି । ନାଳ ଖୋଲା ପଡିଛି । ବଡ ଗର୍ତ୍ତ ରହିଛି । ଏହି ଗର୍ତ୍ତରେ ମୋର ପରିବାର ଲୋକ କିମ୍ବା ଅନ୍ୟ କେହି ପଡିଲେ ଦାୟୀ କିଏ ହେବେ ବୋଲି ସେ ପ୍ରଶ୍ନ କରିଛନ୍ତି । ଜିଲା ପ୍ରଶାସନ ଓ ମହାନଗର ନିଗମ ଆଉ କେତେ ଦିନ ଆଖିରେ ପଟି ଦେଇ ନ ଦେଖିଲା ଭଳି ରହିବେ । କୌଣସ ଜୀବନ ହାନୀ ହେବାକୁ ସେମାନେ ଅପେକ୍ଷା କରିଛନ୍ତି କି । ଏଭଳି ଦୁର୍ଘଟଣା ଘଟିବା ପୂର୍ବରୁ ସତର୍କ ହୋଇଯାଆନ୍ତୁ । ଶୀଘ୍ର ଏହାର ମରାମତି କାମ କରନ୍ତୁ, ମୋର ଏତିକି ଅନୁରୋଧ ବୋଲି ବୀନିତ କହିଛନ୍ତି ।

ସୂଚନାଯୋଗ୍ୟ, ସହରର ମୁଖ୍ୟ ଗୋଲ ବଜାର ମାର୍କେଟ । ପ୍ରତିଦିନ ଏହି ରାସ୍ତା ଦେଇ ପ୍ରଶାସନିକ ଅଧିକାରୀ, ରାଜନୈତିକ ନେତୃବୃନ୍ଦ, ମହାନଗର ନିଗମ କର୍ମଚାରୀ ଯାତାୟତ କରନ୍ତି। କେହି ଏହି ସମସ୍ୟା ସମ୍ପର୍କରେ ଅଭିଯୋଗ କରି ନ ଥିବା ବେଳେ ଜଣେ ୪ ବର୍ଷ ବାଳକ ସୋସିଆଲ ମିଡିଆରେ ଏଥିପାଇଁ ଅନୁରୋଧ କରିବା ସମସ୍ତଙ୍କ ଆଶ୍ଚର୍ଯ୍ୟ କରିଛି ।

# ଜଗନ୍ନାଥ ମନ୍ଦିର ବିବାଦ ତେଜିଲା

**ଅତାବିରା, ୧୭।୬ (ଡି.ଏନ.ଏ.)**

- ସମାଧାନ କରିବାରେ ପ୍ରଶାସନ ବିଫଳ
- ବୈଠକ ଅଧାରୁ ଉଠି ଚାଲିଗଲେ ତହସିଲଦାର
- ଥାନାରେ ମାମଲା ରୁଜୁ କଲା ପୋଲିସ

ବରଗଡ ଜିଲା ଭେଡେନ ଥାନା ଅଧୀନ ଉଦେପୁର ଜଗନ୍ନାଥ ମନ୍ଦିର ଠାକୁରଙ୍କୁ ନେଇ ଉପୁଜିଥିବା ବିବାଦ ସମାଧାନ କରିବାକୁ ବୁଧବାର ଭେଡେନ ତହସିଲଦାର ସୀମାସବିତା କୁଲୁ, ରାଜସ୍ୱ କ୍ଷେତ୍ର ପରିଦର୍ଶକ ରାମନାରାୟଣ ସେଟ, କ୍ଷେତ୍ର ପରିଦର୍ଶକ ରଙ୍କମଣି ଲୁହା, ଗୁଞ୍ଚୁଡା ଫାଣ୍ଡି ଅଧିକାରୀ ଗଣେଶ କଳେତ, ଦେଶଭଟିଲି ସରପଞ୍ଚ ପ୍ରତିନିଧି ତଷୋବନ୍ତ ସାହୁ ପ୍ରମୁଖ ଉଦେପୁରରେ ଅପରାହ୍ଣରେ ପହଞ୍ଚି ଥିଲେ । ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁସାରେ ଗ୍ରାମବାସୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ କର୍ମକର୍ତ୍ତା ଓ ଅପରପକ୍ଷେ ଅରୁଣ ପାତ୍ରଙ୍କ ମଧ୍ୟରେ ହୋଇଥିବା ବିବାଦ ସମାଧାନ ପାଇଁ ଏକ ବୈଠକ ବସିଥିଲା । ଆଲୋଚନା ପୂର୍ବରୁ ଚାପା ଉତ୍ତେଜନା ଦେଖାଦେବାରୁ ତହସିଲଦାର ସୀମାସବିତା କୁଲୁ, ପ୍ରଶାସନିକ ଅଧିକାରୀମାନେ ଉଠି ଚାଲିଯାଇଥିଲେ ।

ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟର ସଭାପତି ସୁଦାମ ମହାକୁରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ୧୦୬/୨୦ ) ରୁଜୁ କରିଛି । ଆଇପିସି ୨୯୪, ୫୦୬, ୩୪, ଅଧିନିୟମ ଆକ୍ଟ ୧୮୦ ଅନୁସାରେ ଅରୁଣ ପାତ୍ର, ଚନ୍ଦ୍ରଶେଖର ପାତ୍ର, ଶ୍ରୀଚରଣ ପାତ୍ରଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଏ ବିଷୟରେ ଦେବୋଦତ୍ତ ଅଧିକାରୀ ମୋହନ ମହାପାତ୍ରଙ୍କୁ ପଚାରିବାରୁ ଏହି ଘଟଣା ତଦନ୍ତ କରିବାକୁ ଯିବି ବୋଲି କହିଛନ୍ତି। ତହସିଲଦାର ସୀମାସବିତା କୁଲୁଙ୍କୁ ପଚରାଯିବାରୁ ପୁଣି ଗ୍ରାମବାସୀ ପରିଚାଳନା ଟ୍ରଷ୍ଟ କର୍ମକର୍ତ୍ତା ଓ ଅପରପକ୍ଷଙ୍କୁ ଥାନାକୁ ଡାକି ସମାଧାନ କରିବାକୁ ଚେଷ୍ଟା କରାଯିବା ବୋଲି କହିଥିଲେ ।

ସୂଚନାଯୋଗ୍ୟ, ଗତ ୮ ଦିନ ହେବ ଏହି ବିବାଦକୁ ନେଇ ଜଗନ୍ନାଥ ମନ୍ଦିର ଫାଟକରେ ତାଲା ପଡିଛି । ପୂଜକ ପରକ୍ଷୀତ ପୁରୋହିତ ମନ୍ଦିର ବାହାରରେ ପ୍ରତିଦିନ ଠାକୁରଙ୍କ ପୂଜା ଅର୍ଚ୍ଚନା କରୁଛନ୍ତି।

# ଅଭିଯୁକ୍ତ ଅଭିଷେକ ପୁଣି ହସ୍ପିଟାଲରେ ଭର୍ତ୍ତି

**ବଲାଙ୍ଗୀର ଅଫିସ, ୧୭।୬**

କଫସିରପ କାରବାରର ବଲାଙ୍ଗୀର ଜିଲାରେ ବନ୍ଦୀ ଥିବା ଅନ୍ୟତମ ଅଭିଯୁକ୍ତ ଅଭିଷେକ ଦୋରାଙ୍କୁ ବୁଧବାର ପୁଣି ଥରେ ଭୀମଭୋଇ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସକାଳେ ଜେଲ ପରିସରରେ ଚାଲୁଥିବାବେଳେ ସେ ପଡିଯାଇଥିଲେ। ଗତ ରବିବାର ଅଭିଷେକ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସା ପରେ ରବିବାର ରାତିରେ ତାଙ୍କୁ ଜେଲକୁ ଫେରାଇ ଅଣାଯାଇଥିବା ନେଇ ଜେଲ ଅଧିକ୍ଷକ ଊର୍ମିଳା ମିଞ୍ଜ ସୂଚନା ଦେଇଥିଲେ । ନିଶାଦ୍ରବ୍ୟ କାରବାରରେ ଗିରଫ ହୋଇ ଗତ ମେ ୨୭ ତାରିଖରୁ ଅଭିଷେକ ବଲାଙ୍ଗୀର ଜେଲରେ ରହିଛନ୍ତି। ତେବେ ଅଭିଷେକ ବାହାନା କରୁଥିବା ସେ ସୂଚନା ଦେଇଛନ୍ତି।

# ମେନକାଙ୍କ ଚିକିତ୍ସା ପାଇଁ ମିଳିଲା ସହାୟତା

**ଅତାବିରା,୧୭।୬ (ଡି.ଏନ.ଏ.)**

- ପ୍ରଶାସନିକ ତଦନ୍ତ ଆରମ୍ଭ
- ଭିମ୍‌ସାରରୁ ଘରକୁ ଫେରିଲେ


କୁଡିଆ ଘର ଆଗରେ ସ୍ୱାମୀଙ୍କ ସହ ମେନକା ।

ବରଗଡ ଜିଲା ଭେଡେନ ବ୍ଲକ ବୁର୍ଦ୍ଧା ହରିଜନପଡାର ମେନକା ଭୋରାସାଗର (୩୪) କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ବୁର୍ଲା ଭିମ୍‌ସାରରେ ଚିକିତ୍ସିତ ହେଉଥିଲେ। ସ୍ତ୍ରୀର ଚିକିତ୍ସା ପାଇଁ ଟଙ୍କା ନାହିଁ, ସହାୟତା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ସ୍ୱାମୀ ଶୀର୍ଷକରେ ଏକ ରିପୋର୍ଟ ମଙ୍ଗଳବାର ଧରିତ୍ରୀରେ ପ୍ରକାଶ ପାଇଥିଲା । ବୁଧବାର ଭେଡେନ ତହସିଲଦାର ସୀମାସବିତା କୁଲୁ ବୁର୍ଦ୍ଧା ଗାଁରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମେନକା ଓ ତାଙ୍କ ସ୍ୱାମୀ ପଦ୍ମଲୋଚନ ଭିମ୍‌ସାରରେ ଥିବାରୁ ତହସିଲଦାର ସେମାନଙ୍କୁ ଭେଟି ପାରି ନ ଥିଲେ । ହେଲେ ତହସିଲଦାର କୁଲୁ ପଦ୍ମଲୋଚନଙ୍କ ବଡ ଭାଇ ପୁରୁଷୋତ୍ତମ, ଭାଉଜ ଲଳିତା, ପୁତୁରା ରୋହିତ, ପୁଅ ଚନ୍ଦ୍ରଶେଖରଙ୍କୁ ଭେଟି ସମସ୍ତଙ୍କ ବୟାନ ରେକର୍ଡ କରି ଫେରିଛନ୍ତି। ମେନକାଙ୍କ ଚିକିତ୍ସା ପାଇଁ କେତେଜଣ ବ୍ୟକ୍ତି ସହାୟତା ରାଶି ପ୍ରଦାନ କରିଛନ୍ତି। ବୁଧବାର ସନ୍ଧ୍ୟାରେ ମେନକା ଓ ପଦ୍ମଲୋଚନ ଭିମ୍‌ସାରରୁ ଘରକୁ ଫେରିଛନ୍ତି।

# କୃଷି, ଉଦ୍ୟାନ, ପଶୁପାଳନ ଉପରେ ଗୁରୁତ୍ୱ

**ବଲାଙ୍ଗୀର ଅଫିସ, ୧୭।୬**


ବଲାଙ୍ଗୀର ସର୍କିଟହାଉସଠାରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ, ବିଧାୟକଙ୍କ ସହ ଜିଲାପାଳ ଓ ଜିଲାସ୍ତରୀୟ ଅଧିକାରୀ ।

## କରୋନା କ୍ଷତିଗ୍ରସ୍ତ ପ୍ରବାସୀଙ୍କୁ କର୍ମନିଯୁକ୍ତି ନେଇ ଜିଲାସ୍ତରୀୟ ବୈଠକ

କରୋନା ମହାମାରୀ ଓ ସଂକ୍ରମଣ ସମସ୍ତଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିଛି । ବିଶେଷକରି ରାଜ୍ୟ ବାହାର ପ୍ରବାସୀମାନେ ଗୁରୁତରଭାବେ କ୍ଷତିଗ୍ରସ୍ତ ହୋଇ ଫେରୁଛନ୍ତି । ଏଭଳି ସ୍ଥିତିରେ ସେମାନେ ଆଗକୁ କିଭଳି ଗୁଜୁରାଣ ମେଣ୍ଟାଇବେ ଏହା ବଡ ପ୍ରଶ୍ନ ହୋଇ ଉଭା ହୋଇଛି । ତେବେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ପ୍ରବାସୀ ଶ୍ରମିକଙ୍କୁ ସାମିଲ କରି ସେମାନଙ୍କୁ କର୍ମନିଯୁକ୍ତି ଯୋଗାଇବା ନେଇ ସରକାର ଯୋଜନା କରୁଛନ୍ତି । ଏନେଇ ବୁଧବାର ସ୍ଥାନୀୟ ସର୍କିଟ ହାଉସଠାରେ ଏକ ଜିଲାସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି । ବୈଠକରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଟୁକୁନୀ ସାହୁ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଓ ପାଟଣାଗଡ ବିଧାୟକ ସରୋଜ ମେହେର ଯୋଗଦେଇଥିଲେ । ଜିଲାପାଳ ଅରିନ୍ଦମ ଡାକୁଆ, ପିଡି ଡ ମହେଶ୍ୱର ସ୍ୱାଇଁ, ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ ମହାନ୍ତି, ଟିଟିଲାଗଡ ଉପଖଣ୍ଡ କୃଷି ଅଧିକାରୀ ବାଳକୃଷ୍ଣ ଗୌଡ, ଉଦ୍ୟାନ କୃଷି ନିର୍ଦ୍ଦେଶକ ସାରଦା ନାୟକଙ୍କ ସହ ମତ୍ସ୍ୟବିଭାଗ, ଉଠା ଜଳସେଚନ, ସମବାୟ ବ୍ୟାଙ୍କ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ମନ୍ତ୍ରୀ ଟୁକୁନୀ ସାହୁ ରାଜ୍ୟ ସରକାରଙ୍କ ଯୋଜନାରେ କିଭଳି ପ୍ରବାସୀମାନେ ଉପକୃତ ହୋଇପାରିବେ ସେନେଇ ଗୁରୁତ୍ୱାରୋପ କରିଥିଲେ। ବିଧାୟକ ନରସିଂହ ମିଶ୍ର ଯେଉଁ କୃଷିଭିତ୍ତିକ ଯୋଜନାରେ ପ୍ରବାସୀଙ୍କ କର୍ମନିଯୁକ୍ତି କଥା କୁହାଯାଉଛି ତାହାର ସୁଫଳ ପାଇବାକୁ ହେଲେ ୬ମାସରୁ ଏକ ବର୍ଷ ସମୟ ଲାଗିଯିବ ଓ ଏଭଳି ସ୍ଥିତିରେ ସରକାର ପ୍ରଥମ ୬ ମାସ ପାଇଁ ପ୍ରତ୍ୟେକ ପ୍ରବାସୀଙ୍କୁ ମାସକ ୧୦ହଜାର ଟଙ୍କା ଓ ପରବର୍ତ୍ତୀ ୬ମାସ ପାଇଁ ମାସିକ ୭ହଜାର ୫ଶହ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ କହିଥିଲେ। ଏହାହେଲେ ପ୍ରବାସୀ କରୋନା କ୍ଷତିର ମୁକାବିଲା କରିପାରିବେ ବୋଲି କହିଥିଲେ। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଦକ୍ଷତା ମ୍ୟାପିଂ କରି କାମ ଯୋଗାଇବା ଉପରେ ଗୁରୁତ୍ୱ ଦେଇଥିଲେ। କଣ୍ଟାବାଞ୍ଜି ବିଧାୟକ ସାଲୁଜା ଓ ପାଟଣାଗଡ ବିଧାୟକ ମେହେର ମଧ ପ୍ରବାସୀଙ୍କ କର୍ମନିଯୁକ୍ତି ନେଇ ସୁଚିନ୍ତିତ ପ୍ରସ୍ତାବ ଦେଇଥିଲେ ।

# ରେଞ୍ଜରଙ୍କୁ ହିସାବ ମାଗିଲେ ଡିଏଫ୍‌ଓ

**ସମ୍ବଲପୁର,୧୭।୬(ବ୍ୟୁରୋ)**

ସମ୍ବଲପୁର ଧମା ରେଞ୍ଜରେ ଜଙ୍ଗଲ ବୃଦ୍ଧି ଓ ସୁରକ୍ଷା ପାଇଁ ଓଏଫ୍‌ଏସ୍‌ଡିଏଫ୍ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଧରିତ୍ରୀରେ ବୁଧବାର ଖବର ପ୍ରକାଶ ପାଇଥିଲା । ସମ୍ବଲପୁର ଡିଏଫ୍‌ଓ ଡ.ସଞ୍ଜୀତ କୁମାର ଏ ନେଇ ଧମା ଓ ସଦର ରେଞ୍ଜରଙ୍କୁ ଚିଠି କରି ସବୁ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଯୋଜନାରେ କେତେ ଟଙ୍କା ଆସିଥିଲା, କେତୋଟି ବନ ସୁରକ୍ଷା ସମିତିକୁ ଅନୁଦାନ ଦିଆଯାଇଥିଲା ଓ କେଉଁ ଯୋଜନାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, ଜିଓ ଟ୍ୟାଗିଂ କିଭଳି କରାଯାଇଛି, କାମର ସ୍ଥାୟିତ୍ୱ କିଭଳି ରହିଛି, ବନ ସୁରକ୍ଷା ସମିତି ଜମା ଖାତାରେ କେତେ ଟଙ୍କା ବାକି ପଡିଛି ସବୁ ହିସାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସିଏଫ୍ ମଦନ ଲାଲ ଶର୍ମାଙ୍କୁ ଧମା ରେଞ୍ଜରେ ହୋଇଥିବା ଅଭିଯୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସେନା କର୍ମଚାରୀ, ଗର୍ଭବତୀଙ୍କ ସମେତ ୧୧ଜଣଙ୍କୁ କରୋନା

**ବରଗଡ଼ ଅଫିସ୍/ଭଟଲି,୧୭।୬**


କଣ୍ଟେନମେଣ୍ଟ ଜୋନ୍ ନଲିଚୂଆଁ ରାସ୍ତାରେ ବାଡ଼ ଦିଆଯାଇଛି ।

ବରଗଡ଼ ଜିଲାରେ ବୁଧବାର ପୁଣି ୧୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଭଟଲି ବ୍ଲକ ନଲିଚୂଆଁର ୩ଜଣ, ବଡ଼ମାଳର ୨, ବେହେରାପାଲିର ଜଣେ, ବରଗଡ଼ ପୌର ପରିଷଦ ୱାର୍ଡ଼ ନଂ-୧୬ ଅଧିନ କେନାଲପଡ଼ା(ଗାନ୍ଧୀନଗର)ର ଜଣେ, ବିଜେପୁର ବ୍ଲକ ପୁଞ୍ଜିପଥରର ୩ ଏବଂ ଅମ୍ବାଭୋନା ବ୍ଲକ ରୁଚିଦାର ଜଣେ ରହିଛନ୍ତି ବୋଲି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ରୁଚିଦାର ଆକ୍ରାନ୍ତ ଜଣଙ୍କ ବାହ୍ୟଗସ୍ତ କରିଥିବା ନେଇ ସୂଚନା ନଥିବାବେଳେ ନଲିଚୂଆରୁ ଚିହ୍ନଟ ନୂଆ ୩କରୋନା ପଜିଟିଭ୍ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଛନ୍ତି। ସେହିପରି ବଡ଼ମାଳରୁ ଚିହ୍ନଟ ହୋଇଥିବା ୨ଯୁବକ ସେନା କର୍ମଚାରୀ। ସେମାନେ ରାଜସ୍ଥାନ, ପଞ୍ଜାବ ଫେରନ୍ତା। ବେହେରାପାଲିର ଆକ୍ରାନ୍ତ ମହିଳା ଜଣକ ଗର୍ଭବତୀ ଓ ତାମିଲନାଡୁ ଫେରନ୍ତା ବୋଲି ସୂଚନା ମିଳିଛି। ଗାନ୍ଧୀନଗରରୁ ଚିହ୍ନଟ ଆକ୍ରାନ୍ତ ରଷ ଫେରନ୍ତା ହୋଇଥିବାବେଳେ ପୁଞ୍ଜିପଥରରୁ ଚିହ୍ନଟ ୩ ଆକ୍ରାନ୍ତ ତାମିଲନାଡୁ ଓ କେରଳ ଫେରନ୍ତା ବୋଲି ସୂଚନା ଦିଆଯାଇଛି। ତେବେ ରୁଚିଦାରୁ ଚିହ୍ନଟ ଆକ୍ରାନ୍ତଙ୍କ ବ୍ୟତୀତ ଅନ୍ୟ ସମସ୍ତ ଆକ୍ରାନ୍ତ ସଙ୍ଗରୋଧଭାବେ ରହିଥିଲେ। ପଜିଟିଭ୍ ଚିହ୍ନଟ ପରେ ଆକ୍ରାନ୍ତଙ୍କ ଗ୍ରାମଗୁଡ଼ିକୁ କଣ୍ଟେନମେଣ୍ଟ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବଫର୍ ଜୋନ ଘୋଷଣା କରାଯାଇଛି ।

# ସୁବର୍ଣ୍ଣପୁର ଜିଲାକୁ ଫେରିଲେଣି ୭୯୪୪ ପ୍ରବାସୀ ଶ୍ରମିକ

**ସୋନପୁର,୧୭।୬(ନି.ପ୍ର.)**

## ୫୩୨୮ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ ହୋଇନି

ସୁବର୍ଣ୍ଣପୁର ଜିଲାରେ ଦାଦନ ଶ୍ରମିକଙ୍କ ସଂଖ୍ୟା ବଢିଚାଲିଛି। କିନ୍ତୁ ସରକାରଙ୍କ ଶ୍ରମ ବିଭାଗରେ ପଞ୍ଜୀକୃତ ଦାଦନ ଶ୍ରମିକଙ୍କ ସଂଖ୍ୟା ମାତ୍ର ୧୮ ଜଣ । ଅନେକ ଶ୍ରମିକ ବିନା ପଞ୍ଜୀକରଣରେ ରାଜ୍ୟ ବାହାରକୁ ଯାଇଛନ୍ତି । କରୋନା ସଂକ୍ରମଣକୁ ପ୍ରତିରୋଧ ପାଇଁ ସରକାରଙ୍କ ଲକ୍‌ଡାଉନ୍ ଯୋଗୁ ପ୍ରାୟ ୧୫ ହଜାର ପ୍ରବାସୀ ଭିଟାମାଟିକୁ ଫେରିବା ପାଇଁ ପଞ୍ଜୀକରଣ କରିଛନ୍ତି । ଲକ୍‌ଡାଉନ୍ କୋହଳ ପରେ ଜିଲାକୁ ପ୍ରବାସୀ ଶ୍ରମିକଙ୍କ ସୁଅ ଛୁଟିଛି । ବର୍ତ୍ତମାନ ସୁଦ୍ଧା ତାମିଲନାଡୁରୁ ସର୍ବାଧିକ ୪ ହଜାର ୬୨୩ ଜଣ ଶ୍ରମିକ ଜିଲାକୁ ଫେରିଛନ୍ତି । ସେହିପରି ତେଲଙ୍ଗାନାରୁ ୧୫୯୦, ଆନ୍ଧ୍ରପ୍ରଦେଶ ୫୫୫, ଗୁଜରାଟ ୨୯୮, ମହାରାଷ୍ଟ୍ର ୨୪୫, କର୍ଣ୍ଣାଟକରୁ ୧୭୭, ଛତିଶଗଡ ୯୨, ପଶ୍ଚିମବଙ୍ଗ ୫୩, ରାଜସ୍ଥାନ ୪୮, ଉତ୍ତରପ୍ରଦେଶରୁ ୪୭ ଓ କେରଳରୁ ୩୮ ଜଣ ଶ୍ରମିକ ଫେରିଥିବା ଜଣାପଡିଛି । ଜିଲାକୁ ମୋଟ ୭୯୪୪ ଜଣ ଶ୍ରମିକ ଫେରିଲେଣି । ଆହୁରି ୭ ହଜାର ଶ୍ରମିକ ଭିଟାମାଟିକୁ ଫେରିବେ ବୋଲି ଅନୁମାନ କରାଯାଉଛି। ଏଭଳି ସ୍ଥିତିରେ ସରକାରଙ୍କ କୋଭିଡ ପରିଚାଳନା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କାରଣ ତାମିଲନାଡୁ, ମହାରାଷ୍ଟ୍ର ଓ ଗୁଜରାଟ ଭଳି ଅଧିକ ସଂକ୍ରମିତ ରାଜ୍ୟରୁ ଫେରୁଥିବା ସବୁ ପ୍ରବାସୀଙ୍କ ସ୍ୱାବ୍ ପରୀକ୍ଷା କରାଯାଉନାହିଁ । କେବଳ ଲକ୍ଷଣ ପ୍ରକାଶ ପାଉଥିଲେ ସ୍ୱାବ୍ ସଂଗ୍ରହ ହେଉଛି । ଅଧିକାଂଶ ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୭ ଦିନ ରଖି ବିନା ପରୀକ୍ଷାରେ ଘରକୁ ପଠାଇ ଦିଆଯାଉଛି । ସେମାନଙ୍କୁ ୭ ଦିନ ହୋମ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଉଛି । ମାତ୍ର କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ଗରିବ ଶ୍ରମିକଙ୍କ ଘରେ ସ୍ୱତନ୍ତ୍ର କୋଠରି, ଶୌଚାଳୟ ଓ ଗାଧୁଆଘର ନାହିଁ । ତେଣୁ ସେମାନେ ଖୋଲାରେ ବୁଲୁଛନ୍ତି । ଏହାଦ୍ୱାରା ପରିବାର ଲୋକ ଓ ଗ୍ରାମବାସୀଙ୍କୁ କରୋନା ବ୍ୟାପିବାର ଅଧିକ ସମ୍ଭାବନା ରହିଛି । ଏହାମଧରେ ୫, ୫୦୦ ପ୍ରବାସୀ ଟିଏମ୍‌ସିରୁ ଡିସ୍‌ଚାର୍ଜ ହେଲେଣି ।

ଜିଲା ପ୍ରଶାସନର ତଥ୍ୟ ଅନୁଯାୟୀ ବୁଧବାର ସୁଦ୍ଧା ଜିଲାରୁ ମୋଟ ୨୬୧୬ଟି ସ୍ୱାବ୍ ନମୁନା ସଂଗ୍ରହ ହୋଇ ପରୀକ୍ଷା ପାଇଁ ପଠାଯାଇଛି । ସେଥିମଧ୍ୟରୁ ୨୦୪୫ ନମୁନାର ରିପୋର୍ଟ ଆସିଛି। ୩୧ଟି ରିପୋର୍ଟ ପଜିଟିଭ୍ ଆସିଥିଲା ବେଳେ ୨୦୧୪ଟି ନେଗେଟିଭ୍ । ସେଥି ମଧ୍ୟରୁ ୨୯ ଜଣ ସୁସ୍ଥ ହେଲେଣି । ୨ ଜଣ ଆକ୍ରାନ୍ତ ଜିଲା କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେହିଭଳି ସଂକ୍ରମିତଙ୍କ ପରୀକ୍ଷା ରିପୋର୍ଟ ଆସିବାରେ ବହୁ ବିଳମ୍ବ ହେଉଛି।

## ସଂକ୍ଷେପରେ

### ଯୁବତୀଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

**ଛେଣ୍ଡିପଦା,୧୭।୬(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ପୋଲିସ ବୁଧବାର ଉଦ୍ଧାର କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ରବିବାର ଯୁବତୀ ଜଣକ ଶୌଚ ହେବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଁ ତାଙ୍କ ପତ୍ତା ମିଳି ନ ଥିଲା। ବୁଧବାର ସକାଳେ ଯୁବତୀଙ୍କ ମୃତଦେହ ଏକ ଜାମୁ ଗଛରେ ଝୁଲୁଥିବା ଖବରପାଇ ଥାନା ଅଧିକାରୀ କନକ କୁମାର ମାଝି, ଏସ୍ଆଇ ପ୍ରତାପ ଚନ୍ଦ୍ର ଦଳେଇ, ବାଗଡିଆ ଫାଣ୍ଡି ଅଧିକାରୀ ଅବଦୁଲ ୱାସିମ ଖାନ ଓ ଅଜୟ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯୁବତୀଙ୍କୁ କେହି ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

### ପାଇପ୍‌ଲାଇନକୁ ବିରୋଧ

**ଛେଣ୍ଡିପଦା,୧୭।୬(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରି ପଞ୍ଚାୟତ ନୂଆପଡା ଗ୍ରାମବାସୀ ଗ୍ରାମ ଦେଇ ଗ୍ୟାସ୍ ପାଇପ୍ ଲାଇନ ବିଛାଯିବା କାମକୁ ବିରୋଧ କରିଛନ୍ତି। ଏହାଦ୍ୱାରା ବହୁ ଲୋକଙ୍କ ଘରଡିହ, ଜମି ଯିବା ସହ ପ୍ରଭୂତ କ୍ଷତିସାଧନ ହେବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ନିକଟରେ ଥିବା ପେଟ୍ରୋଲ ପମ୍ପ ପଛ ପାର୍ଶ୍ୱ ଦେଇ ଏହି ପାଇପ୍‌ଲାଇନ ନେବା ପାଇଁ ଏକ ବୈଠକରେ ଗ୍ରାମବାସୀ ଦାବି କରିଛନ୍ତି। ଏହି ବୈଠକରେ ରାକେଶ କୁମାର ନାଥ, ମହେଶ୍ୱର ମାଝି, ରତ୍ନାକର ବେହେରା, ମୁରଲୀ ଭୋଇ, ଜୟନ୍ତ ସାହୁଙ୍କ ସମେତ ନୂଆପଡାବାସୀ, ପୁରୁଣାଗଡ ଗ୍ରାମର ଜନସାଧାରଣ ଯୋଗଦେଇଥିଲେ।

### ଟାଙ୍ଗିଆ ଚୋଟରେ ଯୁବକ ଗୁରୁତର

**କଣିହାଁ, ୧୭।୬(ଡି.ଏନ.ଏ.):** କଣିହାଁ ବ୍ଲକ ଏନ୍‌ଟିପିସି ଥାନା ରଙ୍ଗବେଡା ପାଣିଟାଙ୍କି ହଟିଂର ଦେବରା ସୋରେନଙ୍କୁ ମଙ୍ଗଳବାର ଟାଙ୍ଗିଆରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆଇଆଇସି ଦୀପିକା ଦେବୀରାୟଙ୍କ ସୂଚନା ମୁତାବକ, ଦେବରା ଓ ସେହି ଅଞ୍ଚଳର ନଣ୍ଡା ମହାରଣାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସେହି ସମୟରେ ନଣ୍ଡା ଏକ ଟାଙ୍ଗିଆରେ ଦେବରାଙ୍କୁ ଆକ୍ରମଣ କରିଥିଲେ।
ଏ ନେଇ ଏକ ମାମଲା ରୁଜୁ ହେବା ସହ ନଣ୍ଡାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି।

### ସାପ କାମୁଡ଼ାରେ ଯୁବକ ମୃତ

**ଛେଣ୍ଡିପଦା,୧୭।୬(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ବରପଦା ପଞ୍ଚାୟତ ବରପଦା ହରିଜନସାହିର ବୈରାଗୀ ନାଏକ(୪୫)ଙ୍କ ସାପକାମୁଡ଼ାରେ ମୃତ୍ୟୁ ହୋଇଛି। ବୈରାଗୀ ମଙ୍ଗଳବାର ରାତିରେ ଶୋଇଥିବାବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟ ନେଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଚୋରା ମଦ ସହ କାର୍ ଜବତ

**ଅନୁଗୋଳ ଅଫିସ, ୧୭।୬:** ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ନତଡା ଅଞ୍ଚଳର ଦୀପକ ମହାପାତ୍ର ଓ ଆଶିଷ ଥମ୍ବଙ୍କୁ ଗିରଫ କରାଯିବା ସହ ୧୮୦ ଲିଟର ଦେଶୀ ମଦ, ଏକ କାର୍ ଜବତ କରାଯାଇଛି। କାରରେ ମଦ ନିଆଯାଉଥିବା ଖବରପାଇ ଚଢାଉ କରାଯାଇଥିବା ଅବକାରୀ ଏସ୍‌ପି କ୍ରିଷ୍ଣା ନାୟକ ସୂଚନା ଦେଇଛନ୍ତି।

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**କଣିହାଁ, ୧୭।୬(ଡି.ଏନ.ଏ.):** କଣିହାଁ ବ୍ଲକ ଜରଡା ପଞ୍ଚାୟତରେ ବୁଧବାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ସରପଞ୍ଚ ସୁମିତ୍ରା ଦାସଙ୍କ ପୌରୋହିତ୍ୟରେ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ବିଡିଓ ରମେଶ ଜେନା, ସମିତି ସଭ୍ୟ ଯତୀନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା, ନୂତନ ଫାଟକ ସହିତ ୫ଟି ଦୋକାନ ଗୃହର ଉଦ୍‌ଘାଟନ କରିଥିଲେ। ଏଥିସହ ଜମାନିଆ ଗ୍ରାମରେ ଥଣ୍ଡା ପାନୀୟଜଳ ବ୍ୟବସ୍ଥା ଶୁଭାରମ୍ଭ କରିଥିଲେ।

# ପ୍ରସାଦ ହିଁ ପାଉଣା

- ବିଶ୍ୱନିୟନ୍ତାଙ୍କ ରୂପକାର ବିଜୟ
- ୫୦ବର୍ଷ ହେଲା କରୁଛନ୍ତି ସେବା
- ଅନବସରରେ କରନ୍ତି ଗୁପ୍ତନୀତି

(ରତନ ନାୟାର)
**ଢେଙ୍କାନାଳ ଅଫିସ, ୧୭।୬**

ଭାବର ଠାକୁର ସେ। ଭକ୍ତର ଭଗବାନ ବି। ଭାଗ୍ୟରେ ଥିଲେ ମିଳେ ବିଶ୍ୱନିୟନ୍ତାଙ୍କ ସେବା କରିବାର ସୁଯୋଗ। ରସିକରାଜଙ୍କ କମନୀୟ ରୂପକୁ ଦେଖିବାକୁ ବିଶ୍ୱବାସୀ ବ୍ୟାକୁଳ ହେଉଥିବାବେଳେ ମହାପ୍ରଭୁଙ୍କ ଏହି ସୂକ୍ଷ୍ମକାର୍ଯ୍ୟକୁ ନିଷ୍ଠାର ସହ କରିବାର ସୌଭାଗ୍ୟ ଜୁଟିଥାଏ ମାତ୍ର କେତେଜଣଙ୍କୁ। ବିଶ୍ୱନିୟନ୍ତାଙ୍କୁ ରଙ୍ଗତୂଳୀରେ ସଜାଉଥିବା ଏଭଳି ଜଣେ ରୂପକାର ସେବକ ହେଉଛନ୍ତି ଢେଙ୍କାନାଳ ଜିଲାର ବିଜୟ ମହାପାତ୍ର। ଅନବସର ସମୟରେ ଠାକୁରଙ୍କ ଗୁପ୍ତନୀତି ହେଉ ଅବା ଶ୍ରୀମୁଖ ଶୃଙ୍ଗାର ସବୁକାମକୁ ସେ କରିଆସୁଛନ୍ତି ନିଷ୍ଠାପର ଭାବରେ। ଦୀର୍ଘ ୫୦ ବର୍ଷ ଧରି ଏହି କାମରେ ନିଜକୁ ସମର୍ପି ଦେଇଛନ୍ତି ସେ। ପାଉଣା ନୁହେଁ, ଠାକୁରଙ୍କ ପ୍ରସାଦ ଟିକିଏ ମିଳିଗଲେ ସେତିକି ଯଥେଷ୍ଟ ବୋଲି କହିଛନ୍ତି ବିଜୟ।

ଓଡ଼ାପଡ଼ା ବ୍ଲକ ପଞ୍ଚୁପଟି ଗ୍ରାମରେ ସପରିବାର ରୁହନ୍ତି ବିଜୟ। ବୟସ ୬୦ ଟପିଲାଣି। ତଥାପି ସେ ବେଶ୍ ଚଳଚଞ୍ଚଳ। ତାଙ୍କ ହାତର ରଙ୍ଗତୂଳୀ


ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି ବିଜୟ।

କଥାକୁହେ। ଦୀର୍ଘ ୫୦ ବର୍ଷ ହେଲା ସେ ଏବଂ ତାଙ୍କ ବଂଶଜ ମହାପ୍ରଭୁ ବଳରାମଙ୍କ ସେବାରେ ନିଜକୁ ସମର୍ପଣ କରିଦେଇଛନ୍ତି। ଅଣସର ଘରେ ମହାପ୍ରଭୁଙ୍କ ଗୁପ୍ତନୀତି ସମ୍ପନ୍ନ କରିବା ବେଳେ ତାଙ୍କ କାନ୍ଧରେ ଥାଏ ଗୁରୁଦାୟିତ୍ୱ। ରାଜରାଜୁଡ଼ା ଅମଳରୁ ପିଢ଼ି ପରେ ପିଢ଼ି ଧରି ବିଜୟଙ୍କ ପରିବାର ଏହି କାମ କରି ଆସୁଛନ୍ତି। ସେହିପରି ମନ୍ଦିର ବାହାରେ ଝୁଲଣ ଘରେ ଅଞ୍ଚଳବାସୀଙ୍କ ଘରେ ପୂଜା ପାଉଥିବା ଚତୁର୍ଦ୍ଧା ବିଗ୍ରହଙ୍କୁ ସେ ନୂଆରଙ୍ଗରେ ସଜାଇଥାନ୍ତି। ଏହି କାର୍ଯ୍ୟ ଲାଗି ସେ ପ୍ରାପ୍ୟ ନେଇଥାନ୍ତି। ଏ ସମ୍ପର୍କରେ ବିଜୟ କୁହନ୍ତି, ୧୦ବର୍ଷର ହୋଇଥିବାବେଳେ ବାପାଙ୍କ ସହ ଆସି ଏହି କାର୍ଯ୍ୟ କରୁଥିଲେ। ଭାଇ, ପୁତୁରାମାନେ ମଧ୍ୟ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ଦେବୋତ୍ତର ବିଭାଗ ତରଫରୁ ତାଙ୍କ ପରିବାରକୁ ଦାୟିତ୍ୱ ମିଳିଛି। ଅନବସର ନୀତି ଆରମ୍ଭ ହେଲେ ସେ ଏବଂ ତାଙ୍କ ସହଯୋଗୀମାନେ ମନ୍ଦିରକୁ ଆସିଥାନ୍ତି। ନୀତି ଶେଷ ନ ହେବା ଯାଏ କେହି ବାହାରକୁ ଆସନ୍ତି ନାହିଁ। ମନ୍ଦିର ଭିତରେ ରହି ପ୍ରସାଦ ସେବନ କରିଥାନ୍ତି। ଚଳିତ ବର୍ଷ କରୋନା ପାଇଁ ସରକାରଙ୍କ ନିୟମ ଅନୁଯାୟୀ ମାସ୍କ ପିନ୍ଧି ଶ୍ରୀଜୀଉଙ୍କ ନୀତି ଚାଲିଛି। ବର୍ଷକୁ ଥରେ ବଡ଼ ଠାକୁରଙ୍କ ସେବା କରିବା ସୌଭାଗ୍ୟର ବିଷୟ। ବୁଧବାର ଖଳିଲାଗି ଏକାଦଶୀ ନୀତି ଯଥାବିଧି ଶେଷ ହୋଇଛି। ୨୧ରେ ସୂର୍ଯ୍ୟୋପରାଗ ପଡୁଥିବାରୁ ଏହାର ଦିନକ ପୂର୍ବରୁ ୨୦ ତାରିଖରେ ନେତ୍ରୋତ୍ସବ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି।

### ଭାବରେ ହୋଇଛି ବନ୍ଧା: ବିଜୟ

୪ବର୍ଷ ତଳର କଥା। ଅଣସର ଘରେ ମହାପ୍ରଭୁ ଶ୍ରୀବଳରାମଙ୍କ ଡାହାଣ ହାତରେ ବଜ୍ରଲେପନ ଦେଉଥିବା ବେଳେ ଅସହ୍ୟ ଗରମ ହେଉଥିଲା। ଏହି ସମୟରେ ଠାକୁରଙ୍କୁ ଦୁଃଖ ଜଣାଇ ହାତ ଟେକିଦେଲୁ। ଏହାର କିଛି ସମୟ ମଧ୍ୟରେ ହଠାତ୍ ମୁଷଳ ଧାରାରେ ବର୍ଷା ଆରମ୍ଭ ହେଲା। ପରିବେଶ ଥଣ୍ଡା ହୋଇଗଲା। ଏହି ଅନୁଭୂତି ଭାବିଲା ବେଳେ ଆଖିରେ ଲୁହ ଜକେଇ ଆସେ। ମହାପ୍ରଭୁଙ୍କ ଭାବରେ ବନ୍ଧା ହୋଇଛି। ଜୀବନ ଥିବା ଯାଏ ତାଙ୍କରି ସେବା କରୁଥିବି।

# ଦିନରେ ଗୋରୁ, ରାତିରେ ମଦ୍ୟପଙ୍କ ଆଡ୍ଡା


ବସ୍‌ଷ୍ଟାଣ୍ଡରେ ଗୋରୁପଲ।

**କାମାକ୍ଷାନଗର, ୧୭।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡ ଗୁହାଳ ପାଲଟିଛି। ଲକ୍‌ଡାଉନ୍ ସମୟରେ ଗୋରୁପଲ ବସ୍‌ଷ୍ଟାଣ୍ଡରେ ଅବାଧ ବିଚରଣ କରୁଛନ୍ତି। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପରିଚାଳନା ଅଭାବରୁ ଏପରି ସମସ୍ୟା ଉପୁଜିଛି। ଏପରି କିଛି ଦିନ ଲାଗି ରହିଲେ ବସ୍‌ଷ୍ଟାଣ୍ଡ ଭୂତକୋଠି ପାଲଟିଯିବ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି।

କାମାକ୍ଷାନଗର ବସ୍‌ଷ୍ଟାଣ୍ଡ ଉପରେ ଉପଖଣ୍ଡ ସମେତ ଜିଲାର ଶତାଧିକ ଯାତ୍ରୀ ନିର୍ଭରଶୀଳ। ତେବେ ଲକ୍‌ଡାଉନ୍ ପାଇଁ ଏବେ ବସ୍ ଚଳାଚଳ ସ୍ୱାଭାବିକ ହୋଇପାରୁନାହିଁ। ସରକାର ଅନୁମତି ଦେଇଥିଲେ ମଧ୍ୟ ଯାତ୍ରୀ ହେଉ ନ ଥିବାରୁ ବସ୍ ଚଳାଚଳ କରୁନାହିଁ। ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବସ୍‌ଷ୍ଟାଣ୍ଡକୁ ପ୍ରବେଶ ଏବଂ ପ୍ରସ୍ଥାନ ଲାଗି ୨ଟି ଗେଟ୍ ରହିଥିବାବେଳେ ଏହା ଦିନରାତି ମୁକୁଳା ରହୁଛି। ତେଣୁ ବୁଲାଗୋରୁମାନେ ଭିତରକୁ ସହଜରେ ପ୍ରବେଶ କରୁଛନ୍ତି। ସେହିପରି ରାତିରେ ଏଠାରେ ଅସାମାଜିକଙ୍କ ମଦ୍ୟପାନର ଆସର ଜମୁଛି। ଏ ଦିଗରେ ପୋଲିସ ଏବଂ ଏନ୍‌ଏସି ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ ଇଂ. ବିରଜା ପ୍ରସାଦ ରଥ କୁହନ୍ତି, ବସ୍‌ଷ୍ଟାଣ୍ଡରେ ଜଗୁଆଳି ମୁତୟନ ଲାଗି ଏନ୍‌ଏସି ପକ୍ଷରୁ କୌଣସି ବ୍ୟବସ୍ଥା ନାହିଁ। ବସ୍ ଚଳାଚଳ କରିବା ସମୟରେ ବସ୍ ମାଲିକ ସଂଘ କାର୍ଯ୍ୟାଳୟ ଥିବାରୁ ଏଠାରେ କର୍ମକର୍ତ୍ତାମାନେ ଉପସ୍ଥିତ ଥାଆନ୍ତି। ତେଣୁ ସମସ୍ୟା ହେଉ ନ ଥିଲା। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

# କୁଆଲୋ ପଞ୍ଚାୟତ ୩ ଦିନ ଶଟ୍‌ଡାଉନ୍

- ଜିଲାପାଳ କ୍ଷମତା ପ୍ରୟୋଗ କଲେ ସରପଞ୍ଚ
- ଶଟ୍‌ଡାଉନ୍ ଭଳି ପରିସ୍ଥିତି ଉପୁଜିନାହିଁ: ବିଡିଓ

**ପରଜଙ୍ଗ, ୧୭।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତକୁ ୩ଦିନ ଲାଗି ଶଟ୍‌ଡାଉନ୍ ଘୋଷଣା କରିଛନ୍ତି ସରପଞ୍ଚ ଦୀପାରାଣୀ ସାହୁ। ଭିଡ଼ ନିୟନ୍ତ୍ରଣ ଏବଂ କରୋନା ସଂକ୍ରମଣ ଆଶଙ୍କା ଥିବାରୁ ବିଡିଓଙ୍କ ନିର୍ଦ୍ଦେଶରେ ଏଭଳି ପଦକ୍ଷେପ ନିଆଯାଇଛି। ତଦନୁଯାୟୀ ଗୁରୁବାର ସନ୍ଧ୍ୟା ୬ଟାରୁ ରବିବାର ସନ୍ଧ୍ୟା ୬ଟା ଯାଏ ପରମହଂସପୁର ଛକ, କୁଆଲୋ ହାଟ, କୁଆଲୋ କଲେଜ ଛକ ଅଞ୍ଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। କେବଳ ଔଷଧ ଦୋକାନ ଖୋଲିବ। ଏ ସଂକ୍ରାନ୍ତରେ ବିଭିନ୍ନ ସ୍ଥାନରେ ନୋଟିସ୍ ମରାଯାଇଛି। ଏଥିରେ ସହଯୋଗ କରିବାକୁ ସରପଞ୍ଚ ଅଞ୍ଚଳବାସୀଙ୍କୁ ନିବେଦନ କରିଛନ୍ତି।

ଅନ୍ୟପଟେ ଘଟଣାକୁ ନେଇ ବିଡିଓ ବସନ୍ତ କୁମାର ମଲ୍ଲିକ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ପଞ୍ଚାୟତକୁ ଶଟ୍‌ଡାଉନ୍ କରିବାକୁ ସରପଞ୍ଚ ଅନୁମତି ଲୋଡ଼ିଥିଲେ। ହେଲେ ସେ ଏ ନେଇ କୌଣସି ନିର୍ଦ୍ଦେଶ ଦେଇନାହାନ୍ତି। ପଞ୍ଚାୟତରେ ସଙ୍ଗରୋଧ କେନ୍ଦ୍ର ନାହିଁ। କେହି ସଂକ୍ରମିତ ମଧ୍ୟ ହୋଇନାହାନ୍ତି। ଶଟ୍‌ଡାଉନ୍ ଭଳି ପରିସ୍ଥିତି ଉପୁଜିନାହିଁ ବୋଲି ବିଡିଓ ନିଜ ମତାମତରେ କହିଛନ୍ତି। ତହସିଲଦାର ଜୟନ୍ତ କୁମାର ଜୟସିଂ କୁହନ୍ତି, ତାଙ୍କ ପାଖରେ ପଞ୍ଚାୟତ ଶଟ୍‌ଡାଉନ ସମ୍ପର୍କରେ କୌଣସି ସୂଚନା ନାହିଁ। ଅନ୍ୟପଟେ ବିନା କାରଣରେ ପଞ୍ଚାୟତକୁ ଶଟ୍‌ଡାଉନ୍ କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଲୋକମାନେ ସମସ୍ୟାରେ ପଡିବେ। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି।

# ଯୁବକଙ୍କୁ ଆକ୍ରମଣ, ୨ ଗିରଫ

**ବଇଣ୍ଡା, ୧୭।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ପଲ୍ଲବ ଗଡନାୟକଙ୍କୁ ପଡୋଶୀ ସୁରେଶ ବେହେରା, ତାଙ୍କ ପୁଅ ଝୁଲୁ ବେହେରା, ନାତି ଦିଶାନ୍ତ ଦାସଙ୍କ ସହ ଜଣେ ନାବାଳକ ମିଶି ରବିବାର ପଥରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପଲ୍ଲବଙ୍କ ପିତା ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୨୩/୨୦ରେ ଏକ ମାମଲା ରୁଜୁ କରିଛି। ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି, ପଲ୍ଲବଙ୍କ ପିତା ପ୍ରଫୁଲ୍ଲ ଓ ସୁରେଶଙ୍କ ମଧ୍ୟରେ କିଛି ବର୍ଷ ହେବ ଜମିବାଡି ବିବାଦ ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି ପଲ୍ଲବଙ୍କୁ ଆକ୍ରମଣ କରାଯାଇଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଫାର୍ମାସିଷ୍ଟଙ୍କ ଭରସାରେ ୧୨ ପଞ୍ଚାୟତବାସୀ

**ବଇଣ୍ଡା, ୧୭।୬(ଡି.ଏନ.ଏ.)**

ସ୍ୱାସ୍ଥ୍ୟକେନ୍ଦ୍ର ଅଛି। ହେଲେ ସେବା ଯୋଗାଇବାକୁ ୮ମାସ ହେଲା ଡାକ୍ତର ନାହାନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଜିଲା ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ଫାର୍ମାସିଷ୍ଟଙ୍କ ଉପରେ ନିର୍ଭର କରୁଛନ୍ତି ଅନୁଗୋଳ ଜିଲା କିଶୋରନଗର ଓ ଆଠମଲ୍ଲିକ ବ୍ଲକର ୧୨ ପଞ୍ଚାୟତବାସୀ। ତୁରନ୍ତ ବ୍ଲକର ହଣ୍ଡପା ଓ ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ପାଇଁ ବଇଣ୍ଡା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ମୁତାବକ, ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ବଇଣ୍ଡା ଓ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହା ଉପରେ ନୁନୁକାପଶି, ଲୁହାମୁଣ୍ଡା, ଜାମୁନାଳୀ, ଗାଁବଇଣ୍ଡା, କଟରଙ୍ଗା, ହଣ୍ଡପା, ନାକିଚି, ବିଲେଇନାଳୀ, କଣ୍ଟେଇକୁଳିଆ, ଆଠମଲ୍ଲିକ ବ୍ଲକର ପେଡିପଥର, କୁରୁମଟାପ, ସାନହୁଲା ପଞ୍ଚାୟତବାସୀ


ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

- ୮ ମାସ ହେଲା ନାହାନ୍ତି ଡାକ୍ତର
- ୩୬ କିମି ଦୂରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
- ଜିଲାପାଳଙ୍କୁ ସମସ୍ୟା ଜଣାଇଲେ ଲୋକେ

ନିର୍ଭରଶୀଳ। ହେଲେ ଚିକିତ୍ସା ପାଇଁ ଏଠାରେ ଡାକ୍ତର ନାହାନ୍ତି। ସେହିପରି କୌଣସି ସାଧାରଣ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ୩୬ କିମି ଦୂର କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନଚେତ ୪୫ କିମି ଦୂର ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ପଡୁଛି। ସେହିପରି ରାଜପଥରେ ଦୁର୍ଘଟଣାଗ୍ରସ୍ତଙ୍କୁ ମଧ୍ୟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ମିଳିପାରୁନାହିଁ। ରୋଗୀଙ୍କ ମେଡିକାଲ ରିପୋର୍ଟ ପାଇଁ କିଶୋରନଗର ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି। ତୁରନ୍ତ ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ପ୍ରତାପ ପ୍ରଧାନ, ରମାକାନ୍ତ ବେହେରା, ଅରବିନ୍ଦ ସାହୁ, ଗିରିଶ ଚନ୍ଦ୍ର ବେହେରା, ସରପଞ୍ଚ ଜଳଧର ସାହୁ, ଅମୀୟ ପ୍ରଧାନ, ବିଶ୍ୱଜିତ ମିଶ୍ର, ଅରକ୍ଷିତ ମିଶ୍ର ପ୍ରମୁଖ ଦାବି କରିଛନ୍ତି।

ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରତାପ କୁମାର ବେହେରା କୁହନ୍ତି, ରାଜ୍ୟରେ ଏବେ ଡାକ୍ତର ପଦବୀ ଖାଲିପଡିଛି। ହଣ୍ଡପା ଓ ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ପାଇଁ ସରକାରଙ୍କୁ ଅବଗତ କରାଯିବ।

# ୬୦ ରିପୋର୍ଟ ନେଗେଟିଭ

**କଣିହାଁ, ୧୭।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଏନ୍‌ଟିପିସି ବଜାର ଅଞ୍ଚଳ ସହ କେତୋଟି ପଞ୍ଚାୟତରୁ କରୋନା ଟେଷ୍ଟ ପାଇଁ ସୋମବାର ସଂଗ୍ରହ କରାଯାଇଥିବା ୬୦ ଜଣଙ୍କ ସ୍ୱାବ୍ ନମୁନା ରିପୋର୍ଟ ନେଗେଟିଭ ଆସିଛି। ବିଡିଓ ରମେଶ କୁମାର ଜେନା ଓ ବ୍ଲକ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଭୟ କୁମାର ସାମଲ ଏହି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଢେଙ୍କାନାଳ ଜିଲାର ଜଣେ ବ୍ୟକ୍ତି ଗତ ୧୧ ତାରିଖରେ ଏନ୍‌ଟିପିସି ବଜାର ଅଞ୍ଚଳରେ ଥିବା ତାଙ୍କ ଭଉଣୀ ଘରକୁ ରଜ ଭାର ନେଇ ଆସିଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ କରୋନା ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ଫଳରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଭଉଣୀଙ୍କ ପରିବାରକୁ କ୍ୱାରାଣ୍ଟାଇନ କରାଯିବା ସହ ମୋଟ୍ ୩୨ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ସେହିପରି ଏନ୍‌ଟିପିସି ପ୍ରକଳ୍ପ ଅଞ୍ଚଳର କ୍ୱାରାଣ୍ଟାଇନରେ ଥିବା ଜଣେ ମହିଳା କରୋନା ଆକ୍ରାନ୍ତ ବୋଲି ଜଣାପଡ଼ିବା ପରେ ଆଖପାଖ ପଞ୍ଚାୟତର ୨୮ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ପରୀକ୍ଷା ପାଇଁ ଯାଇଥିବା ମୋଟ୍ ୬୦ ନମୁନା ନେଗେଟିଭ୍ ଆସିଥିବାରୁ ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଛନ୍ତି।

# ପୁରୁଣା ତାରରେ କାମଚଳା ସେବା

- ବିପଦସଙ୍କୁଳ ଅବସ୍ଥାରେ ଅନେକ ଖୁଣ୍ଟ
- ଟ୍ରାନ୍ସଫର୍ମର ଚାରିପାଖେ ନାହିଁ ସୁରକ୍ଷା ବାଡ଼
- ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

**ବଅଁରପାଳ,୧୭।୬(ଡି.ଏନ.ଏ.)**

ବର୍ଷ ବର୍ଷ ଧରି ପୁରୁଣା ତାର ବଦଳାଉନି ବିଦ୍ୟୁତ୍ ବିଭାଗ। ପବନ କିମ୍ବା କଳଙ୍କି ଲାଗି ବଙ୍କା ହୋଇଯାଇଥିବା ଖୁଣ୍ଟକୁ ମଧ୍ୟ ପରିବର୍ତ୍ତନ କରାଯାଉନି। ଟ୍ରାନ୍ସଫର୍ମର ଚାରିପାଖେ ସୁରକ୍ଷା ବାଡ଼ ଦିଆ ନ ଯାଇ ବିପଦପୂର୍ଣ୍ଣ ଅବସ୍ଥାରେ ଛାଡ଼ି ଦିଆଯାଇଛି। ଏ ନେଇ ଅଭିଯୋଗ ବଢୁଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ସମସ୍ୟା ସମାଧାନ କରିବା ପରିବର୍ତ୍ତେ କାମ ଚଳାଇ ନେଉଥିବାରୁ ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଉପଭୋକ୍ତାମାନେ କହିଛନ୍ତି ଯେ, ବ୍ଲକ ଅଞ୍ଚଳର କୁଲାଡ଼, ଗିରାଙ୍ଗ, ନାଲ୍‌କୋ ମେନଗେଟ୍, ବଅଁରପାଳ, ଗୋତମରା, ସନ୍ତ୍ରୀ, ଫୁଲପଡ଼ା ସମେତ ବହୁ ସ୍ଥାନରେ ବିଦ୍ୟୁତ୍ ତାର ଓ ଖୁଣ୍ଟ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପ୍ରାୟ ୨୫ ବର୍ଷ ପୂର୍ବରୁ ଟଣା ଯାଇଥିବା ତାରଗୁଡ଼ିକୁ ବଦଳା ଯାଉନାହିଁ। ବର୍ଷା କି ପବନରେ ଛିଣ୍ଡିଯାଉଥିବା ତାରକୁ ଯୋଡି କାମ ଚଳାଇ ଦିଆଯାଉଛି। ସେହିପରି କେତେକ ସ୍ଥାନରେ ତାରଗୁଡ଼ିକ ଅତି ତଳକୁ ଓହଳି ପଡ଼ିଛି। ଅନେକ ସ୍ଥାନରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଗୁଡ଼ିକୁ ସୁରକ୍ଷିତ କରିବା ପରିବର୍ତ୍ତେ ମୁକୁଳା ଛାଡ଼ି ଦିଆଯାଇଛି। ଫଳରେ ଅନେକ ସମୟରେ ଗୋରୁପଲ ବିଦ୍ୟୁତ୍ ଆଘାତର ଶିକାର ହେଉଛନ୍ତି। କୁଲାଡ଼ର ଅମୀୟ ନାୟକ ଓ ଜ୍ଞାନୀ ରାଉତ କହିଛନ୍ତି, ସାହିରେ ୨ଟି


ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ନାହିଁ।

ବିଦ୍ୟୁତ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ଥିଲେ ମଧ୍ୟ କର୍ତ୍ତୃପକ୍ଷ ଏହାକୁ ବଦଳାଉ ନାହାନ୍ତି। ମାସ ପୂରିବା କ୍ଷଣି ବିଲ୍ ପଇଠ ପାଇଁ ତାଗିଦ୍ କରାଯାଉଥିବା ବେଳେ ଉନ୍ନତମାନର ସେବା କାହିଁକି ଯୋଗାଇ ଦିଆଯାଉ ନାହିଁ। ବଅଁରପାଳ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଆଶୁତୋଷ ନାୟକ କହିଛନ୍ତି, ବହୁ ସ୍ଥାନରେ ପୁରୁଣା ତାର ଓ ଖୁଣ୍ଟଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ତାହାର ମରାମତି ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଉପଭୋକ୍ତାମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ପ୍ରକାଶ କରିଛନ୍ତି।

## ଫଟୋରେ ଖବର...


ଅନୁଗୋଳ ସହର ଉପକଣ୍ଠରେ ପିଲାମାନେ ବାଡ଼ିଆଁ ଖେଳୁଛନ୍ତି।


ବାଦଲ ତଳେ ଅସ୍ତଗାମୀ ସୂର୍ଯ୍ୟର ଦୃଶ୍ୟ। (ଫଟୋ- ବୁନ୍ଦୁ)

# ୧୬.୬% ଖସିଯିବ ରାଜ୍ୟ ଜିଡିପି

ଭୁବନେଶ୍ୱର,୧୭।୬(ବ୍ୟୁରୋ)




■ ରାଜସ୍ୱ ସଂଗ୍ରହ ୧୧,୩୨୩ କୋଟି କମିବ

■ ୩୫,୭୬୩ କୋଟି ଋଣ କରିବେ ସରକାର

କରୋନା ମହାମାରୀ ଲାଗି ଓଡ଼ିଶାର ଅର୍ଥ ବ୍ୟବସ୍ଥା ଚାପଗ୍ରସ୍ତ ହୋଇଛି। ତାଲାବନ୍ଦ ଯୋଗୁ ରାଜ୍ୟର ମୋଟ ଘରୋଇ ଉତ୍ପାଦ(ଜିଡିପି) ୧୩ରୁ ୧୬.୬% ହ୍ରାସ ଘଟିବା ନେଇ ଓଡ଼ିଶା ଅର୍ଥନୀତି ସଙ୍ଗଠନ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ରାଜ୍ୟ ଅର୍ଥନୀତିକୁ ବର୍ତ୍ତମାନର ସଙ୍କଟରୁ ବାହାରକୁ ଆଣିବା ଲାଗି ସଙ୍ଗଠନ ପକ୍ଷରୁ 'କରୋନା ଓ ଓଡ଼ିଶା ଅର୍ଥନୀତି: ଆହ୍ୱାନ ଏବଂ ସମାଧାନ' ସମ୍ବନ୍ଧିତ ଏକ ଗବେଷଣାତ୍ମକ ରିପୋର୍ଟ ପ୍ରସ୍ତୁତ କରାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ, ଜାତୀୟ ହାର ତୁଳନାରେ ରାଜ୍ୟରେ କରୋନା ଜନିତ ମୃତ୍ୟୁହାର କମ୍ ରହିଛି। ଉପଶମ ଏବଂ ନମୁନା ପରୀକ୍ଷଣ ହାର ଅଧିକ ରହିଛି। କରୋନା ମହାମାରୀ ନିୟନ୍ତ୍ରଣ ଦିଗରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଦେଶ ତଥା ବାହାରେ ବେଶ୍ ପ୍ରଶଂସନୀୟ। ମାତ୍ର ଲୋକ ପ୍ରତିନିଧିଙ୍କର ଭୂମିକା ସନ୍ତୋଷଜନକ ନୁହେଁ। ଜନସାଧାରଣଙ୍କୁ ଠିକ୍ ତଥ୍ୟ ପ୍ରଦାନରେ ଅଧିକ ପାରଦର୍ଶିତା ଆଣିବାର ଆବଶ୍ୟକତା ରହିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟର ରାଜସ୍ୱ ସଂଗ୍ରହ ବଜେଟ ଆକଳନଠାରୁ ୧୧,୩୨୩ କୋଟି ଟଙ୍କା ନିଅଣ୍ଟ ପଡ଼ିବ। ବଜେଟରେ ନିର୍ଦ୍ଧାରିତ ଦେଢ଼ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେଲେ ରାଜ୍ୟ ସରକାରଙ୍କୁ ପ୍ରାୟ ୩୫,୭୬୩ କୋଟି ଟଙ୍କା ଋଣ କରିବାକୁ ପଡ଼ିବ। ଏହା ରାଜ୍ୟର ମୋଟ୍ ଜିଡିପିର ୬.୩%। ରାଜ୍ୟ ଜିଡିପି ୧୩% ହ୍ରାସ ହେବାର ଆଶଙ୍କା ରହିଥିବାରୁ ଋଣ ଭାର ରାଜ୍ୟ ଜିଡିପିର ୮% ଅତିକ୍ରମ କରିପାରେ। ଏହି ପରିପ୍ରେକ୍ଷୀରେ ଆର୍ଥିକ ପରାମର୍ଶଦାତା ଏବଂ ବଜେଟ ପରିଚାଳନା (ଏଫ୍ଆର୍‌ବିଏମ୍) ଆଇନରେ ଥିବା ପ୍ରତିବଦ୍ଧତାକୁ ଅତିକ୍ରମରେ ୨ ବର୍ଷ ପାଇଁ ପାଳନ କରିବାକୁ ରାଜ୍ୟ ସରକାର ପଞ୍ଚଦଶ ଅର୍ଥ ଆୟୋଗ ଏବଂ କେନ୍ଦ୍ର ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରନ୍ତୁ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ରାଜ୍ୟ ସରକାରଗୁଡ଼ିକର ଆର୍ଥିକ ନିଅଣ୍ଟକୁ ଭରଣା କରିବା ଲାଗି କେନ୍ଦ୍ର ସରକାର କିଛି ପରିମାଣର ମୁଦ୍ରା ଛାପିପାରିବେ। କିଛି ନିର୍ଦ୍ଦିଷ୍ଟ ସୂତ୍ର ମାଧ୍ୟମରେ ଏହାର ଫାଇଦା ସବୁ ରାଜ୍ୟକୁ ଦେବାର ଆବଶ୍ୟକତା ଉପରେ ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଛି।

କରୋନା ଏବଂ ଅନ୍ୟ ରୋଗୀମାନଙ୍କୁ ମାଗଣାରେ ଉଚିତ ସ୍ୱାସ୍ଥ୍ୟସେବା ଯୋଗାଣ ରାଜ୍ୟ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ଏଥିରେ ଉଲ୍ଲେଖ ରହିଛି। ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କୁ ଖାଦ୍ୟ ସୁରକ୍ଷା ଏବଂ ଜୀବିକା ସୁରକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ ତିନି ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ରାଜ୍ୟକୁ ଫେରିଛନ୍ତି। ବାସ୍ତବରେ ଏହା ଢେର୍ ବେଶି ହେବ। ରାଜ୍ୟକୁ ଫେରିବା ପାଇଁ ପଞ୍ଜୀକୃତ କରିଥିବା ପ୍ରବାସୀଙ୍କ ସଂଖ୍ୟା ସରକାର ଜନସାଧାରଣଙ୍କୁ ଠିକ୍ ଭାବେ ଅବଗତ କରାଇପାରି ନ ଥିବାରୁ ଏଥିରେ ଉଦ୍‌ବେଗ ପ୍ରକାଶ ପାଇଛି। ଆଗାମୀ ୨ ମାସରେ ରାଜ୍ୟକୁ ପ୍ରାୟ ୨୦ ଲକ୍ଷ ପ୍ରବାସୀ ଫେରିବା ନେଇ ଅନୁମାନ କରାଯାଇଛି। ଏହାଦ୍ୱାରା ରାଜ୍ୟର ୨୦ ଲକ୍ଷ ପରିବାରଙ୍କର ଜୀବିକା ବ୍ୟାପକ ଭାବେ ପ୍ରଭାବିତ ହେବ ବୋଲି ଆଶଙ୍କା ଉପୁଜିଛି। ଚଳିତ ଆର୍ଥିକ ବର୍ଷରେ ପ୍ରବାସୀଙ୍କଠାରୁ ପାଉଥିବା ପ୍ରାୟ ୨୪ ହଜାର କୋଟି ଟଙ୍କା ରାଜ୍ୟବାସୀ ହରାଇବେ। ଏହା ରାଜ୍ୟ ମୋଟ ଉତ୍ପାଦର ମୋଟ ୪.୨%।

ରାଜ୍ୟ ସରକାର ପ୍ରବାସୀଙ୍କ ଲାଗି ଏକ ଅନ୍‌ଲାଇନ ଡାଟାବେସ୍ ପ୍ରସ୍ତୁତ କରିବା ଉପରେ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଅର୍ଦ୍ଧକୁଶଳୀ ଓ କୁଶଳୀ ଶ୍ରମିକମାନଙ୍କ ପାଇଁ ପ୍ରତି ପଞ୍ଚାୟତ ସ୍ତରରେ ଗ୍ରାମୀଣ ଉଦ୍ୟୋଗ ପ୍ରତିଷ୍ଠା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଅପରପକ୍ଷରେ ଅଣକୁଶଳୀ ଶ୍ରମିକଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇପାରିବ। ବର୍ତ୍ତମାନ ରାଜ୍ୟର ବିଗୁଡ଼ୁଥିବା ଆର୍ଥିକ ସ୍ଥିତିକୁ କୃଷି ହିଁ ଉଦ୍ଧାର କରିପାରିବ ବୋଲି ରିପୋର୍ଟରେ ଜୋର ଦିଆଯାଇଛି। ଉତ୍ତମ ଖରିଫ ଫସଲ ମାଧ୍ୟମରେ ଏହା ସମ୍ଭବ ହୋଇପାରିବ। ରାଜ୍ୟର ୫୦% ଜନସଂଖ୍ୟା କୃଷି ଉପରେ ନିର୍ଭର କରୁଥିବାରୁ ଉନ୍ନତ ଖରିଫ ଅମଳ ଦ୍ୱାରା ଅର୍ଦ୍ଧାଧିକ ଲୋକଙ୍କର ଜୀବିକା ସୁରକ୍ଷିତ କରାଯାଇପାରିବ। ଖରିଫ ଚାଷ ପାଇଁ ବିନା ଶୁଳ୍କରେ ସମସ୍ତ କୃଷି ଉତ୍ପାଦନ ପ୍ରଦାନ କରିବା ସହ ୨୦୧୯-୨୦ ଏବଂ ୨୦୨୦-୨୧ ପାଇଁ ବିନା ସୁଧରେ ଋଣ ଯୋଗାଇଦେବାକୁ ରିପୋର୍ଟରେ ପ୍ରାଥମିକତା ରହିଛି।

ଚାଇନାରୁ ବାହାରକୁ ଆସୁଥିବା ନିବେଶକଙ୍କ ଲାଗି ରାଜ୍ୟରେ ସକାରାତ୍ମକ ବାତାବରଣ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ରାଜ୍ୟ ମଧ୍ୟରେ ରହିଥିବା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକୁ ନିଯୁକ୍ତି ସୃଷ୍ଟି ଦିଗରେ ଯୋଗଦାନ ରଖୁଥିବା ବେଳେ ବର୍ତ୍ତମାନର ଜଟିଳ ସ୍ଥିତିରେ ରାଜ୍ୟ ସରକାର ସହାୟତା ଲାଗି ଆଗେଇ ଆସିବା ଆବଶ୍ୟକ। ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଲାଗି ଗତିଶୀଳ ଶିଳ୍ପ ପୁଞ୍ଜି ପ୍ରତିଷ୍ଠା କରିବାକୁ ମଧ୍ୟ ବିଚାର କରାଯାଉ ବୋଲି ଏଥିରେ କୁହାଯାଇଛି। ରାଜ୍ୟର ସଞ୍ଚୟ ନିବେଶ ଅନୁପାତ ୨୦୧୯-୨୦ରେ ୩୯% ରହିଥିଲା। ଏହା ସର୍ବଭାରତୀୟ ସ୍ତରରେ ୭୬%। ଉପେକ୍ଷିତ ତଥା ଅବହେଳିତ ବର୍ଗକୁ ଆର୍ଥିକ ବ୍ୟବସ୍ଥାର ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ କରାଇବା ଲାଗି ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ପରିହାର୍ଯ୍ୟ।

୨୦୨୦-୨୧ ଆର୍ଥିକ ବର୍ଷ ଲାଗି ବଜେଟରେ ପର୍ଯ୍ୟଟନ କ୍ଷେତ୍ର ପାଇଁ ଯେଉଁସବୁ ନୂଆ ଯୋଜନା ଘୋଷଣା କରାଯାଇଥିଲା ତାକୁ ସାମୟିକ ଭାବେ ସ୍ଥଗିତ ରଖାଯିବା ଉଚିତ ହେବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ଅର୍ଥ ରାଶି ସ୍ୱାସ୍ଥ୍ୟସେବା, ଖାଦ୍ୟ ନିରାପତ୍ତା ଏବଂ ରୋଜଗାର ଯୋଗାଇ ସେବା ପାଇଁ ବିନିଯୋଗ କରିବାକୁ ହେବ। ସ୍ୱାସ୍ଥ୍ୟସେବାରେ ରାଜ୍ୟର ବ୍ୟୟ ବୃଦ୍ଧି କରି ରାଜ୍ୟ ଜିଡିପିର ୪% କରିବା ସହ ସମସ୍ତ ନାଗରିକଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଣ ନେଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

## ଋଣ ମୋରାଟୋରିୟମ ସ୍କିମ୍‌ର ତର୍ଜମା ଲାଗି ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୭।୬:** ମିଆଦୀ ଋଣ ଉପରେ ସରକାର ପ୍ରଦାନ କରିଥିବା ମୋରାଟୋରିୟମ ସୁବିଧାକୁ ତର୍ଜମା କରିବା ଲାଗି ବୁଧବାର ସୁପ୍ରିମକୋର୍ଟ ଉଭୟ କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି କ୍ଷେତ୍ର ସମେତ ଅନ୍ୟ କ୍ଷେତ୍ରଗୁଡ଼ିକ ଲାଗି ବିଭିନ୍ନ ଯୋଜନା ଡିଜାଇନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଲୋକମାନେ ସୁବିଧାର ଲାଭ ଯେଭଳି ଠିକ୍ ଭାବେ ପାଇବେ ତାହା କେନ୍ଦ୍ର ସରକାର ଦେଖିବାର ଆବଶ୍ୟକତା ରହିଛି ବୋଲି ଜଷ୍ଟିସ ଅଶୋକ ଭୂଷଣଙ୍କ ଖଣ୍ଡପୀଠ ଶୁଣାଣିରେ କହିଛନ୍ତି।

## ୩୫ହଜାରଙ୍କୁ ଛଟେଇ କରିବ ଏଚ୍‌ଏସ୍‌ବିସି

**ଲଣ୍ଡନ,୧୭।୬:** ଇଂଲଣ୍ଡ ଭିତ୍ତିକ ଦି ହଂକଂ ଆଣ୍ଡ ସାଂଘାଇ ବ୍ୟାଙ୍କିଂ କର୍ପୋରେଶନ (ଏଚ୍‌ଏସ୍‌ବିସି) ମଧ୍ୟବର୍ତ୍ତୀ କାଳୀନ ସମୟ ପାଇଁ ତା'ର ପ୍ରାୟ ୩୫ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଛଟେଇ କରିବ ବୋଲି ଜଣାପଡ଼ିଛି। ବୁଧବାର ରଏଟର୍ସକୁ ବ୍ୟାଙ୍କ ଏ ନେଇ ସୂଚନା ଦେଇଛି। ସାରା ବିଶ୍ୱରେ ଏଚ୍‌ଏସ୍‌ବିସିର ମୋଟ ୨.୩୫ ଲକ୍ଷ କର୍ମଚାରୀ କାମ କରୁଥିବା ଏହାର ମୁଖପାତ୍ର ସୂଚନା ଦେଇଛନ୍ତି। କୋଭିଡ୍-୧୯ ସଂକ୍ରମଣ କାରଣରୁ ବ୍ୟାଙ୍କ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି ବୋଲି ସିଇଓ ନୋଏଲ କ୍ୱିନୀ କହିଛନ୍ତି ।

## ସଂକ୍ଷେପରେ

### ପୁଣି ଖୋଲିଲା ହୋଣ୍ଡା କାର୍‌ସ ଡିଲରଶିପ

**ନୂଆଦିଲ୍ଲୀ,୧୭।୬:** ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏହାର ୧୫୫ ଡିଲରଶିପ ପୁଣି ଖୋଲିବା ସମ୍ପର୍କରେ ଘୋଷଣା କରାଯାଇଛି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରୁ ଅନୁମତି ଲାଭ କରିବା ପରେ ଏଭଳି କାର୍ଯ୍ୟପନ୍ଥା କମ୍ପାନୀ ଗ୍ରହଣ କରିଛି। ଏହା ମଧ୍ୟରେ ୧୧୮ ଶୋ'ରୁମ୍ ଏବଂ ୧୫୫ ସର୍ଭିସ ଆଉଟଲେଟ ସାମିଲ ରହିଛି। କରୋନା ନିୟନ୍ତ୍ରଣ କରିବା ଲାଗି ଜାରି ହୋଇଥିବା କଟକଣା ହ୍ରାସ ହେଉଥିବାରୁ ଶୋ'ରୁମ୍‌ଗୁଡ଼ିକ ଖୋଲାଯାଇଛି। ସରକାରଙ୍କ ନିୟମକୁ ଧ୍ୟାନରେ ରଖି ଡିଲରଶିପଗୁଡ଼ିକରେ ସାମାଜିକ ଦୂରତ୍ୱ ରକ୍ଷା ଏବଂ ସବୁ ପ୍ରକାର ନିରାପତ୍ତା ପଦକ୍ଷେପ ହାତକୁ ନିଆଯାଉଛି। ଗ୍ରାହକଙ୍କ ସୁରକ୍ଷାକୁ ହୋଣ୍ଡା ସର୍ବଦା ପ୍ରାଥମିକତା ଦେଇ ଆସିଛି ବୋଲି ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍‌ର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋୟଲ ସୂଚନା ଦେଇଛନ୍ତି।

### ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗରେ ଅମ୍ରିତା ୟୁନିଭର୍ସିଟି

**ନୂଆଦିଲ୍ଲୀ,୧୭।୬:** ନିକଟରେ ପ୍ରକାଶ ପାଇଥିବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍ୟାଙ୍କିଙ୍ଗ୍ ୨୦୨୦ରେ ଅମ୍ରିତା ବିଶ୍ୱ ବିଦ୍ୟାପୀଠମ ୪ର୍ଥ ସ୍ଥାନ ହାସଲ କରିଛି। ଏହି ପ୍ରତିଷ୍ଠାନ ସାରା ଦେଶରେ ୭ମ ବେଷ୍ଟ ମେଡିକାଲ କଲେଜ ଭାବେ ବିବେଚିତ ହୋଇଥିବା ଜଣାପଡ଼ିଛି। ଏହି ତାଲିକାକୁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ନିକଟରେ ଉନ୍ମୋଚନ କରିଥିଲେ। ମାତା ଅମୃତାନନ୍ଦମୟୀଙ୍କ ଦ୍ୱାରା ଏହି ଅନୁଷ୍ଠାନ ସ୍ଥାପନ ହୋଇଥିବା ବେଳେ ସେ ଚାନସେଲର ଭାବେ କାର୍ଯ୍ୟ କରୁଛନ୍ତି। ମାନବ ବିକାଶ ଲାଗି ଶିକ୍ଷା ଏବଂ ଗବେଷଣାକୁ ପ୍ରାଥମିକତା ଦେଇ ଏହି ଅନୁଷ୍ଠାନକୁ ସ୍ଥାପନ କରାଯାଇଥିଲା। ଏଭଳି ସମ୍ମାନ ଲାଗି ଅମ୍ରିତାର କୁଳପତି ଡ.ପି. ଭେଙ୍କଟ ରଙ୍ଗନ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଚାଇନା ବିରୋଧରେ ଏକାଠି ହେଲେ ବ୍ୟବସାୟୀ

**ନୂଆଦିଲ୍ଲୀ,୧୭।୬:** ଚାଇନା ସେନା ଦ୍ୱାରା ଭାରତୀୟ ସୈନିକଙ୍କ ଉପରେ ହୋଇଥିବା ଆକ୍ରମଣକୁ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି) ପକ୍ଷରୁ ନିନ୍ଦା କରାଯାଇଛି। ଚାଇନାର ଏଭଳି ନୀତିକୁ ନେଇ କ୍ରୋଧ ପ୍ରକାଶ କରିବା ସହ ଚାଇନା ସାମଗ୍ରୀକୁ ବର୍ଜନ,ଭାରତୀୟ ସାମଗ୍ରୀକୁ ଉତ୍ସାହିତ କରିବା ଲାଗି ବ୍ୟବସାୟୀ ସଂକଳ୍ପ ନେଇଛନ୍ତି। ଏଥିଲାଗି ସାରା ଦେଶରେ ଚାଲିଥିବା ଅଭିଯାନକୁ ଆହୁରି ଦୃଢ଼ କରାଯିବ

**ଲକ୍ଷେ କୋଟିର ଝଟକା ଦେବେ**

ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଚାଇନା କମ୍ପାନୀଗୁଡ଼ିକୁ ଦିଆଯାଇଥିବା ସବୁ ଠିକାକୁ ରଦ୍ଦ କରିବା ଲାଗି ସଂଘ ସରକାଙ୍କୁ ନିବେଦନ କରିଛି। ସେହିଭଳି ଭାରତୀୟ ଷ୍ଟାର୍ଟଅପ୍‌ଗୁଡ଼ିକରେ ଚାଇନା କମ୍ପାନୀ କରିଥିବା ନିବେଶ ସଂକ୍ରାନ୍ତ ନିୟମ ଉପରେ କାମ କରିବାକୁ ସରକାରଙ୍କୁ ସଂଘ କହିଛି। ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ସି. ଭରତିଆ ଏବଂ ରାଷ୍ଟ୍ରୀୟ ମହାସଚିବ ପ୍ରବୀନ ଖଣ୍ଡେଲୱାଲ କହିଛନ୍ତି ଯେ, ଚାଇନାର ଏଭଳି କାର୍ଯ୍ୟକୁ ଦେଖି ସାରା ଦେଶରେ ବ୍ୟବସାୟୀମାନେ ଚାଇନା ସାମଗ୍ରୀ ବର୍ଜନ କରିବା ସଂକଳ୍ପ ନେଇଛନ୍ତି। ଚାଇନାରୁ ହେଉଥିବା ରପ୍ତାନିକୁ ମଧ୍ୟ ଏହାଦ୍ୱାରା ପ୍ରଭାବିତ କରାଯିବ। ଡିସେମ୍ବର ଯାଏ ପ୍ରାୟ ୧ ଲକ୍ଷ କୋଟି ଚାଇନା ରପ୍ତାନି ଉପରେ ପ୍ରଭାବ ପକାଇବାକୁ ସବୁ ପ୍ରକାର ପଦକ୍ଷେପ ନିଆଯିବ।

# ତନିସ୍କର ଆକର୍ଷଣୀୟ ରିହାତି

**ଭୁବନେଶ୍ୱର,୧୭।୬:** ପ୍ରମୁଖ ଅଳଙ୍କାର ବ୍ରାଣ୍ଡ ତନିସ୍କ ପକ୍ଷରୁ ତା'ର ଗ୍ରାହକମାନଙ୍କ ପାଇଁ ନୂତନ ଭାବେ ଏକ ସୁନ୍‌ହେରୀ ସୁରୁଓ୍ୱାତ୍ ଯାଦୁକରୀ ପ୍ରକ୍ରିୟାର ଉତ୍ସାହିତ ପର୍ବ ଆରମ୍ଭ କରିଛି। କରୋନା କଟକଣା କୋହଳ ହେବା ପରେ କମ୍ପାନୀ ଗ୍ରାହକଙ୍କ ପାଇଁ ଏହି ସ୍ୱତନ୍ତ୍ର ଅଫର ଆଣିଛି। ଏହା ଦ୍ୱାରା ସୁନା ଅଳଙ୍କାରର ଗଢ଼ା ମଜୁରୀ ଏବଂ ହୀରା ଗହଣାର କ୍ରୟ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ଚଳିତ ମାସ ୨୨ ଜୁନ ପର୍ଯ୍ୟନ୍ତ ବୈଧ ରହିବ। ବିଭିନ୍ନ ବର୍ଗର ମୁଦି, କାନଫୁଲ, ପେଣ୍ଡାଣ୍ଟ ଏହା ମଧ୍ୟରେ ସାମିଲ ରହିଛି। କମ୍ପାନୀର ମାର୍କେଟିଂ, ଜୁଏଲାରୀ ଡ଼ିଭିଜନର ଜିଏମ୍ ରଞ୍ଜନୀ




କ୍ରିଷ୍ଣସ୍ୱାମୀ କହିଛନ୍ତି ଯେ, ଗ୍ରାହକଙ୍କୁ ଏକ ନୂତନ ସ୍ୱାଭାବିକ ଏବଂ ଯାଦୁକରୀ ଜୀବନ ଶୈଳୀ ପାଇଁ ପ୍ରଥମ ପଦକ୍ଷେପ ସ୍ୱରୂପ ଏହି ସୁନ୍‌ହେରୀ ସୁରୁଓ୍ୱାତ୍ ସତ୍ୱନ୍ତ୍ର ଅଫର ପ୍ରଦାନ କରାଯାଇଛି।

# ଖେଳ ଖବର

# ବିଶ୍ୱ ଚାମ୍ପିୟନ କୋଲ୍‌ମ୍ୟାନ୍ ସସ୍‌ପେଣ୍ଡ

ୱାଶିଂଟନ, ୧୭।୬ (ଏପି)

ଡ୍ରଗ୍ସ ଟେଷ୍ଟ ବେଳେ ଅନୁପସ୍ଥିତ ଯୋଗୁ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ୧୦୦ମିଟର ବିଶ୍ୱ ଚାମ୍ପିୟନ ଖ୍ରୀଷ୍ଟିଆନ କୋଲ୍‌ମ୍ୟାନଙ୍କୁ ସାମୟିକ ସସ୍‌ପେଣ୍ଡ କରିଛି। ୱାର୍ଲ୍ଡ ଆଥଲେଟିକ୍ସ ଆଣ୍ଟି-ଡୋପିଂ ରୁଲ୍ସ କିମ୍ବା ଇଣ୍ଟିଗ୍ରିଟି କୋଡ୍ ଅଫ୍ କଣ୍ଡକ୍ଟ ଅଧୀନରେ ଶୁଣାଣି ସହ ଚୂଡ଼ାନ୍ତ ନିଷ୍ପତ୍ତି ନ ହେଲା ପର୍ଯ୍ୟନ୍ତ ଏହି ଆମେରିକୀୟ ସ୍ପ୍ରିଣ୍ଟର ସସ୍‌ପେଣ୍ଡ ରହିବେ। କୋଲ୍‌ମ୍ୟାନ୍ ପୂର୍ବରୁ ତାଙ୍କ ଟୁଇଟରରେ ସଫେଇ ଦେଇ କହିଛନ୍ତି, ଡ୍ରଗ୍‌ଟେଷ୍ଟରମାନେ ଡିସେମ୍ବର ୯ରେ ମୋତେ ପାଇ ନ ଥିଲେ। ସେତେବେଳେ ମୁଁ ନିକଟବର୍ତ୍ତୀ ଏକ ମଲ୍‌ରେ ଖ୍ରୀଷ୍ଟମାସ୍ ସପିଂରେ ବ୍ୟସ୍ତ ଥିଲି। ଡୋପିଂ ନିୟମାନୁସାରେ ଜଣେ ତାଲିକାଭୁକ୍ତ ଏଲିଟ୍ ଆଥଲେଟ ସେମାନଙ୍କ ଦୈନିକ ଠିକଣା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ବାଧ୍ୟ। କାରଣ ଯେ କୌଣସି ଦିନ ତାଙ୍କଠାରୁ ଡୋପ୍ ସାମ୍ପଲ ସଂଗ୍ରହ କରାଯାଇପାରେ। ଏଥିପାଇଁ ତାଙ୍କୁ ଏକ ଘଣ୍ଟା ସମୟ ମଧ୍ୟ ଦେବାକୁ ପଡ଼ିବ। ଏଥିରେ ଖିଲାପ



କଲେ ସମ୍ପୃକ୍ତ ଆଥଲେଟ୍ ଡୋପ୍ ଟେଷ୍ଟକୁ ଫାଙ୍କି ଦେଉଛନ୍ତି ବୋଲି ବୁଝାଯିବ। କୋଲମ୍ୟାନ ୧୨ ମାସରେ ଏହାକୁ ମିଶାଇ ୩ ଥର ଏହି ନିୟମର ଉଲ୍ଲଂଘନ କରିସାରିଛନ୍ତି। ଟୋକିଓ ଗେମ୍ସ ପୁରୁଷ ୧୦୦ମିଟର ଦୌଡ଼ ପାଇଁ କୋଲ୍‌ମ୍ୟାନ୍‌ଙ୍କୁ ଫେଭରାଇଟ୍ ବିବେଚନା କରାଯାଉଛି। ସେ ସଫେଇ ଦେଇ କହିଛନ୍ତି ତାଙ୍କ ଘରକୁ କେହି ଡୋପ୍ ଟେଷ୍ଟର ଆସିଥିବା କୌଣସି ରେକର୍ଡ ନାହିଁ। ଯଦି ଅବା କେତେବେଳେ ତାଙ୍କୁ ଖୋଜା ଯାଇଛି, ସେତେବେଳେ ସେ ୫ ମିନିଟ୍ ହେବ ବାହାରକୁ ଯାଇଥିଲେ। ଗତ ସେପ୍ଟେମ୍ବରରେ କାତାରର ଦୋହାଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍ ୧୦୦ମିଟର ଦୌଡ଼ରେ କୋଲମ୍ୟାନ ଟାଇଟଲ ଜିତିଥିଲେ। ଏକ ବୈଷୟିକ କାରଣରୁ ଡ୍ରଗ୍ସ ଟେଷ୍ଟ ମିସ୍ କରିଥିବାରୁ ୟୁଏସ୍ ଆଣ୍ଟି ଡୋପିଂ ଏଜେନ୍ସି ତାଙ୍କୁ ଛାଡ଼ି ଦେଇଥିଲା। କୋଲମ୍ୟାନ ମଙ୍ଗଳବାର କହିଛନ୍ତି ମୁଁ କେବେ ହେଲେ ପ୍ରଦର୍ଶନବର୍ଦ୍ଧକ ଔଷଧ ସେବନ କରି ନାହିଁ କିମ୍ବା ଭବିଷ୍ୟତରେ କରିବି ନାହିଁ। ଡୋପ୍ ଟେଷ୍ଟରେ ସବୁବେଳେ ମୁଁ ନିର୍ଦ୍ଦୋଷ ପ୍ରମାଣିତ ହେବି। ଚଳିତ ମାସରେ ଏହି ଭଳି ଅଭିଯୋଗ ମହିଳା ୪୦୦ମିଟର ବିଶ୍ୱ ଚାମ୍ପିୟନ ବାହାରିନ୍‌ର ସାଲୱା ଇଦ୍ ନାସେରଙ୍କ ବିରୋଧରେ ଆସିଥିଲା। ଘଟଣାର ତଦନ୍ତ ଚାଲିଛି। ସାଲୱା ଗତବର୍ଷ ଦୋହାରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ପୂର୍ବତନ ୟୁଏସ୍ ଜାତୀୟ ୨୦୦ ମିଟର ଚାମ୍ପିୟନ ଦିଆଜା ଷ୍ଟିଭେନ୍ସ ଗତ ମେ ମାସରେ ସସ୍‌ପେଣ୍ଡ ହୋଇଛନ୍ତି।

# ପୁଲ୍-୩ରେ ଭାରତ

**ନୂଆଦିଲ୍ଲୀ, ୧୭।୬ (ପି.ଟି.):** ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫସି)ର ୧୬ ବର୍ଷରୁ କମ୍ ଚାମ୍ପିୟନଶିପ୍ ପାଇଁ ଭାରତ ପୁଲ୍-୩ରେ ସ୍ଥାନ ପାଇଛି। ପ୍ରତିଯୋଗିତା ଏଏଫସି ହାଉସ କୁଆଲାଲମ୍ପୁରଠାରେ ଗୁରୁବାରଠାରୁ ଆରମ୍ଭ ହେବ। ତାସକେଣ୍ଟରେ ଅନୁଷ୍ଠିତ ପ୍ରତିଯୋଗିତାର ଗ୍ରୁପ 'ବି'ରେ ଶୀର୍ଷସ୍ଥାନ ହାସଲ କରି ଭାରତ ଏହି ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଥିଲା। ଭାରତୀୟ ଯୁବ ଦଳ ୩ ମ୍ୟାଚରେ ୧୦ ଗୋଲ ଦେଇଥିବାବେଳେ ଗୋଟିଏ ଗୋଲ ବରଣ କରି ୭ ପଏଣ୍ଟ ପାଇଥିଲା। ଏଥିରେ ଉଜବେକିସ୍ତାନ, ବାହାରିନ ଓ ତୁର୍କମେନିସ୍ତାନ ଭାରତର ପ୍ରତିଦ୍ୱନ୍ଦ୍ୱୀ ଥିଲେ।

ଆଗାମୀ ପ୍ରତିଯୋଗିତା ପାଇଁ ପୁଲ୍-୩ରେ ଭାରତ ସହିତ ଇରାନ, ୟେମେନ ଓ ସୌଦୀ ଆରବ ସ୍ଥାନ ପାଇଛନ୍ତି। ପୁଲ୍-୧ରେ ବାହାରିନ, ଜାପାନ, ତାଜିକସ୍ତାନ ଓ ଦକ୍ଷିଣ କୋରିଆ, ପୁଲ-

**ଏଏଫସି ୧୬ ବର୍ଷରୁ କମ୍ ଚାମ୍ପିୟନଶିପ୍**

୨ରେ ଅଷ୍ଟ୍ରେଲିଆ, ଉତ୍ତର କୋରିଆ, ଇଣ୍ଡୋନେସିଆ ଓ ଓମାନ ଏବଂ ପୁଲ୍-୪ରେ ଚାଇନା, ଉଜ୍‌ବେକିସ୍ତାନ, କାତାର ଓ ୟୁଏଇ ସ୍ଥାନ ପାଇଛନ୍ତି। "ଆମେ ଡ୍ର ଉଠାଣକୁ ଆଗ୍ରହର ସହିତ ଅପେକ୍ଷା କରିଥିଲୁ। ଯୋଗ୍ୟତା ପର୍ଯ୍ୟାୟରେ ଉଜ୍‌ବେକିସ୍ତାନକୁ ପଛରେ ପକାଇ ଦେଇ ଖେଳାଳିମାନେ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଆଗକୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଥିବାରୁ ସେମାନେ ନିଜକୁ ପ୍ରମାଣିତ କରିବାର ସମୟ ଆସିଛି" ବୋଲି ମୁଖ୍ୟ କୋଚ୍ ବିବିଆନୋ ଫର୍ନାଣ୍ଡିଜ୍ ପ୍ରକାଶ କରିଛନ୍ତି। ଏଏଫସି ୧୬ ବର୍ଷରୁ କମ୍ ଚାମ୍ପିୟନଶିପ ଫାଇନାଲ୍ସରେ ଭାରତ କ୍ରମାଗତ ୩ୟ ଏବଂ ଓଭରଅଲ୍ ୯ମ ଥରପାଇଁ ପ୍ରବେଶ କରିଛି।

### ବେୟର୍ନ ମ୍ୟୁନିକ୍‌କୁ ୮ମ ବୁଣ୍ଡେସ୍‌ଲିଗା ଟାଇଟଲ

ବ୍ରିମେନ୍ (ଜର୍ମାନୀ), ୧୭।୬ (ଏପି)- ବେୟର୍ନ ମ୍ୟୁନିକ୍ କ୍ରମାଗତ ୮ମ ଥର ଜର୍ମାନ ବୁଣ୍ଡେସ୍‌ଲିଗା ଟାଇଟଲ ହାସଲ କରିଛି। ଦୁଇଟି ମ୍ୟାଚ ବାକି ଥାଇ ଦଳ ୧-୦ରେ ୱେର୍ଡର୍ ବ୍ରିମେନଙ୍କୁ ପରାସ୍ତ କରିବା ପରେ ଏହି ସଫଳତା ହାସଲ କରିଛି। ରବର୍ଟ ଲିୱାଣ୍ଡୋସ୍କି ମ୍ୟାଚର ଏକମାତ୍ର ଗୋଲ୍‌ଟିକୁ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ବେୟର୍ନ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିବା ବୋରୁସିଆ ଡର୍ଟମୁଣ୍ଡଠାରୁ ୧୦ ପଏଣ୍ଟ ଆଗରେ ରହିଛି। ବୋରୁସିଆ ଯଦି ଏହାର ଅବଶିଷ୍ଟ ତିନୋଟି ମ୍ୟାଚରେ ବିଜୟ ଲାଭ କରେ ତେବେ ସର୍ବାଧିକ ୯ ପଏଣ୍ଟ ଅର୍ଜନ କରିପାରିବ।

### ବାହାରିନ୍‌ରେ ହେବ ଏସିଆନ୍ ୟୁଥ୍ ପାରା ଗେମ୍ସ

ଦୁବାଇ, ୧୭।୬ (ପି.ଟି.): ଏସିଆନ ୟୁଥ ପାରା ଗେମ୍ସର ଚତୁର୍ଥ ସଂସ୍କରଣ ବାହାରିନ୍‌ରେ ହେବ। ଏହା ଆସନ୍ତା ବର୍ଷ ଡିସେମ୍ବର ୧ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏସିଆନ ପାରାଅଲିମ୍ପିକ୍ସ କମିଟି ବୁଧବାର ଏହା ଘୋଷଣା କରିଛି। ଏଥିରେ ୨୦ବର୍ଷରୁ କମ୍ ୮୦୦ ଆଥଲେଟ ଭାଗ ନେବେ ବୋଲି ଆକଳନ କରାଯାଇଛି। ଏଥିରେ ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ପାୱାରଲିଫ୍ଟିଂ, ସୁଇମିଂ ଓ ଟେବୁଲ ଟେନିସ ପ୍ରତିଯୋଗିତା ହେବ। ଏକାଧିକ ଭେନ୍ୟୁରେ ପ୍ରତିଯୋଗିତା ଅନୁଷ୍ଠିତ ହେବ।

### ଷ୍ଟିଭ୍ ୱ୍ର ମ୍ୟାନେଜରଙ୍କ ବଦାନ୍ୟତା

**ମୁମ୍ବାଇ, ୧୭।୬(ପି.ଟି.):** ଏକ ମହତ ଉଦ୍ଦେଶ୍ୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭ୍ ୱାଙ୍କ ମ୍ୟାନେଜର ହର୍ଲେ ମେଡ୍‌କାଫ୍ ଭାରତର ଶାରୀରିକ ଅନଗ୍ରସର କ୍ରିକେଟରଙ୍କୁ ୧.୫ ଲକ୍ଷଟଙ୍କା ସହାୟତା କରିଛନ୍ତି। ଏହି ଖେଳାଳିମାନେ କରୋନା ଭାଇରସ୍ ସଂକ୍ରମଣ ଜନିତ ଲକ୍‌ଡାଉନ୍ ସ୍ଥିତିଯୋଗୁ ଆର୍ଥିକ ଦୁର୍ବଳ ହୋଇ ଯାଇଥିଲେ।

# ଦ୍ରୋଣାଚାର୍ଯ୍ୟ ପାଇଁ ଆବେଦନ କଲେ ରମେଶ



**ବେଙ୍ଗାଲୁରୁ ୧୭।୬ (ପି.ଟି.):** ଭାରତୀୟ ପୁରୁଷ ହକି ଦଳର ପୂର୍ବତନ ହକି କୋଚ୍ ରମେଶ ପରମେଶ୍ୱରନ ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ଆବେଦନ କରିଛନ୍ତି। କୋଚିଂରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୋଚ୍‌ଙ୍କୁ ଦେଶର ଏହି ସର୍ବୋଚ୍ଚ ସମ୍ମାନ ଦିଆଯାଇଥାଏ। ହକି ଇଣ୍ଡିଆ ପୂର୍ବରୁ ବି.ଜେ. କାରିଆପ୍ପା ଓ ରମେଶ ପଠାନିଆଙ୍କ ନାମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ସୁପାରିସ କରିସାରିଛି। ଅନ୍ୟପକ୍ଷରେ ୧୯୮୦ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜୟୀ ଦଳର ଅଧିନାୟକ ବାସୁଦେବନ ବାସ୍କରନ, ପୂର୍ବତନ ଜାତୀୟ କୋଚ୍ ଏମ୍.କେ କୌଶିକ୍, ଦିଲୀପ ତିର୍କୀ ଓ ଆଶିଷ ବଲାଲଙ୍କ ସମେତ ଅନ୍ୟକେତେଜଣଙ୍କ ପ୍ରରୋଚନାରେ ୭୦ ବର୍ଷୀୟ ରମେଶ ପୁରସ୍କାର ପାଇଁ ଆବେଦନ କରିଥିବା ପ୍ରକାଶ। ରମେଶ ଜଣେ ଜୁନିୟର ଖେଳାଳିରୁ ଜାତୀୟ କୋଚ୍ ହୋଇପାରିଥିଲେ। ତାଙ୍କ ହକି କ୍ୟାରିୟରରେ ଉତ୍‌ଥାନ ଓ ପତନ ଏବଂ ସଫଳତା ଓ ବିଫଳତାର ଅନୁଭୂତି ରହିଛି। ୨୦୧୫ରୁ ସେ କର୍ନାଟକ ହକି ଏକାଡେମୀରେ ଯୁବ ପ୍ରଭାମାନଙ୍କ ମେଣ୍ଟର ଉପଦେଷ୍ଟା ଭାବେ କାର୍ଯ୍ୟକରି ଆସୁଛନ୍ତି। ରମେଶ ୧୯୬୯ରେ ମହୀଶୂର ତରଫରୁ ଜାତୀୟ ଜୁନିୟର ଚାମ୍ପିୟନଶିପ୍ ଖେଳିଥିଲେ। ୧୯୭୮ରେ ସେ ଜାତୀୟ ଦଳର ସଦସ୍ୟ ହୋଇ ପାରିଥିଲେ।

### ୧୯ ବର୍ଷରୁ କମ୍ ମହିଳା କ୍ରିକେଟରଙ୍କ ମୃତ୍ୟୁ

**କୋଲକାତା, ୧୭।୬ (ପି.ଟି.):** ତ୍ରିପୁରାର ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଦଳର ଆୟନ୍ତୀ ରିଆଙ୍ଗ୍ ତାଙ୍କ ବାସଭବନରେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଝୁଲନ୍ତା ମରା ଶରୀରକୁ ତାଙ୍କ ପ୍ରକୋଷ୍ଠରୁ ଉଦ୍ଧାର କରାଯାଇଛି। ଏହି ୧୬ ବର୍ଷୀୟା କ୍ରିକେଟରଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ। ପରିବାରର ସେ ଥିଲେ ସର୍ବକନିଷ୍ଠା। ଆୟନ୍ତୀ ତ୍ରିପୁରାର ୧୯ ବର୍ଷରୁ କମ୍ ଦଳ ତରଫରୁ ଏକ ବର୍ଷ ହେଲା ଖେଳି ଆସୁଥିଲେ। ୨୩ ବର୍ଷରୁ କମ୍ ବର୍ଗରେ ସେ ରାଜ୍ୟ ତରଫରୁ ଏକ ଟି୨୦ ଟୁର୍ନାମେଣ୍ଟ ଖେଳିଥିଲେ। ଅତୀତରେ ସେ ରାଜ୍ୟର ୧୬ ବର୍ଷରୁ କମ୍ ଦଳରେ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ଆୟନ୍ତୀଙ୍କ ମୃତ୍ୟୁ ଖବରରେ ତ୍ରିପୁରା କ୍ରିକେଟ ଆସୋସିଏଶନ ସମ୍ପାଦକ ତିମିର ଚନ୍ଦା ଶୋକ ପ୍ରକାଶ କରିଛନ୍ତି। ମୃତ କ୍ରିକେଟରଙ୍କ ମାନସିକ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚରାଯିବାରେ ଚନ୍ଦା କହିଛନ୍ତି ଗତ ସିଜନ ପର୍ଯ୍ୟନ୍ତ ଆୟନ୍ତୀଙ୍କର କୌଣସି ସମସ୍ୟା ନ ଥିଲା।

# ପଦ୍ମଶ୍ରୀ ପାଇଁ ବିଜୟନଙ୍କ ନାମ ସୁପାରିସ

ନୂଆଦିଲ୍ଲୀ, ୧୭।୬ (ପି.ଟି.)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ପୁରସ୍କାର ପଦ୍ମଶ୍ରୀ ପାଇଁ ପୂର୍ବତନ ଅଧିନାୟକ ଆଇଏମ୍ ବିଜୟନଙ୍କ ନାମ ସୁପାରିସ କରିଛି। ୫୧ ବର୍ଷୀୟ ପୂର୍ବତନ ଷ୍ଟ୍ରାଇକର ଭାରତ ତରଫରୁ ୯୦ ଦଶକ ପ୍ରାରମ୍ଭରେ ପଦାର୍ପଣ କରିଥିଲେ। ସେ ୭୯ଟି ମ୍ୟାଚ ଖେଳି ୪୦ ଗୋଲ ସ୍କୋର କରିଥିଲେ। ବିଜୟନ ୨୦୦୩ରେ ଅର୍ଜୁନ ପୁରସ୍କାର ପାଇଥିଲେ। ୧୯୯୩, ୧୯୯୭ ଓ ୧୯୯୯ରେ ସେ 'ଇଣ୍ଡିଆନ ପ୍ଲେୟର ଅଫ୍ ଦି ଇୟର' ପୁରସ୍କାର ଲାଭ କରିଥିଲେ। ବିଜୟନଙ୍କ ନାମ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ପଠାଇଯାଇଥିବା ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ ପ୍ରକାଶ କରିଛନ୍ତି। ବିଜୟନ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଭାରତୀୟ ଫୁଟ୍‌ବଲ ଦଳର ନେତୃତ୍ୱ ନେଇଥିଲେ। ସେ ଓ ତାଙ୍କ ଷ୍ଟ୍ରାଇକର ଯୋଡ଼ି ବାଇଚୁଙ୍ଗ ଭୁଟିଆ ଦଳ ପାଇଁ ଅନେକ ସଫଳତା ଆଣିଦେଇଥିଲେ। କ୍ଲବ ସ୍ତରରେ ସେ ମୋହନ ବାଗାନ, କେରଳ ପୋଲିସ, ବର୍ତ୍ତମାନ ଅଚଳ ହୋଇ ପଡ଼ିଥିବା ଏଫ୍‌ସି କୋଚିନ୍ ଓ ଜେସିଟି ଫଗୱାରା ଦଳ ତରଫରୁ ପ୍ରତନିଧିତ୍ୱ କରିଛନ୍ତି। ଦ୍ରୁତତମ ଅନ୍ତର୍ଜାତୀୟ ଗୋଲ ସ୍କୋରର ତାଲିକାରେ ତାଙ୍କ ନାମ ରହିଛି।



୧୯୯୯ ସାଫ୍ ଗେମ୍ସରେ ସେ ଭୁଟାନ ବିପକ୍ଷ ଏକ ମ୍ୟାଚ୍‌ରେ ମାତ୍ର ୧୨ ସେକେଣ୍ଡରେ ଏକ ଗୋଲ ସ୍କୋର କରିପାରିଥିଲେ। ୨୦୦୩ରେ ଭାରତରେ ଅନୁଷ୍ଠିତ ଆଫ୍ରୋ-ଏସିଆନ ଗେମ୍ସରେ ସେ ୪ଟି ଗୋଲ ସ୍କୋର କରି ଟୁର୍ନାମେଣ୍ଟର ଟପ୍ ସ୍କୋରର ବିବେଚିତ ହୋଇଥିଲେ। ଏହି ଟୁର୍ନାମେଣ୍ଟ ପରେ ସେ ଅବସର ଗ୍ରହଣ କରିଥିଲେ। ବିଜୟନ ତାଙ୍କ ଜୀବନ ଆରମ୍ଭରେ ନିଜ ଜନ୍ମ ସହର ତ୍ରିଶୂରସ୍ଥିତ କର୍ପୋରେଶନ ଷ୍ଟାଡିୟମରେ ଫୁଟ୍‌ବଲ ମ୍ୟାଚ ଖେଳାଯାଉଥିବା ସମୟରେ ସୋଡ଼ା ବିକ୍ରି କରୁଥିଲେ। ମାତ୍ର ୧୭ ବର୍ଷ ବୟସରେ ସେ କେରଳ ପୋଲିସ୍ ଫୁଟ୍‌ବଲ କ୍ଲବ ତରଫରୁ ଜଣେ ଷ୍ଟ୍ରାଇକର ଭାବେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ଖେଳଛାଡ଼ିବା ପରେ ନିଜ ଘରୋଇ ସହରରେ ଯୁବ ଖେଳାଳିମାନଙ୍କୁ ତାଲିମ ଦେବାଲାଗି ଏକ ଫୁଟ୍‌ବଲ ଏକାଡେମୀ ପ୍ରତିଷ୍ଠା କରିଥିଲେ।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




ROBUST SAFETY MEASURES:

Disinfectant dispensers are installed.
Regular cleaning of showrooms and equipment with disinfectants.
Robust measures for test drives.
Every RM wears a face mask and a pair of gloves.
A contactless delivery of car will be arranged during this period.

EMI Starting from ₹1234 per lac*

Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**BHUBANESWAR: NEXA RAJ BHAVAN ROAD** (NARAYANI MOTORS PH: 9583022008, 7381094898), **NEXA CYBER CITY** (JYOTE MOTORS PH: 8338033884), **NEXA TWIN CITY** (SKY AUTOMOBILES PH: 9776497764, 7064400101), **SAMBALPUR: NEXA SAMBALPUR HIGHWAY** (ODYSSEY MOTORS PH: 8599039994), **BALASORE: NEXA BALASORE HIGHWAY** (JYOTE MOTORS (BALASORE) PH: 8338033994), **ANGUL: NEXA ANGUL CENTRAL** (ODYSSEY MOTORS PH: 9938948207), **CUTTACK: NEXA STADIUM RD** (JYOTE MOTORS PH: 8338033889), **ROURKELA: NEXA CIVIL TOWN** (ORBIT MOTORS PH: 8337900222, 7077727977).

A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

SUZUKI connect ADVANCED TELEMATICS SOLUTION
*Offered separately as Genuine NEXA Accessory*

*Finance scheme details mentioned above are at the sole discretion of financier and terms and conditions as specified by the financier shall apply. For more details, please contact your nearest NEXA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice.




**ପ୍ରଥମ 3 ମାସ ପାଇଁ ଭରନ୍ତୁ 50% କମ ଇଏମ୍ଆଇ***

| | | | |
|---|---|---|---|
| ଋଣ ରାଶି | ₹40 000/- | ₹50 000/- | ₹75 000/- |
| ଇଏମ୍ଆଇ - ପ୍ରଥମ 3 ମାସ# | ₹828/- | ₹1 035/- | ₹1 553/- |
| ଇଏମ୍ଆଇ - ବାକି ମାସ# | ₹1 656/- | ₹2 070/- | ₹3 105/- |

**ସ୍କିମ୍ ଅନ୍ୟାନ୍ୟ ବଜାଜ ମଡେଲ ସକାଶେ ବି ମିଳୁଛି ।**

#36 ମାସ ଅବଧିର ଉଦାହରଣ । କମ ଅବଧି ପାଇଁ ମଧ୍ୟ ମିଳୁଛି ।

Call 7219821111
visit www.bajajauto.com
Finance partners: BAJAJ FINANCE LTD - AF, HDFC BANK We understand your world

*ସର୍ତ୍ତ ଓ ନିୟମାବଳୀ ଲାଗିବ । 30 ଜୁନ 2020 ପର୍ଯ୍ୟନ୍ତ ଅଫର୍ ବୈଧ । ବିନା ଅଗ୍ରୀମ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ ସୁଧାରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । କ୍ରେଡିଟ୍ ପାରାମିଟର୍ସ ଉପରେ ନିର୍ଭର କରେ । #ବତାଯାଇଥିବା ଇଏମ୍ଆଇ ରାଶି ନିର୍ଦ୍ଦେଶକ ଅଟେ ଏବଂ ଫାଇନାନ୍ସର୍ ତଥା ପ୍ରଦେଶମାନଙ୍କରେ ବଦଳିପାରେ । ଫାଇନାନ୍ସ ଅଫର୍ ଜନିତ ବା ତତ୍‌ସମ୍ପୃକ୍ତ କୌଣସି ବିବାଦ ସକାଶେ ବଜାଜ ଅଟୋ ଦାୟୀ ଧରାଯିବ ନାହିଁ ।

**Authorised Dealers for Bajaj Auto Ltd.: Berhampur: Aska Road SISIRABHA** BAJAJ 9238311111 • **Kodasingh BAJAPAYEE** BAJAJ 9938449988 • **Balugaon** BHARAT BAJAJ 7381099441. **Rayagada** SITA RAMA BAJAJ – 7205631185. **Authorised Service Centre: Umorkote** 9556165165, **Aska** 9776533479, Polosora 9861434791, Sorada 9937467823, **Bhanjanagar** 8895060303, **Jagannathprasad** 9437622441, **Purusottampur** 9861147467, **Chatrapur** 9437262177, **Tangi** 8984562569, **Rambha** 7381099445.